ଧରିତ୍ରୀ 52 Years
DHARITRI
ଭୁବନେଶ୍ୱର, ଶନିବାର, ଡିସେମ୍ବର ୨୦/୨୦୨୫ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, December 20/2025 | Page 16 | ₹ 7.00 | SAMBALPUR
୫୨ଶ ଭାଗ ୨୭ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 52 ISSUE 27 | ମୂଲ୍ୟ ₹୭/-



**ପୁଣି ମା' ହେଲେ ଭାରତୀ**
କମେଡିଆନ ଭାରତୀ ସିଂ ପୁଣି ମା' ହୋଇଛନ୍ତି। ସେ ଶୁକ୍ରବାର ଏକ ପୁତ୍ରସନ୍ତାନ ଜନ୍ମ ଦେଇଛନ୍ତି।

୧୨

୧୬

**ଶନକା ଶ୍ରୀଲଙ୍କା ଅଧିନାୟକ**
ଟି୨୦ କ୍ରିକେଟ ବିଶ୍ୱକପ୍ ପାଇଁ ଦାସୁନ ଶନକା ଶ୍ରୀଲଙ୍କା ଦଳର ଅଧିନାୟକ ମନୋନୀତ ହୋଇଛନ୍ତି।



# ଟୋକନ ସମସ୍ୟା: ସମ୍ବଲପୁର ବନ୍ଦ କଲେ ଚାଷୀ



ସମ୍ବଲପୁର ଲକ୍ଷ୍ମୀ ଟକିଜ୍ ଛକରେ ଚାଷୀଙ୍କ ସମ୍ବଲପୁର ବନ୍ଦ ଡାକରା ସମର୍ଥନରେ ଶ୍ରମିକ ସଂଗଠନର ସଦସ୍ୟମାନେ ପିକେଟିଂ କରୁଛନ୍ତି।

**ସମ୍ବଲପୁର,୧୯।୧୨(ପ୍ରମୋଦ ବହିଦାର)**

ଟୋକନ ସମସ୍ୟାକୁ ନେଇ ଜିଲା କୃଷକ ସୁରକ୍ଷା ସଂଗଠନ ପକ୍ଷରୁ ଶୁକ୍ରବାର ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସମ୍ବଲପୁର ବନ୍ଦ ପାଳନ କରାଯାଇଥିଲା। ସମ୍ବଲପୁର ସହରରେ ସମସ୍ତ ଦୋକାନ ବଜାର, ବ୍ୟବସାୟିକ ଅନୁଷ୍ଠାନ, ବେସରକାରୀ କାର୍ଯ୍ୟାଳୟ ଶିକ୍ଷାନୁଷ୍ଠାନ, ବ୍ୟାଙ୍କ, ବୀମା, ଡାକଘର, କଚେରି, ପେଟ୍ରୋଲଟାଙ୍କି ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଯାତ୍ରୀବାହୀ ବସ୍ ଓ ଅଟୋ ଚଳାଚଳ ବନ୍ଦ ରହିଥିଲା। ପୂର୍ବରୁ ଚାଷୀମାନେ ୨ଥର ଜାତୀୟ ରାଜପଥ ଅବରୋଧ ସହ ଆନ୍ଦୋଳନ କରିଥିଲେ। ତେଣୁ ଶୁକ୍ରବାର ଜାତୀୟ ରାଜପଥ ଅବରୋଧ ନ କରିବାକୁ ନିଷ୍ପତ୍ତି ନେଇଥିଲେ। ଫଳରେ ଜାତୀୟ ରାଜପଥରେ ଯାନବାହନ ଚଳାଚଳ ସହ ଟ୍ରେନ୍‌ଯାତ୍ରା ମଧ୍ୟ ସ୍ୱାଭାବିକ ରହିଥିଲା। ବିଭିନ୍ନ ଶ୍ରମିକ ସଂଗଠନ ଓ ଚାଷୀ ସଂଗଠନର କର୍ମକର୍ତ୍ତାଙ୍କ ସହ ବହୁ ସଂଖ୍ୟାରେ ଚାଷୀ ସକାଳ ୬ଟାରୁ ସହରର ଲକ୍ଷ୍ମୀ ଟକିଜ୍ ଛକ, ଅଇଁଠାପାଲିଛକ, କଚେରି ଛକ ଆଦି ସ୍ଥାନରେ ପିକେଟିଂକରି ଖୋଲାଥିବା ଅଳ୍ପ କିଛି ଦୋକାନ ଓ ବ୍ୟବସାୟିକ ଅନୁଷ୍ଠାନକୁ ବନ୍ଦ କରିଥିଲେ। ପୂର୍ବତନ ମନ୍ତ୍ରୀ ତଥା ବିଜେଡି ସମ୍ବଲପୁର ଜିଲା ସଭାପତି ଇଂ. ରୋହିତ ପୂଜାରୀ ତାଙ୍କର ଶତାଧିକ ସମର୍ଥକଙ୍କ ସହିତ ବାଇକ୍ ରାଲିରେ ସହର ପରିକ୍ରମା କରି ଆସି କଚେରୀ ଛକରେ ଚାଷୀଙ୍କ ସହିତ ସାମିଲ ହୋଇଥିଲେ। ପୂର୍ବାହ୍ନ ୧୦ଟା ୩୦ରେ ପୋଲିସ ସୁରକ୍ଷାରେ ବିଚାରପତିମାନେ ଆସିବାରୁ ମୁତୟନ ସୁରକ୍ଷା କର୍ମୀ ରଶିରେ କର୍ଡନ କରି ବିଚାରପତିମାନଙ୍କୁ ଅଦାଲତ ପର୍ଯ୍ୟନ୍ତ କଢ଼େଇ ନେଇଥିଲେ। ତେବେ ଏହି ସମୟରେ ବିଜେଡି ଜିଲା ସଭାପତି ଇଂ. ପୂଜାରୀ, ବରିଷ୍ଠ ନେତା ବିଜୟ ମହାନ୍ତି, ସଞ୍ଜିତ ମହାନ୍ତି, ଆର୍ତ୍ତତ୍ରାଣ ମିଶ୍ର, ଗୋକୁଳ ମେହେର ପ୍ରମୁଖଙ୍କ ସହିତ ପଶ୍ଚିମ ଓଡ଼ିଶା କୃଷକ ସୁରକ୍ଷା ସଂଗଠନର ଆବାହକ ଅଶୋକ ପ୍ରଧାନ, ପ୍ରବକ୍ତା ସରୋଜ, ଜିଲା ସଭପତି ବ୍ୟୋମକେଶ ଠାକୁର, ଉମେଶ ମିଶ୍ର, ଶ୍ରମିକ ନେତା ମହେଶ୍ୱର ଷଣ୍ଢ ପ୍ରମୁଖ ବିଚାରପତିଙ୍କ ବାଟ ଓଗାଳି ଚାଷୀଙ୍କ ସମର୍ଥନରେ କାର୍ଯ୍ୟରେ ଯୋଗ ନ ଦେବାକୁ ହାତଯୋଡ଼ି ନିବେଦନ କରିଥିଲେ। ସମ୍ବଲପୁର ସହର ସହ ସହର ଉପକଣ୍ଠସ୍ଥ ସିନ୍ଦୂରପଙ୍କ ତଥା ଜିଲାର କୁଚିଣ୍ଡା, ରେଢ଼ାଖୋଲ, ଜମନକିରା, ପଢ଼ିଆବାହାଲ, ଗୋଶାଳା ଅଞ୍ଚଳକୁ ମଧ୍ୟ ଚାଷୀମାନେ ବନ୍ଦ କରିଥିଲେ।

# ପ୍ରତିଦିନ ଓଡ଼ିଶାରୁ ଖଣି ଲୁଟୁଛନ୍ତି

**ଭୁବନେଶ୍ୱର, ୧୯।୧୨(ସୁନିତ୍ ମିଶ୍ର)**

ରାଜ୍ୟ ସରକାର ଓଡ଼ିଶାର ବିକାଶ ଲାଗି ପ୍ରସ୍ତୁତ କରୁଥିବା ଯୋଜନା ମଧ୍ୟରୁ ମୁଖ୍ୟତଃ ଖଣି ରାଜସ୍ୱ ଉପରେ ସର୍ବାଧିକ ନିର୍ଭର କରିଥାଆନ୍ତି। ହେଲେ ଦେଖିବାକୁ ମିଳିଛି, ରାଜ୍ୟ ସରକାରଙ୍କୁ ଏକ ବିଚିତ୍ର ପରିସ୍ଥିତିରେ ଖଣିରୁ ଅନେକ ଶହ କୋଟି ଟଙ୍କାର ରାଜସ୍ୱ ଏବେ ହରାଇବାକୁ ପଡୁଛି। କେତେକ ଘରୋଇ ସଂସ୍ଥା ଖଣି ରାଜସ୍ୱ ନ ଦେଇ ସେହି ଟଙ୍କା ଆତ୍ମସାତ୍ କରିବା ପାଇଁ ଗଳାବାଟ ତିଆରିକରି ଅନେକ ଶହ କୋଟି ଟଙ୍କା ଠକି ନେଉଥିବା ବେଳେ ସରକାର ଜଳକା ପାଲଟିଛନ୍ତି। ସରକାରଙ୍କ ଏଭଳି କିଛି ତଥ୍ୟ ଦେଖିବା ପରେ ଲାଗୁଛି ସତେ ଯେପରି ନିର୍ଦ୍ଦିଷ୍ଟ କେତେକ ସଂସ୍ଥାକୁ ଲାଭାନ୍ୱିତ କରିବା ପାଇଁ ଖଣି ବିଭାଗର କେତେଜଣ ଅଧିକାରୀ ସବୁ ପ୍ରକାର ସୁବିଧା ବାଟ ଖୋଲି ଦେଇଛନ୍ତି। ଯେଉଁ ଟଙ୍କା ରାଜ୍ୟବାସୀଙ୍କ ମଙ୍ଗଳ ପାଇଁ ଖର୍ଚ୍ଚ ହେଇଥାଆନ୍ତା ସେଥିରୁ ବହୁ ଅର୍ଥ ନିର୍ଦ୍ଦିଷ୍ଟ କେତେଗୁଡ଼ିଏ କମ୍ପାନୀଙ୍କ ପକେଟକୁ ଯିବା ପାଇଁ ବାଟ ତିଆରି କରିଦିଆଯାଇଛି। ସରକାରଙ୍କ ପକ୍ଷରୁ ଏ ଦିଗରେ ଯେପରି ଉଦାସୀନତା ମନୋଭାବ ଦେଖାଯାଉଛି ତାହା ଅନେକଙ୍କୁ ଆଶ୍ଚର୍ଯ୍ୟ ମଧ୍ୟ କରିଛି।

ଇସ୍ପାତ ଓ ଖଣି ବିଭାଗ ତଥ୍ୟ ଅନୁଯାୟୀ, ରାଜ୍ୟର ଅନେକ ଖଣି ସରକାର ବିଭିନ୍ନ ସଂସ୍ଥାକୁ ପ୍ରଦାନ କରିଛନ୍ତି। ଖଣି ପଟ୍ଟାଧାରୀମାନେ ଦୈନିକ ବା ବାର୍ଷିକ କେତେ ଖଣିଜ ପଦାର୍ଥ ଉତ୍ତୋଳନ କରିପାରିବେ ସେନେଇ ନିୟମ ରହିଛି। ସରକାର ଆଉ ଏକ ନିୟମ କରିଥିଲେ ଯଦି ଧାର୍ଯ୍ୟ ଲକ୍ଷ୍ୟଠାରୁ କୌଣସି ସଂସ୍ଥା ଅଧିକ ଖଣିଜ ପଦାର୍ଥ ଉତ୍ତୋଳନ କରନ୍ତି ତେବେ ସେହି ଅନୁଯାୟୀ ସେମାନଙ୍କୁ ଅଧିକ ଷ୍ଟାମ୍ପ ଡ୍ୟୁଟି ଏବଂ ରେଜିଷ୍ଟ୍ରେଶନ ଫି ଦେବାକୁ ପଡ଼ିବ। ହେଲେ ସରକାରଙ୍କ ଏହି ନିୟମ କେବଳ କାଗଜ କଲମରେ ରହିଯାଇଛି। ଖଣି ପଟ୍ଟାଧାରୀମାନେ ଧାର୍ଯ୍ୟ ଲକ୍ଷ୍ୟଠାରୁ ଦୈନିକ ଏବଂ ବାର୍ଷିକ ଅଧିକ ଖଣିଜ ପଦାର୍ଥ ଉତ୍ତୋଳନ କରିବା ସତ୍ତ୍ୱେ ସରକାରଙ୍କୁ ଷ୍ଟାମ୍ପ ଡ୍ୟୁଟି ଏବଂ ରେଜିଷ୍ଟ୍ରେଶନ ଫି ପ୍ରଦାନ କରୁନାହାନ୍ତି। ରାଜ୍ୟର ଏକାଧିକ ସଂସ୍ଥା ମନଇଚ୍ଛା ଖଣିଜ ପଦାର୍ଥ ଉତ୍ତୋଳନକରି ତାକୁ ବିକିବାରେ ଲାଗିଛନ୍ତି। ସରକାରଙ୍କ ଏହି ନିୟମ ବିରୋଧରେ ଯୋଡ଼ା ଇଷ୍ଟରୁ ଆଇରନ ଉତ୍ତୋଳନ କରୁଥିବା ଟାଟା ଷ୍ଟିଲ୍ ଲିମିଟେଡ୍, କତାମାଟି ଆଇରନ ମାଇନ୍ସରୁ ଆଇରନ ଉତ୍ତୋଳନ କରୁଥିବା ଟାଟା ଷ୍ଟିଲ୍ ଲିମିଟେଡ୍, ଉଚ୍ଚାବାଲି ଆଇରନ ଏବଂ ମିନେରାଲ୍ସ ମାଇନ୍ସରୁ ଆଇରନ ଉତ୍ତୋଳନ କରୁଥିବା ଇନ୍ଦ୍ରାଣୀ ପଟ୍ଟନାୟକ, ତିରିଙ୍ଗ ପାହାଡ଼ରୁ ଆଇରନ ଏବଂ ମିନେରାଲ୍ସ ଉତ୍ତୋଳନ କରୁଥିବା ଟାଟା ଷ୍ଟିଲ୍ ଲିମିଟେଡ୍, ବାମେବାରିରୁ ଆଇରନ ଉତ୍ତୋଳନ କରୁଥିବା ଟାଟା ଷ୍ଟିଲ୍ ଲିମିଟେଡ୍, ଖଣ୍ଡାବନ୍ଧରୁ ଆଇରନ ଉତ୍ତୋଳନ କରୁଥିବା ଟାଟା ଷ୍ଟିଲ୍ ଲିମିଟେଡ୍ ଏବଂ ଯୋଡ଼ା ୱେଷ୍ଟରୁ ଆଇରନ ଉତ୍ତୋଳନ କରୁଥିବା ଟାଟା ଷ୍ଟିଲ୍ ଲିମିଟେଡ୍ ପ୍ରାପ୍ତ ☞ପୃଷ୍ଠା-୪

# ବାଂଲାଦେଶରେ ଭାରତ ବିରୋଧୀ ହିଂସା

ବାଂଲାଦେଶରେ ପୁଣି ମୁଣ୍ଡ ଟେକିଛି ଭାରତ ବିରୋଧୀ ଆନ୍ଦୋଳନ। ବାଂଲାଦେଶରେ ୨୦୨୬ ଫେବୃଆରୀ ୧୨ରେ ସାଧାରଣ ନିର୍ବାଚନ ହେବାକୁ ଥିବାବେଳେ ଗତ ୧୨ ତାରିଖରେ ଇନ୍‌କିଲାବ ମଞ୍ଚ ନେତା ଶରିଫ୍ ଓସ୍‌ମାନ ହାଡ଼ି (୩୨) ପ୍ରଚାର ସମୟରେ ଗାଦିଚ୍ୟୁତ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ବିରୋଧରେ ଆୟୋଜିତ ଏକ ସଭାରେ ଯୋଗଦେଇଥିଲେ। ସେତେବେଳେ ମୁଖାପିନ୍ଧା ଦୁର୍ବୃତ୍ତମାନେ ତାଙ୍କୁ ଗୁଳି କରିଥିଲେ। ଗୁରୁତର ଥିବା ଶରିଫ୍‌ଙ୍କୁ ଚିକିତ୍ସା ପାଇଁ ସିଙ୍ଗାପୁର ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏହା ପରେ ପଡ଼ୋଶୀ ଦେଶରେ ଭାରତ ବିରୋଧୀ ମନୋଭାବ ତେଜିବାରେ ଲାଗିଛି। ହାସିନାଙ୍କୁ ଭାରତ ତୁରନ୍ତ ପ୍ରତ୍ୟର୍ପଣ କରୁ ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏତିକି ନୁହେଁ, ବିକ୍ଷୋଭକାରୀମାନେ ଗୁରୁବାର ରାତିରେ ମିମେନ୍‌ସିଂ ସହରରେ ଜଣେ ୩୦ ବର୍ଷୀୟ ଯୁବକ ଦୀପୁ ଚନ୍ଦ୍ର ଦାସଙ୍କୁ ପିଟି ପିଟି ହତ୍ୟା କରିବା ପରେ ତାଙ୍କ ମୃତଦେହକୁ ଜାଳି ଦେଇଛନ୍ତି। ଏଭଳି ସ୍ଥିତିରେ ରାଜଧାନୀ ଢାକା ସମେତ ବାଂଲାଦେଶର ବିଭିନ୍ନ ସହରରେ ହିଂସାତ୍ମକ ଆନ୍ଦୋଳନ ଜାରି ରହିଛି। ୨୦୨୬ରେ ପଶ୍ଚିମବଙ୍ଗ ଓ ଆସାମରେ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଏହି ୨ ରାଜ୍ୟରେ ସମ୍ପ୍ରତି ନିର୍ବାଚନ କମିଶନ (ଇସି) ଭୋଟର ତାଲିକା ଶୁଦ୍ଧୀକରଣ ନାମରେ ଜୋର୍‌ସୋରରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଚଳାଇଛନ୍ତି। ଏସ୍‌ଆଇଆର୍ ଯୋଗୁ ଭାରତରୁ ଅନେକ ବାଂଲାଦେଶୀ ସ୍ୱଦେଶ ପଳାୟନ କରିବାକୁ ବାଧ ହେଉଛନ୍ତି। ଭାରତ ବିରୋଧୀ ଉଗ୍ର ଜାତୀୟତାବାଦ ମନୋଭାବ ତେଜିବା ପଛରେ ଏହା ମଧ୍ୟ ଏକ କାରଣ ହୋଇଥାଇପାରେ ବୋଲି ମନେକରାଯାଉଛି।

## ହିନ୍ଦୁ ଯୁବକଙ୍କୁ ପିଟି ହତ୍ୟା, ମୃତଦେହ ଜାଳିଦେଲେ

**ଢାକା,୧୯।୧୨(ରଏଟର୍ସ/ଏଜେନ୍ସି)**

୨୦୨୪ ଅଗଷ୍ଟ ୫ରେ ବାଂଲାଦେଶର ତତ୍କାଳୀନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ବିରୋଧରେ ବଡ଼ ଧରଣର ଆନ୍ଦୋଳନ ହୋଇଥିଲା। ଏଭଳି ସ୍ଥିତି ଉପୁଜିଥିଲା ଯେ, ହାସିନା ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇ ଭାରତକୁ ପଳାୟନ କରିଥିଲେ। ସେବେଠୁ ସେ ଭାରତର ଶରଣ ନେଇ ଏଠାରେ ଅବସ୍ଥାନ କରୁଛନ୍ତି। ହାସିନା ସରକାରଙ୍କ ପତନ ପରେ ମହମ୍ମଦ ୟୁନୁସ୍ ଅନ୍ତରୀଣ ସରକାର ମୁଖ୍ୟ ଭାବେ ଅବସ୍ଥାପିତ ହୋଇଛନ୍ତି। ଗତ ନଭେମ୍ବର ୧୭ରେ ଦେଶର ଅନ୍ତର୍ଜାତୀୟ ଅପରାଧ ଟ୍ରିବ୍ୟୁନାଲ (ଆଇସିଟି) ୭୮ ବର୍ଷୀୟା ହାସିନାଙ୍କୁ ମାନବିକତା ବିରୋଧୀ ଅପରାଧ ଅଭିଯୋଗରେ ମୃତ୍ୟୁ ଦଣ୍ଡାଦେଶ ଶୁଣାଇଥିଲେ। ବାଂଲାଦେଶ ସରକାର ହାସିନାଙ୍କ ପ୍ରତ୍ୟର୍ପଣ ଦାବି କରୁଥିବାବେଳେ ଭାରତ ସରକାରଙ୍କ ଆଭିମୁଖ୍ୟ ଏବେ ଢାକା ଓ ନୂଆଦିଲ୍ଲୀକୁ ମୁହାଁମୁହିଁ ଅବସ୍ଥାକୁ ଟାଣିଆଣିଛି। ଏଭଳି ସ୍ଥିତିରେ ବାଂଲାଦେଶରେ ଭାରତ ବିରୋଧୀ ମନୋଭାବ ବଢ଼ିବାରେ ଲାଗିଛି। ଆସନ୍ତା ଫେବୃଆରୀରେ ଦେଶରେ ସାଧାରଣ ନିର୍ବାଚନ ହେବାକୁ ଥିବାବେଳେ ପ୍ରଚାର ପାଇଁ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ସଭା ଓ ସମାବେଶରେ ଏହାର ପ୍ରତିଫଳନ ଦେଖିବାକୁ ମିଳୁଛି। ଏହି କ୍ରମେ ଡିସେମ୍ବର ୧୨ରେ ଢାକାର ପୁରାନା ପଲଟନ୍ ଅଞ୍ଚଳରେ ଇନ୍‌କିଲାବ ମଞ୍ଚ ନେତା ଶରିଫ୍ ଓସ୍‌ମାନ ହାଡ଼ି ଏକ ନିର୍ବାଚନୀ ପ୍ରଚାରରେ ବ୍ୟସ୍ତ ଥିବାବେଳେ ତାଙ୍କ ଉପରକୁ ଅତର୍କିତ ଆକ୍ରମଣ ହୋଇଥିଲା। ମୁଖାପିନ୍ଧା ବାଇକ୍ ଆରୋହୀମାନେ ଚଳାଇଥିବା ଗୁଳି ତାଙ୍କ ମୁଣ୍ଡରେ ବାଜିଥିଲା। ଢାକା ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଭର୍ତ୍ତି ପରେ ଅଧିକ ଚିକିତ୍ସା ପାଇଁ ସିଙ୍ଗାପୁରକୁ ତାଙ୍କୁ ଏୟାରଲିଫ୍ଟ କରାଯାଇଥିଲା। ସେଠାରେ ଶରିଫ୍‌ଙ୍କ ମୃତ୍ୟୁ ଘଟିଛି। ମହମ୍ମଦ ୟୁନୁସ୍ ସରକାର ଏଥିପାଇଁ ଡିସେମ୍ବର ୨୦ରେ ଦେଶବ୍ୟାପୀ ଜାତୀୟ ଶୋକ ଦିବସ ପାଳନ କରିବାକୁ ଘୋଷଣା କରିଛନ୍ତି। ସେହିଦିନ ପାର୍ଲାମେଣ୍ଟର ସାଉଥ୍ ପ୍ଲାଜାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯିବ। ଏଥିସହ ଭାରତର ସମାଲୋଚକ ହାଡ଼ିଙ୍କ ସ୍ତ୍ରୀ ଓ ପିଲାଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା କରାଯିବା ନେଇ ☞ପୃଷ୍ଠା-୪

# ଶାସନ, ସେବାକୁ ଗତିଶୀଳ କରିବ ଏଆଇ: ମୁଖ୍ୟମନ୍ତ୍ରୀ

- ସୁଭଦ୍ରା ଯୋଜନା, ଧାନକିଣାରେ ବ୍ୟବହାର ହେଲା ଏଆଇ ମଡ୍ୟୁଲ
- ଓଡ଼ିଶା କୃତ୍ରିମ ବୁଦ୍ଧିମତ୍ତା ମିଶନ ପୋର୍ଟାଲ ଲୋକାର୍ପିତ


ମୋହନ ଚରଣ ମାଝୀ

**ଭୁବନେଶ୍ୱର,୧୯।୧୨(ସୁଚିସ୍ମିତା ସାହୁ)**

ଆମେ କେବଳ କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ଗ୍ରହଣ କରୁନାହୁଁ, ଆମେ ଏକ ଏଆଇ-ଚାଳିତ ଓଡ଼ିଶାର ମୂଳଦୁଆ ନିର୍ମାଣ କରୁଛୁ। ଏହା ଶାସନ, ସେବା ପ୍ରଦାନର ଗତିକୁ ସୁଦୃଢ଼ କରିବା ସହିତ ନାଗରିକଙ୍କୁ ସଶକ୍ତ କରିବ। ଭାରତ ଏକ ଐତିହାସିକ ବୈଷୟିକ ପରିବର୍ତ୍ତନ ଦେଇ ଗତି କରୁଛି। ଓଡ଼ିଶା ଏହି ଜାତୀୟ ଆନ୍ଦୋଳନରେ ସକ୍ରିୟ ଏବଂ ମହତ୍ୱାକାଂକ୍ଷୀ ଅଂଶୀଦାର ହେବ ବୋଲି ଓଡ଼ିଶା ଏଆଇ ସମ୍ମିଳନୀରେ ମୁଖ୍ୟ ଅତିଥି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭର୍ଚୁଆଲରେ ଯୋଗଦେଇ କହିଛନ୍ତି। ପ୍ରଶାସନ, ବିକାଶ ଏବଂ ସାର୍ବଜନୀନ ହିତ ପାଇଁ କୃତ୍ରିମ ବୁଦ୍ଧିମତ୍ତାର ସର୍ବୋତ୍ତମ ବ୍ୟବହାର ଉପରେ କେନ୍ଦ୍ରିତ ଏକ ଉଚ୍ଚସ୍ତରୀୟ ଦୁଇଦିନିଆ 'ଓଡ଼ିଶା ଏଆଇ ସମ୍ମିଳନୀ' ଶୁକ୍ରବାର ଲୋକସେବା ଭବନ କନ୍‌ଭେନଶନ ସେଣ୍ଟରଠାରେ ଆରମ୍ଭ ହୋଇଛି। ଏହାକୁ ରାଜ୍ୟ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଉଦ୍‌ଘାଟନ କରିବା ସହ ଓଡ଼ିଶା ☞ପୃଷ୍ଠା-୪

# ଆହୁରି ୭ଦିନ ପ୍ରବଳ ଶୀତ

**ଭୁବନେଶ୍ୱର, ୧୯।୧୨ (ବନ୍ଦନା ସେଠୀ)**

ସାରା ରାଜ୍ୟରେ ଶୀତର ପ୍ରକୋପ ଜାରି ରହିଛି। ଗତ ୨୪ ଘଣ୍ଟାରେ ୧୦ ସହରର ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଥିବାବେଳେ ସର୍ବନିମ୍ନ ୪.୩ ଡିଗ୍ରୀ ସହ ଜି.ଉଦୟଗିରି ରାଜ୍ୟର ସବୁଠୁ ଥଣ୍ଡା ସହର ପାଲଟିଛି। ସେହିପରି ସେମିଳିଗୁଡାରେ ୪.୫ ଡିଗ୍ରୀ, ଫୁଲବାଣୀ ୬.୫, କୋରାପୁଟ ୬.୭, ଦାରିଙ୍ଗବାଡି ୭, ଚିପିଲିମା ୭.୫, ଝାରସୁଗୁଡା ୮.୨, ଅନୁଗୋଳରେ ୯, ବୌଦ୍ଧ ୯.୪ ଏବଂ ରାଉରକେଲାରେ ୯.୬ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ଆଗାମୀ ୭ଦିନ ପର୍ଯ୍ୟନ୍ତ ତାପମାତ୍ରାରେ କୌଣସି ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ। ତେଣୁ ଆହୁରି ୭ଦିନ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
ବାହ୍ୟ ସୁରକ୍ଷାର ପୁନର୍ବିଚାର

# ୧୪ ଲକ୍ଷର ଗାଡ଼ିରେ ୧୦ ଲକ୍ଷର ରିମଡେଲିଂ ଖର୍ଚ୍ଚ

## ଗାଡ଼ି କିଣାର ସ୍ୱତନ୍ତ୍ର ସମୀକ୍ଷା ନିର୍ଦ୍ଦେଶ ଦେଲେ ଜଙ୍ଗଲ ମନ୍ତ୍ରୀ

**ଭୁବନେଶ୍ୱର,୧୯।୧୨ (ରବିନାରାୟଣ ଜେନା)**

ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଜଙ୍ଗଲରେ ନିଆଁ ଲିଭାଇବା ଏବଂ ବନ୍ୟଜନ୍ତୁଙ୍କ ଉପରେ ତୀକ୍ଷ୍ଣ ନଜର ରଖିବା ଲାଗି ପ୍ରାୟ ୨୮ କୋଟି ଟଙ୍କାରେ କିଣାଯାଇଥିବା ୧୪୧ଟି ଚାରିଚକିଆ ଗାଡ଼ିରେ ବ୍ୟାପକ ଅନିୟମିତତା ଅଭିଯୋଗର ଖୋଳତାଡ଼ ଆରମ୍ଭ ହୋଇଛି। ଗୋଟିଏ ଗାଡ଼ିର କିଣା ମୂଲ୍ୟ ପ୍ରାୟ ୧୪ ଲକ୍ଷ ହୋଇଥିବାବେଳେ ସେଥିରେ ଆଉ ପ୍ରାୟ ୧୦ ଲକ୍ଷ ଟଙ୍କା ରିମଡେଲିଂ ବାବଦରେ ଖର୍ଚ୍ଚ ହୋଇଥିବା ଜଣାପଡ଼ିଛି। ୨ଟି କମ୍ପାନୀର ତିନି ପ୍ରକାର ମଡେଲ ଯଥା ଥର, ଯୋଦ୍ଧା ଏବଂ ସ୍କର୍ପିଓ ଗାଡ଼ି କିଣାରେ ହୋଇଥିବା ଏହି ଦୁର୍ନୀତି ଅଭିଯୋଗକୁ ଆଧାର କରି ବିଭାଗ ପକ୍ଷରୁ ଆଭ୍ୟନ୍ତରୀଣ ସମୀକ୍ଷା କରାଯାଇଥିଲେ ହେଁ କଥା ଥମି ନ ଥିଲା। ମାତ୍ର ସରକାରୀ ଦଳର ବରିଷ୍ଠ ନେତାଙ୍କ ଅଭିଯୋଗ ଆଧାରରେ ବିଭାଗ ଏବେ 'ଶୂନ ସହନଶୀଳ ନୀତି' ଆପଣାଇଛି। ଏହି ଘଟଣାର ଚିକିନିଖି ସମୀକ୍ଷା କରିବାପାଇଁ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ସ୍ୱତନ୍ତ୍ର ସମୀକ୍ଷା ଲାଗି ନିର୍ଦ୍ଦେଶ ଦେଇଛନ୍ତି।

ମନ୍ତ୍ରୀ ଖୁଣ୍ଟିଆ ଅଭିଯୋଗ ସଂକ୍ରାନ୍ତରେ ବିଭାଗୀୟ ଅତିରିକ୍ତ ମୁଖ୍ୟଶାସନ ସଚିବଙ୍କୁ ଗତ ୧୮ତାରିଖରେ ଏକ ବ୍ୟକ୍ତିଗତ ନୋଟ୍‌ସିଟ୍ ପ୍ରଦାନ କରିଛନ୍ତି। ସେଥିରେ ପ୍ରମୁଖ ମହାଲେଖାକାରଙ୍କ ଜରିଆରେ ଏହି ଗାଡ଼ି କିଣା ଅନିୟମିତତା ଘଟଣାର ସ୍ୱତନ୍ତ୍ର ସମୀକ୍ଷା କରିବାକୁ ନିର୍ଦ୍ଦେଶ ରହିଛି। ଏହି ତଦନ୍ତ ବେଳେ ଏଜିଙ୍କ ପକ୍ଷରୁ ଯେପରି ପ୍ରତ୍ୟେକ ☞ପୃଷ୍ଠା-୪

# ହାତୀ ପାଇଁ ୧୦ ସ୍କୁଲ ବନ୍ଦ

## ଆକ୍ରମଣରେ ଜଣେ ମୃତ, ୨ ଆହତ

**ଖଇରା, ୧୯।୧୨ (ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ସୋର ରେଞ୍ଜ ଅଧୀନ ଖଇରା ଅଞ୍ଚଳରେ ଏକ ଦନ୍ତାହାତୀ ଗୁରୁବାର ସନ୍ଧ୍ୟାରୁ ଆତଙ୍କ ଖେଳାଇ ଚାଲିଛି। ସେପଟେ ଲୋକଙ୍କ ଗହଳି ଓ ହୋ ହଲ୍ଲା ଯୋଗୁ ଦିଗହରା ହୋଇପଡ଼ିଥିବା ହାତୀ ସୁଣ୍ଡିରା ଗ୍ରାମରେ ପଶି ସୁରେନ୍ଦ୍ର ଦାସ(୬୫)ଙ୍କୁ ଦଳି ଦେଇଥିବା ବେଳେ ସେହି ଗ୍ରାମର ପିତାମ୍ବର ମୁଖି ଏବଂ ପୂର୍ବପଡ଼ା ଗ୍ରାମର ଦିଲୀପ କୁମାର ଖଟୁଆ ଆହତ ହୋଇଛନ୍ତି। ପିତାମ୍ବରଙ୍କୁ ଗୁରୁତର ଅବସ୍ଥାରେ ଭଦ୍ରକ ସ୍ଥାନାନ୍ତର କରାଯାଇଛି । ତହସିଲଦାର ଅମିତ ରଞ୍ଜନ ହୋତାଙ୍କ ଉପସ୍ଥିତିରେ ବନବିଭାଗ ତରଫରୁ ମୃତକଙ୍କ ପରିବାରକୁ ୧୦ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଘୋଷଣା କରାଯାଇଛି । ସେପଟେ ଏଭଳି ମୃତ୍ୟୁ ପାଇଁ ଗ୍ରାମବାସୀ ବନବିଭାଗର ଅବହେଳାକୁ ଦାୟୀ କରିଛନ୍ତି।

ବାଲେଶ୍ୱର ଡିଏଫଓ ପ୍ରଫୁଲ୍ଲ ମଲ୍ଲିକ, ସୋର ରେଞ୍ଜର ହରିହର ମାଝି, କୁପାରୀ ଫରେଷ୍ଟର ନରେଶ ସିଂ ଏବଂ ଜଳେଶ୍ୱର ଫରେଷ୍ଟର ପ୍ରହ୍ଲାଦ ଚରଣ ନାୟକଙ୍କ ତତ୍ତ୍ୱାବଧାନରେ ଖଇରା ପୋଲିସ ସହଯୋଗରେ ଗଠିତ ଟିମ ହାତୀକୁ କୁଲଡିହା ଅଭୟାରଣ୍ୟକୁ ଫେରାଇବାକୁ ଉଦ୍ୟମ ଜାରି ରହିଛି । ଗୁରୁବାର ସନ୍ଧ୍ୟାରେ ୨ଟି ହାତୀ ଖାଦ୍ୟ ଅନ୍ୱେଷଣରେ ଶାରୀଶୁଆ ପାହାଡ ସଂଲଗ୍ନ ବଗେଇପୁର ଜଙ୍ଗଲ ଦେଇ ପ୍ରବେଶ କରିଥିଲା । ପରେ ଗୋଟିଏ ହାତୀ ଫେରି ଯାଇଥିବା ☞ପୃଷ୍ଠା-୪


ଖଇରା ଅଞ୍ଚଳକୁ ପଶିଆସିଥିବା ଦନ୍ତାହାତୀ।

# ଜିଲା ପ୍ରଶାସନର ଟୁଇଟ୍‌କୁ ନେଇ ଦ୍ୱନ୍ଦ୍ୱ

## ପ୍ରସ୍ତାବିତ ଷ୍ଟିଲ୍ ପ୍ଲାଣ୍ଟ୍ ପ୍ରତିଷ୍ଠା ପ୍ରସଙ୍ଗ

କେନ୍ଦୁଝର, ୧୯।୧୨
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ପାଟଣା ତହସିଲ ଅଞ୍ଚଳରେ ମେଗା ଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା ନେଇ ରାଜ୍ୟ ସରକାର ପୋସ୍କୋ ଏବଂ ଜେଏସ୍‌ଡବ୍ଲ୍ୟୁ ସହିତ ଏମଓୟୁ ସ୍ୱାକ୍ଷର କରିଛନ୍ତି। ତହସିଲ ଅଞ୍ଚଳରେ ଜମି ଅଧିଗ୍ରହଣ ପାଇଁ ପ୍ରଥମ ଗ୍ରାମସଭା ମଧ୍ୟ ସରିଛି। ଗ୍ରାମସଭା ସଫଳ ହୋଇଥିବା ନେଇ ଜିଲା ପ୍ରଶାସନ ପକ୍ଷରୁ ସାମାଜିକ ଗଣମାଧ୍ୟମ ଏକ୍ସ(X)ରେ ଟୁଇଟ୍ କରାଯାଇଛି। ମାତ୍ର ପ୍ରଶାସନ ପକ୍ଷରୁ ହୋଇଥିବା ଟୁଇଟ୍‌ରେ କେବଳ ଜେଏସ୍‌ଡବ୍ଲ୍ୟୁ ଦ୍ୱାରା ଷ୍ଟିଲ୍ ପ୍ରକଳ୍ପ ପାଇଁ ହୋଇଥିବା ଗ୍ରାମସଭା ସଫଳ ହୋଇଥିବା ଉଲ୍ଲେଖ ରହିଛି। ମାତ୍ର ପୋସ୍କୋ ନାମ ଉଲ୍ଲେଖ ହୋଇନାହିଁ। ଫଳରେ ଏହା ଦ୍ୱନ୍ଦ୍ୱ ସୃଷ୍ଟି କରୁଛି ବୋଲି ବରିଷ୍ଠ ଆଇନଜୀବୀ ଅଶୋକ ଦାସ କହିଛନ୍ତି। ମୁଖ୍ୟମନ୍ତ୍ରୀ କେନ୍ଦୁଝର ଗସ୍ତ ସମୟରେ କେନ୍ଦୁଝରରେ ପୋସ୍କୋ ଇସ୍ପାତ କାରଖାନା କରିବ ବୋଲି କହିଥିଲେ। ମାତ୍ର ପ୍ରଶାସନ ପକ୍ଷରୁ ପୋସ୍କୋ ନାମ କାହିଁକି ଉଲ୍ଲେଖ କରାଯାଉନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି।

ପ୍ରକାଶ ଯେ, କେନ୍ଦୁଝରରେ ବହୁ ପ୍ରତୀକ୍ଷିତ ମେଗା ଇସ୍ପାତ କାରଖାନା ପ୍ରତିଷ୍ଠାକୁ ନେଇ ଜିଲାବାସୀ ଆଶାବାଦୀ ଅଛନ୍ତି। ଇସ୍ପାତ କାରଖାନା ହେଲେ ଜିଲାରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ବିକାଶ ହେବ। ପୂର୍ବ ସରକାର ଜିଲାରେ ଏକାଧିକ ମେଗା ଇସ୍ପାତ କାରଖାନା ପ୍ରତିଷ୍ଠା ସ୍ୱପ୍ନ ଦେଖାଇଥିଲେ। କିନ୍ତୁ ଆର୍ସେଲର ମିତ୍ତଲ, ଷ୍ଟାର ଲାଇଟ୍, ଉତ୍ତମ ଗାଲଭା ଭଳି ବହୁ ପ୍ରତିଷ୍ଠିତ କମ୍ପାନୀ ଆସି ମୁହଁ ଫେରାଇ ଯାଇଛନ୍ତି। ପାଟଣା, ରାଇସୁଆଁରେ ମେଗା ଇସ୍ପାତ କାରଖାନାକୁ ବିରୋଧ ସତ୍ତ୍ୱେ ଏକାଧିକ ଗ୍ରାମସଭା ସମ୍ପନ୍ନ ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ କମ୍ପାନୀଗୁଡ଼ିକ ମୁହଁ ଫେରେଇ ନେଇଥିଲେ। ଏବେ ପୁଣି ଥରେ ୨ ନୂଆ କମ୍ପାନୀ ମିଶି ମେଗା ଇସ୍ପାତ କାରଖାନା ପ୍ରତିଷ୍ଠା କରିବା ନେଇ ସରକାର ଘୋଷଣା କରିଛନ୍ତି। ଘୋଷଣା ଦିନଠାରୁ ଚାଷ ଜମିରେ କାରଖାନା ପ୍ରତିଷ୍ଠାକୁ ବିରୋଧ ହେଉଛି। ଏଥିସହ ଅନେକେ ସପକ୍ଷରେ ବାହାରି ସ୍ୱାଗତ କରିଛନ୍ତି। ଏହାରି ମଧ୍ୟରେ ପ୍ରଥମ ଗ୍ରାମସଭା ସଫଳ ହୋଇଛି। ଗ୍ରାମସଭା ସଫଳକୁ ନେଇ ପ୍ରଶାସନର ଟୁଇଟ୍ ପରେ କେଉଁ କମ୍ପାନୀ କାରଖାନା କରିବ, ତାହାକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହେଉଛି। ପଳାଶପଙ୍ଗା ନିକଟରେ ଉତ୍ତମ ଗାଲ୍‌ଭା କମ୍ପାନୀ ଇସ୍ପାତ କାରଖାନା ପ୍ରତିଷ୍ଠା ନେଇ ପୂର୍ବ ସରକାର ଚୁକ୍ତିପତ୍ର ସ୍ୱାକ୍ଷର କରିଥିଲେ। ଉକ୍ତ ସ୍ଥାନରେ କାରଖାନା ହେଲେ ଶୂନ୍ୟ ବିସ୍ଥାପିତ ହେବା ନେଇ କୁହାଯାଇଥିଲା। ଏଣୁ ଅନ୍ୟ ୨ ପ୍ରକଳ୍ପ ଲାଗି ବିରୋଧ ହୋଇଥିଲେ ହେଁ ପଳାଶପଙ୍ଗାରେ କାରଖାନା ହେବାକୁ ଶୂନ୍ୟ ବିରୋଧ ହୋଇଥିଲା। ସେଠାରେ କାରଖାନା ପ୍ରତିଷ୍ଠା ହୋଇଥିଲେ ପ୍ରଶାସନ ପାଇଁ ସୁବିଧାଜନକ ହୋଇଥାନ୍ତା। ତେବେ ଯାହା ହେଉନା କାହିଁକି ପୋସ୍କୋ ନିଜେ ଆସି ଲୋକଙ୍କ ସହିତ ଆଲୋଚନା କଲେ ଲୋକଙ୍କ ବିଶ୍ୱାସ ବଢ଼ିବ। ବିରୋଧ କମିବ ବୋଲି ଅନେକେ ମତବ୍ୟକ୍ତ କରିଛନ୍ତି। ଅଦ୍ୟାବଧି ପୋସ୍କୋ କମ୍ପାନୀ ପକ୍ଷରୁ କେନ୍ଦୁଝରରେ ଇସ୍ପାତ କାରଖାନା ପ୍ରତିଷ୍ଠା ନେଇ କୌଣସି ଘୋଷଣା କରାଯାଇନାହିଁ କିମ୍ବା ଏଠାରେ ଅଫିସ ମଧ୍ୟ ଖୋଲାଯାଇନାହିଁ। ଏଭଳି ପରିପ୍ରେକ୍ଷୀରେ ପ୍ରଶାସନ ପୋସ୍କୋ ନାମ ନ ନେଇ ଜେଏସ୍‌ଡବ୍ଲ୍ୟୁ କମ୍ପାନୀର ନାମ ଉଲ୍ଲେଖ କରିବା ସନ୍ଦେହ ସୃଷ୍ଟି କରୁଛି। ଏବେ ଇଡ୍‌କୋ ଜରିଆରେ ଜମି ଅଧିଗ୍ରହଣ ହେବ। ତେବେ ଯଦି କାରଖାନା ନ ହୁଏ ତେବେ ଲୋକେ କାମଧନ୍ଦା ତ ପାଇବେ ନାହିଁ, ପରବର୍ତ୍ତୀ ସମୟରେ ଜମି ଫେରି ପାଇବେ କି ନାହିଁ, ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏଥିପାଇଁ ବିରୋଧ ହେଉଥିବା ସାମାଜିକ କର୍ମୀ ଭକ୍ତବସ୍ଛଳ ମହାନ୍ତି କହିଛନ୍ତି।

# ଇଂ. ଅଶୋକ ବସା ଡବ୍ଲ୍ୟୁଏଫ୍‌ଇଓ ଅଡିଟର ନିଯୁକ୍ତ

ଭୁବନେଶ୍ୱର, ୧୯।୧୨ (ବନ୍ଦନା ସେଠୀ)


ଇଂ. ଅଶୋକ ବସା

ଇଂ. ଅଶୋକ ବସା ୱାର୍ଲ୍ଡ ଫେଡେରେଶନ ଅଫ୍ ଇଞ୍ଜିନିୟରିଂ ଅର୍ଗାନାଇଜେସନ୍ସ (ଡବ୍ଲ୍ୟୁଏଫଇଓ)ର ଆଭ୍ୟନ୍ତରୀଣ ଅଡିଟର ଭାବେ ନିଯୁକ୍ତ ହୋଇଛନ୍ତି। ଡବ୍ଲ୍ୟୁଏଫ୍‌ଇଓ କାର୍ଯ୍ୟକାରୀ ବୋର୍ଡ ଦ୍ୱାରା ସଂସ୍ଥାର କାର୍ଯ୍ୟପଦ୍ଧତି ନିୟମାବଳୀ ଅନୁଯାୟୀ ଇଂ. ବସାଙ୍କୁ ୨୦୨୫-୨୭ ବର୍ଷ ଅବଧି ପାଇଁ ଏହି ପଦବୀରେ ନିଯୁକ୍ତ କରାଯାଇଛି। ଦୀର୍ଘ ବର୍ଷର ଅଭିଜ୍ଞତା, ପେଶାଦାରିତା ଏବଂ ଇଞ୍ଜିନିୟରିଂ କ୍ଷେତ୍ର ପ୍ରତି ନିଷ୍ଠା ଯୋଗୁ ତାଙ୍କୁ ଏହି ଦାୟିତ୍ୱ ଦିଆଯିବା ଅତ୍ୟନ୍ତ ଉପଯୁକ୍ତ ବୋଲି ଡବ୍ଲ୍ୟୁଏଫଇଓର କାର୍ଯ୍ୟକାରୀ ବୋର୍ଡ ମତ ପ୍ରକାଶ କରିଛନ୍ତି। ଏହି ନିଯୁକ୍ତିର କାର୍ଯ୍ୟକାଳ ୨୦୨୫ ଡିସେମ୍ବର ୧୨ରୁ କାର୍ଯ୍ୟକାରୀ ହୋଇଛି ଏବଂ ଡବ୍ଲ୍ୟୁଏଫଇଓ ସମ୍ବିଧାନ ଅନୁଯାୟୀ ପୁନଃନବୀକରଣ ଯୋଗ୍ୟ ରହିବ। ଆଭ୍ୟନ୍ତରୀଣ ଅଡିଟର ଭାବେ ଇଂ. ବସା ଡବ୍ଲ୍ୟୁଏଫଇଓର କାର୍ଯ୍ୟ ପ୍ରଣାଳୀର ସ୍ୱାଧୀନ ସମୀକ୍ଷା ଓ ମୂଲ୍ୟାଙ୍କନ ଦାୟିତ୍ୱ ବହନ କରିବେ। ଏଥିରେ ଆର୍ଥିକ ପ୍ରକ୍ରିୟା, ନିୟମାନୁଗତତା ବ୍ୟବସ୍ଥା ଓ ଶାସନ ପ୍ରଣାଳୀ ଆଦି ସମ୍ମିଳିତ ରହିବ। ଏଥିସହ ସେ କାର୍ଯ୍ୟକାରୀ ବୋର୍ଡ ପାଇଁ ରିପୋର୍ଟ ପ୍ରସ୍ତୁତ କରିବେ। ଭୋଟ ଅଧିକାର ବିନା କାର୍ଯ୍ୟକାରୀ ବୋର୍ଡ ଓ କାର୍ଯ୍ୟକାରୀ ପରିଷଦର ସଦସ୍ୟ ଭାବେ ଅଂଶଗ୍ରହଣ କରି ସଂସ୍ଥାର ପାରଦର୍ଶିତା, ଦାୟିତ୍ୱବୋଧ ଓ ସୁଦୃଢ଼ ସଂସ୍ଥାଗତ ଶାସନ ପ୍ରତି ପ୍ରତିବଦ୍ଧତାକୁ ସମର୍ଥନ କରିବେ ବୋଲି ସୂଚନା ଦିଆଯାଇଛି।

ଇଂ. ବସା ପ୍ରଥମ ଭାରତୀୟ ଭାବେ ୧୯୬୮ରୁ ଗଠିତ ଡବ୍ଲ୍ୟୁଏଫ୍‌ଇଓର ଆଭ୍ୟନ୍ତରୀଣ ଅଡିଟର ନିଯୁକ୍ତ ହୋଇଛନ୍ତି। ଏହାପୂର୍ବରୁ ସେ ୨୦୨୨-୨୫ ଅବଧିରେ ଡବ୍ଲ୍ୟୁଏଫ୍‌ଇଓର କାର୍ଯ୍ୟକାରୀ ଉପାଧ୍ୟକ୍ଷ ଭାବେ କାର୍ଯ୍ୟ ନିର୍ବାହ କରିଥିଲେ। ସେ ହେଉଛନ୍ତି ତତ୍କାଳୀନ ଆର୍.ଇ.ସି. ତଥା ବର୍ତ୍ତମାନର ଏନ୍.ଆଇ.ଟି. ରାଉରକେଲାର ପୂର୍ବତନ ଛାତ୍ର। ପୂର୍ବରୁ ଇନ୍‌ଷ୍ଟିଚ୍ୟୁଶନ ଅଫ୍ ଇଞ୍ଜିନିୟର୍ସ (ଇଣ୍ଡିଆ)ର ଅଧ୍ୟକ୍ଷ ଥିଲେ। ତାଙ୍କର ଏହି ନୂଆ ନିଯୁକ୍ତି ଭାରତୀୟ ଇଞ୍ଜିନିୟରିଂ ସମୁଦାୟ ପାଇଁ ଗର୍ବର ବିଷୟ ବୋଲି କୁହାଯାଇଛି।

# ନିଲମ୍ବିତ ହେଲେ ୨ ଏଏନ୍‌ଏମ୍

## ରାସ୍ତାକଡ଼ରେ ଏକ୍ସପାଏରୀ ହୋଇ ନ ଥିବା ଔଷଧ ପଡିବା ଘଟଣା

ବାଲେଶ୍ୱର, ୧୯।୧୨ (ବାଞ୍ଛାନିଧି ଦେ)

ରାସ୍ତା ପାର୍ଶ୍ୱରେ ଏକ୍ସପାଏରୀ ହୋଇ ନ ଥିବା ସରକାରୀ ଔଷଧ ପଡିବା ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବାଲେଶ୍ୱର ସିଡିଏମଓ ଡା. ପ୍ରଭାତ କୁମାର ବେହେରା ଗୁରୁବାର ୨ ଏଏନ୍‌ଏମ୍‌ଙ୍କୁ ନିଲମ୍ବନ କରିଛନ୍ତି। ରେମୁଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ କୁଲିଗାଁ ଏଏନ୍‌ଏମ୍ ତନୁସ୍ମିତା ନାୟକ ଓ ଇଞ୍ଜୁଡ଼ି ଏଏନ୍‌ଏମ୍ କବିତା ବେହେରାଙ୍କୁ କର୍ତ୍ତବ୍ୟରେ ଅବହେଳା ଓ ନିୟମ ଉଲ୍ଲଂଘନ ପାଇଁ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ନିଲମ୍ବନ ନିର୍ଦ୍ଦେଶ ଦିଆଯାଇଛି।

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଶ୍ରୀଜଙ୍ଗ ରସାଲପୁର ରାସ୍ତାର ଶ୍ରୀଜଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ମାତ୍ର କିଛି କି.ମି. ଦୂରରେ ତୁଣ୍ଡରା ରାସ୍ତା ପାର୍ଶ୍ୱରେ ଗତ ୧୧ତାରିଖରେ ଏକ୍ସପାଏରୀ ହୋଇ ନ ଥିବା ସରକାରୀ ଔଷଧ ପଡ଼ିଥିବା ଦେଖିବାକୁ ମିଳିଥିଲା। ଅବଧି ସରି ନ ଥିବା ଔଷଧ ମେଡ଼ିକାଲରେ ରହିବା ପରିବର୍ତ୍ତେ ରାସ୍ତା ପାଖରେ ଅଳିଆ ଗଦାରେ ପଡ଼ିଥିଲା। ଗୋଟିଏ କି ୨ ପ୍ୟାକେଟ ନୁହଁ ଶହ ଶହ ପ୍ୟାକେଟ ସରକାରୀ ଆଇରନ ଓ ଫଲିକ୍ ଏସିଡ୍ ୫୦ ଏମଏଲର ସିରପ୍ ପଡ଼ିଥିଲା। ଯାହା ରୋଗୀମାନଙ୍କୁ ମାଗଣା ଦିଆଯିବାର ଥିଲା, ସେଗୁଡ଼ିକୁ ରାସ୍ତା ପାର୍ଶ୍ୱରେ ଫିଙ୍ଗି ଦିଆଯାଇଥିଲା। ଓଡ଼ିଶା ସରକାରଙ୍କ ଯୋଗାଣ, ବିକ୍ରୟ ପାଇଁ ନୁହେଁ ବୋଲି ଲେଖାଥିବା ବେଳେ ସେହି ଔଷଧର ଅବଧି ତାରିଖ ସେପ୍ଟେମ୍ବର ୨୦୨୬ ମଧ୍ୟ ଲେଖା ରହିଥିଲା। କାହିଁକି ଔଷଧ ଫିଙ୍ଗି ଦିଆଗଲା ଓ କେଉଁଠୁ ଔଷଧ ଆସିଲା ସେନେଇ ଏକ ମେଡିକାଲ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ବରିଷ୍ଠ ଡା. ସଞ୍ଜୀବ ପ୍ରଧାନ, ରେମୁଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଫିସର ଡା. ରାମଚନ୍ଦ୍ର କିସ୍କୁ ଓ ଡିପିଏମ୍ ଚକ୍ରଧର ଜେନା ତଦନ୍ତ କରି ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କୁ ତଦନ୍ତ ରିପୋର୍ଟ ପ୍ରଦାନ କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସିଡିଏମଓ ଡା. ବେହେରା ୨ ଏଏନ୍‌ଏମ୍‌ଙ୍କୁ ନିଲମ୍ବନ କରିଛନ୍ତି।

# ଆସନ୍ତା ସୋମବାର ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି'

ଭୁବନେଶ୍ୱର, ୧୯।୧୨ (ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଆସନ୍ତା ସୋମବାର 'ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି' କାର୍ଯ୍ୟକ୍ରମ ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ ବୋଲି ଏ ସମ୍ପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଶୁକ୍ରବାର ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଗତ ୨୪ ତାରିଖରେ ୧୫ତମ ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଏନ୍‌କାଉଣ୍ଟରରେ ଆଉ ଜଣେ ମାଓବାଦୀ ନିହତ

ମାଲକାନଗିରି, ୧୯।୧୨
(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ସୁକ୍‌ମା ଜିଲାରେ ଗୁରୁବାର ଏନ୍‌କାଉଣ୍ଟରରେ ୩ ମାଓବାଦୀ ନିହତ ହୋଇଥିବାବେଳେ ଶୁକ୍ରବାର ବିଜାପୁର ଜିଲାରେ ଯବାନଙ୍କ ଗୁଳିରେ ଆଉ ଜଣେ ମାଓବାଦୀ ନିହତ ହୋଇଛନ୍ତି। ମୃତ ମାଓବାଦୀ ହେଲେ ଫଗନୁ ମାଡବି। ତାଙ୍କ ନାମରେ ୫ ଲକ୍ଷ ଟଙ୍କା ପୁରସ୍କାର ରାଶି ଥିବା ପୋଲିସ ସୂତ୍ରରୁ ପ୍ରକାଶ।

ସୂଚନା ଅନୁଯାୟୀ, ବିଜାପୁର ଜିଲା ଡିଆର୍‌ଜି ବାହିନୀ ଓ ସିଆର୍‌ପିଏଫ୍ ଶୁକ୍ରବାର ସକାଳେ ଜିଲାର ବୈରମଗଡ ଥାନା ଇନ୍ଦ୍ରାବତୀ ଜଙ୍ଗଲରେ କୋମ୍ବିଂ ଅପରେଶନ କରୁଥିଲେ। ଏହି ସମୟରେ ଉକ୍ତ ଜଙ୍ଗଲରେ ଲୁଚି ରହିଥିବା ମାଓବାଦୀଙ୍କ ସହ ଯବାନମାନେ ମୁହାଁମୁହିଁ ହୋଇଥିଲେ। ଯବାନଙ୍କୁ ଦେଖି ମାଓବାଦୀମାନେ ପ୍ରଥମେ ଗୁଳିଚାଳନା କରିଥିଲେ। ଏହାର ପାଲଟା ଜବାବରେ ଯବାନମାନେ ମାଓବାଦୀଙ୍କୁ ଲକ୍ଷ୍ୟକରି ଗୁଳି ଚାଳନା କରିଥିଲେ। ଏହି ଗୁଳି ବିନିମୟ ଦୀର୍ଘ ସମୟ ଧରି ଚାଲିଥିବା ବେଳେ ପୋଲିସ ଆକ୍ରମଣକୁ ପ୍ରତିହିତ କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ପରେ ସର୍ଚ୍ଚ ଅପରେଶନ ସମୟରେ ଜଣେ ମାଓବାଦୀଙ୍କ ମୃତ ଶରୀର ଜବତକରିବା ସହ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ତେବେ ଯବାନମାନେ କୋମ୍ବିଂ ଅପରେଶନ ସାରି ଫେରିବା ପରେ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯିବ ବୋଲି ବିଜାପୁର ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ସୁକ୍‌ମା ଜିଲାରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁରୁବାର ଗୁଳି ବିନିମୟ ଘଟିଛି। ଯବାନଙ୍କ ଗୁଳିରେ ୩ ମାଓବାଦୀ ନିହତ ହୋଇଥିବା ଜଣାପଡ଼ିଛି। ମୃତ ୩ ଜଣଙ୍କ ମଧ୍ୟରୁ ଜଣେ ମହିଳା ମାଓବାଦୀ ଥିବା ଜଣାପଡ଼ିଛି।

DSPL-430


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଭାରତ ସରକାରଙ୍କ ଦ୍ୱାରା
୪ଟି ଶ୍ରମ ସଂହିତା ଲାଗୁ

ମଜୁରି ସଂହିତା - ୨୦୧୯
ବୃତ୍ତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ଓ କାର୍ଯ୍ୟ ସର୍ତ୍ତାବଳୀ ସଂହିତା - ୨୦୨୦
ଶିଳ୍ପ ସମ୍ପର୍କ ସଂହିତା - ୨୦୨୦
ସାମାଜିକ ସୁରକ୍ଷା ସଂହିତା - ୨୦୨୦

ଆତ୍ମନିର୍ଭର ଭାରତ ପାଇଁ ଶ୍ରମ ସଂସ୍କାର

- ନିଯୁକ୍ତିଦାତାମାନଙ୍କ ଦ୍ୱାରା କର୍ମଚାରୀମାନଙ୍କୁ ବାଧ୍ୟତାମୂଳକ ନିଯୁକ୍ତିପତ୍ର ପ୍ରଦାନ
- ପ୍ରତ୍ୟେକ କ୍ଷେତ୍ରରେ ନିୟୋଜିତ ସମସ୍ତ ବର୍ଗର ଶ୍ରମିକ ସର୍ବନିମ୍ନ ମଜୁରି ପରିସରଭୁକ୍ତ
- ମହିଳା ଓ ପୁରୁଷ କର୍ମଚାରୀଙ୍କୁ ସମାନ କାମ ପାଇଁ ସମାନ ପାରିଶ୍ରମିକ ପ୍ରଦାନ
- ସ୍ୱିଗି, ଜୋମାଟୋ, ଓଲା, ଉବେର୍ ଆଦି ଅନ୍‌ଲାଇନ୍ ପ୍ଲାଟଫର୍ମରେ ନିୟୋଜିତ ଗିଗ୍ ଓ ପ୍ଲାଟଫର୍ମ୍ କର୍ମଚାରୀମାନଙ୍କ ସାମାଜିକ ସୁରକ୍ଷା ନିମନ୍ତେ ସ୍ୱତନ୍ତ୍ର ପାଣ୍ଠି ଗଠନ
- କର୍ମଚାରୀମାନଙ୍କ ନିମନ୍ତେ ବାଧ୍ୟତାମୂଳକ ଦେୟମୁକ୍ତ ବାର୍ଷିକ ସ୍ୱାସ୍ଥ୍ୟ ପରୀକ୍ଷା
- ନିର୍ଦ୍ଧାରିତ ଅବଧିର କର୍ମଚାରୀଙ୍କୁ ସ୍ଥାୟୀ କର୍ମଚାରୀଙ୍କ ପରି ସମାନ ସୁବିଧା ସୁଯୋଗ ସହିତ ଏକ ବର୍ଷର ନିରନ୍ତର ସେବା ପରେ ଗ୍ରାଚ୍ୟୁଇଟି ପାଇବାର ବ୍ୟବସ୍ଥା
- ନିଯୁକ୍ତିଦାତାଙ୍କ ପାଇଁ ଏକକ ପଞ୍ଜୀକରଣ ତଥା ଲାଇସେନ୍‌ସ ପ୍ରଦାନ ବ୍ୟବସ୍ଥା ସହିତ ଏକକ ରିଟର୍ଣ୍ଣ ଦାଖଲର ବ୍ୟବସ୍ଥା

OIPR-17002/13/0023/2526

ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ, ଓଡ଼ିଶା ସରକାର




# ୬୭ହଜାର କୋଟିର ନିବେଶ ସୁଯୋଗ ସୃଷ୍ଟି: ମୁଖ୍ୟମନ୍ତ୍ରୀ

## ୫୭ହଜାର ଯୁବବର୍ଗଙ୍କୁ ମିଳିବ ନିଯୁକ୍ତି

ଭୁବନେଶ୍ୱର,୧୯।୧୨(ରବିନାରାୟଣ ଜେନା)

ଓଡ଼ିଶା ଦେଶର ବିକାଶର ଇଞ୍ଜିନ୍ ହେବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ହାଇଦ୍ରାବାଦସ୍ଥିତ ଇନଭେଷ୍ଟର୍ସ ମିଟ୍‌ସର ଉଦ୍‌ଯାପନୀ ଅବସରରେ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶା ନିବେଶକ ସମ୍ମିଳନୀ ଏକ ଏଭଳି ପ୍ଲାଟ୍‌ଫର୍ମ ଯେଉଁଠି ନିବେଶକମାନେ ଦୀର୍ଘସ୍ଥାୟୀ ଭାବେ ପୁଞ୍ଜି ନିବେଶ କରି ତାଙ୍କର ଶିଳ୍ପକୁ ସୁନିଶ୍ଚିତ କରିପାରିବେ। କାହିଁକି ନା ଓଡ଼ିଶା ସରକାରଙ୍କ ନୀତିଗତ ନିଷ୍ପତ୍ତିରେ ସ୍ଥିରତା, କମ୍ ଖର୍ଚ୍ଚ ଏବଂ ପ୍ରଶାସନିକ ସହଯୋଗ ମିଳିପାରୁଛି। ଏହି ବ୍ୟବସ୍ଥା ମାଧ୍ୟମରେ ଓଡ଼ିଶା ନିଜକୁ ଏକ ଭବିଷ୍ୟତମୁଖୀ ନିବେଶ ଗନ୍ତବ୍ୟସ୍ଥଳ ଭାବେ ଗଢ଼ି ତୋଳୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେ କହିଥିଲେ ଯେ, ଓଡ଼ିଶା ନିବେଶକ ସମ୍ମିଳନୀର ମୂଳ ଉଦ୍ଦେଶ୍ୟ ଥିଲା ଶିଳ୍ପପତିମାନଙ୍କ ସହ ସିଧାସଳଖ ମିଶି ରାଜ୍ୟ ସରକାରଙ୍କ ପକ୍ଷରୁ ଥିବା ବିଭିନ୍ନ ଅନୁକୂଳ ପରିବେଶ ସମ୍ପର୍କରେ ଅବଗତ କରାଇବା ଏବଂ ପ୍ରାଥମିକତା କ୍ଷେତ୍ରଗୁଡ଼ିକରେ ନିବେଶ ନିଷ୍ପତ୍ତିକୁ ତ୍ୱରାନ୍ୱିତ କରିବା। ଏହି କାର୍ଯ୍ୟକ୍ରମରେ ବୃହତ୍ କମ୍ପାନୀ, ଶିଳ୍ପ ସମୁଦାୟ ଓ ବ୍ୟବସାୟୀକ ଗୋଷ୍ଠୀଙ୍କୁ ଏକତ୍ରିତ କରି ନୂତନ ନିବେଶ ସୁଯୋଗ ସୃଟେି କରିବା। ଯାହାଫଳରେ ଶିଳ୍ପ କ୍ଷେତ୍ରରେ ଓଡ଼ିଶା ଅଭିବୃଦ୍ଧି ହୋଇପାରିବ। ତେବେଏହି କାର୍ଯ୍ୟକ୍ରମରେ ୫୦୦ରୁ ଅଧିକ ଶିଳ୍ପ ପ୍ରତିନିଧି ଉପସ୍ଥିତ ସାମିଲ ହୋଇଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ,


ହାଇଦ୍ରାବାଦସ୍ଥିତ ଇନ୍‌ଭେଷ୍ଟର୍ସ ମିଟ୍ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ନିବେଶକଗଣ।

‘ପୂର୍ବୋଦୟ’ ବିକାଶରେ ଓଡ଼ିଶା ଏକ ମୁଖ୍ୟ ଗନ୍ତବ୍ୟସ୍ଥଳ ଭାବେ ଉଭା ହୋଇଛି। ଯେଉଁଥିରେ ଶିଳ୍ପ ଭିତ୍ତିଭୂମି ସୁଦୃଢ଼ ହେବା ସହିତ ଆର୍ଥିକ ଶୃଙ୍ଖଳା ଏବଂ ଦାୟିତ୍ୱଶୀଳ ସୁଶାସନର ସମର୍ଥନ ମିଳୁଛି। ରାଜ୍ୟରେ ଥିବା ବ୍ୟାପକ ସମୁଦ୍ରତଟ, ବନ୍ଦରର ବିକାଶ, ବିସ୍ତାରଶୀଳ ଶିଳ୍ପ କରିଡର ଏବଂ ବିବିଧ ସଂଯୋଗୀକରଣ ସତେ ଯେମିତି ବିଶ୍ୱ ବଜାର ପାଇଁ ଏକ ଖୋଲା ଦ୍ୱାର ଭାବେ ପ୍ରତିପାଦିତ କରୁଛି। ମାତ୍ର ଅନ୍ୟ ସ୍ଥାନରେ ବ୍ୟବସାୟ ପାଇଁ ଅନୁକୂଳ ପରିବେଶ ନାହିଁ। ପ୍ରତିଦ୍ୱନ୍ଦିତାମୂଳକ ବଜାର ସାଙ୍ଗକୁ ନିବେଶ ଲାଗି ଅଧିକ ଖର୍ଚ୍ଚ ଓ ପ୍ରଶାସନିକ ସହଯୋଗରେ ଅସ୍ଥିରତା ରହୁଛି। ଏହି କ୍ଷେତ୍ରରେ ଓଡ଼ିଶାରେ ନିବେଶକମାନେ ସବୁ ଦୃଷ୍ଟିରୁ ସହଯୋଗୀ ପରିବେଶ ପାଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି ଅବସରରେ ନିବେଶକ ଏବଂ ସରକାରଙ୍କ ମଧ୍ୟରେ ୧୩ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା, ଯାହା ମାଧ୍ୟମରେ ୨୭,୬୫୦ କୋଟି ଟଙ୍କାର ନିବେଶ ସମ୍ଭାବନା ରହିଥିବାବେଳେ ପ୍ରାୟ ୧୫,୯୦୫ ନିଯୁକ୍ତି ସୁଯୋଗ ସୃଷ୍ଟିର ସମ୍ଭାବନା ରହିଛି। ସେହିପରି ସମ୍ମିଳନୀରେ ୩୯,୧୩୧ କୋଟି ଟଙ୍କାର ନିବେଶ ସ୍ୱୀକୃତି ମିଳିଛି, ଯାହା ମାଧ୍ୟମରେ ୪୦,୦୦୦ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି। ସେଥିମଧ୍ୟରେ ଔଷଧ ଶିଳ୍ପ, ଚିକିତ୍ସା ଉପକରଣ, ଅକ୍ଷୟଶକ୍ତି, ବସ୍ତ୍ର,ଇଲେକ୍ଟ୍ରୋନିକ୍ସ, ଆଇଟି ଓ ଡାଟା ସେଣ୍ଟର, ଆଧୁନିକ ଉତ୍ପାଦନ ଏବଂ ସହଯୋଗୀ ଶିଳ୍ପ ରହିଛି। ଯାହା ଓଡ଼ିଶାର ବିବିଧ ଏବଂ ଭବିଷ୍ୟତମୁଖୀ ନିବେଶ ଗନ୍ତବ୍ୟସ୍ଥଳ ଭାବରେ ବଢ଼ୁଥିବା ଆକର୍ଷଣକୁ ସ୍ପଷ୍ଟ କରୁଛି ବୋଲି ସମ୍ମିଳନୀରୁ ଜଣାଯାଇଛି।

କାର୍ଯ୍ୟକ୍ରମରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ, ଓଡ଼ିଶା ନିବେଶକ ସମ୍ମିଳନୀରେ ମିଳୁଥିବା ଦୃଢ଼ ପ୍ରତିଶ୍ରୁତି ଓଡ଼ିଶାର ନୀତିଗତ ଢାଞ୍ଚା ଏବଂ ପ୍ରଶାସନିକ ମଡେଲ୍ ଉପରେ ଶିଳ୍ପ ସମୁଦାୟର ବିଶ୍ୱାସକୁ ପ୍ରମାଣିତ କରୁଛି। ଏହା ମାଧ୍ୟମରେ ଓଡ଼ିଶା ଶିଳ୍ପ ସମୃଦ୍ଧ ଦିଗରେ ଅଗ୍ରଗତି କରିବା ସହିତ ନିବେଶକମାନଙ୍କୁ ଏକ ସୁସ୍ଥ ପରିବେଶ ଯୋଗାଇବ ବୋଲି ସେ କହିଥିଲେ।

# ନକଲି ହାତୀଦାନ୍ତ ର୍‍ୟାକେଟ, ଆଉ ୪ ଗିରଫ

## ଗିରଫ ସଂଖ୍ୟା ୧୩କୁ ବୃଦ୍ଧି

ନୀଳଗିରି, ୧୯।୧୨(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି କୁଲଡ଼ିହା ଅଭୟାରଣ୍ୟ ଅଞ୍ଚଳରେ ବନବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ନକଲି ଦାନ୍ତ ତିଆରି ର୍‍ୟାକେଟର ଆଉ ୪ଜଣଙ୍କୁ ଗିରଫ କରାଯାଇଛି। ଏହି ର୍‍ୟାକେଟ୍‌ରେ ମୋଟ୍ ଗିରଫଦାରୀ ସଂଖ୍ୟା ୧୩କୁ ବୃଦ୍ଧି ପାଇଛି।

ଲହାତୀ ମରିଗଲା ପରେ ବନ ବିଭାଗ ପକ୍ଷରୁ ମୃତଦେହକୁ ପୋତି ଦିଆଯାଇଥାଏ। ପରେ ତସ୍କରମାନେ ହାତୀର ହାଡ଼କୁ ମାଟି ତଳୁ ଖୋଜି ବାହାର କରାଯାଇ ଏହାକୁ ଗ୍ରାଇଣ୍ଡିଂ କରି ନକଲି ହାତୀ ଦାନ୍ତ ତିଆରି କରୁଥିଲେ। ବିଶ୍ୱସ୍ତ ସୂତ୍ରରୁ ଖବର ମିଳିବା ପରେ ବାଲେଶ୍ୱର ଜିଲା ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶରେ ଏକ ଟିମ୍ ଗଠନ କରାଯାଇ ଚଢ଼ାଉ କରାଯାଇଥିଲା। ବାଲେଶ୍ୱର ଏସିଏଫ୍ ଶୋଭନ ଦିଗନ୍ତ ଚାନ୍ଦ ଓ କୁଲଡ଼ିହା ଅଭୟାରଣ୍ୟର ଇନଚାର୍ଜ ତଥା ଏସିଏଫ୍ ସୁବ୍ରତ କୁମାର ବେହେରାଙ୍କ ମିଳିତ ଉଦ୍ୟମରେ ଅଚାନକ ଚଢ଼ାଉ କରାଯାଇ ବନ୍ୟଜନ୍ତୁ ଶିକାରୀ ଏବଂ ଦେହାବଶେଷ ତସ୍କରୀ ମାମଲାରେ ପୂର୍ବରୁ ୯ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଶୁକ୍ରବାର ଆଉ ୪ ଜଣଙ୍କୁ ବାଲେଶ୍ୱର ଓ ବାହାର ଅଞ୍ଚଳରୁ ଗିରଫ କରାଯାଇ ବିଚାର


ଗିରଫ ୪ ଅଭିଯୁକ୍ତ।

ବିଭାଗୀୟ ହାଜତକୁ ପଠାଯାଇଛି। ଏଭଳି କାରନାମାରେ ଅନ୍ୟ କେଉଁମାନଙ୍କର ସମ୍ପୃକ୍ତି ଅଛି ତାହାକୁ ଗୋପନୀୟ ଭାବେ ଅଧିକ ତଦନ୍ତ ଜାରି ରହିଥିବା ସୂଚନା ମିଳିଛି। ଉଲ୍ଲେଖଯୋଗ୍ୟ ଯେ, ଗତ ୧୪ ତାରିଖରେ ୩ ଜଣ ଶିକାରୀ ପଞ୍ଚଲିଙ୍ଗେଶ୍ୱର ସେକ୍ସନ ଅଧୀନରେ ଗୋଟିଏ ଗୁରାଣ୍ଡି ଏବଂ ଗୋଟିଏ ଝିଙ୍କ ଶିକାର କରି ଆଣୁଥିବା ବେଳେ ସେମାନଙ୍କ ନିକଟରୁ ବନ ବିଭାଗ ଉଭୟ ମୃତଜନ୍ତୁ ସହିତ ଗୋଟିଏ ଦେଶୀବନ୍ଧୁକ ଏବଂ କିଛି ବିସ୍ଫୋରକ ଜବତ କରିଥିଲା। ସେମାନଙ୍କୁ ଗିରଫ ପରେ ଜେଲ ହାଜତକୁ ପଠାଇ ଦିଆଯାଇଥିଲା। ତେବେ ଏହି ଶିକାରୀମାନଙ୍କ ମଧ୍ୟରୁ ଗୋଟିଏ ମୋବାଇଲ ତନଖି କରିବା ସମୟରେ ବନ୍ୟଜନ୍ତୁ ଶିକାର ଓ ତସ୍କରୀ ମାମଲାରେ ଅଧିକ ଲୋକଙ୍କ ସାମିଲ ଥିବା ତଥ୍ୟ ସାମ୍ନାକୁ ଆସିଥିଲା। ଅଧିକ ପଚରାଉଚୁରା ପରେ ଶିକାରୀମାନେ ସତ ଓଗାଳିଥିଲେ। ଏହାକୁ ଭିତ୍ତି କରି ଗତ ମଙ୍ଗଳବାର ୨ ଜଣ ଏବଂ ବୁଧବାର ଆଉ ୪ ଜଣଙ୍କୁ ଗିରଫ କରାଯାଇଥିଲା। ଏମାନେ ଦାନ୍ତ, ଚମଡ଼ା, ନଖ, ହାଡ଼ ଆଦି ବନ୍ୟଜନ୍ତୁଙ୍କ ଦେହାବଶେଷ ତସ୍କରୀ କରିଥିବା ସ୍ୱୀକାର କରିଥିଲେ। ମୁଖ୍ୟତଃ ପୋତାଯାଇଥିବା ମୃତ ହାତୀର ଦେହାବଶେଷ ସଂଗ୍ରହ କରି ଏହାକୁ ଆଧୁନିକ ଜ୍ଞାନକୌଶଳରେ ହାତୀଦାନ୍ତ ତିଆରି କରି ଉଚ୍ଚ ଦରରେ ବିକ୍ରି କରୁଥିବା ବନ ବିଭାଗ ସନ୍ଦେହ କରିଛି।

# ନବୀନଙ୍କ ନିଷ୍ପତ୍ତିରେ ପ୍ରଥମରୁ ନ ଥିଲେ, ଏବେ ବଦଳିଲେ

ଭୁବନେଶ୍ୱର, ୧୯।୧୨(ସୁନିତ୍ ମିଶ୍ର)

ବିଧାୟକ ଓ ପୂର୍ବତନ ବିଧାୟକମାନଙ୍କ ଦରମା ଏବଂ ଭତ୍ତା ବୃଦ୍ଧି ସମ୍ପର୍କିତ ବିଲ୍ ଯାହା ବିଧାନସଭାରେ ପାରିତ ହୋଇଛି ସେଥିରେ ସଂଶୋଧନ ହେବା ନେଇ ଚର୍ଚ୍ଚା ଜୋର୍ ଧରିଛି। ଭାଜପା ବିଧାୟକମାନେ ଏନେଇ ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବିଲ୍ ଉପରେ ପୁନର୍ବିଚାର କରିବା ନେଇ ଦସ୍ତଖତ ସମ୍ବଳିତ ଦରଖାସ୍ତ ଦେବାପରେ ଦରମା ଓ ଭତ୍ତା ବୃଦ୍ଧି ସମ୍ବନ୍ଧିତ ନିଷ୍ପତ୍ତି ବଦଳିପାରେ ବୋଲି କୁହାଯାଉଛି। ଏଭଳି ସ୍ଥିତିରେ ଶୁକ୍ରବାର ବିଜେଡି ବିଧାୟକମାନଙ୍କ ପକ୍ଷରୁ ମଧ୍ୟ ଏହି ନିଷ୍ପତ୍ତିର ପୁନର୍ବିଚାର ଲାଗି ଦାବି କରାଯାଇଛି। ହେଲେ କିଛିଦିନ ତଳେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ବର୍ଦ୍ଧିତ ଦରମା ନେବେ ନାହିଁ, ବରଂ ତାକୁ ଗରିବମାନଙ୍କ କଲ୍ୟାଣରେ ଲଗାଇବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଅନୁରୋଧ କରିଥିଲେ। ନବୀନଙ୍କ ଏଭଳି ଚିଠି ପରେ ମଧ୍ୟ ଆଉ ଜଣେ କେହି ବିଜେଡି ବିଧାୟକ ସେମାନଙ୍କ ବର୍ଦ୍ଧିତ ଦରମା ନେବେନି ବୋଲି କହିଲେନି। ଯେତେବେଳେ ଭାଜପା ବିଧାୟକମାନେ ନିଷ୍ପତ୍ତି ବଦଳାଇବାକୁ କହିଲେ, ତା’ପରେ ବିଜେଡି ନିଷ୍ପତ୍ତିର ପୁନର୍ବିଚାର କଥା କହିବା ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ଶୁକ୍ରବାର ଶଙ୍ଖ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଏବଂ ବିରୋଧୀ ଦଳ ଉପନେତା ପ୍ରତାପ ଦେବ କହିଛନ୍ତି, ବିଧାୟକମାନଙ୍କ ଦରମା ବୃଦ୍ଧି ପ୍ରସଙ୍ଗରେ ବିଜେଡି ସଭାପତି ପୂର୍ବରୁ ବର୍ଦ୍ଧିତ ଦରମା ଗ୍ରହଣ କରିବେ ନାହିଁ ଓ ଏହାକୁ ଗରିବ କଲ୍ୟାଣ କାର୍ଯ୍ୟରେ ବିନିଯୋଗ କରିବା ପାଇଁ କହିଥିଲେ। ଏହାର ପୁନର୍ବିଚାର ପାଇଁ ବିଜେଡି ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରୁଛି। ବିଧାୟକଙ୍କ ଦରମା ଓ ପୂର୍ବତନ ବିଧାୟକମାନଙ୍କ ପେନସନ ବୃଦ୍ଧି ପାଇଁ ନିଷ୍ପତ୍ତି ନିଆଯାଇ ଗତ ୯ ତାରିଖରେ ସର୍ବସମ୍ମତି କ୍ରମେ ବିଲ୍ ପାସ୍ ହୋଇଥିଲା। ଏହି ବର୍ଦ୍ଧିତ ଦରମା ନେଇ ଜନସାଧାରଣଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଜନସାଧାରଣଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ପ୍ରତିକ୍ରିୟାକୁ ସମ୍ମାନ ଜଣାଇ ନବୀନଙ୍କ ନିର୍ଦ୍ଦେଶକ୍ରମେ ବିଜେଡି ପକ୍ଷରୁ ଏହାକୁ ପୁନର୍ବିଚାର କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରୁଥିବା ଉଭୟ ନେତା କହିଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସଙ୍ଗୀତ ସାଧକ ପରିଷଦ ପକ୍ଷରୁ ଶାସ୍ତ୍ରୀୟ ସଙ୍ଗୀତ ସମାରୋହ ଏବଂ ଶିଳ୍ପୀ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା କେନେଲ୍ କ୍ଲବ ପକ୍ଷରୁ ଅଲ୍ ବ୍ରିଡ୍ସ ଚାମ୍ପିୟନଶିପ୍ ଡଗ୍ ଶୋ, ସ୍ଥାନ: ଓଡ଼ିଶା ଭେଟେରିନାରି କଲେଜ ପରିସର(ଓୟୁଏଟି), ସମୟ: ପୂର୍ବାହ୍ନ ୧୦ଟା।
- ଅଲ୍ ଓଡ଼ିଶା ସନ୍ଥ ଗେଜ୍ ମିଶନ ପକ୍ଷରୁ ୭୦ତମ ମହାପରିନିର୍ବାଣ ଦିବସ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ପକ୍ଷରୁ ସଟଲ୍ ସ୍ମାଶର୍ସ-୨୦୨୫, ସ୍ଥାନ: କଲେଜ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଭୁବନେଶ୍ୱର ଡିଷ୍ଟ୍ରିକ୍ଟ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ପକ୍ଷରୁ ୩୩ତମ ଡିଷ୍ଟ୍ରିକ୍ଟ କ୍ୟାମ୍ପୋରି ୨୦୨୫-୨୬, ସ୍ଥାନ: କ୍ୟାପିଟାଲ ହାଇସ୍କୁଲ, ୟୁନିଟ୍-୩, ସମୟ: ଅପରାହ୍ନ ୩ଟା।

## ବାଲେଶ୍ୱର

- ଚବିଶ ପ୍ରହର ନାମ ସଂକୀର୍ତ୍ତନ ଓ ମହୋତ୍ସବ, ସ୍ଥାନ:ବେଲଦାଣ୍ଡିଆ ମନ୍ଦିର ପରିସର, ସିଂଲା, ବାଲେଶ୍ୱର,ସମୟ:ସକାଳ ୮ଟା।
- ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଘାଟନୀ , ସ୍ଥାନ:ଆଞ୍ଚଳିକ ସରକାରୀ ହାଇସ୍କୁଲ, ପାଖରସାଉଁ, ବାଲେଶ୍ୱର, ସମୟ:ସକାଳ ୮ଟା ୩୦।
- ଜେଜେବାପା ଜେଜେମା ସମ୍ମିଳନୀ, ସ୍ଥାନ:ଖଇରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଖଇରା, ସମୟ:ସକାଳ ୯ଟା।
- ଏକ୍ସଆଇଏକ୍ସ ଏମ୍‌ପିଏସ୍ ଏଡୁ ଏକ୍ସପୋ, ସ୍ଥାନ:ମର୍ଡ୍ଡ ପବ୍ଲିକ ସ୍କୁଲ, ମେଘଡ଼ମ୍ବରୁ କ୍ୟାମ୍ପସ, ବାଲେଶ୍ୱର, ସମୟ:ସକାଳ୯ଟା।
- ରକ୍ତଦାନ ଶିବିର, ସ୍ଥାନ:କଚେରୀ ପରିସର, ବାଲେଶ୍ୱର, ସମୟ- ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ସମ୍ବଲପୁରୀ ଧନୁଯାତ୍ରା-୨୦୨୬ର ପ୍ରସ୍ତୁତି ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ର ୧୦୦ ତମ ପ୍ରତିଷ୍ଠା ଦିବସ, ସ୍ଥାନ: ନାରୀ ସେବା ସଦନ, ସମ୍ବଲପୁର, ସମୟ: ପୂର୍ବାହ୍ନ ୧୧ଟା।
- ଜିଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ସମ୍ବଲପୁର ଜିଲାସ୍ତରୀୟ ଜୁନିୟର ରେଡ୍‌କ୍ରସ ଶିକ୍ଷା ତଥା ପ୍ରଶିକ୍ଷଣ ଶିବିର ଉଦ୍‌ଯାପନୀ ଉତ୍ସବ, ଧମା ସ୍ଥିତ ପିଏମ୍‌ଶ୍ରୀ ମଥୁରା ପ୍ରସାଦ ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ପୁରୁଣା ବଳାରଙ୍ଗା ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ବର୍ଣ୍ଣାଳି-୨୦୨୫, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୨ଟା।
- ମାରୱାଡ଼ି ମହୋତ୍ସବ-୨୦୨୫ରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ରେମେଡ ନିକଟସ୍ଥ ଉତ୍ସବ ସ୍ଥଳି, ସମୟ: ଅପରାହ୍ନ ୫ଟା।
- କଖଗ ଅନୁଷ୍ଠାନ ଆୟୋଜିତ ନାଟ୍ୟସୋବ-୨୦୨୫ର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ତପସ୍ୱିନୀ ପ୍ରେକ୍ଷାଳୟ, ସମୟ: ୬ଟା ୪୫।

## ବଲାଙ୍ଗୀର

- ରାଜ୍ୟସ୍ତରୀୟ ଫେନସିଂ ପ୍ରଶିକ୍ଷଣ ଶିବିର, ସ୍ଥାନ: ବଲାଙ୍ଗୀରସ୍ଥିତ ଆର୍‌ଏନ୍ ସିଂଦେଓ ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ସମୟ: ସକାଳ ୭ଟା।
- ସେମ୍‌ଫୋର୍ଡ ରାଇଜିଂ ଷ୍ଟାରର୍ସ କାର୍ଯ୍ୟକ୍ରମ, ସ୍ଥାନ: ସେମ୍‌ଫୋର୍ଡ ଫ୍ୟୁଚୁରିଷ୍ଟିକ୍ ସ୍କୁଲ କ୍ୟାମ୍ପସ, ଖର୍ଲିକାନୀ, ବଲାଙ୍ଗୀର, ସମୟ: ସକାଳ ୯ଟା।
- ଲିଟିଲ ଫ୍ଲାୱାର ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ଲିଟିଲ ଫ୍ଲାୱାର ସ୍କୁଲ, ଜ୍ୟୋତିନଗର, ବଲାଙ୍ଗୀର, ସମୟ: ଅପରାହ୍ନ ୪ଟା।

## ରାଉରକେଲା

- ପୋଲିସ ସ୍ପୋର୍ଟ୍ସ ମିଟ୍, ସ୍ଥାନ: ରିଜର୍ଭ ପଡିଆ, ସମୟ: ସକାଳ ୮ଟା ୩୦।
- ହାଇଡ୍ରୋ ୨୦୨୫ ଅନ୍ତର୍ଜାତୀୟ ସମାବେଶ, ସ୍ଥାନ: ରାଉରକେଲା ଏନ୍‌ଆଇଟି ବିବିଏ ପ୍ରେକ୍ଷାଳୟ, ସମୟ: ସକାଳ ୯ଟା।
- ଓଷ୍ଟା ପକ୍ଷରୁ ଶିଶୁ ଉତ୍ସବ- -୨୦୨୫, ସ୍ଥାନ: ନୀଳମାଧବ ବିଦ୍ୟା ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ମ୍ୟୁନିସିପାଲ କଲେଜରେ ଅଧ୍ୟାପନା ବିକାଶର ଦ୍ୱିତୀୟ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ଉଦିତ ନଗର, ସମୟ: ପୂର୍ବାହ୍ନ ୧୦ଟା।
- ଆନ୍ତଃଗୃହ ବିଦ୍ୟାଳୟସ୍ତରୀୟ ଆଥ୍‌ଲେଟିକ କ୍ରୀଡ଼ା ପ୍ରତିଯୋଗିତାର ଉଦଯାପନୀ ସମାରୋହ, ସ୍ଥାନ: ଉଦିତ ନଗର ଖେଳ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ଓଷ୍ଟା ଶିଶୁ ଉତ୍ସବ ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୧ ସ୍କାଉଟ୍ ଭବନ, ସମୟ: ଅପରାହ୍ନ ୩ଟା ୩୦।
- ସର୍ବଭାରତୀୟ ବହୁଭାଷୀ ନାଟକ ଓ ନୃତ୍ୟ ମହୋତ୍ସବ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୩୦।

## ବରଗଡ଼

- ଧନୁଯାତ୍ରା ମହୋତ୍ସବ କାଳାକାରଙ୍କ ପୂର୍ବାଭ୍ୟାସ, ସ୍ଥାନ:ଗାନ୍ଧୀ ଛକ, ସମୟ: ପୂର୍ବାହ୍ନ ୧୦ଟା ୩୦।

## କଳାହାଣ୍ଡି

- ଆଦର୍ଶ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: କର୍ଲାମୁଣ୍ଡା ବ୍ଲକ ରେଗଡାସ୍ଥିତ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- କ୍ଷୁଦ୍ର ଖାଦ୍ୟଶସ୍ୟ ମେଳା, ସ୍ଥାନ: କର୍ଲାମୁଣ୍ଡା ବ୍ଲକ ରେଗଡା ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା।
- ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଭବାନୀପାଟଣାସ୍ଥିତ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ନୃତ୍ୟ ସଙ୍ଗମର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ଭବାନୀପାଟଣାସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ସନ୍ଧ୍ୟା ୭ଟା।

## ବୌଦ୍ଧ

- ଓଡିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ଆଦର୍ଶ ବିଦ୍ୟାଳୟ ପରିସର ତେତେଲେଙ୍ଗା, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।

## ସୁବର୍ଣ୍ଣପୁର

- ମା' ଖମ୍ବେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ଦିବସ,ସ୍ଥାନ: ଟେଭାପଦର,ବୀରମହାରାଜପୁର ବ୍ଲକ,ସମୟ: ପୂର୍ବାହ୍ନ ୧୧ଟା।
- କ୍ଲଷ୍ଟର ସ୍ତରୀୟ ପ୍ରଧାନ ଶିକ୍ଷକ ସମ୍ମିଳନୀ, ସ୍ଥାନ: ଗୁଡୁଗୁଡା ୟୁପି ସ୍କୁଲ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ: ଗୌଡ଼ଗାଡ ଶିବ ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ : ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ରଥପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ବକୁଳ ଯାତ୍ରା ମହୋତ୍ସବର ଉଦଯାପନୀ, ସ୍ଥାନ: ବାଘପାଲି,ଉଲୁଣ୍ଡା ବ୍ଲକ, ସମୟ:ପୂର୍ବାହ୍ନ ୧୧ଟା।
- ସୋନପୁର ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୨ଟା ୩୦।
- ବିନିକା ଅରିଗାଁ ଆଞ୍ଚଳିକ ଧନୁଯାତ୍ରା ଏକାଦଶ ଦିବସରେ ଅତିଥି ସ୍ୱାଗତ, ରେକର୍ଡ ଡ୍ୟାନ୍ସ, ଅର୍କେଷ୍ଟ୍ରା ସହିତ ପୌରାଣିକ ଚରିତ୍ର କଂସ ବଧ, ସ୍ଥାନ: ଅରିଙ୍ଗା ଖେଳପଡିଆ, ସମୟ: ସନ୍ଧ୍ୟା ୬ଟା।
- ବଡ଼ଦେଓ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: କୁଞ୍ଜାପାଲି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା

- ପ୍ରଥମ ଜୋନସ୍ତରୀୟ ୟୁନିଟ କପ୍ କ୍ରିକେଟ ଷଷ୍ଠ ଦିବସ, ସ୍ଥାନ: ଖଡିଆଳ ବ୍ଲକ ସାନମହେଶ୍ୱର ପଞ୍ଚାୟତ ଦେବାହାଲ ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ୪ର୍ଥ ବିରାଟ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ୪ର୍ଥ ରଜନୀରେ ଦେବର୍ଷି ନାରଦଙ୍କ ପରାମର୍ଶ କ୍ରମେ ଷଡମଲ୍ଲ ଆବାହନ ଓ ଗୋପପୁର ପ୍ରେରଣ, ସ୍ଥାନ: କୋମନା ବ୍ଲକ ତରବୋଡ ଖେଳ ପଡିଆ, ସମୟ: ସନ୍ଧ୍ୟା ୬ଟା ୩୦।
- ୧୭ତମ ବିରାଟ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ଶେଷ ରଜନୀରେ କୃଷ୍ଣ ବଳରାମଙ୍କ ଆଗମନ ଓ କଂସ ବଧ, ସ୍ଥାନ: କୋମନା ବ୍ଲକ ଲଖନା ଧନୁଯାତ୍ରା ପଡିଆ, ସମୟ: ସନ୍ଧ୍ୟା ୬ଟା।

## ଝାରସୁଗୁଡ଼ା

- ହନୁମାନଙ୍କ ଚାଳିଶା ପାଠ ଏବଂ ପଞ୍ଚ ଉପଚାର ପୂଜା, ସ୍ଥାନ:ସାହାପଡା ହନୁମାନ ମନ୍ଦିର, ସମୟ:ସକାଳ ୮ଟା।
- ବିପିଏମ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ, ସ୍ଥାନ:ଭଉଁରଖୋଲ ହାଇସ୍କୁଲ, ସମୟ:ପୂର୍ବାହ୍ନ ୧୦ଟା।
- ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଦ୍ୱାରା ଶିଳାନ୍ୟାସ କାର୍ଯ୍ୟକ୍ରମ, ସ୍ଥାନ:ଝରିଆନାଳା, ଝାରସୁଗୁଡ଼ା, ସମୟ:ପୂର୍ବାହ୍ନ ୧୦ଟା।
- ପୁରୁଣାବସ୍ତି ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ, ସ୍ଥାନ:ପୁରୁଣା ବସ୍ତି ଉଚ୍ଚ ବିଦ୍ୟାଳୟ, ଝାରସୁଗୁଡ଼ା, ସମୟ:ପୂର୍ବାହ୍ନ ୧୦ଟା।

## ହାତୀ ପାଇଁ ୧୦ ...

ବେଳେ ଅନ୍ୟ ଏକ ଦନ୍ତାହାତୀ କଳମଚୁଆ ପ୍ରବେଶ କରିବା ପରେ ସେଠାରୁ ଗ୍ରାମବାସୀ ଘଉଡାଇବାରୁ ହାତୀଟି ପଚ୍ଚାଗଡିଆ, କାଳିଆଗଡିଆ, ଶାଳଗଡିଆ କୁପାରୀ ଦେଇ ଖଇରା ଅଞ୍ଚଳକୁ ପ୍ରବେଶ କରିଥିଲା। ସକାଳ ହେବା ବେଳକୁ ହାତୀ ନଟାପଡା, ଶାଳବଣି, ବଟେଶ୍ୱର ଦେଇ କଣ୍ଟାପଡା ଶାସନରେ ପହଞ୍ଚିଥିଲା। ସେଠାରୁ ସୋର-କୁପାରୀ ରାସ୍ତାରେ ପ୍ରବଳ ଜନଗହଳି ଯୋଗୁ ହାତୀ ଅଣନିଃଶ୍ୱାସୀ ହୋଇ ଲୋକଙ୍କ ଉପରେ ପାଲଟା ଆକ୍ରମଣ କରିବା ଆରମ୍ଭ କରି ଦେଇଥିଲା। ସୁଣ୍ଡିରା ଗ୍ରାମରେ ପାଟିତୁଣ୍ଡ ଶୁଣି ହାତୀ ଦେଖିବାକୁ ଆସୁଥିବା ବେଳେ ସୁଣ୍ଡିରା ପଞ୍ଚାୟତ ସମ୍ମୁଖରେ ହାତୀ ସୁରେନ୍ଦ୍ର ଦାସଙ୍କୁ କଂକ୍ରିଟ ରାସ୍ତା ଉପରେ କଚାଡି ମାରି ଦେଇଥିଲା ଓ ଅନ୍ୟ ୨ଜଣଙ୍କୁ ଆହତ କରିଥିଲା। ହାତୀର ଗତିବିଧିକୁ ଲକ୍ଷ୍ୟ କରି ମହତୀପୁର ଓ ସୁଣ୍ଡିରା ପଞ୍ଚାୟତର ସମସ୍ତ ୧୦ଟି ବିଦ୍ୟାଳୟକୁ ବନ୍ଦ ଘୋଷଣା କରାଯାଇଥିଲା। ସୁଣ୍ଡିରାରେ ବିଭୀଷିକା ଘଟାଇ ହାତୀଟି ନୂଆସାହି, ଅଣ୍ଡାଇଲୋ ଗ୍ରାମଦେଇ ନନ୍ଦୁର ପଞ୍ଚାୟତର ଆମ୍ବବନ୍ଧ ବଣ ଭିତରେ ପଶିଯାଇ ସନ୍ଧ୍ୟା ପର୍ଯ୍ୟନ୍ତ ବାହାରି ନ ଥିଲା। ବିଭାଗ ନିଆଁ ଜାଳିବା ସହ ବାଣ ଫୁଟାଇ ହାତୀ ଘଉଡାଇବାକୁ ଉଦ୍ୟମ ଜାରି ରଖିଛି।

## ଆହୁରି ୭ଦିନ ...

ପର୍ଯ୍ୟନ୍ତ ଏପରି ଥଣ୍ଡା ଲାଗି ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଜାରି କରାଯାଇଛି। ଆସନ୍ତା ଦୁଇଦିନ ଅର୍ଥାତ୍ ଶନିବାର ଓ ରବିବାର ସୁନ୍ଦରଗଡ଼, ଝାରସୁଗୁଡା, ସମ୍ବଲପୁର ଏବଂ କନ୍ଧମାଳ ଜିଲାରେ ପ୍ରବଳ ଥଣ୍ଡା ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏଥିସହ ସୁନ୍ଦରଗଡ଼, ଝାରସୁଗୁଡା, ସମ୍ବଲପୁର, କୋରାପୁଟ, କନ୍ଧମାଳ ଏବଂ କଳାହାଣ୍ଡି ଜିଲାରେ ଘନ କୁହୁଡି ନେଇ ସତର୍କ କରାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆହାର ଛାଟ**
**ଜଗି ନ ରହିଲେ ଯମର ଭେଟ ।**

ଆହାର ବା ଖାଦ୍ୟ ଶରୀର ନିର୍ବାହ ପାଇଁ ଆବଶ୍ୟକ। ଏହା ଦେହକୁ କ୍ରିୟାଶୀଳ କରି କାର୍ଯ୍ୟ କରିବାକୁ ଶକ୍ତି ଯୋଗାଏ। ସାଧାରଣତଃ ଲୋକମାନେ ଜିହ୍ୱା ଲାଳସାରେ ଅନେକ ପ୍ରକାର ଖାଦ୍ୟ ଖାଇଦିଅନ୍ତି। ଖାଦ୍ୟର ଉପକାରୀ ଗୁଣ ସହ ଅପକାରୀ ଗୁଣ ମଧ୍ୟ ରହିଛି। ଖାଦ୍ୟର ଗୁଣ, ତତ୍ତ୍ୱ ଓ ପରିମାଣ ବିଚାର ନ କଲେ ଶରୀର ଅସୁସ୍ଥ ହୋଇ ମୃତ୍ୟୁମୁଖରେ ପଡ଼ିବାର ମଧ୍ୟ ସମ୍ଭାବନା ରହୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆଗେ ନ ବୁଝି ପଛେ ଭାଳ,**
**ପଛେ ଦେଖିବୁ କୁଟା ପାଳ ।**

ବୁଝି ବିଚାରି କାମ ନ କଲେ ପଛରେ ଅନୁତାପ କରିବା ହିଁ ସାର ହୋଇଥାଏ। ନେଡ଼ିଗୁଡ଼ କହୁଣି କୁ ବୋହିଯିବା ଭଳି ପଛରେ ଭାଳି ହେଲେ ଆଉ କିଛି ଲାଭ ମିଳି ନ ଥାଏ। ତେଣୁ ପ୍ରତ୍ୟେକ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ତା'ର ଭଲ ମନ୍ଦ ଦିଗ ପ୍ରତି ଧ୍ୟାନ ଦିଆଯିବା ଉଚିତ୍ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ବାଂଲାଦେଶରେ ଭାରତ ...

ପ୍ରତିଶ୍ରୁତି ଦେଇଛନ୍ତି। ବାହାରରୁ ଆସିଥିବା ତତ୍ତ୍ୱ ଦେଶରେ ଭିଡ଼ହିଂସା ଭିଆଉଥିବା ଦର୍ଶାଇ ଏହାକୁ ବରଦାସ୍ତ କରାଯିବ ନାହିଁ ବୋଲି ୟୁନୁସ୍ ଏକ ଟେଲିଭିଜନ୍ ବାର୍ତ୍ତାରେ କହିଛନ୍ତି।

ଏହି ଘଟଣା ପରେ ୧୭୩ ନିୟୁତ ଜନସଂଖ୍ୟା ବିଶିଷ୍ଟ ବାଂଲାଦେଶରେ ଭାରତ ବିରୋଧୀ ମନୋଭାବ ତେଜିବାରେ ଲାଗିଥିବାବେଳେ ସଂଖ୍ୟାଲଘୁ ହିନ୍ଦୁମାନଙ୍କୁ ଟାର୍ଗେଟ କରାଯାଉଛି। ଗୁରୁବାର ରାତିରେ ମିମେସିଂ ସହରରେ ଉତ୍ୟକ୍ତ ଲୋକେ ଦୀପୁ ଚନ୍ଦ୍ର ଦାସ ନାମକ ଜଣେ ଯୁବକଙ୍କୁ ଗଛରେ ବାନ୍ଧି ପିଟି ପିଟି ହତ୍ୟା କରିବା ପରେ ତାଙ୍କ ମୃତଦେହରେ ନିଆଁ ଲଗାଇ ଜାଳି ଦେଇଛନ୍ତି। ବିକ୍ଷୋଭକାରୀମାନେ ରାଜଶାହିସ୍ଥିତ ଭାରତୀୟ ମିଶନକୁ ଶୋଭାଯାତ୍ରା କରି ଟେକାମାଡ଼ ଓ ଭଙ୍ଗାରୁଜା କରିବାରୁ ସେଠାରେ ଥିବା ୨ଟି ଭିଜା ଆପ୍ଲିକେଶନ୍ ସେଣ୍ଟରରେ ଅପରେଶନ୍ ବନ୍ଦ କରିଦିଆଯାଇଛି। କାରୱା ବାଜାରସ୍ଥିତ ପ୍ରଥମ ଆଲୋ ଏବଂ ଡେଲି ଷ୍ଟାର ନାମକୁ ୨ଟି ଖବରକାଗଜ ଅଫିସରରେ ନିଆଁ ଲଗାଇ ଦେଇଛନ୍ତି। ସ୍ଥିତିକୁ ଦୃଷ୍ଟିରେ ରଖି ବାଂଲାଦେଶ ସେନା, ସଶସ୍ତ୍ର ବଳ ବାଟାଲିୟନ୍ (ଏଏଫ୍‌ବି) ଏବଂ ପୋଲିସ ମୁତୟନ କରାଯାଇଛି।

## ପ୍ରତିଦିନ ଓଡ଼ିଶାରୁ ...

ଅନୁମୋଦନଠାରୁ ମନଇଚ୍ଛା ଖଣିଜ ପଦାର୍ଥ ଉତ୍ତୋଳନ କରିବା ସହ ସେହି ଅନୁସାରେ ଷ୍ଟାମ୍ପ ଡ୍ୟୁଟି ଏବଂ ରେଜିଷ୍ଟ୍ରେଶନ ଫି ଦେବା ପରିବର୍ତ୍ତେ ଏହା ବିରୋଧରେ ହାଇକୋର୍ଟରେ ରିଟ୍ ପିଟିଶନ ଦାୟର କରିଛନ୍ତି। ଫଳରେ କୋର୍ଟରେ ମାମଲା ଥିବାବେଳେ ଏହି କେତୋଟି କମ୍ପାନୀଠାରୁ ଓଡ଼ିଶା ସରକାର ପାଇବାକୁ ଥିବା ଷ୍ଟାମ୍ପ ଡ୍ୟୁଟି ବାବଦକୁ ୨୩୪ କୋଟି ୫୧ ଲକ୍ଷ ୧୩ ହଜାର ୪୧୭ ଟଙ୍କା ଏବଂ ରେଜିଷ୍ଟ୍ରେଶନ ଫି' ବାବଦ ୯୩ କୋଟି ୮୦ ଲକ୍ଷ ୪୫ ହଜାର ୩୬୭ ଟଙ୍କା ଏହିପରି ମୋଟ୍ ୩୨୮ କୋଟି ୩୧ ଲକ୍ଷ ୫୮ ହଜାର ୭୮୪ ଟଙ୍କା ହରାଇଛନ୍ତି। କେବେ ଏ ସମ୍ପର୍କିତ ମାମଲାର ଚୂଡ଼ାନ୍ତ ଶୁଣାଣି ହେବ ଏବଂ କେବେ ସରକାର ତାଙ୍କ ନ୍ୟାଯ୍ୟ ରାଜସ୍ୱ ବାବଦ ଅର୍ଥ ପାଇବେ ତାକୁ ନେଇ ସନ୍ଦେହ ଦେଖାଦେଇଛି। ଏହି ହାତଗଣତି କେତୋଟି କମ୍ପାନୀ ସରକାରଙ୍କ ନିଷ୍ପତ୍ତି ବିରୋଧରେ ଖଣି ଉତ୍ତୋଳନକରି କୋର୍ଟକୁ ଯିବା ପରେ ସେହି ବାହାନାରେ ରାଜ୍ୟରେ ଖଣିଜ ପଦାର୍ଥ ଉତ୍ତୋଳନ କରୁଥିବା ଆହୁରି ବହୁ କମ୍ପାନୀକୁ ଏହା ସୁହାଇଯାଇଛି। କାରଣ ସେମାନେ ମଧ୍ୟ ଧାର୍ଯ୍ୟ ଲକ୍ଷ୍ୟଠାରୁ ଅଧିକ ଖଣିଜ ପଦାର୍ଥ ଉତ୍ତୋଳନକରି ସେ ସମ୍ବନ୍ଧିତ ଅଧିକ ଷ୍ଟାମ୍ପ ଡ୍ୟୁଟି ଓ ରେଜିଷ୍ଟ୍ରେଶନ ଫି' ନ ଦେଇ ମାମଲା କୋର୍ଟରେ ଥିବା କହି ରାଜ୍ୟକୁ ମିଳିବାକୁ ଥିବା ରାଜସ୍ୱ ଫାଙ୍କି ସେହି ଟଙ୍କା ସବୁ ନିଜ ପକେଟରେ ପୂରାଇବାରେ ଲାଗିଛନ୍ତି। ଜଣେ ବରିଷ୍ଠ ଖଣି ଅଧିକାରୀଙ୍କ ସୂଚନା ମୁତାବକ, ମାମଲା କୋର୍ଟରେ ଥିବାବେଳେ ବାସ୍ତବରେ ଏବେ ଖଣି ପଟ୍ଟାଧାରୀମାନେ ଦୈନିକ କେତେ ଅଧିକ ଖଣିଜ ପଦାର୍ଥ ଉତ୍ତୋଳନ କରୁଛନ୍ତି ତା'ର ଠିକ୍ ତଥ୍ୟ ମଧ୍ୟ ବର୍ତ୍ତମାନ ସରକାର ରଖିବାରେ ବିଫଳ ହେଉଛନ୍ତି। ଫଳରେ ଅନେକ ହଜାର କୋଟି ଟଙ୍କାର ଖଣିଜ ପଦାର୍ଥ ରାଜ୍ୟରୁ ଏହି ବାଟରେ ପ୍ରତିଦିନ ଚୋରି ହେବାରେ ଲାଗିଛି।

ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା ଗତ ୪ ତାରିଖରେ ବିଧାନସଭାରେ ରଖିଥିବା ଉତ୍ତର ଅନୁଯାୟୀ, ଯୋଡ଼ା ଇଷ୍ଟ ଆଇରନ ମାଇନ୍ସରୁ ଅଧିକ ଖଣିଜ ପଦାର୍ଥ ଉତ୍ତୋଳନ ବାବଦରେ ଟାଟା ଷ୍ଟିଲ୍ ଲିମିଟେଡ୍ ୪୯ କୋଟି ୪୦ ଲକ୍ଷ ୧୭ ହଜାର ୫୦୦ ଟଙ୍କା ଷ୍ଟାମ୍ପ ଡ୍ୟୁଟି ଏବଂ ୧୯ କୋଟି ୭୬ ଲକ୍ଷ ୦୭ ହଜାର ଟଙ୍କାର ରେଜିଷ୍ଟ୍ରେଶନ ଫି' ବାବଦ ଅର୍ଥ ବକେୟା ରଖିଛି। ସେହିପରି କତାମାଟି ଆଇରନ ମାଇନ୍ସରୁ ଟାଟା ଷ୍ଟିଲ୍ ଲିମିଟେଡ୍ ଷ୍ଟାମ୍ପ ଡ୍ୟୁଟି ବାବଦକୁ ୬୧ କୋଟି ୪୮ ହଜାର ୨୭ ଲକ୍ଷ ୫୮୮ ଟଙ୍କା ଏବଂ ରେଜିଷ୍ଟ୍ରେଶନ ଫି ୨୪ କୋଟି ୫୯ ଲକ୍ଷ ୩୧ ହଜାର ୦୩୫ ଟଙ୍କା, ଇନ୍ଦ୍ରାଣୀ ପଟ୍ଟନାୟକ ଷ୍ଟାମ୍ପ ଡ୍ୟୁଟି ୩୯ କୋଟି ୦୩ ଲକ୍ଷ ୨୮ ହଜାର ୩୬୫ ଟଙ୍କା ଏବଂ ରେଜିଷ୍ଟ୍ରେଶନ ଫି ୧୫ କୋଟି ୬୧ ଲକ୍ଷ ୩୧ ହଜାର ୩୪୬ ଟଙ୍କା, ଟାଟା ଷ୍ଟିଲ୍ ତିରିଙ୍ଗ ପାହାର ମାଇନିଂ ବାବଦରେ ଷ୍ଟାମ୍ପ ଡ୍ୟୁଟି ୩ କୋଟି ୨୬ ଲକ୍ଷ ୫୮ ହଜାର, ୮୧୮ ଟଙ୍କା ଓ ରେଜିଷ୍ଟ୍ରେଶନ ଫି ୧ କୋଟି ୩୦ ଲକ୍ଷ ୬୩ ହଜାର ୫୨୮ ଟଙ୍କା, ବାମେବାରୀ ମାଇନିଂ ବାବଦରେ ଟାଟା ଷ୍ଟିଲ୍ ଷ୍ଟାମ୍ପ ଡ୍ୟୁଟି ୩ କୋଟି ୭୮ ଲକ୍ଷ ୩୬ ହଜାର ୨୨୩ ଟଙ୍କା ଓ ରେଜିଷ୍ଟ୍ରେଶନ ଫି ୧ କୋଟି ୫୧ ଲକ୍ଷ ୩୪ ହଜାର ୪୮୯ ଟଙ୍କା, ଖଣ୍ଡାବନ୍ଧ ମାଇନିଂ ବାବଦକୁ ଟାଟା ଷ୍ଟିଲ୍ ଷ୍ଟାମ୍ପ ଡ୍ୟୁଟି ୬୭ କୋଟି ୮୪ ଲକ୍ଷ ୫୦ ହଜାର ୭୦୦ ଟଙ୍କା ଓ ରେଜିଷ୍ଟ୍ରେଶନ ଫି ୨୭ କୋଟି ୧୩ ଲକ୍ଷ ୮୦ ହଜାର ୨୮୦ ଟଙ୍କା, ଯୋଡ଼ା ୱେଷ୍ଟ ମାଇନିଂ ବାବଦରେ ଟାଟା ଷ୍ଟିଲ୍ ଲିମିଟେଡ୍ ଷ୍ଟାମ୍ପ ଡ୍ୟୁଟି ୯ କୋଟି ୬୯ ଲକ୍ଷ ୯୪ ହଜାର ୨୨୩ ଟଙ୍କା ଓ ରେଜିଷ୍ଟ୍ରେଶନ ଫି' ୩ କୋଟି ୮୭ ଲକ୍ଷ ୯୭ ହଜାର ୬୮୯ ଟଙ୍କା ସରକାରଙ୍କୁ ଦେବାକୁ ରହିଛି। ଏହି କେତୋଟି ସଂସ୍ଥା କୋର୍ଟରେ ମାମଲା କରିଥିବା ନେଇ ସରକାର ବିଧାନସଭାରେ ତଥ୍ୟ ରଖିଛନ୍ତି, ହେଲେ ଏମାନଙ୍କ ବାଟରେ ଆଉ କେତେ ଖଣି କମ୍ପାନୀ ଏପରି ରାଜସ୍ୱ ଟଙ୍କା ବକେୟା ରଖି କୋର୍ଟ ନିଷ୍ପତ୍ତି ଆସିବା ଅପେକ୍ଷାରେ ସରକାରଙ୍କୁ ଠକି ଚାଲିଛନ୍ତି ସେକଥା ସାମ୍ନାକୁ ଅଣାଯାଉ ନାହିଁ। ରାଜ୍ୟ ଆଡଭୋକେଟ୍ ଜେନେରାଲ ଅଫିସ୍ ଏହି ମାମଲାକୁ ନେଇ ଯେମିତି କୋର୍ଟରେ ଲଢ଼ିବା କଥା ଜାଣିଶୁଣି ତାହା ନ କରି ଆନ୍ତରିକତାର ଅଭାବ ଦେଖାଉଛନ୍ତି, ଯେଉଁଥିଲାଗି ପ୍ରତିଦିନ ରାଜ୍ୟ ରାଜକୋଷର କ୍ଷତି ହୋଇଚାଲିଛି।

ସୂଚନାଯୋଗ୍ୟ, ରାଜ୍ୟରେ ଅଦ୍ୟାବଧି ୩୮୭ଟି ଖଣି ଅବଧି ଏବେ ବଳବତ୍ତର ରହିଛି। ସେଥିମଧ୍ୟରୁ ୨୦୪ଟି ଖଣି କାର୍ଯ୍ୟକ୍ଷମ ଥିବାବେଳେ ବିଭିନ୍ନ କାରଣ ଯୋଗୁ ୧୮୩ଟି କାର୍ଯ୍ୟକ୍ଷମ ନାହିଁ। ଖଣି ପଟ୍ଟାଧାରୀମାନେ ସେମାନଙ୍କ ଖଣିରୁ ଖଣିଜ ପଦାର୍ଥ ଉତ୍ତୋଳନକରିବା ସହ ଖଣି ଓ ଖଣିଜ ଅଧିନିୟମ ୨୦୧୬ ଅନୁଯାୟୀ ଖଣି ଅଞ୍ଚଳରେ ସର୍ବେକ୍ଷଣ ଅନୁସନ୍ଧାନ କରିବାର ବିଧି ରହିଛି। ଲିଜ୍‌ଧାରୀମାନେ ତାଙ୍କର ଖଣି ଅଞ୍ଚଳର ମାଇନିଂ ପ୍ଲାନ୍ ଏବଂ ସ୍କିମ୍‌ରେ ଉତ୍ପାଦନ କ୍ଷମତା ବୃଦ୍ଧି କରିବାକୁ ଚାହିଁଲେ ଇଣ୍ଡିଆନ ବ୍ୟୁରୋ ଅଫ୍ ମାଇନ୍ସ(ଆଇବିଏମ୍)ଙ୍କ ଠାରୁ ଅନୁମୋଦନ ନେବା ଜରୁରୀ। ମାତ୍ର ତାହା ମଧ୍ୟ ସେମାନେ ଠିକ୍ ଭାବେ କରୁ ନ ଥିବା ଜଣାପଡ଼ିଛି।

## ଶାସନ, ସେବାକୁ ...

କୃତ୍ରିମ ବୁଦ୍ଧିମତ୍ତା ମିଶନ ପୋର୍ଟାଲର ଲୋକାର୍ପଣ କରିଥିଲେ। ଏହି ଅବସରରେ ମନ୍ତ୍ରୀ ମହାଲିଙ୍ଗ କହିଲେ, ସୁଭଦ୍ରା ଯୋଜନାର ସଫଳ ରୂପାୟନ ପାଇଁ ଏଆଇର ମଡ୍ୟୁଲ ଟୁଲ୍ ବ୍ୟବହାର କରାଯିବ। ଏବେ ଏହାକୁ ସୁଭଦ୍ରା ଯୋଜନା ଓ ଧାନକିଣାରେ ପରୀକ୍ଷାମୂଳକ ଭାବେ କାର୍ଯ୍ୟକାରୀ କରାଯାଇଛି। ସୁଭଦ୍ରା ଯୋଜନାରେ ମିଳିଥିବା ଅର୍ଥ କେଉଁ କ୍ଷେତ୍ରରେ ବ୍ୟବହାର କରାଯିବ, କେମିତି ମନିଟର ହେବ, କେଉଁ ବୟସର କେତେ ହିତାଧିକାରୀ ରହିଛନ୍ତି ଏହାର ତଥ୍ୟ ମିଳିପାରିବ। ଏଥିସହ ସରକାରଙ୍କ ସମସ୍ତ ଲୋକାଭିମୁଖୀ ଯୋଜନାର ସଫଳ ରୂପାୟନ ଓ ତୃଣମୂଳସ୍ତରରେ ଯୋଜନା କାର୍ଯ୍ୟକାରୀ କରିବାରେ ଏଆଇର ସହାୟତା ନିଆଯିବ। ସ୍କୁଲ ପାଠ୍ୟକ୍ରମରେ ଏଆଇ ଉପରେ ସ୍ୱତନ୍ତ୍ର ଚାପ୍ଟର ରଖିବାକୁ ଯୋଜନା କରାଯାଉଛି। ରାଜ୍ୟ ସରକାରଙ୍କ ୪୧ଟି ବିଭାଗରେ ଏଆଇକୁ କାର୍ଯ୍ୟକାରୀ କରାଯିବ। ପ୍ରାରମ୍ଭିକ ଭାବେ ଶିକ୍ଷା, ସ୍ୱାସ୍ଥ୍ୟ, ବିପର୍ଯ୍ୟୟ ପରିଚାଳନା ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ ଓ ସଂସଦୀୟ ବ୍ୟପାର ବିଭାଗରେ ଏହାକୁ ବ୍ୟବହାର କରାଯିବ। ଭାରତ ଏଆଇ ଇମ୍ପାକ୍ଟ ଶିଖରର ନୀତି -୩ ସୂତ୍ର ଏବଂ ୭ ଚକ୍ର ସହିତ ସମ୍ମିଳନୀର ସମନ୍ୱୟ ଉପରେ ମନ୍ତ୍ରୀ ଆଲୋକପାତ କରି କହିଲେ, ଏହି ନୀତିଗୁଡ଼ିକୁ ମାନବ ପୁଞ୍ଜି, ଅନ୍ତର୍ଭୁକ୍ତି, ବିଶ୍ୱାସ, ସ୍ଥିରତା, ବିଜ୍ଞାନ, ସମ୍ବଳ ଏବଂ ସାମାଜିକ ମଙ୍ଗଳକୁ ନେଇ ବହୁପାକ୍ଷିକ କାର୍ଯ୍ୟର ଦୃଢ଼ତା କ୍ଷେତ୍ରରେ ପରିଣତ କରିଥାଏ। ଏପରି ଆଞ୍ଚଳିକ ଏଆଇ ସମ୍ମିଳନୀ ଓଡିଶା ସହ ଅନ୍ୟ ୭ଟି ରାଜ୍ୟରେ ଅନୁଷ୍ଠିତ ହେଉଥିବା ମନ୍ତ୍ରୀ ସୂଚନା ଦେଇଥିଲେ।

ମୁଖ୍ୟ ସଚିବ ମନୋଜ ଆହୁଜା କହିଲେ, ନୀତିଗତ ଏବଂ ଉତ୍ତରଦାୟୀ ଭାବେ କୃତ୍ରିମ ବୁଦ୍ଧିମତ୍ତାର ବ୍ୟବହାର ଅଧିକ ଆବଶ୍ୟକ। ଆମକୁ ଏଆଇ କର୍ମଶାଳାରୁ କାର୍ଯ୍ୟ ପ୍ରତି ଧ୍ୟାନ ଦେବାକୁ ପଡିବ। ଫଳରେ ଭବିଷ୍ୟତରେ କୃତ୍ରିମ ବୁଦ୍ଧିମତ୍ତା ନିଶ୍ଚିତ ରୂପେ ସାର୍ବଜନୀନ ଭିତ୍ତିଭୂମି ସହିତ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିବ ବୋଲି ସେ କହିଥିଲେ । ବିଭାଗର ପ୍ରମୁଖ ସଚିବ ବିଶାଳ ଦେବ କହିଲେ, ଏଆଇଚାଳିତ ଅଭିବୃଦ୍ଧି ଏବଂ ବିକାଶ ପାଇଁ ଓଡ଼ିଶା ପ୍ରତିବଦ୍ଧ। ଏଥିସହ ସେ ଏଆଇ କ୍ଷେତ୍ରରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସହଭାଗିତା ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମିଳନୀରେ ଭାରତ ସରକାରଙ୍କ ଏମ୍‌ଇଟିୱାଇର ଯୁଗ୍ମ ସଚିବ ସୁଦୀପ ଶ୍ରୀବାସ୍ତବ, ଇଜିପ୍ଟର ଏଆଇ ଶାସନ ବିଶେଷଜ୍ଞ ଡ. ଅହମ୍ମଦ ହେଫନାୱି ଏବଂ ନୀତି ଫ୍ରଣ୍ଟିୟର୍ ଟେକ୍ ହବ୍‌ର ମୁଖ୍ୟ ସ୍ଥପତି ଦେବଯାନୀ ଘୋଷ ପ୍ରମୁଖ ଯୋଗଦେଇଥିଲେ। ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗର ସ୍ୱତନ୍ତ୍ର ସଚିବ ମାନସ ପଣ୍ଡା ଧନ୍ୟବାଦ ଦେଇଥିଲେ।

## ୧୪ ଲକ୍ଷର ଗାଡ଼ିରେ ...

ଦିଗକୁ ଟିକିନିଖି ଅନୁଧ୍ୟାନ କରାଯିବ ସେଥିପ୍ରତି ଦୃଷ୍ଟିଦେବାକୁ ମନ୍ତ୍ରୀ ନିର୍ଦ୍ଦେଶନାମାରେ ଉଲ୍ଲେଖ କରିଛନ୍ତି। ବିଧାନସଭାର ଜଣେ ପ୍ରମୁଖ ସଦସ୍ୟଙ୍କ ସୂଚନା ଅନୁଯାୟୀ, ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଦୁଇଟି କମ୍ପାନୀର ତିନି ପ୍ରକାର ଗାଡ଼ି କିଣାଯାଇଛି। ସେଥିରେ ତିନୋଟି ମଡେଲର ୧୪୧ ଗାଡ଼ି ରହିଛି। ଏହି ଗାଡ଼ି ଯେଉଁ ଦରରେ ବିଭାଗ ପକ୍ଷରୁ କିଣାଯାଇଛି, ପରବର୍ତ୍ତୀ ପର୍ଯ୍ୟାୟରେ ଏହାକୁ ରିମଡେଲିଂ କରାଯାଇଛି। ଛ'ଟଙ୍କାର ଘୋଡାକୁ ନ' ଟଙ୍କାର ଦାନା ନ୍ୟାୟରେ ଗାଡ଼ି ଗୋଟାକ ୧୪ଲକ୍ଷ ଟଙ୍କାରେ କିଣାଯାଇଥିବା ବେଳେ ଏଥିରେ ୧୦ଲକ୍ଷ ଟଙ୍କାର ସାଜସଜ୍ଜା ଖର୍ଚ୍ଚ ଯୋଡ଼ା ଯାଇଛି। ତେବେ କଥାଟା କେବଳ ଗାଡ଼ି କିଣିବା କିମ୍ବା ମଡେଲିଂରେ ରହିନାହିଁ। ବିଭାଗୀୟ ଅଧିକାରୀମାନେ ଗାଡ଼ି କିଣିବା ବେଳେ ଚତୁରତାର ସହ 'ସ୍ପ୍ଲିଟ୍ ନୀତି'ରେ ଗାଡ଼ି କିଣିଛନ୍ତି। ଗାଡ଼ି କିଣା ବାବଦକୁ ୨୮କୋଟି ଟଙ୍କା ଖର୍ଚ୍ଚ ହୋଇଥିଲେ ହେଁ ଏହାକୁ ତିନୋଟି ପର୍ଯ୍ୟାୟରେ କିଣାଯାଇଛି। ଏହାବାଦ୍ ଗାଡ଼ି ସଂଗ୍ରହ ସମୟରେ କମ୍ପାନୀ ପକ୍ଷରୁ 'ସ୍ୱତନ୍ତ୍ର ଅଫର' ରହିଥିଲା । ତେଣୁ ଏହି ଫାଇଲ ବିଭାଗୀୟ ମନ୍ତ୍ରୀଙ୍କ ପାଖକୁ ଯାଇ ନ ଥିଲା ବୋଲି ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଦ୍ରବ୍ୟ ସଂଗ୍ରହ ନୀତି ତଥା ସରକାରଙ୍କ ନିୟମ ଅନୁଯାୟୀ, ୧୦ କୋଟି ଟଙ୍କାରୁ ଅଧିକ କାର୍ଯ୍ୟରେ ବିଭାଗୀୟ ମନ୍ତ୍ରୀଙ୍କ ଅନୁମତି ଆବଶ୍ୟକ। ମାତ୍ର ଏହିସବୁ ଗାଡ଼ି କିଣାବେଳେ ସେସବୁକୁ ଗୁରୁତ୍ୱ ଦିଆଯାଇ ନାହିଁ। ତେବେ ଏତେଦିନ ପରେ କଥା ଲୋକଲୋଚନକୁ ଆସିବାର କାରଣ ହେଲା, ବିଭାଗ ପକ୍ଷରୁ ଏତେ ସଂଖ୍ୟକ ଗାଡ଼ି କିଣାଯାଇଥିଲେ ହେଁ ବିଭାଗୀୟ ମନ୍ତ୍ରୀ କିମ୍ବା ମୁଖ୍ୟମନ୍ତ୍ରୀ ଏହାର ଉଦ୍‌ଘାଟନ କରିନାହାନ୍ତି। ଆଳୁ ଖୋଳୁ ଖୋଳୁ ମହାଦେବ ନ୍ୟାୟରେ ଏବେ ଏହାର ଟିକିନିଖି ତଦନ୍ତ ଲାଗି ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ବିଧାନସଭାର ପ୍ରମୁଖ ସଦସ୍ୟ ଜଣକ ଅଭିଯୋଗରେ କହିଛନ୍ତି। ତେବେ ବିଭାଗରେ ଦୁର୍ନୀତି ଅଭିଯୋଗକୁ ବରଦାସ୍ତ ନ କରି ମନ୍ତ୍ରୀ ଯେଉଁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ତାହା କି ପ୍ରକାର ନିର୍ଯ୍ୟାସ ଆଣୁଛି ତାହା ଉପରେ ସମସ୍ତଙ୍କ ନଜର ରହିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଘରର ଅସଜଡା ପରିସ୍ଥିତିକୁ ସଜାଡ଼ିବାକୁ ଯାଇ ମାନସିକ ସ୍ଥିତି ବିକ୍ଷିପ୍ତ ରହିବ। ଭ୍ରିଜା ନକ୍ଷତ୍ରର ଗତକାଲିର ଟେନ୍‌ସନ ଆଜି କମିଯାଇପାରେ। ଜମିଜମା, ପୁରାତନ ଗାଡ଼ି ପ୍ରଭୃତି କ୍ରୟ ବିକ୍ରୟ କ୍ଷେତ୍ରରେ ପରିବାରରୁ ପୂର୍ଣ୍ଣ ସମର୍ଥନ ପାଇବେ ନାହିଁ। କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ସହ ଯୁକ୍ତିତର୍କଠାରୁ ଦୂରେଇ ରହିବା ଭଲ।

**ବୃଷ** – ଆପଣଙ୍କ ଉତ୍ତମ ଚିନ୍ତାଧାରା ଓ ସୁସଂଯତ କାର୍ଯ୍ୟଶୈଳୀ ଯୋଗୁ ବନ୍ଧୁ ଗହଣରେ ପ୍ରଶଂସିତ ହେବେ। ପରିବାର ସଦସ୍ୟଙ୍କ ନିକଟରେ ମନର ଦୁଃଖକୁ ଲୁଚାଇ ହସି ହସି କଥା କହିବାକୁ ବାଧ୍ୟ ହେବେ। ଗତକାଲିଠାରୁ ଭାବୁଥିବା କାମଟି ଆଜି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହେବ। ମୃଗଶିରା ନକ୍ଷତ୍ର ପରିବହନ, ବାଣିଜ୍ୟ, ଶିଳ୍ପ ଓ ଏଜେନ୍ସିପରୁ ଖୁସି ରହିପାରନ୍ତି।

**ମିଥୁନ** – କର୍ମକ୍ଷେତ୍ରରେ ପଦାଧିକାରୀଙ୍କ ପୃଷ୍ଠପୋଷକତା ଲାଭକରି ଅଭିଳାଷ ପୂରଣ କରିପାରିବେ। ଆର୍ଥିକ ଅଭିବୃଦ୍ଧି ଘଟିଲେ ମଧ୍ୟ କେତେକ କ୍ଷେତ୍ରରେ ପରିସ୍ଥିତି ଆପଣଙ୍କୁ ଯେସାକୁ ତେସା ନୀତିରେ କାମ କରିବାକୁ ବାଧ୍ୟ କରିପାରେ। ପୁନର୍ବସୁ ନକ୍ଷତ୍ରକୁ ପ୍ରତ୍ୟେକ କ୍ଷେତ୍ରରେ ବିଭିନ୍ନ ପ୍ରକାର ସମସ୍ୟା ମଧ୍ୟ ଦେଇ ଚଳିବାକୁ ପଡ଼ିବ।

**କର୍କଟ** – ବନ୍ଧୁଙ୍କୁ ସାହାଯ୍ୟ କରିବାକୁ ଯାଇ ପରିଶ୍ରମଜନିତ ସ୍ୱାସ୍ଥ୍ୟ ହାନି ଘଟିପାରେ। ପାରିବାରିକ ସ୍ଥିତି ଭଲ ରହିବା ସହ ସାମାଜିକ ସ୍ତରରେ ଆଦର ପାଇବେ। ଆଲୋଚନା ସମୟରେ ସାଧାରଣ କଥାକୁ କେନ୍ଦ୍ରକରି ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି। ସାହିତ୍ୟକୃତି ତଥା ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ ଏବଂ ଆନୁଷ୍ଠାନିକ କାମରୁ ପ୍ରଶଂସିତ ହେବେ।

**ସିଂହ** – ଆର୍ଥିକ ସ୍ୱଚ୍ଛଳତା ରହିବାରୁ ମାନସିକ ସ୍ଥିରତା ଆସିବ। ପ୍ରତ୍ୟେକ କ୍ଷେତ୍ରରେ ଜଗି ରଖି ନ ଚଳିଲେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ବନ୍ଧୁଙ୍କ ପ୍ରରୋଚନାରେ ଧର୍ମଚର୍ଚ୍ଚା ପ୍ରତି ମନ ବଳିବାର ଶୁଭସୂଚନା ରହିଛି। ଉତ୍ତରାଫାଲଗୁନୀ ନକ୍ଷତ୍ର ଭୁଲ୍‌ବୁଝାମଣା କାରଣରୁ ପରିବାରରେ ସ୍ତ୍ରୀଙ୍କ ସହ ମନୋମାଳିନ୍ୟ ଘଟିପାରେ।

**କନ୍ୟା** – ହସ୍ତା ନକ୍ଷତ୍ରର ପାରିବାରିକ ଜୀବନରେ ଉଚିତ ବୁଝାମଣା ହେତୁ ସମସ୍ୟା ନିୟନ୍ତ୍ରିତ ରହିପାରେ। ବନ୍ଧୁମାନେ ସହଯୋଗର ପ୍ରତିଶ୍ରୁତି ଦେଇ କାମ ବେଳକୁ ଦେଖାଦେବେ ନାହିଁ। ଆଇନ ଅଦାଲତରୁ ସୁଫଳ ପାଇବେ ଏବଂ ଦୀର୍ଘ ଦିନର ସମସ୍ୟା ସମାଧାନ ହେବ। ବ୍ୟବସାୟରେ ପ୍ରତିକୂଳ ପରିସ୍ଥିତି ଯୋଗୁ ମାନସିକ ସ୍ଥିତି ଠିକ୍ ରହିବ ନାହିଁ।

**ତୁଳା** – ପାରିବାରିକ ପରିସ୍ଥିତି ପୂର୍ବପରି ରହିବା ଲକ୍ଷ୍ୟ କରିପାରନ୍ତି। ବିଶାଖା ନକ୍ଷତ୍ର ସଭାସମିତିରେ ବନ୍ଧୁ ଗହଣରେ ସହମତିରେ କାମ କଲେ ଲକ୍ଷ୍ୟ ହାସଲ କରିବେ। ଇଚ୍ଛା ନଥିଲେ ମଧ୍ୟ ହାତରୁ ଖାଇ ପର ପାଇଁ ଖଟିବାକୁ ପଡ଼ିପାରେ। ପରିବହନ, ବ୍ୟବସାୟ ତଥା ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବା ହେତୁ ସାମୟିକ ଆନନ୍ଦ ମିଳିବ।

**ବିଛା** – ସମୟୋଚିତ ପଦକ୍ଷେପ ଅଭାବରୁ ହାତ ମୁଠାରୁ ସୁଯୋଗ ଖସିଯାଇପାରେ। ଶିଳ୍ପ ଓ ବାଣିଜ୍ୟରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି। ଅନୁରାଧା ନକ୍ଷତ୍ର ନିଜ ପରିସରରେ ନୀଚ ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହେବେ। ଅଭାବ ନ ଥିଲେ ମଧ୍ୟ ଆବଶ୍ୟକତା ପୂରଣ ପାଇଁ ଧାର ସୂତ୍ରରେ ଅର୍ଥ ଆଣିବାକୁ ପଡ଼ିପାରେ।

**ଧନୁ** – ପୂର୍ବାପେକ୍ଷା ମାନସିକ ଶାନ୍ତିର ଅଭାବ ପରିଲକ୍ଷିତ ହେବ। କର୍ମ ଜଞ୍ଜାଳ ବୃଦ୍ଧି କାରଣରୁ ମାନସିକ ଅସ୍ଥିରତା ସୃଷ୍ଟି ଆଶଙ୍କା ରହିଛି। ପୂର୍ବାଷାଢ଼ା ନକ୍ଷତ୍ର ପାରିବାରିକ କ୍ଷେତ୍ରରେ ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ସରକାରୀ କାମ ଓ କଚେରି ମାମଲାରୁ ସାମାନ୍ୟ ଆଶ୍ୱସ୍ତି ମିଳିପାରେ।

**ମକର** – ମନ ଚାହୁଁଥିଲେ ହେଁ ଆନ୍ତରିକ ଚେଷ୍ଟାର ଅଭାବ ଲକ୍ଷ୍ୟ ପୂରଣରେ ଅନ୍ତରାୟ ସୃଷ୍ଟି କରିବ। ବାଣିଜ୍ୟ ଓ ପରିବହନରେ ପ୍ରତିବନ୍ଧକ ଦେଖାଦେବ। ପରିବାରରେ, ବନ୍ଧୁମେଳରେ ତଥା କର୍ମକ୍ଷେତ୍ରରେ ଶ୍ରବଣା କୃତକାର୍ଯ୍ୟ ହେବେ। ଧନିଷ୍ଠା ନକ୍ଷତ୍ର ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ସାମିଲ୍ କରି ମୂଳ ଲକ୍ଷ୍ୟକୁ ପାସୋରି ଦେଇପାରନ୍ତି।

**କୁମ୍ଭ** – ଅନୁକୂଳ ଗ୍ରହ ପ୍ରଭାବରେ ଆଜି ଯେଉଁ କାମରେ ହାତ ଦେବେ ସେଥିରେ ସଫଳତା ଅବଶ୍ୟମ୍ଭାବୀ। ଶତଭିଷା ନକ୍ଷତ୍ର ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। ଅତିରିକ୍ତ ଭ୍ରମଣ ହେତୁକ ସନ୍ଧ୍ୟାରେ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ପାରିବାରିକ କ୍ଷେତ୍ରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହୋଇପାରନ୍ତି।

**ମୀନ** – କର୍ମକ୍ଷେତ୍ରରେ ସାମାନ୍ୟ ବିଳମ୍ବ ପାଇଁ କୈଫିୟତ୍ ଦେବାକୁ ପଡ଼ିପାରେ। ଶିଳ୍ପ, ବାଣିଜ୍ୟ କିମ୍ବା ପ୍ରତିଯୋଗିତା କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ଆଶଙ୍କା ରହିଛି। ଖଳ ଲୋକଙ୍କ କାନକୁହା କଥାକୁ ବିଶ୍ୱାସ କରି ପାରିବାରିକ ଜୀବନରେ ସମସ୍ୟା ଆସିବ। ଉତ୍ତରଭାଦ୍ର ନକ୍ଷତ୍ର ନିରୁଦ୍ଦିଷ୍ଟ ବ୍ୟକ୍ତି କିମ୍ବା ହଜିଯାଇଥିବା ଜିନିଷର ଖୋଜ ଖବର ପାଇପାରନ୍ତି।

ଆଜି ଡିସେମ୍ବର ୨୦ ତାରିଖ, ଶନିବାର, ଅନ୍ତଃରାଷ୍ଟ୍ରୀୟ ମାନବ ଏକତା ଦିବସ, ସକାଳ ଘ.୦୭।୧୩ ମି. ଗତେ ପୌଷ ଶୁକ୍ଳ ପ୍ରତିପଦା, ରାଶିନକ୍ଷତ୍ର-ମୂଳା/ଧନୁ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୭।୪୬ ଗତେ ଘ.୦୯।୦୨ ମଧ୍ୟେ, ଘ.୧୨।୦୫ ଗତେ ଘ.୦୧।୦୫ ମଧ୍ୟେ ଶୁଦ୍ଧ ଶୁଭ ବେଳା। ସକାଳ ଘ.୦୯।୦୨ ଗତେ ଘ.୦୧।୨୩ ମଧ୍ୟେ ରାହୁ କାଳ।

# ପ୍ରତି ବ୍ଲକ୍‌ରେ ଖୋଲିବ ୨ କଲେଜ

## ବିକଶିତ ଓଡ଼ିଶା ଗଠନରେ ଶୈକ୍ଷିକ ସମାଜର ଭୂମିକା ଗୁରୁତ୍ୱପୂର୍ଣ୍ଣ: ମନ୍ତ୍ରୀ



କର୍ମଶାଳାରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ବିଭାଗର ଅଧିକାରୀମାନେ।

**ଭୁବନେଶ୍ୱର,୧୯।୧୨ (ସୁଚିସ୍ମିତା ସାହୁ)**

ଓଡ଼ିଶାରେ ଉଚ୍ଚଶିକ୍ଷାର ବିକାଶକୁ ନେଇ ଓଡ଼ିଶା ଭିଜନ ଡକ୍ୟୁମେଣ୍ଟ ୨୦୩୬ ଓ ୨୦୪୭ରେ ୪ଟି ପ୍ରମୁଖ ମାନଦଣ୍ଡକୁ ସ୍ଥାନିତ କରାଯାଇଛି। ଉଚ୍ଚଶିକ୍ଷା କ୍ଷେତ୍ରରେ ୨୦୩୬ ମସିହା ସୁଦ୍ଧା ୫୦% ଓ ୨୦୪୭ ସୁଦ୍ଧା ୬୦% ସାମଗ୍ରିକ ଶିକ୍ଷା ଅନୁପାତକୁ ସୁନିଶ୍ଚିତ କରାଯିବ। ଶିକ୍ଷାନୁଷ୍ଠାନଗୁଡ଼ିକରେ ଲିଙ୍ଗଗତ ସମାନତା ଓ ପଛୁଆ ବର୍ଗରୁ ଆସୁଥିବା ଛାତ୍ରୀଛାତ୍ରଙ୍କ ଅନ୍ତର୍ଭୁକ୍ତୀକରଣ ଉପରେ ପ୍ରାଧାନ୍ୟ ଦିଆଯିବ। ସ୍ନାତକ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ଅଧିକରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ପ୍ରତି ବ୍ଲକରେ ୨ଟି ଉଚ୍ଚଶିକ୍ଷାନୁଷ୍ଠାନ (କଲେଜ) ଏବଂ ପ୍ରତି ଜିଲାରେ ଅନ୍ତତଃ ଗୋଟିଏ ବୈଷୟିକ ଗବେଷଣାଭିତ୍ତିକ ବିଶ୍ୱବିଦ୍ୟାଳୟ ସ୍ଥାପନ ହେବ। ୨୦୩୬ ମସିହା ସୁଦ୍ଧା ରାଜ୍ୟର ୨ଟି ଶିକ୍ଷାନୁଷ୍ଠାନକୁ ବିଶ୍ୱର ଶ୍ରେଷ୍ଠ ୫୦୦ ଶିକ୍ଷାନୁଷ୍ଠାନ ମଧ୍ୟରେ ସ୍ଥାନିତ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି।

ଓଡ଼ିଶା ଭିଜନ ଡକ୍ୟୁମେଣ୍ଟ ୨୦୩୬ ଓ ୨୦୪୭ (ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା)କୁ ନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଶ୍ୱବିଦ୍ୟାଳୟ କୁଳପତି, ମହାବିଦ୍ୟାଳୟ ଅଧ୍ୟକ୍ଷ ଓ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକଙ୍କ ପାଇଁ ଶୁକ୍ରବାର ଏକ କର୍ମଶାଳା କୃଷି ଭବନଠାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ସୂରଜ ଯୋଗଦେଇ ବିକଶିତ ଓଡ଼ିଶା ଭିଜନର ଲକ୍ଷ୍ୟ ସାଧନରେ ଉଚ୍ଚଶିକ୍ଷାନୁଷ୍ଠାନଗୁଡିକର ଭୂମିକା ସମ୍ପର୍କରେ କହିଥିଲେ। ସେ କହିଲେ, ଉଚ୍ଚଶିକ୍ଷାନୁଷ୍ଠାନରେ ନାମ ଲେଖାଇବା ପାଇଁ ଏସ୍‌ଇବିସି ବର୍ଗର ଛାତ୍ରୀଛାତ୍ରଙ୍କ ଲାଗି ୧୧.୨୫% ଆସନ ସଂରକ୍ଷଣ ବ୍ୟବସ୍ଥା କରାଯାଇଛି। ଏଥିସହ ରାଜ୍ୟର ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟରେ ଶିକ୍ଷକଙ୍କ ପ୍ରତ୍ୟକ୍ଷ ନିଯୁକ୍ତି ସମୟରେ ଏକକ ସଂରକ୍ଷଣ ପଦ୍ଧତିକୁ ଅନୁସରଣ କରିବା ନିମନ୍ତେ ଓଡ଼ିଶା ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟ (ଶିକ୍ଷକ କ୍ୟାଡ଼ର ସଂରକ୍ଷଣ) ପ୍ରସ୍ତାବକୁ କ୍ୟାବିନେଟର ଅନୁମୋଦନ ମିଳିଛି। ବିଦେଶ ଶିକ୍ଷାବୃତ୍ତି ଯୋଜନା ମାଧ୍ୟମରେ ୧୨ଲକ୍ଷରୁ କମ୍ ଆୟଥିବା ଅନୁସୂଚିତ ଜାତିଓ ଅନୁସୂଚିତ ଜନଜାତି ପରିବାରର ଛାତ୍ରୀଛାତ୍ରଙ୍କୁ ବିଦେଶରେ ପାଠ ପଢିବା ପାଇଁ ବାର୍ଷିକ ସର୍ବାଧିକ ୨୫ ଲକ୍ଷ ଓ ୨ ବର୍ଷରେ ସର୍ବାଧିକ ୫୦ ଲକ୍ଷ ଟଙ୍କାର ଛାତ୍ରବୃତ୍ତି ପ୍ରଦାନ କରିବାର ପ୍ରାବଧାନ ରହିଛି। 'ସମସ୍ତଙ୍କ ପାଇଁ ଶିକ୍ଷା, ସମସ୍ତଙ୍କ ପାଇଁ ଉଚ୍ଚଶିକ୍ଷା' ହେଉଛି ଆମର ଲକ୍ଷ୍ୟ। ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତ ଗଠନ ଲକ୍ଷ୍ୟ ପୂରଣରେ ଆମ ଶୈକ୍ଷିକ ସମାଜ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ମତପ୍ରକାଶ କରିଥିଲେ।

ଉଚ୍ଚଶିକ୍ଷା ବିଭାଗର କମିଶନର ଅରବିନ୍ଦ ଅଗ୍ରୱାଲ ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା ଭିଜନରେ ଉଚ୍ଚଶିକ୍ଷାର ବିକାଶ ଲକ୍ଷ୍ୟକୁ କିପରି ଭାବେ ହାସଲ କରାଯାଇପାରିବ ସେ ସମ୍ବନ୍ଧରେ କୁଳପତି ଓ ଅଧ୍ୟକ୍ଷମାନଙ୍କୁ କହିଥିଲେ। ବିଭାଗର ଅତିରିକ୍ତ ଶାସନ ସଚିବ ଧରଣୀଧର ନନ୍ଦ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅତିରିକ୍ତ ଶାସନ ସଚିବ ଧୀରେନ୍ଦ୍ର ନାଥ କର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଚାଲିଛି ଗଛକଟା

**ବାରିପଦା,୧୯।୧୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ମୁଖ୍ୟାଳୟ ବାରିପଦାସ୍ଥିତ ପାଲବଣୀଠାରେ ଆନ୍ତଃରାଜ୍ୟ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଅନେକ ହଜାର ଗଛ କଟାଯାଉଛି। ସବୁଜ ସୁନ୍ଦର ସ୍ଥାନରୁ ଗଛ କାଟି ବସ୍‌ଷ୍ଟାଣ୍ଡ ନିର୍ମାଣକୁ ନେଇ ପରିବେଶବିତ୍‌ଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ପରିବେଶବିତ୍ ତଥା ଆଇନଜୀବୀ ଶଙ୍କର ପ୍ରସାଦ ପାଣି ଗଛକଟା ବନ୍ଦ କରାଯାଉ ବୋଲି ସୋସିଆଲ ମିଡିଆ ମାଧ୍ୟମରେ ନିବେଦନ କରିଛନ୍ତି। ଆଇନଜୀବୀ ପାଣି ସୂଚାଇଛନ୍ତି ଯେ, ପ୍ରସ୍ତାବିତ ନୂତନ ବସଷ୍ଟାଣ୍ଡ ୫ ଏକର ପରିମିତ ଜମିରେ ନିର୍ମାଣ ହେବ। ଏଥିପାଇଁ ବୁଧବାର ପ୍ରାୟ ୫୦୦୦ ଗଛ କଟାଯାଇଛି। ଗଛ କଟା କେବଳ ୫ ଏକର ପର୍ଯ୍ୟନ୍ତ ସୀମିତ ରହିବ ନାହିଁ, ଏହା ଧୀରେ ଧୀରେ ସମଗ୍ର ଅଞ୍ଚଳକୁ ପ୍ରସାରିତ ହେବ। ଆଗାମୀ ଦିନରେ ଆଖପାଖ ୩୬ ଏକର ଜମିରୁ ଆହୁରି ଗଛ କଟାଯିବ। ସହରର ଖୋଲା ଏବଂ ସବୁଜ ସ୍ଥାନ ଦିନକୁ ଦିନ ସଙ୍କୁଚିତ ହେଉଥିବାରୁ ଏହି ଜମିକୁ ସହରାଞ୍ଚଳ ଜଙ୍ଗଲ ଭାବରେ ସଂରକ୍ଷିତ କରାଯାଇପାରିଥାନ୍ତା। ଏତେସଂଖ୍ୟକ ଗଛକଟା ହେଲେ ପକ୍ଷୀ ଏବଂ କୀଟପତଙ୍ଗ ବାସସ୍ଥାନ ହରାଇବେ। ଜିଲା ପ୍ରଶାସନ ଯଦି ଗଛ କାଟିବା କାର୍ଯ୍ୟ କରେ, ତେବେ ବନ ସୁରକ୍ଷା ଗୋଷ୍ଠୀ ନିରୁତ୍ସାହିତ ହେବା ସ୍ୱାଭାବିକ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଆନ୍ତଃରାଜ୍ୟ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଜିଲା ପ୍ରଶାସନ ପକ୍ଷରୁ ସହରର ପାଲବଣୀ ଅଞ୍ଚଳକୁ ଚିହ୍ନଟ କରାଯାଇଥିଲା। ରାଜସ୍ୱ ବିଭାଗ, ଓଏସ୍‌ଆର୍‌ସି, ବନ ବିଭାଗ ଏବଂ ଓଡ଼ିଶା ବନ ଉନ୍ନୟନ ନିଗମ (ଓଏଫ୍‌ଡିସି) ପକ୍ଷରୁ ମିଳିତ ତଦନ୍ତ କରାଯାଇ ୫ଏକର ଜମି ବିଶିଷ୍ଟ ଅଣ ଜଙ୍ଗଲ ଜମିରେ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା। ବାରିପଦା ବନଖଣ୍ଡ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୦୨୦୯/୧୫।୧୨।୨୦୨୫ରେ ବାରିପଦା ରେଞ୍ଜ ଅଧିକାରୀଙ୍କୁ ଉକ୍ତ ଜମିରେ ଥିବା ୧୭୮୯ ଗଛ କାଟିବାକୁ ଅନୁମତି ଦିଆଯାଇଥିଲା। ଓଏଫ୍‌ଡିସି ପକ୍ଷରୁ ୧୭ ତାରିଖରୁ ଗଛକଟା ଆରମ୍ଭ ହୋଇଛି।



ମୟୂରଭଞ୍ଜ ଜିଲା ପ୍ରଶାସନର ଅନୁମତିକ୍ରମେ ବାରିପଦାସ୍ଥିତ ପାଲବଣୀଠାରେ ଗଛକଟା ଚାଲିଛି।

ଚିହ୍ନଟ ସ୍ଥାନରେ ପାଖାପାଖି ୫ ହଜାର ଗଛ ଥିବା ବେଳେ ଏହା ସହରକୁ ସବୁଜ ସୁନ୍ଦର ଭାବେ ତୋଳି ରଖିଛି।

ଅନ୍ୟପକ୍ଷରେ ସହରରେ ବହୁ ସରକାରୀ ଜାଗା ଥିବା ସତ୍ତ୍ୱେ ବାରିପଦା ସହରର ପାଲବଣୀ ଅଞ୍ଚଳରୁ ଏତେ ସଂଖ୍ୟକ ଗଛ କାଟିବା ଦୁର୍ଭାଗ୍ୟଜନକ ବୋଲି ଜିଲାର ଅଗ୍ରଣୀ ଛାତ୍ର ସଂଗଠନ ଭଞ୍ଜସେନା କହିଛି। ପ୍ରଭାବଶାଳୀ ଲୋକଙ୍କୁ ସରକାରୀ ଜାଗା ବହୁମାତ୍ରାରେ ଯୋଗାଇବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ ସ୍ଥାନ ଚିହ୍ନଟ ଓ ସେଠାରେ ହଜାର ହଜାର ଗଛ କଟାଯିବା ଅତ୍ୟନ୍ତ ନିନ୍ଦନୀୟ ଘଟଣା ବୋଲି ସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା କହିଛନ୍ତି। ସଂଗଠନ ପକ୍ଷରୁ ଗଛ ନ କାଟି ପ୍ରସ୍ତାବିତ ଆନ୍ତଃରାଜ୍ୟ ବସ୍‌ଷ୍ଟାଣ୍ଡ ଅନ୍ୟତ୍ର ନିର୍ମାଣ ପାଇଁ ୪/୫ ମାସ ପୂର୍ବରୁ ମୟୂରଭଞ୍ଜ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ତା'ସତ୍ତ୍ୱେ ସେହି ଜାଗାରେ ହଜାର ହଜାର ଗଛ କାଟି ବସ୍‌ଷ୍ଟାଣ୍ଡ ନିର୍ମାଣ କରିବାର ଜିଦ ପ୍ରକୃତରେ ପ୍ରଭାବଶାଳୀ ଲୋକଙ୍କୁ ସରକାରୀ ଜାଗା ପ୍ରଦାନ ପାଇଁ ଜିଲା ପ୍ରଶାସନ ପ୍ରତ୍ୟକ୍ଷ ସହଯୋଗ କରୁଛି ବୋଲି ସଂଗଠନ ଅଭିଯୋଗ କରିଛି। ଅନ୍ୟପକ୍ଷରେ ବାରିପଦା ସହର ପୂର୍ବରୁ ବିଶ୍ୱର ଉତ୍ତପ୍ତ ସହର ଭାବେ ପରିଗଣିତ ହୋଇଛି। ଆଗାମୀ ବର୍ଷମାନଙ୍କରେ ତା'ର ପ୍ରତିକାର ଚିନ୍ତାରେ ଚାରାରୋପଣ ପରିବର୍ତ୍ତେ ଗଛକଟା ଏକ ଘୃଣ୍ୟ ଯୋଜନା ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ଏଭଳି କାର୍ଯ୍ୟ ବିରୋଧରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଆଇନର ଆଶ୍ରୟ ନେବ ବୋଲି ଭଞ୍ଜସେନା ଚେତାବନୀ ଦେଇଛି।

# ଏକତା, ସହଯୋଗକୁ ଗୁରୁତ୍ୱ

## ଅନ୍ତର୍ଜାତୀୟ ମାନବ ସଂହତି ଦିବସ



ଲୋକଙ୍କ ମଧ୍ୟରେ ଏକତ। ଏବଂ ସହଯୋଗର ଗୁରୁତ୍ୱକୁ ପ୍ରତିଭାତ କରିବା ପାଇଁ ପ୍ରତିବର୍ଷ ଡିସେମ୍ବର ୨୦ରେ ଅନ୍ତର୍ଜାତୀୟ ମାନବ ସଂହତି ଦିବସ ପାଳିତ ହୋଇଆସୁଛି। ଏହି ଦିବସ ବ୍ୟକ୍ତି, ସମ୍ପ୍ରଦାୟ ଓ ରାଷ୍ଟ୍ରଗୁଡ଼ିକୁ ସାମାଜିକ ଓ ଆର୍ଥିକ ପ୍ରଗତି, ଅସମାନତା ହ୍ରାସ ଏବଂ ମାନବ ମର୍ଯ୍ୟାଦା ବୃଦ୍ଧି ପାଇଁ ଏକାଠି କାମ କରିବାକୁ ଉତ୍ସାହିତ କରେ। ତେବେ ସହସ୍ରାବ୍ଦ ଘୋଷଣାନାମା ଗ୍ରହଣ ପରେ ୨୦୦୫ରେ ମିଳିତ ଜାତିସଂଘ ସାଧାରଣ ସଭା ଦ୍ୱାରା ଅନ୍ତର୍ଜାତୀୟ ମାନବ ସଂହତି ଦିବସ ଘୋଷଣା କରାଯାଇଥିଲା। ଜାତିସଂଘ ସଂହତିକୁ ଲୋକ, ସମାଜ ଏବଂ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସମ୍ପର୍କ ପାଇଁ ମୌଳିକ ଭାବରେ ବିବେଚନା କରେ, ଏହାକୁ ବିଶ୍ୱ ଶାନ୍ତି ଏବଂ ବିକାଶର ଲକ୍ଷ୍ୟରେ ଏକ ପ୍ରମୁଖ ମୂଲ୍ୟ ଭାବରେ ଚିହ୍ନିତ କରେ। ଯଦିଓ ଚଳିତ ବର୍ଷ ଉକ୍ତ ଦିବସ ପାଇଁ ଜାତିସଂଘ ପକ୍ଷରୁ ଆନୁଷ୍ଠାନିକ ଭାବେ ବିଷୟବସ୍ତୁ ଘୋଷଣା କରାଯାଇ ନାହିଁ, ତେବେ ପ୍ରମୁଖ ସୂତ୍ରଗୁଡ଼ିକ ସୂଚାଉଛନ୍ତି ଯେ ଏହା 'ନିରନ୍ତର ବିକାଶ ପାଇଁ ଏକତା: ଏକ ଅଂଶୀଦାର ଭବିଷ୍ୟତ ପାଇଁ ସମ୍ପ୍ରଦାୟକୁ ଏକତା' ଉପରେ ଧ୍ୟାନ ଦେବ। ଏଥିସହ ଦାରିଦ୍ର୍ୟ, ଅସମାନତା ଦୂର ଓ ସାମୂହିକ କାର୍ଯ୍ୟ ଏବଂ ସହଯୋଗ ମାଧ୍ୟମରେ ନିରନ୍ତର ବିକାଶ ଲକ୍ଷ୍ୟ ହାସଲରେ ଏକତା ଉପରେ ଗୁରୁତ୍ୱ ଦେବ।






“ମଣିଷକୁ ତା'ର ପରିବେଶ ପରିସ୍ଥିତି ଉପରେ କର୍ତ୍ତୃତ୍ୱ ଆଣିବାକୁ ହେବ। କିନ୍ତୁ ତା' ସହିତ ତାକୁ ବିଶ୍ୱ-ଐକ୍ୟ ଓ ବିଶ୍ୱ-ସଂହତି ଆଣିବା ଦିଗରେ ତତ୍ପର ହେବାକୁ ପଡିବ। ମଣିଷ ତା'ର ନିଜର ସ୍ୱତନ୍ତ୍ର ବ୍ୟକ୍ତିତ୍ୱକୁ ନିଶ୍ଚୟ ଉପଲବ୍ଧି କରିବ। କିନ୍ତୁ ତା' ସଙ୍ଗେ ସଙ୍ଗେ ତାକୁ ଅହଂ ସତ୍ତାକୁ ବିଶ୍ୱାତ୍ମା ସହିତ ଏକ ହେବା ଲାଗି ବଢାଇ ଚାଲିବାକୁ ହେବ। ଅଭିବ୍ରତ୍ରୁ ସେ ପାଇବ ଏକ ବିଶ୍ୱଜନୀନ ଓ ଆଧ୍ୟାତ୍ମିକ ଆନନ୍ଦ। -ଶ୍ରୀଅରବିନ୍ଦ



# ବାହ୍ୟ ସୁରକ୍ଷାର ପୁନର୍ବିଚାର



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ରାହୁଲ ରାସଗୋତ୍ରାଙ୍କୁ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଭାବରେ ପୋର୍ଟ ଲୁଇସ୍ (ମରିସସ୍ ରାଜଧାନୀ)କୁ ପଠାଇବା ଏକ ନିୟମିତ ଘୋଷଣା ନ ଥିଲା, ବରଂ ଥିଲା ଏକ ଯୋଜନାବଦ୍ଧ ସଙ୍କେତ। ଅନେକ ବର୍ଷ ହେଲା ମରିସସ୍ ଏନ୍‌ଏସ୍‌ଏ ପଦବୀ ସାଧାରଣତଃ ଏକ ଦୃଢ଼ ବାହ୍ୟ ଗୁପ୍ତଚର କିମ୍ବା ସାମରିକ ପୃଷ୍ଠଭୂମି ଥିବା ଅଧିକାରୀମାନଙ୍କୁ ଦିଆଯାଇଆସିଛି। କିନ୍ତୁ ରାସଗୋତ୍ରାଙ୍କ କ୍ଷେତ୍ରରେ ଏହା ଭିନ୍ନ। ସେ ଜଣେ ଅବସରପ୍ରାପ୍ତ ଆଇପିଏସ୍ ଅଧିକାରୀ, ଯାହାଙ୍କ କ୍ୟାରିୟର ଘରୋଇ ଗୁପ୍ତଚର, ଆତଙ୍କବାଦ ବିରୋଧୀ ଅଭିଯାନ ଏବଂ ସୀମା ପରିଚାଳନା ସହ ଜଡ଼ିତ। ପ୍ରଥମେ ଇଣ୍ଟେଲିଜେନ୍ସ ବ୍ୟୁରୋରେ ଏବଂ ପରେ ଆଇଟିବିପିର ମହାନିର୍ଦ୍ଦେଶକ ଦାୟିତ୍ୱ ତୁଲାଇଛନ୍ତି। ମରିସସ୍ ଏବେ ଇତିହାସ ଏବଂ ପ୍ରବାସୀ ସମ୍ପର୍କ ଦୃଷ୍ଟିରୁ ଭାରତ ପାଇଁ କେବଳ ଏକ ବନ୍ଧୁତ୍ୱପୂର୍ଣ୍ଣ ଦ୍ୱୀପ ନ ହୋଇ ଭାରତ ମହାସାଗର ଅଞ୍ଚଳରେ ରଣନୈତିକ ପ୍ରବେଶ ପଥ ଭାବେ ଉଭା ହୋଇଛି। ଏହା ସାମୁଦ୍ରିକ ସୁରକ୍ଷା, ସାଇବର ନେଟୱର୍କ, ଆର୍ଥିକ ଗୁପ୍ତଚର ଏବଂ ମୌଳବାଦ ବିରୋଧୀ ଶକ୍ତିର କେନ୍ଦ୍ରବିନ୍ଦୁ ପାଲଟିଛି। ଏହି ସମୟରେ, ମରିସସ୍‌ରେ ଗୁପ୍ତରେ ଚାଇନା ପ୍ରଭାବ ବିସ୍ତାର କରୁଛି। ଏଭଳି ସ୍ଥିତିରେ, ଭାବନାର ମୂଲ୍ୟ କିଛି ନାହିଁ ବରଂ ପରିସ୍ଥିତିକୁ ଦେଖି ସଚେତନ ହୋଇ କାର୍ଯ୍ୟ କରିବା ଗୁରୁତ୍ୱପୂର୍ଣ୍ଣ। ଭାରତ 'ବାହ୍ୟ' ସୁରକ୍ଷାର କିଭଳି ପୁନର୍ବିଚାର କରୁଛି ତାହା ରାସଗୋତ୍ରାଙ୍କ ନିଯୁକ୍ତି ସୂଚାଇ ଦିଏ। ଏବକାର ଅନେକ ବିପଦ ଯଥା ଡିଜିଟାଲ କ୍ଷେତ୍ରରେ ସାଇବର ଅପରାଧର ପ୍ରବେଶ, ଆର୍ଥିକ ଅପରାଧ, ଆତଙ୍କବାଦୀ ନେଟୱର୍କ ଭଳି ବିପଦ କାର୍ଯ୍ୟକୁ ପ୍ରଭାବିତ କରୁଛି। ଏହି ଦୃଷ୍ଟିରୁ ଦେଖିଲେ, ରାସଗୋତ୍ରାଙ୍କ ନିଯୁକ୍ତି ଭବିଷ୍ୟତ ପାଇଁ ଭଲ।

### ଭିଆର୍‌ଏସ୍ ଲହରି

ଏବେ ଉତ୍ତର ପ୍ରଦେଶର ବରିଷ୍ଠ ଆଇଏଏସ୍ ଅଧିକାରୀମାନଙ୍କ ସ୍ୱେଚ୍ଛାକୃତ ଅବସର ଆବେଦନଗୁଡ଼ିକ ନେଇ ଅସ୍ଥିରତା ଦେଖାଦେଇଛି। ଅଭିଜ୍ଞ ବାବୁମାନେ କ୍ୟାରିୟର ମଝିରୁ ଛାଡ଼ି ଚାଲିଯିବା ଧାରା ଆରମ୍ଭ ହୋଇଥିବା ମନେହେଉଛି। ଆନୁଷ୍ଠାନିକ ଭାବରେ ଏହା ପଛର କାରଣ ସ୍ୱାସ୍ଥ୍ୟ, ବ୍ୟକ୍ତିଗତ କିମ୍ବା ପାରିବାରିକ ସମସ୍ୟା ଥିବା କୁହାଯାଉଥିଲେ ମଧ୍ୟ ଅଣଆନୁଷ୍ଠାନିକ ଭାବରେ କ୍ୟାରିୟରରେ ବାଧା, ଅଟକି ରହିଥିବା ନିଯୁକ୍ତି ତାଲିକା, କେନ୍ଦ୍ରୀୟ ଡେପୁଟେଶନ ବନ୍ଦ ହେବା ଏବଂ ବୃତ୍ତିଗତ କଣ୍ଠରୋଧ ବୋଲି କୁହାଯାଉଛି। ଅନେକେ ଭାବୁଛନ୍ତି ଏବେ ଦକ୍ଷତା କିମ୍ବା ଅଭିଜ୍ଞତାର ଗୁରୁତ୍ୱ ନାହିଁ ବରଂ ପାଖ ଓ ଚିହ୍ନା ମୁହଁକୁ ପ୍ରାଧାନ୍ୟ ଦିଆଯାଉଛି। ଯଦି ଆପଣ ଠିକ୍ ସମୟରେ ଠିକ୍ ଜାଗାରେ ନ ରହନ୍ତି ତେବେ କ୍ୟାରିୟରର ଅଧୋଗତି ଶୀଘ୍ର ହୋଇଥାଏ। ସମୟକ୍ରମେ ଏଥିରେ ବିଚ୍ଛିନ୍ନତା ଦେଖାଦିଏ ଏବଂ ସେବାରେ ଅଧୋଗତି ଘଟେ। ଉଲ୍ଲେଖନୀୟ, ଏଭଳି ଘଟଣାରେ ୟୁପି ଆଇଏଏସ୍ ଆସୋସିଏଶନ ପ୍ରାୟ ନୀରବ। ଏହା ଏକଦା ସାମୂହିକ ଆତ୍ମନିରୀକ୍ଷଣ ଏବଂ ସମସ୍ୟା ସମାଧାନର ମଞ୍ଚ ଥିଲା। ବର୍ତ୍ତମାନ ପ୍ରାୟତଃ କେବଳ ଲୋକଦେଖାଣିଆ ଭାବେ ରହିଛି। ଅଧିକାରୀମାନେ ଆଭ୍ୟନ୍ତରୀଣ ସମସ୍ୟା ଉପରେ ସ୍ୱର ଉଠାଉ ନାହାନ୍ତି। ଏଥିରୁ ବୁଝାପଡ଼େ, ସେମାନେ କଥା କହିବା ଦ୍ୱାରା କିଛି ହାସଲ ହୋଇପାରୁନାହିଁ ବୋଲି ସେମାନେ ନିଶ୍ଚିତ ହୋଇଯାଇଛନ୍ତି। ଉତ୍ତର ପ୍ରଦେଶ ଏହାର ଆକାର, ମହତ୍ତ୍ୱାକାଂକ୍ଷା ଏବଂ ଶାସନ ସଂସ୍କାରକୁ ନେଇ ଗର୍ବ କରେ। ସଂସ୍କାରଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ଅଭିଜ୍ଞ ବ୍ୟକ୍ତି ଆବଶ୍ୟକ। ଯେତେବେଳେ ବରିଷ୍ଠ ବାବୁମାନେ ଧୈର୍ଯ୍ୟ ଧରି ରହିବା ଅପେକ୍ଷା ଛାଡ଼ି ଚାଲିଯିବାକୁ ପସନ୍ଦ କରୁଛନ୍ତି, ସେତେବେଳେ ରାଜ୍ୟରେ ଅଧିକାରୀଙ୍କ ସଂଖ୍ୟା କମିବା ସହ ପରବର୍ତ୍ତୀ ପର୍ଯ୍ୟାୟ ପାଇଁ ସାଂଗଠନିକ ଅଭିଜ୍ଞତା, ପ୍ରଶାସନିକ ସହଯୋଗ ଏବଂ ପରାମର୍ଶ ପାଇପାରିବ ନାହିଁ।

### କଠୋର ପଦକ୍ଷେପ

ମଧ୍ୟପ୍ରଦେଶରେ ଆଇଏଏସ୍ ଅଧିକାରୀ ସନ୍ତୋଷ ବର୍ମାଙ୍କୁ ବହିଷ୍କାର ସୁପାରିସ୍ ଏକ ବିରଳ ପଦକ୍ଷେପ। ସେ ଦେଇଥିବା ଗମ୍ଭୀର ତଥା ଆପତ୍ତିଜନକ ଜାତିଗତ ମନ୍ତବ୍ୟର ଭିଡିଓ ଭାଇରାଲ ହୋଇଥିଲା। ଏହା ସହ ତାଙ୍କ ନିଜ ପଦୋନ୍ନତି ସମ୍ପର୍କିତ ଜାଲ୍ କାଗଜପତ୍ରକୁ ନେଇ ପ୍ରଶ୍ନ ମଧ୍ୟ ଉଠିଥିଲା। ଏହି ସମୟରେ ରାଜ୍ୟ ସରକାର ସରଳରେ ବଦଳି କରାଯାଇ ଏହାକୁ ସମାଧାନ କରାଯାଇପାରିବ ନାହିଁ ବୋଲି ଭାବି ବହିଷ୍କାର ପାଇଁ ସୁପାରିସ କରିବାକୁ ନିଷ୍ପତ୍ତି ନେଇଥିଲେ। ସଂରକ୍ଷଣ ଏବଂ ଆନ୍ତଃଜାତି ବିବାହ ଉପରେ ବର୍ମାଙ୍କର ଏହା ଏକ ନିନ୍ଦନୀୟ ଓ ଉତ୍ତେଜକ ମନ୍ତବ୍ୟ ଥିଲା। ଏହିସବୁ ମନ୍ତବ୍ୟ ଦେଉଥିବା ବ୍ୟକ୍ତି ତାଙ୍କ ପଦବୀରେ ରହିବା ପାଇଁ ମଧ୍ୟ ଯୋଗ୍ୟ ହୋଇ ନ ପାରନ୍ତି। ଏହା ପଛକୁ ରହିଛି ଜାଲ୍ କାଗଜପତ୍ର ଏବଂ ଏକ ସନ୍ଦେହଜନକ ସଙ୍କୋଚତା ପ୍ରମାଣପତ୍ର। ଗୋଟିଏ ପଟେ କ୍ୟାମେରା ସମ୍ମୁଖରେ ପକ୍ଷପାତ ମନ୍ତବ୍ୟ ଏବଂ କାଗଜପତ୍ରରେ ପ୍ରକ୍ରିୟାଗତ ତ୍ରୁଟି ଭଳି ଘଟଣା ଅତ୍ୟନ୍ତ କ୍ଷତିକାରକ। ସରକାରଙ୍କର ଚାକିରିରୁ ବହିଷ୍କାର ପାଇଁ ସୁପାରିସ୍ କରିବା ନିଷ୍ପତ୍ତି ପ୍ରକୃତରେ ସେବା ଆଇନରେ ଏକ କଠୋର ବିକଳ୍ପ। ଏହା ସୂଚାଇ ଦିଏ ଯେ ଏହି ମାମଲା ଅତ୍ୟନ୍ତ କ୍ଷତିକାରକ। ଆଇଏଏସ୍ କେବଳ ଏକ ଚାକିରି ନୁହେଁ; ଏହା ନୈତିକ ଅଧିକାର ଉପରେ ପର୍ଯ୍ୟବସିତ। ଯେତେବେଳେ ଜଣେ ଅଧିକାରୀ ଭାଷଣ ଏବଂ ବ୍ୟବସ୍ଥା ଉଭୟର ଅପବ୍ୟବହାର କରୁଥିବା ଦେଖାଯାଏ, ସେତେବେଳେ ଏହାର ନକାରାତ୍ମକ ପରିଣାମ ବ୍ୟକ୍ତିଙ୍କୁ ନୁହେଁ ବରଂ ବ୍ୟବସ୍ଥାକୁ ପ୍ରଭାବିତ କରିଥାଏ। ନିଶ୍ଚିତ ଭାବରେ, ବର୍ମା କୋର୍ଟର ଆଶ୍ରୟ ନେଇପାରନ୍ତି ଏବଂ ପ୍ରକ୍ରିୟା ତା' ବାଟରେ ଯିବ। କିନ୍ତୁ ବଡ଼ ପ୍ରଶ୍ନଟି ହେଉଛି କିପରି ଏତେ ଦୂର ପର୍ଯ୍ୟନ୍ତ ଘଟଣା ଗଲା? ସମସ୍ତେ ଆଖିବୁଜି ଦେଇଥିଲେ ନା ଅସୁବିଧାଜନକ ତଥ୍ୟକୁ ଅଣଦେଖା କରାଯାଇଥିଲା?

Email: dilipcherian@gmail.com

# ଆଶା ନିରାଶାର ଖେଳ



ବୈକୁଣ୍ଠନାଥ ମିଶ୍ର

ଆଶା ଭବିଷ୍ୟତର ସୂଚକ। ଆଶାର ଅନାଗତ ସ୍ୱରୂପ ମଣିଷର ପରିକଳ୍ପନା ମାତ୍ର। ସେହି ଆଶାର ସାମୟିକ ଝଲକ ତାକୁ ବର୍ତ୍ତମାନର କର୍ମ ସମ୍ପାଦନ ପାଇଁ ଉତ୍ସାହିତ ଓ ଉତ୍ପ୍ରେରିତ କରେ। ଆଶା ହିଁ ଏକ ମାତ୍ର ମହୌଷଧି ଯାହା ବର୍ତ୍ତମାନର ଅନ୍ଧକାରକୁ ଦୂରେଇ ଦେଇ ଭବିଷ୍ୟତ ସୁଖର ଆଲୋକ ବର୍ତ୍ତିକା ସାଜେ। ଆଶାଶୂନ୍ୟ ହେଲେ ମଣିଷର ମନୋବଳ ଭାଙ୍ଗିଯାଏ ଓ ନିରାଶାର କଳାବାଦଲ ତା' ହୃଦୟ ଆକାଶକୁ ଆଚ୍ଛାଦିତ କରେ।

ଦିବ୍ୟଜନନୀ ଶ୍ରୀମା'ଙ୍କର 'ଦି କରେଜ' ପ୍ରବନ୍ଧର କଥାବସ୍ତୁ ଅନୁସାରେ ବିଭୀଷଣ ଭ୍ରାତା ରାବଣଙ୍କୁ ଯେତେବେଳେ ଉପଦେଶ ଦେଲେ ଯେ ସେ ପରମ ସାଧ୍ୱୀ ଜଗଜ୍ଜନନୀ ମାତା ଜାନକୀଙ୍କୁ ପ୍ରଭୁ ଶ୍ରୀରାମଙ୍କୁ ଅର୍ପଣ କରି ପ୍ରଭୁଙ୍କର ଶରଣାପନ୍ନ ହୁଅନ୍ତୁ ସେତେବେଳେ ସେ ଆଶା କରିଥିଲେ ଯେ, ରାବଣ ତାଙ୍କ ଉପଦେଶ ଗ୍ରହଣ କରିବେ। ଅବଶ୍ୟ ବିଭୀଷଣଙ୍କର ଆଶା ଅମୂଳକ ନ ଥିଲା କାରଣ ସ୍ୱର୍ଣ୍ଣଲଙ୍କାକୁ ରକ୍ଷା କରିବାର ଏହା ଥିଲା ଏକମାତ୍ର ବିକଳ୍ପ। ବିଚିତ୍ର ରାମାୟଣରେ କବି ବିଶ୍ୱାନାଥ ଖୁଣ୍ଟିଆଙ୍କର ବର୍ଣ୍ଣନା ଅନୁସାରେ ସୀତାଙ୍କୁ ହରଣ କଲା ଦିନରୁ ହିଁ ରାବଣ ନିଧନ ଓ ଲଙ୍କା ବିନାଶର ପଥ ସୁଗମ ହୋଇଥିଲା। କବିଙ୍କ ଭାଷାରେ 'ବୋଲେ ବିଶି ସୀତା ହରିଲା ଦିନରୁ ଦଇବ ତାହାକୁ ଛାଡିଲା'। ବିଭୀଷଣଙ୍କର ସକଳ ଆଶା ମଉଳିଗଲା ଯେତେବେଳେ ରାବଣ ତାଙ୍କୁ ପଦାଘାତ କରି ଲଙ୍କାରୁ ବହିଷ୍କୃତ କଲେ। ବର୍ତ୍ତମାନ ବିଭୀଷଣଙ୍କ ପାଖରେ ଦୁଇଟି ବିକଳ୍ପ ଯଥା ରାବଣଙ୍କୁ କ୍ଷମା ଯାଚନା କରିବା କିମ୍ବା ନିର୍ବିବାଦରେ ଲଙ୍କା ତ୍ୟାଗକରି ଶ୍ରୀରାମଙ୍କର ଶରଣାପନ୍ନ ହେବା। ବିଭୀଷଣ ତାହା ହିଁ କଲେ ଯାହା ଜଣେ ସଦାଚାରୀ ହିଁ କରିଥାଏ।

ଏଠାରେ ଏକ ସତ୍ୟ ଘଟଣାର ଅବତାରଣା ପ୍ରାସଙ୍ଗିକ ମନେହୁଏ। ଆମେରିକାର ଏକ ସାଧାରଣ ଗରିବ ପରିବାରରେ ଜନ୍ମ ନେଇଥିଲେ ପ୍ରଖ୍ୟାତ ଗଣିତଜ୍ଞ 'ଚାର୍ଲସ୍ ଡି ଫୋଷ୍ଟ'। ପିଲାଦିନୁ ଗଣିତ ବିଦ୍ୟା ଥିଲା ତାଙ୍କର ଅସାଧାରଣ ପ୍ରତିଭାର ପ୍ରତୀକ। ସେ ଆଶା କରିଥିଲେ ଜଣେ ଶ୍ରେଷ୍ଠ ଗଣିତଜ୍ଞ ହେବେ। କିନ୍ତୁ ତାଙ୍କ ଆଶାର ଜୁଆରରେ ଭଟ୍ଟା ଆସିଗଲା ଯେତେବେଳେ ବାଳ୍ୟ ଅବସ୍ଥାରେ ପିତାଙ୍କୁ ହରାଇଲେ। ପରିବାର ପ୍ରତିପୋଷଣର ଅନ୍ୟ ମାର୍ଗ ନ ଥିବାରୁ ସେ ଜୋତା ମରାମତି କରି ଅର୍ଥ ରୋଜଗାର କଲେ। ହେଲେ ତାଙ୍କ ଆଶାର ମୃତ୍ୟୁ ଘଟି ନ ଥିଲା। ନିଜ ଭିତରେ ଏକ ଗଭୀର ଆତ୍ମପ୍ରତ୍ୟୟ ସୃଷ୍ଟି ହେଲା। ସେ ସଞ୍ଚିତ ଅର୍ଥରେ କିଛି ବହିକିଣି ଅବସର ସମୟରେ ପଢିବାକୁ ଲାଗିଲେ। ସଞ୍ଚିତ ଅର୍ଥରେ ବିଦ୍ୟାଳୟରେ ନାମ ଲେଖାଇ



ପୁନଃ ଆନୁଷ୍ଠାନିକ ଶିକ୍ଷା ଲାଭ କଲେ। ଛୁଟିଦିନ ଓ ବିଦ୍ୟାଳୟ ଛୁଟି ପରେ ସେ ଜୋତା ମରାମତି କରି ଅର୍ଥ ଉପାର୍ଜନ ମଧ୍ୟ କଲେ। ଶେଷରେ ତାଙ୍କ ଆଶା ଫଳବତୀ ହେଲା। ସେ ସାମାନ୍ୟ ଜୋତା ମରାମତି କରୁଥିବା ବାଳକରୁ ଦିନେ ଆମେରିକାର ଜଣେ ଶ୍ରେଷ୍ଠ ଗଣିତଜ୍ଞ ହୋଇପାରିଲେ। ଆର୍ଥିକ ସ୍ୱଚ୍ଛଳତା ନୁହେଁ, ଦୃଢ଼ ଇଚ୍ଛାଶକ୍ତି ଓ ସକାରାତ୍ମକ ଆଶା ହିଁ ତାଙ୍କୁ କରିଥିଲା ଏତେବଡ଼ ଗୌରବର ଅଧିକାରୀ। କେବଳ କୌଣସି ଆଶା ମଣିଷକୁ ସାଫଲ୍ୟମଣ୍ଡିତ କରିପାରିବ ନାହିଁ। ଆଶା ସହିତ ଦୃଢ଼ ମନୋବଳ ଓ ପ୍ରବଳ ଇଚ୍ଛାଶକ୍ତିର ଆବଶ୍ୟକତା ଅଛି। ଇଂଲିଶରେ ଗୋଟିଏ ପ୍ରବାଦ ଅଛି 'ଇଫ୍ ଉଇସେସ୍ ଓୟାର ହର୍ସେସ୍ ବେଗର୍ସ ମାଇଟ୍ ରାଇଡ୍' ଅର୍ଥାତ୍ ମଣିଷର ସମସ୍ତ ଇଚ୍ଛା ଯଦି ପୂରଣ ହୋଇଯାଏ, ତେବେ ପୃଥିବୀରେ ଦରିଦ୍ରତମ ଭିକାରିଟି ମଧ୍ୟ ଘୋଡ଼ା ଚଢ଼ି ବୁଲନ୍ତା।

ସରକାର ପରେ ସରକାର କ୍ଷମତାକୁ ଆସନ୍ତି। କ୍ଷମତା ଦଖଲ ପୂର୍ବରୁ ଜନତାଙ୍କ ମନରେ କେତେ ଆଶା ସଂଚାର କରନ୍ତି। ଭୋଟ ବିନିମୟରେ ଭୋଟଦାତା ଆଶା କରେ ଯେ ସରକାର ଦେଶର ବା ରାଜ୍ୟର ବିକାଶକୁ ପ୍ରାଧାନ୍ୟ ଦିଅନ୍ତୁ। ଆଶା କରୁଥିବା ବ୍ୟକ୍ତିଟି ସମ୍ପୂର୍ଣ୍ଣ ଆତ୍ମକୈନ୍ଦ୍ରିକ ହୋଇଥିଲେ, ତା' ଆଶାଗୁଡିକ ସମ୍ପୂର୍ଣ୍ଣ ବ୍ୟକ୍ତିଗତ ହୋଇଥାଏ। ମାତ୍ର ମତଦାତା ବିଶାଳ ହୃଦୟବିଶିଷ୍ଟ ହୋଇଥିଲେ ସେ ଆଶାକରେ ସରକାର ସମୂହ ବିକାଶକୁ ପ୍ରାଧାନ୍ୟ ଦେଇ ଦେଶ ତଥା ରାଜ୍ୟର ସର୍ବାଙ୍ଗୀନ ବିକାଶ ସାଧନରେ ବ୍ରତୀ ହୁଅନ୍ତୁ। ସାଧାରଣ ଜନତାର ହାଣ୍ଡିଶାଳକୁ ଯେଉଁ ସବୁ ଜିନିଷର ସର୍ବନିମ୍ନ ଆବଶ୍ୟକତା ରହିଛି ତା'ର ସୁଲଭତା, ବଜାର ଦର ନିୟନ୍ତ୍ରଣ କରିବା, ବିଶେଷକରି ଦେଶରୁ ବେରୋଜଗାର ହଟାଇବା ଇତ୍ୟାଦି ପ୍ରତି କେନ୍ଦ୍ର ଓ ରାଜ୍ୟ ସରକାର ପ୍ରାଥମିକତା ପ୍ରଦାନ କରିବା ଆବଶ୍ୟକ। କିନ୍ତୁ ବାସ୍ତବ ଦୃଶ୍ୟପଟ ଅତ୍ୟନ୍ତ ଜଟିଳ ହେବାରେ ଲାଗିଛି। କ୍ରମବର୍ଦ୍ଧମାନ ଉଚ୍ଚ ଶିକ୍ଷିତଙ୍କ ସଂଖ୍ୟା ବୃଦ୍ଧି ସାଙ୍ଗକୁ ସରକାର କର୍ମ ସଂସ୍ଥାନ ଯୋଗାଇବାରେ ବିଫଳ ହେଉଛନ୍ତି। ଉତ୍ତର ପ୍ରଦେଶର ୩୦୮ ପିଅନ ଚାକିରି ପାଇଁ ଆବେଦନକାରୀଙ୍କ ସଂଖ୍ୟା ଥିଲା ୨୩ଲକ୍ଷ; ଯେଉଁମାନଙ୍କ ମଧ୍ୟରେ ଥିଲେ ହଜାର ହଜାର ବି.ଟେକ୍, ଏମ୍.ଏସ୍‌ସି. ଏମ୍.ଏ. ଓ ଏମ୍.କମ୍. ଛାତ୍ର। ଆଶ୍ଚର୍ଯ୍ୟର କଥା ହେଲା ସେମାନଙ୍କ ଭିତରେ ଥିଲେ ୨୫୫ ଜଣ ପିଏଚ୍.ଡି.ଧାରୀ। ସେହିପରି ଛତିଶଗଡ଼ ସରକାରଙ୍କର ୩୦ଟି ପିଅନ ପୋଷ୍ଟ ପାଇଁ ଆବେଦନକାରୀ ଥିଲେ ୭୫ହଜାର ଯୁବତୀ ଯୁବକ। ଶିକ୍ଷାଗତ ଯୋଗ୍ୟତା ମାଟ୍ରିକ କିମ୍ବା ଯୁକ୍ତ୨ ଆବଶ୍ୟକ ଥିବାବେଳେ ଉଚ୍ଚଶିକ୍ଷିତମାନେ ଯେଉଁ ଭଳି ପିଅନ ଚାକିରି ଖଣ୍ଡେ ପାଇଁ ଆତୁର ହୋଇ ଉଠୁଛନ୍ତି ସେଥିରେ ବେଶ୍ ଅନୁମେୟ ଯେ ଆଶାୟୀଙ୍କ ସଂଖ୍ୟା ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଲାଣି ଓ ସେମାନଙ୍କୁ କର୍ମସଂସ୍ଥାନ ଯୋଗାଇବା ସରକାରଙ୍କ ପକ୍ଷରେ ଏକ ବିରାଟ ଆହ୍ୱାନ।

ଅଧିକ ଲାଭ ପାଇବା ଆଶାରେ ଆଶାୟୀମାନେ ବ୍ୟାଙ୍କରେ ଅର୍ଥ ଜମା ନ କରି ମଧ୍ୟସ୍ଥମାନଙ୍କର ମନ ଭୁଲାଣିଆ କଥାରେ ନିଜର କଷ୍ଟାର୍ଜିତ ଧନକୁ ଚିଟ୍‌ଫଣ୍ଡରେ ଜମାକରି ଶେଷରେ ନିରାଶା ମଧ୍ୟକୁ ଠେଲି ହୋଇଯାଇଛନ୍ତି। ସେହିପରି ସାହାରା ଇଣ୍ଡିଆ ଭଳି ପ୍ରତିଷ୍ଠିତ ସଂସ୍ଥା ଜମାକାରୀଙ୍କର କୋଟି କୋଟି ଜମା ଅର୍ଥକୁ ଫେରସ୍ତ ନ ଦେଇ କମ୍ପାନୀ ବନ୍ଦ ହୋଇଯାଇଛି। ସଂସ୍ଥା ଚାଲୁଥିବାବେଳେ ଲୋକେ ଟଙ୍କା ଜମାକରୁଥିଲେ ଓ ଏକଥା ସରକାର ମଧ୍ୟ ଭଲଭାବେ ଜାଣିଥିଲେ। ସରକାରଙ୍କ ଅଜ୍ଞାତରେ ଯେ ଏହିସବୁ ସଂସ୍ଥାମାନେ ତାଙ୍କ ବ୍ୟବସାୟ ଚାଲୁ ରଖୁଥିଲେ ଏକଥା ନୁହେଁ। ସରକାର ଏହିସବୁ ଜମାକାରୀଙ୍କ କାରାବାର ବିଷୟରେ ବେଶ୍ ଅବଗତ ଥିଲେ। ସରକାର ପ୍ରଥମରୁ କମ୍ପାନୀଙ୍କ ଉପରେ ନିୟନ୍ତ୍ରଣ ଜାହିର କରିବାର ଆବଶ୍ୟକତା ଥିଲା। ଏବେ ଯେତେବେଳେ ଜମାକାରୀମାନେ ଜମାଟଙ୍କା ହରାଇ ନିରାଶାର କରାଳଗର୍ଭକୁ ଠେଲି ହୋଇଯାଇଛନ୍ତି ସେତେବେଳେ କମ୍ପାନୀ କିମ୍ବା ସରକାର କୌଣସି ପଦକ୍ଷେପ ନ ନେବା ଘୋର ପରିତାପର ବିଷୟ। ସର୍ବତ୍ର ନିରାଶ ହୋଇ ଜମାକାରୀଟି ବିଚରା ଆଶଙ୍କିତ ଚିତ୍ତରେ ଦିନକାଟୁଛି।

ଆଶା ନିରାଶାର ଦୋଛକିରେ ଠିଆ ହୋଇଛି ମଣିଷ। ଆଶା ପୂରଣ ହେଲେ ତାକୁ ଗଡ଼ ଜିଣିଲା ପରି ଲାଗେ ଓ ଆଶା ନିରାଶାରେ ପରିବର୍ତ୍ତିତ ହେଲେ ଜୀବନ ଦୁର୍ବିଷହ ହୋଇଯାଏ। ଚାଲ୍ସ ଡି ଫୋଷ୍ଟଙ୍କ ପରି ବହୁ କମ୍ ଭାଗ୍ୟଶାଳୀ ବ୍ୟକ୍ତି ଅଛନ୍ତି, ଯେଉଁମାନଙ୍କର ଆଶା ଫଳବତୀ ହୁଏ। କାହାର ଭାଗ୍ୟରେ ଆଶାର ଆଲୋକ ଝଲମଲ ହୁଏ ତ କିଏ ପୁଣି ନିରାଶାର ଗଭୀର ଅନ୍ଧକାର ଗହ୍ୱରକୁ ଠେଲି ହୋଇଯାଏ। ଆଶା ନିରାଶାର ଖେଳ ମଧ୍ୟରେ ଗତିଶୀଳ ଏ ଜୀବନ।

ସିଦ୍ଧଳ, ଜଗତ୍‌ସିଂହପୁର
ମୋ: ୯୯୩୭୪୫୦୫୪୦

# କେଉଁ ଗଛ ଲଗାଇବା



ଡ. ପ୍ରମୋଦ କୁମାର ପଣ୍ଡା

ପରିବେଶ ଉପରେ ବୃକ୍ଷହାନିର ପ୍ରତିକୂଳ ପ୍ରଭାବକୁ ଦୂର କରିବା ପାଇଁ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ଉଦ୍ୟମ ଆରମ୍ଭ ହୋଇଛି। ମାତ୍ର କେଉଁ ସ୍ଥାନ ବା ସିଚୁଏଶନରେ କେଉଁ ବୃକ୍ଷ ଲଗାଇବା ଦ୍ୱାରା ମାତ୍ରାଧିକ ଲାଭପ୍ରାପ୍ତି ହେବ, ସେ ବିଷୟରେ ଧ୍ୟାନକେନ୍ଦ୍ରିତ ନ କରି ଆମେ ମନଇଚ୍ଛା ବୃକ୍ଷ ରୋପଣ କରୁଥିବାରୁ ସେ ସବୁ କାର୍ଯ୍ୟରୁ ଯେତେ ଲାଭ ମିଳିବା କଥା ତାହା ମିଳିପାରୁନାହିଁ।

ବର୍ତ୍ତମାନ ବୃକ୍ଷ ରୋପଣର ବିଭିନ୍ନ ଆଧାର ରହିଛି। କିଛି ଲୋକ ଭାବୁଛନ୍ତି ଜଗନ୍ନାଥ ନିମ୍ବ କାଠରେ ତିଆରି, ଆମକୁ ନିମ୍ବ ଗଛ ଲଗାଇବାର ଅଛି। ଆଉ କିଛି ଭାବୁଛନ୍ତି ଦେବଦାରୁ ଭଲ ଦିଶିବ ତେଣୁ ତାକୁ ଲଗାଇବା। ଆଉ କିଛି ଲୋକ ଇଉକାଲିପଟାସକୁ ପସନ୍ଦ କରି ଲଗାଉଥିବା ବେଳେ କିଛି ଲୋକ ବିଦେଶରୁ କେବଳ ପତ୍ର ଥିବା ଶୋ'ଗଛ ଆମଦାନୀ କରି ପାର୍କରେ ଲଗାଇଲେଣି। ଅନେକେ ରାସ୍ତାର ଦୁଇ ପାର୍ଶ୍ୱରେ ଚାକୁଣ୍ଡା ଗଛ ଲଗାଇବାକୁ ପସନ୍ଦ କରୁଛନ୍ତି। ମାତ୍ର ବୃକ୍ଷରୋପଣ ଧାର୍ମିକ ଓ ମନଗତ ପସନ୍ଦ ନ ହୋଇ ବୈଜ୍ଞାନିକ ଆଧାରରେ ହେବା ଆବଶ୍ୟକ। ବୃକ୍ଷ ଚୟନ ପାଇଁ ନିମ୍ନଲିଖିତ ଆଧାରକୁ ବିଚାରକୁ ନେବା ଉଚିତ। ମହତ୍ତ୍ୱପୂର୍ଣ୍ଣ କଥା ହେଲା ଯେଉଁ ବୃକ୍ଷଟିକୁ ଚୟନ କରୁଛନ୍ତି, ସେ ଯେମିତି ଆମ ମାଟି, ପାଣି ଏବଂ ଜୈବ ବିବିଧତାକୁ ନଷ୍ଟ ନ କରି ସୁରକ୍ଷା ପ୍ରଦାନ କରୁଥିବ। ପ୍ରଥମ କଥା ହେଲା ଗଛଟି ପ୍ରଚୁର ମାତ୍ରାରେ ଅମ୍ଳଜାନ ପ୍ରଦାନ କରୁଥିବା ଆବଶ୍ୟକ। ଦ୍ୱିତୀୟ କଥା ହେଲା ଏଥିରେ ପ୍ରଚୁର ଫୁଲ ଫଳ ଫୁଟି ଏହା ଉଭୟ ମନୁଷ୍ୟ ଓ ପଶୁପକ୍ଷୀଙ୍କ ଆବଶ୍ୟକତା ପୂରଣ କରୁଥିବ। ତୃତୀୟ କଥା ହେଲା ବୃକ୍ଷଟିର ଚେର ମାଟିର ଗଭୀର ଅଂଶକୁ ଯାଉଥିବ। ଏହା ମଧ୍ୟ ପର୍ଯ୍ୟାପ୍ତ ଛାୟା ପ୍ରଦାନ କରୁଥିବ। ଏହାର ପତ୍ର ଖୁବ୍ କମ୍ ସମୟରେ ପଡିଯାଇ ଖତରେ ପରିଣତ ହୋଇ ଯାଉଥିବ। ଏହାର ଚେର କିମ୍ବା ଡାଳପତ୍ର ମାଟିରେ କୌଣସି ପ୍ରକାର ବୃକ୍ଷ ବୃଦ୍ଧି ବିରୋଧୀ ତତ୍ତ୍ୱ କିମ୍ବା ଆଲିଲୋକେମିକାଲ ଛାଡୁ ନ ଥିବେ। ଏହା ଆମକୁ ଗୃହ ଉପଯୋଗୀ କାଠ ପ୍ରଦାନ କରୁଥିଲେ ଭଲ ଏବଂ ଭୂଜଳକୁ ଖୁବ୍ ଶୀଘ୍ର ସାରୁ ନ ଥିବ ଇତ୍ୟାଦି ଇତ୍ୟାଦି।

କହିବାକୁ ଗଲେ ବୃକ୍ଷଗୁଡିକ ଜୈବ ବିବିଧତା ସୁରକ୍ଷାରେ ପ୍ରତ୍ୟକ୍ଷ ଓ ପରୋକ୍ଷରେ ଭାଗୀଦାରି ଥିବେ। ଅଧିକ ଅମ୍ଳଜାନ ପ୍ରଦାନକାରୀ ବୃକ୍ଷ ଯଥା ବରଗଛ, ଓସ୍ତ ଗଛ, ନିମ୍ବଗଛ, ଆମ୍ବ ଗଛ, ଅର୍ଜୁନ ଗଛ, ଅଶୋକ ଗଛକୁ ଲଗାଇବା କଥା। ଖାଦ୍ୟ ପ୍ରଦାନକାରୀ ଗଛ ଯଥା ଆମ୍ବ, ବେଲ, ଜାମୁ, ବଉଳ, ତେନ୍ତୁଳି, କରମଙ୍ଗା, ଆମ୍ବଡା, କଇଥ, ମହୁଲ, ପଣସ ଇତ୍ୟାଦି ଗଛକୁ ମଧ୍ୟ ପ୍ରାଧାନ୍ୟ ଦେବା। କରଞ୍ଜ, ସାଆଡା ପ୍ରଭୃତି ଗଛକୁ ମଧ୍ୟ ଲଗାଇବା ଜରୁରୀ। ସାଆଡା ଫଳକୁ ହଳଦୀବସନ୍ତ ଖାଇ ବଞ୍ଚିଥାନ୍ତି। ମାତ୍ର ସାଆଡା ବୃକ୍ଷ ଅଭାବରୁ ହଳଦୀବସନ୍ତ ବଂଶ ଲୋପ ପାଇବାକୁ ବସିଲାଣି। ଆଜିକାଲି କିଛି ଲୋକଙ୍କର ପସନ୍ଦ ଇଉକାଲିପଟାସ ଓ ଝାଉଁ ଗଛ। ଉଭୟ ଗଛ ପତ୍ର ଛେଦରେ ଅଧିକ ବାଷ୍ପୀକରଣ କରିଥାନ୍ତି ଓ ମୃତ୍ତିକାର ଜଳସବୁ



ସାରିଦେଇଥାନ୍ତି। ତେଣୁ ରାସ୍ତା କଡ, ଡିପ ଜମି ଓ ମଧ୍ୟମ କିଷମ ଜମିରେ ଏହାକୁ ନ ଲଗାଇ କେବଳ ଜଳୀୟ ଓ ଜଳାଶ୍ରୟ ସ୍ଥାନରେ ଲଗାଇଲ ଭଲ। ଇଉକାଲିପଟାସର ଆଉ ଏକ ନକାରାତ୍ମକ ଦିଗ ହେଉଛି ଏହା ମୃତ୍ତିକାକୁ ଆଲିଲୋକେମିକାଲ ଛାଡିଥାଏ, ଯଦ୍ୱାରା ସେ ଜମିରେ ଅନ୍ୟାନ୍ୟ ବୃକ୍ଷ ବଢିପାରେ ନାହିଁ। ଆମ ରାଜ୍ୟ ବାତ୍ୟାପ୍ରବଣ ରାଜ୍ୟ। ଆମେ ଏମିତି ଗଛ ଲଗାଇବା ଉଚିତ ଯେଉଁମାନଙ୍କର ଚେର ଗଭୀର ମାଟିକୁ ପ୍ରବେଶ କରେ ଏବଂ ବାତ୍ୟାରେ ଉପୁଡେ ନାହିଁ। ପ୍ରାୟ ଦେଶୀ ଗଛ ସବୁର ଚେର ମାଟି ଭିତରକୁ ଯାଏ। ସେଗୁଡିକ ଭଲ। ଧାର୍ମିକ ଦୃଷ୍ଟିକୋଣରୁ ହେଉ କିମ୍ବା ସୌନ୍ଦର୍ଯ୍ୟ ପାଇଁ ହେଉ, ଜନସାଧାରଣ ଗୋଟିଏ ଜାତିର ଗଛକୁ ବହୁ ସଂଖ୍ୟାରେ ଲଗାଇବାକୁ ପସନ୍ଦ କରନ୍ତି; ଯଥା ନିମ୍ବ, ଚାକୁଣ୍ଡା, ଦେବଦାରୁ ଇତ୍ୟାଦି।

ଆମେ ଜଳବାୟୁ ପରିବର୍ତ୍ତନ ପରିସ୍ଥିତିରେ ବଞ୍ଚୁଛେ। ବାୟୁମଣ୍ଡଳର ଉତ୍ତାପ ବୃଦ୍ଧି, ଥଣ୍ଡାର ମାତ୍ରା ବୃଦ୍ଧି ହ୍ରାସ, ରୋଗପୋକର ଆବିର୍ଭାବ ଏକପ୍ରକାର ବୃକ୍ଷକୁ ସମ୍ପୂର୍ଣ୍ଣ ନଷ୍ଟକରିଦିଅନ୍ତି। ସେପରି ସ୍ଥଳେ ମିଶ୍ରିତ ବୃକ୍ଷଜାତି ରୋପଣ କରିଥିଲେ ଗୋଟେ ଜାତି ବୃକ୍ଷର ମୃତ୍ୟୁ ହେଲେ ଅନ୍ୟଗୁଡିକ ପ୍ରଭାବ ମୁକ୍ତ ହୋଇ ବଞ୍ଚନ୍ତି। ତା' ଛଡା ବିଭିନ୍ନ ପ୍ରକାର ବୃକ୍ଷ ବିଭିନ୍ନ ପ୍ରକାର ପଶୁପକ୍ଷୀ, କୀଟ ପତଙ୍ଗର ଖାଦ୍ୟ ଓ ବାସସ୍ଥଳୀ ଭାବେ କାମରେ ଲାଗିଥାଏ। ଆମେ ମିଶ୍ରିତ ବୃକ୍ଷ ରୋପଣ କଲେ ଏହା ସବୁଠୁ ଭଲ। କିଛି ଜଙ୍ଗଲ କର୍ମଚାରୀ ଭାବନ୍ତି ଜଙ୍ଗଲ ଅର୍ଥ ଶାଳ, ପିଆଶାଳ, ଶାଗୁଆନ, ଶିଶୁ, ଗମ୍ଭାରୀ ଇତ୍ୟାଦି ଓ ସେଗୁଡିକୁ ଲଗାନ୍ତି। ମାତ୍ର ସେମାନେ ଭାବିବା ଉଚିତ ଯେ ଜଙ୍ଗଲରେ ହାତୀ, ମାଙ୍କଡ, ଭାଲୁ, ଅନ୍ୟାନ୍ୟ ଜୀବଜନ୍ତୁ, ପକ୍ଷୀ, କୀଟପତଙ୍ଗ, ସରୀସୃପ ମଧ୍ୟ ବାସ କରନ୍ତି। ଯଦି ସେମାନଙ୍କ ଖାଦ୍ୟ ବୃକ୍ଷ ବାଉଁଶ, ଆମ୍ବ, ପଣସ, ତେନ୍ତୁଳି, ପିଜୁଳି, କଦଳୀ, ଧାନ, କଇଥ, ବେଲ ଇତ୍ୟାଦି ଆମେ ଜଙ୍ଗଲରେ ନ ଲଗାନ୍ତି, ସେମାନେ ନିଶ୍ଚୟ ଖାଦ୍ୟ ପାଇଁ ଜନବସତିମୁହାଁ ହେବେ। ତେଣୁ ଆଜି ହାତୀ ହେଉ କିମ୍ବା ମାଙ୍କଡ, ସବୁ ଗାଁକୁ ପଳାଇଆସି କୃଷକର ଫସଲ ନଷ୍ଟ କରୁଛନ୍ତି। ବୃକ୍ଷରୋପଣ କଲାବେଳେ ଖାଦ୍ୟଜାତୀୟ ବୃକ୍ଷରୋପଣ କଲେ ଆମେ ସେଥିରୁ ରାଜସ୍ୱ ପାଇପାରିବା ଓ ପରିବେଶ ସୁରକ୍ଷା କରିପାରିବା। ବିଶେଷକରି ସରକାରୀ ଜମିରେ ଅର୍ଥକରୀ ବୃକ୍ଷ ଯଥା କାଜୁ, ସପେଟା, ଆତ, ଆମ୍ବ, ପଣସ, ଲିଚୁ, ତେନ୍ତୁଳି, ନଡିଆ ପ୍ରଭୃତି ଗଛ ଲଗାଇଲେ, ଏହା ଆମ ପଞ୍ଚାୟତ କିମ୍ବା ଜିଲା କିମ୍ବା ରାଜ୍ୟ ଓ ଦେଶର ଆର୍ଥିକ ସ୍ଥିତି ମଜଭୁତ କରିବାରେ ସହାୟକ ହୋଇଥାଏ। ଆଜିକାଲି ବଜ୍ରପାତ ଓ ବିଜୁଳି ସ୍ପର୍ଶରେ ଅନେକ ଧନଜୀବନ ନଷ୍ଟ ହେଉଛି। ତେଣୁ ବିଲ ହୁଡା, ଗାଁ ଗଣ୍ଡାରେ ତାଳ ଓ ନଡିଆ ଗଛ ଲଗାଇଲେ ଆମେ ସେ ସମସ୍ୟାରୁ ମୁକ୍ତ ହେବା। ସମୁଦ୍ରକୂଳ ଅଞ୍ଚଳରେ ଝାଉଁ ଓ ହେନ୍ତାଳ, ସମୁଦ୍ରକୂଳ ଗାଁମାନଙ୍କରେ ନଡିଆ ବୃକ୍ଷ ଆଦି ଲଗାଇବାକୁ ହେବ। ମୋଟାମୋଟି ସ୍ଥାନର ପ୍ରକାରଭେଦ, ବୃକ୍ଷର ମୃତ୍ତିକା ଜଳବାୟୁ ପସନ୍ଦ ଓ ଆମର ନାନାବିଧ ଆବଶ୍ୟକତାକୁ ବିଚାରକୁ ନେଇ ଆମେ କେଉଁ ସ୍ଥାନରେ କେଉଁ ବୃକ୍ଷ ରୋପଣ କରିବା ତା'ର ଖସଡା ପ୍ରସ୍ତୁତି କରି ତାକୁ କାର୍ଯ୍ୟକାରୀ କରିବା ଉଚିତ।

ପ୍ରଧାନ ବୈଜ୍ଞାନିକ, ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ, ଭୁବନେଶ୍ୱର
ମୋ: ୮୯୧୭୪୨୬୪୦

## ଏଇ ଭାରତରେ

କରଣ କୁମାରଙ୍କ ବୟସ ଏବେ ୨୦। କଲେଜରେ ପଢୁଛନ୍ତି। ଦିଲ୍ଲୀର ଏହି ଯୁବକ ବର୍ଜ୍ୟ ରିସାଇକ୍ଲିଂ କରି ପରିବେଶ ପ୍ରଦୂଷଣ ହ୍ରାସ କରିବାରେ ପ୍ରମୁଖ ଭୂମିକା ନେଉଛନ୍ତି। ସେ 'ଫିନୋବାଦ' କମ୍ପାନୀ ଗଠନ କରି ତା'ମାଧ୍ୟମରେ ୪୫୦ ଟନ୍ ବର୍ଜ୍ୟ ରିସାଇକ୍ଲିଂ କରିସାରିଲେଣି। ବର୍ଜ୍ୟ ସଂଗ୍ରହ କରୁଥିବା ବ୍ୟକ୍ତିଙ୍କୁ ସେମାନଙ୍କ ପ୍ରାପ୍ୟ ଦେଉଛନ୍ତି। ଏହା ସହ ବିଭିନ୍ନ ବର୍ଜ୍ୟକୁ ଅଲଗା କରି ରିସାଇକ୍ଲିଂକୁ ପଠାଇବା କାର୍ଯ୍ୟରେ ସେ ମହିଳାମାନଙ୍କୁ ନିଯୁକ୍ତ କରିଛନ୍ତି। ସେ ୭୦ ଜଣ ବର୍ଜ୍ୟ ସଂଗ୍ରହକାରୀଙ୍କୁ ରୋଜଗାର ଦେଇଛନ୍ତି। କରଣଙ୍କ ଜନ୍ମ ବିହାର ସମସ୍ତିପୁରରେ। ୧୯୯୦ ଦଶନ୍ଧିରେ ସେ ତାଙ୍କ ପରିବାର ସହ ଦିଲ୍ଲୀ ଆସିଥିଲେ। ସେ ସ୍କୁଲରେ ତାଙ୍କ ସାଙ୍ଗଙ୍କ ସହ ମିଶି ବିଶେଷକରି ପଡ଼ୋଶୀଙ୍କଠାରୁ ବର୍ଜ୍ୟ ସଂଗ୍ରହ କାର୍ଯ୍ୟ ଆରମ୍ଭ କରିଥିଲେ। ପରେ ସେ ଏକ ୱେବସାଇଟ ଓ ଆପ୍ ମାଧ୍ୟମରେ କବାଡିବାଲାଙ୍କୁ ତାଙ୍କ ସହ ଯୋଡ଼ିଥିଲେ। ୨୦୨୪ରେ ଫିନୋବାଦ ପଞ୍ଜୀକୃତ କରି ସେ ଆଗକୁ ବଢ଼ିଥିଲେ। ଏହି କାର୍ଯ୍ୟରେ ଆରମ୍ଭରୁ ତାଙ୍କ ସାନ ଭାଇ ଅପୂର୍ବ ସହଯୋଗ କରିଆସୁଛନ୍ତି। ବଡ଼ କଥା ହେଉଛି, ପ୍ରତ୍ୟେକ ୧୦୦ କେ.ଜି. ବର୍ଜ୍ୟ ରିସାଇକ୍ଲିଂ ହେବା ପରେ ଫନୋବାଦ ପକ୍ଷରୁ ଗୋଟିଏ ଗଛ ଲଗାଯାଉଛି। ଏବେ ସୁଦ୍ଧା ୩୩୨୦ ଗଛ ଲଗାଯାଇସାରିଲାଣି।

## ୫୦ ବର୍ଷ ତଳର ଧରିତ୍ରୀ

### ୨୦ ଡିସେମ୍ବର ୧୯୭୬

- ଇଣ୍ଡିଆନ ଏୟାରଲାଇନ୍ସ ପକ୍ଷରୁ ନାଇଜେରିଆ ଓ ଘାନାକୁ ପ୍ରଥମ କରି ବିମାନ ଚଳାଚଳ ଆରମ୍ଭ ହୋଇଛି।
- ଭାରତ ସରକାର ମହୀଶୂର ହିନ୍ଦୀ ପ୍ରଚାର ପରିଷଦ ହିନ୍ଦୀ 'ରତ୍ନ' ଉପାଧିକୁ ସ୍ନାତକ ଉପାଧି ସହ ସମାନ ବୋଲି ସ୍ୱୀକୃତି ଦେଇଛନ୍ତି।

## ଚିରନ୍ତନୀ

ଯେତେ କଥା ଆଜି ହଜିଗଲା ମନ ଭିତରେ
ବିଚାରଇଁ ସବୁ ଗାଇଯିବି ଖାଲି ଗୀତରେ !
ହୁଡ଼ିଗଲି କେତେ ହେଲି ବାଟବଣା
ରହିଗଲା ବହୁ ଅକୁହା ଅଜଣା,
ଚମକିଲା ଛାତିକେତେ ଯେ ବରଷା
ଶୀତରେ
ବିଚାରଇ ଆଜି ଗାଇଯିବି ସବୁ ଗୀତରେ ।
-(ଜୟପୁର ଘାଟି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ମହାନଦୀ ଜଳ ବିବାଦର ସମାଧାନ କେବେ

ମହାଶୟ,

ଏକଦା କାବେରୀ ଜଳ ବିବାଦ ଜାତୀୟ ସ୍ତରରେ ଚର୍ଚ୍ଚିତ ଖବର ହୋଇଥିଲା ଓ ପରେ ନର୍ମଦା ବଞ୍ଚାଅ ଆନ୍ଦୋଳନ ମଧ୍ୟ ଅନୁରୂପ ଖବର ପାଲଟିଥିଲା। ତେବେ ଦିନେ ମହାନଦୀ ଜଳ ବିବାଦ ଓଡ଼ିଶାବାସୀଙ୍କ ମୁଣ୍ଡବିନ୍ଧାର କାରଣ ସାଜି ରାଜନୈତିକ ନାଟକବାଜିରେ ରୂପାନ୍ତରିତ ହେବ ବୋଲି କିଏ ଭାବିଥିଲା? ଗୋଟିଏ ଦୀର୍ଘକାଳୀନ କ୍ଷମତାସୀନ ସରକାର ଏଥିପାଇଁ ନେଇଥିବା ପଦକ୍ଷେପ କେବଳ ପତ୍ରଲିଖନରେ ସୀମିତ ଥିବା ସ୍ଥଳେ ଓଡ଼ିଆ ଅସ୍ମିତା ଦ୍ୱାହି ଦେଇ ସଂପ୍ରତି କ୍ଷମତା ମଧୁ ଚାଖିଥିବା ରାଜନୈତିକ ଦଳ ମଧ୍ୟ ସେହି ବାଟ ଧରିଲାଣି। କେବଳ କମିଟିରେ ଗୋଟିଏ/ଦୁଇଟି ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ବିଧାୟକଙ୍କୁ ରଖି ଓ ସଦସ୍ୟ ଚୟନରେ ତାହାକୁ ଉଚ୍ଚସ୍ତରୀୟ ସର୍ବଦଳୀୟ କମିଟି ଗଠିତ ହୋଇଯିବାର ବାହାଦୁରି ନେଇ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଗଲାଣି। ଏହାଦୃଶ ରାଜନୈତିକ ଆଖଡ଼ା ଆଉ କେତେଦିନ।

-ଡି.ପି. ତ୍ରିପାଠୀ, ଶ୍ରୀନିବାସ ବିହାର, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 4 | 1 | 3 | | | |
| 7 | | | 2 | | | 5 | | |
| | | | | | | | 1 | |
| | | | 3 | 6 | | | 2 | |
| 1 | | 4 | | | | | | |
| | | | 1 | 8 | | 6 | | |
| 6 | 3 | | | | 7 | 8 | | 9 |
| | | 8 | | | | 3 | | |
| 5 | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 3 | 6 | 9 | 7 | 5 | 8 | 1 | 2 |
| 5 | 2 | 8 | 1 | 3 | 6 | 7 | 9 | 4 |
| 1 | 9 | 7 | 8 | 4 | 2 | 3 | 5 | 6 |
| 6 | 4 | 1 | 7 | 5 | 8 | 2 | 3 | 9 |
| 2 | 5 | 9 | 3 | 6 | 4 | 1 | 7 | 8 |
| 8 | 7 | 3 | 2 | 1 | 9 | 6 | 4 | 5 |
| 9 | 1 | 5 | 6 | 2 | 7 | 4 | 8 | 3 |
| 7 | 8 | 2 | 4 | 9 | 3 | 5 | 6 | 1 |
| 3 | 6 | 4 | 5 | 8 | 1 | 9 | 2 | 7 |

ଗତକାଲିର ଉତ୍ତର

# ଧାନମଣ୍ଡି ଖୋଲିବା ଦାବିରେ ବିକ୍ଷୋଭ




ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏସ୍‌ୟୁସିଆଇ(ସି) ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ବଲାଙ୍ଗୀର,୧୯।୧୨(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଜିଲାରେ ଖରିଫ ଧାନକିଣା ଚରମ ଅବ୍ୟବସ୍ଥା ଘେରରେ ରହିଛି। ଚଳିତବର୍ଷ ଜିଲାରେ ଗତ ୫ ତାରିଖରୁ ଧାନକିଣା ଆରମ୍ଭ ହୋଇଥିବା ଘୋଷଣା କରାଯାଇଥିଲେ ମଧ୍ୟ ଜିଲାର ଅଧିକାଂଶ ପାକ୍ସରେ ଏପର୍ଯ୍ୟନ୍ତ ଧାନମଣ୍ଡି ଖୋଲିନାହିଁ। ଫଳରେ ଜିଲାର ଚାଷୀମାନେ ଧାନ ବିକ୍ରି କରି ନ ପାରି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଧାନ କିଣାରେ ବିଳମ୍ବ ହେବା ଯୋଗୁ ଯେଉଁ ଚାଷୀମାନେ ଟୋକନ୍ ପାଇଛନ୍ତି ତାହା ଅଚଳ ହୋଇଯିବା ଆଶଙ୍କା ଦେଖାଦେଇଛି। ଯେଉଁ ସ୍ଥାନରେ ଧାନମଣ୍ଡି ଖୋଲାଯାଇଛି ସେଠାରେ କଟ୍‌ନି ଛଟ୍‌ନି ଯୋଗୁ ଚାଷୀ ଲୁଟ୍‌ର ଶିକାର ହେଉଛନ୍ତି। ତେଣୁ ଧାନକିଣାକୁ ସୁବ୍ୟବସ୍ଥିତ କରିବା ଏବଂ ମିଲର୍ସ ମନମାନୀକୁ ବନ୍ଦ କରିବା ପାଇଁ ଫୁଡ୍ ଟ୍ରାନ୍ସପରେନ୍ସି ପୋର୍ଟାଲ କାର୍ଯ୍ୟକ୍ଷମ କରିବା, ସମସ୍ତ ପାକ୍ସରେ ଶୀଘ୍ର ଧାନମଣ୍ଡି ଖୋଲିବା, କଟ୍‌ନି ଛଟ୍‌ନି ସମ୍ପୂର୍ଣ୍ଣ ବନ୍ଦ କରିବା, ଦେଓଗାଁ ବ୍ଲକ ରତାଖଣ୍ଡି ଗ୍ରାମର ଖେଳପଡ଼ିଆର ଜମି ଚିହ୍ନଟ କରିବା, ବନ୍ଦ ସ୍କୁଲ ତୁରନ୍ତ ଖୋଲିବା ଦାବି ନେଇ ଶୁକ୍ରବାର ଏସ୍‌ୟୁସିଆଇ(ସି) ଏବଂ ଚାଷୀ ସଙ୍ଗଠନ ଏଆଇକେକେଏମ୍‌ଏସ୍ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏସ୍‌ୟୁସିଆଇ(ସି) ବଲାଙ୍ଗୀର ଜିଲା କମିଟି ସମ୍ପାଦକ ସୁନୀଲ କୁମାର ଭୋଇଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା କୋଶଳ କଳାମଣ୍ଡଳ ପଡିଆରୁ ବାହାରି ସହର ପରିକ୍ରମା ପୂର୍ବକ ବିକ୍ଷୋଭକାରୀମାନେ ଭାଗୀରଥି ଛକ ଦେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ କରିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା କରାଯାଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଚାଷୀମାରଣ ନୀତିକୁ ବିରୋଧ କରାଯାଇଥିଲା। ମିଲର୍ସଙ୍କ ସ୍ୱାର୍ଥ ରକ୍ଷା କରିବା ପାଇଁ ଚାଷୀଙ୍କୁ ଶୋଷଣ କରିବାରୁ ସରକାର ଓ ପ୍ରଶାସନ ବିରତ ରୁହନ୍ତୁ ବୋଲି ଭୋଇ କହିଥିଲେ। ଏଭଳି ମନମାନୀ ଜାରି ରହିଲେ ଆଗାମୀ ଦିନରେ ଜୋର୍‌ଦାର ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଥିଲେ। ଏହାପରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏଡିଏମ୍ ପବିତ୍ର ବେହେରାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହି ବିକ୍ଷୋଭରେ ସଙ୍ଗଠନର ପୀତାମ୍ବର ପଧାନ, କୁନୁ ଭୋଇ, ଅମିତ୍ ପଧାନ, ଚେୟାରମେନ ପଧାନ, ମୋତି ରଣାଙ୍କ ସମେତ ଶତାଧିକ ଚାଷୀ ସାମିଲ ହୋଇଥିଲେ।

# ୭ମ କଣ୍ଟାବାଞ୍ଜି ଲୋକ ମହୋତ୍ସବ ପାଇଁ ମଶାଲ ଶୋଭାଯାତ୍ରା

**କଣ୍ଟାବାଞ୍ଜି,୧୯।୧୨(ଗୁରୁଦୟାଲ ହଂସ)**

କଣ୍ଟାବାଞ୍ଜି ସରକାରୀ ବାଳକ ହାଇସ୍କୁଲ ପଡିଆରେ ୭ମ କଣ୍ଟାବାଞ୍ଜି ଲୋକ ମହୋତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଗ୍ରାମଦେବୀ ଦୁଆର୍ଶିନୀ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ଏଥିସହ ମଶାଲ ଶୋଭାଯାତ୍ରା ବାହାରି ସହରର ଶାସ୍ତ୍ରୀଛକ ମେନ୍ ରୋଡ୍ ଦେଇ ଏନ୍‌ଏସି ଛକ, ଆମ୍ବେଦକର ଛକ, ମସ୍‌ଜିଦ ଛକ ରୋଡ୍, ଇନ୍ଦିରା ଛକ ଦେଇ ହାଇସ୍କୁଲ ପଡିଆରେ ପହଞ୍ଚିଥିଲା। ଏହି ଶୋଭାଯାତ୍ରାରେ ବିଭିନ୍ନ ସାଂସ୍କୃତିକ ଦଳ, ଛାତ୍ରୀଛାତ୍ର, ସାମାଜିକ କର୍ମୀ, ଅନୁଷ୍ଠାନର କର୍ମକର୍ତ୍ତା ସାମିଲ ଥିଲେ। ସାମାଜିକ କର୍ମୀ ଗିରିରାଜ ମାଝୀ ଓ ତାଙ୍କ ପତ୍ନୀ ମହୋତ୍ସବ ପଡିଆରେ ମଶାଲ ସ୍ଥାପନ କରିଥିଲେ। ପ୍ରାୟ ୫ ବର୍ଷର ବ୍ୟବଧାନ ପରେ ପୁଣି କମିଟି ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବାରୁ ଅଞ୍ଚଳର କଳାକାରଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି।

# ବଲାଙ୍ଗୀର ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ ଉତ୍ସବ




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

**ବଲାଙ୍ଗୀର,୧୯।୧୨ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର କେନ୍ଦ୍ରୀୟ ବିଦ୍ୟାଳୟ ନମ୍ବର-୨ର ବାର୍ଷିକ ଉତ୍ସବ ଶୁକ୍ରବାର ଅପରାହ୍ନରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗୀର ତହସିଲଦାର ଲଗ୍ନଜିତ ବେହେରା ଯୋଗଦେଇ ଶିଷ୍ଟାଚାର ଏବଂ ନିଷ୍ଠା ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଢ଼େ ବୋଲି କହିଥିଲେ। ସେହିପରି ମୁଖ୍ୟବକ୍ତା କୋଶଲୀ କବି ରସରାଜ ଅଚ୍ୟୁତ ପୁରୋହିତ ଯୋଗଦେଇ କହିଥିଲେ, ମଣିଷ ଭାବେ ନିଜକୁ ଗଢ଼ି ଏକତ୍ରିତ ହୋଇ କାର୍ଯ୍ୟ କଲେ ଆମେ ଓ ଆମ ସମାଜ ଆଗକୁ ବଢ଼ିବ। ପ୍ରଧାନ ଶିକ୍ଷକ ଗଣେଶ ପଧାନ ବାର୍ଷିକ ରିପୋର୍ଟ ଉପସ୍ଥାପନ କରିଥିଲେ। ଏଥିସହ ୨୦୨୪-୨୫ ଶିକ୍ଷାବର୍ଷରେ ଦଶମ ଶ୍ରେଣୀରେ ୧୦୦ ପ୍ରତିଶତ ପରୀକ୍ଷା ଫଳାଫଳ ଓ ଦ୍ୱାଦଶ ଶ୍ରେଣୀରେ ୯୭.୭ ପ୍ରତିଶତ ଉତ୍ତୀର୍ଣ୍ଣ ହୋଇଥିବା ସେ ସୂଚନା ଦେଇଥିଲେ। ଏହି ସମାରୋହରେ ଶିକ୍ଷା, କ୍ରୀଡ଼ା ଭଳି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାଥମିକ ବିଭାଗରେ ଶିକ୍ଷକ ନୀଳକଣ୍ଠ ମିଶ୍ର ଓ ମାଧ୍ୟମିକ ବିଭାଗରେ ଶିକ୍ଷକ ପଙ୍କଜ ପାଠକଙ୍କ ସଂଯୋଜନାରେ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସଙ୍ଗୀତ ଶିକ୍ଷୟିତ୍ରୀ ସୀମାଞ୍ଜଳି ବେହେରାଙ୍କ ନିର୍ଦ୍ଦେଶନାରେ ଛାତ୍ରୀଛାତ୍ର ଉଚ୍ଚକୋଟୀର କଳା ପ୍ରଦର୍ଶନ କରିଥିଲେ। ବରିଷ୍ଠ ଶିକ୍ଷକ ଗରୁଡ଼ଧ୍ୱଜ ରଣା ଧନ୍ୟବାଦ ଦେଇଥିଲେ।

# କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଲଣ୍ଡାପଥର ଚାମ୍ପିୟନ

**ଦେଓଗାଁ,୧୯।୧୨(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**



ଚାମ୍ପିୟନ ଟିମ୍‌କୁ ପୁରସ୍କୃତ କରାଯାଉଛି।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ୍ ବନ୍ଧପଡ଼ା ଖେଳପଡିଆରେ ଚାଲିଥିବା କେଡିସିସି କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଛି । ଲଣ୍ଡାପଥର ଓ ସିନ୍ଦୁରବାହାଲ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଲଣ୍ଡାପଥର ଟିମ୍ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଟୁର୍ଣ୍ଣାମେଣ୍ଟରେ ୧୬ଟି ଟିମ୍ ଅଂଶଗ୍ରହଣ କରିଥିଲା । ମାରୁତି, ଶୁଶାନ୍ତ, ଚିମନ ଓ ରଜତ ଗହୀର କ୍ରୀଡ଼ା ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ସମ୍ମାନିତ ଅତିଥିଭାବେ ବିଜେଡି ବ୍ଲକ ସଭାପତି ଶୁଶୀଳ କୁମାର ଚାନ୍ଦ, ସରପଞ୍ଚ ସଂଘ ସଭାପତି ଗୋପାଳ ଚନ୍ଦ୍ର ମିଶ୍ର, ବିଜେଡି ନେତା ଅଚ୍ୟୁତ୍ କୁମାର ମିଶ୍ର ଯୋଗଦେଇ ଚାମ୍ପିୟନ ଓ ରନରଅପ୍ ଟିମ୍‌କୁ ପୁରସ୍କୃତ କରିଥିଲେ ।

**ଦ.ପୂ. ରେଳପଥ – ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଆର୍‌ସି-ସି-ଆଇଏନ୍‌ଟିଓବିଏଚ୍‌ଏସ୍-ଏଫ୍-୧୭୧୨୨୫, ଭାରତର ରାଷ୍ଟ୍ରପତିଙ୍କ ଜରିଆରେ କାର୍ଯ୍ୟରତ ବରିଷ୍ଠ କୋଚିଂ ଡିପୋ ଅଧିକାରୀ, ସାନ୍ତ୍ରାଗାଛି, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ମଣ୍ଡଳ ତଳେ ଦର୍ଶାଯାଇଥିବା ବିବରଣୀ ଅନୁଯାୟୀ www.ireps.gov.in ୱେବ୍‌ସାଇଟ୍‌ରେ ଇ-ଟେଣ୍ଡରିଂ ଜରିଆରେ ଖୋଲା ଟେଣ୍ଡର ଆହ୍ୱାନ କରୁଛନ୍ତି। ଯୋଗ୍ୟ ଟେଣ୍ଡରଦାତାମାନଙ୍କୁ ତଳେ ଦର୍ଶାଯାଇଥିବା ବିବରଣୀ ଅନୁଯାୟୀ www.ireps.gov.in ୱେବ୍‌ସାଇଟ୍‌ରେ କେବଳ ଅନ୍‌ଲାଇନ୍ ଜରିଆରେ ସେଥିପାଇଁ ଆବେଦନ କରିବା ପାଇଁ ଅନୁରୋଧ କରାଯାଉଛି। କୌଣସି ଅଫ୍‌ଲାଇନ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବିବରଣୀ ପାଇଁ ଦୟାକରି ଡକ୍ୟୁମେଣ୍ଟ ସେକ୍ସନରେ ଅପଲୋଡ୍ ହୋଇଥିବା ଟେଣ୍ଡର ଦସ୍ତାବିଜ ପଢ଼ନ୍ତୁ । **କାର୍ଯ୍ୟର ନାମ:** ୨ ବର୍ଷ ଅବଧି ପାଇଁ ହାଓଡା-ପୁରୀ ଏବଂ ହାଓଡା-ରାଉରକେଲା ବନ୍ଦେ ଭାରତ ଏକ୍ସପ୍ରେସ୍ ନିମନ୍ତେ ରାଉଣ୍ଡ ଟ୍ରିପ୍ ଯାତ୍ରା ପାଇଁ ଇଣ୍ଟିଗ୍ରେଟେଡ୍ ଓବିଏଚ୍‌ଏସ୍ ଏବଂ ଯାନ୍ତ୍ରିକ କୋଚ୍ ସଫେଇ। **ଟେଣ୍ଡର ମୂଲ୍ୟ:** ₹୫,୩୩,୪୩,୩୨୭.୦୩ (ଜିଏସ୍‌ଟି ସମେତ)। **ଇଏମ୍‌ଡି:** ₹୪,୧୬,୭୦୦/- । **ଟେଣ୍ଡର ବନ୍ଦ ହେବାର ତାରିଖ:** ତା୧୭।୦୧।୨୦୨୬ରିଖ ୧୧.୦୦ ଘଟିକା । **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ₹୧୦,୦୦୦ (ଅଣଫେରସ୍ତଯୋଗ୍ୟ) । **(PR-976)**

# ୬ ଧାନ ଖରି ଜଳିଗଲା

**ଲୋଇସିଂହା,୧୯।୧୨(ସୁଶାନ୍ତ ବାରିକ)**

ଆଗଲପୁର ବ୍ଲକ୍ ସାଲେଭଟା ଗ୍ରାମର ମୁଣ୍ଡାପ ନିକଟସ୍ଥ ଖଳାରେ ଗଚ୍ଛିତ ଥିବା ୬ଟି ଧାନଖରି ଗୁରୁବାର ରାତିରେ ଜଳିଯାଇଛି। ଫଳରେ କେତେଜଣ ଚାଷୀଙ୍କର ଶତାଧିକ କୁଇଣ୍ଟାଲ ଧାନ ପୋଡ଼ି ନଷ୍ଟ ହୋଇଯାଇଛି। କେହି ଦୁର୍ବୃତ୍ତ ଖରିରେ ନିଆଁ ଲଗାଇ ଦେଇଥିବା କ୍ଷତିଗ୍ରସ୍ତ ଚାଷୀମାନେ ସଲେଭଟା ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ଚାଷୀ ଚନ୍ଦର ସାହୁ, ବରୁଣ ସାହୁ, କାବା ଭୁଏ ପ୍ରମୁଖ ଧାନ ଖରି ରଖିଥିଲେ। କିଛିଦିନ ପରେ ସେମାନେ ଧାନ ମଡ଼ାଇ ଘରକୁ ଆଣିଥାନ୍ତେ। କିନ୍ତୁ ଗୁରୁବାର ରାତିରେ କେହି ଦୁର୍ବୃତ୍ତ ଧାନଖରିରେ ନିଆଁ ଲଗାଇ ଦେଇଛନ୍ତି। ଖବରପାଇ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ହେଲେ ଏହା ପୂର୍ବରୁ ଧାନଖରି ପୋଡ଼ି ନଷ୍ଟ ହୋଇସାରିଥିଲା। କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

# ଯୁବକଙ୍କଠାରୁ ବାଇକ୍, ମୋବାଇଲ ଲୁଟ୍

**ଦେଓଗାଁ,୧୯।୧୨(କୃଷ୍ଣପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ନୂଆଁପାଲି ଗ୍ରାମର ଜଣେ ଯୁବକଙ୍କଠାରୁ ଉପରଝର- ଆଟଗାଁ ରାସ୍ତାରେ ୩ଜଣ ଦୁର୍ବୃତ୍ତ ମାରଣାସ୍ତ୍ର ଦେଖାଇ ବାଇକ୍ ଓ ମୋବାଇଲ ଲୁଟି ନେଇଛନ୍ତି। ଘଟଣା ଘଟିଥିବା ସ୍ଥାନଟି ପୁଇଁନ୍ତଳା ଥାନା ଅଞ୍ଚଳରେ ଆସୁଥିବାରୁ ଅଭିଯୋଗକାରୀ ପୁଇଁନ୍ତଳା ଥାନାରେ ଅଭିଯୋଗ କରିଛନ୍ତି। ସୂଚନାନୁସାରେ ନୂଆଁପାଲି ଗ୍ରାମର ବିବେକ ମନହୀରା ବଲାଙ୍ଗୀର ପଟରୁ ଗୁରୁବାର ରାତିରେ ଗ୍ରାମକୁ ଆସୁଥିବାବେଳେ ଲୁଟ୍‌ର ଶିକାର ହୋଇଥିଲେ। ଏନେଇ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଚଳାଇଛି।

**GOVERNMENT OF ODISHA** No.O-1816
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, KENDRAPARA-JAJPUR**
AT-CHANDIKHOL, PO-SUNGUDA, JAJPUR-754296, Email-serw_kpd@yahoo.com
**No. Tender Online RCK-24/25 Letter No.-4261 Date : 15.12.2025**

**e-Procurement NOTICE**

1. Name of the work : Tender for the Building works in the Dist. of Jajpur, 2. Class of Contractor : As specified in the Column-6 of the Annexure, 3. Time of Completion : As specified in the Column-7 of the Annexure, 4. Detail Projects : As per Annexure attached, 5. Other Details :

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender Clarification | Date & Time of opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Kendrapara-Jajpur | Tender Online RCK-24/25 | 22.12.2025 at 11.00 A.M. | 08.01.2026 to 5.00 P.M. | 08.01.2026 upto 2.00 P.M. | 09.01.2026 at 11.00 A.M. | Will be intimated later |

Further details can be seen from the website **www.tendersodisha.gov.in**

**Sd./- Chief Construction Engineer**
**Rural Works Circle, Kendrapara-Jajpur**
**OIPR-25129/11/0073/2526**

**IFCI LIMITED**
आई एफ सी आई लिमिटेड
(A Government of India Undertaking)
(भारत सरकार का उपक्रम)

ପଞ୍ଜୀକୃତ କାର୍ଯ୍ୟାଳୟ: ଆଇଏଫ୍‌ସିଆଇ ଟାୱାର, ୬୧ ନେହେରୁ ପ୍ଲେସ୍ ନୂଆଦିଲ୍ଲୀ – ୧୧୦୦୧୯
ଟେଲି: ୦୧୧-୪୧୭୯୨୮୦୦, ୪୧୭୩୨୦୦୦
ୱେବ୍‌ସାଇଟ୍: www.ifciltd.com
ସିଆଇଏନ୍: L74899DL1993GOI053677

**ପ୍ରାଇମ୍ ପ୍ରପର୍ଟି ବିକ୍ରୟ ପାଇଁ ଉପଲବ୍ଧ**

ଆଇଏଫ୍‌ସିଆଇ ନିମ୍ନ ଅନୁଯାୟୀ ସ୍ଥାବର ସମ୍ପତ୍ତିଗୁଡ଼ିକର ଇ-ନିଲାମ ବିକ୍ରୟ ଜରିଆରେ **"ଯେପରି ଅଛି ଯେଉଁଠି ଅଛି, ଯେପରି ଅଛି ଯାହା ଅଛି, ସେଠାରେ ଯାହା ବି ଅଛି ଏବଂ ଅନନ୍ୟୋପାୟ ଭିତ୍ତିରେ"** ଇ-ନିଲାମରେ ଅଂଶଗ୍ରହଣ କରିବା ପାଇଁ ଆଗ୍ରହୀ ବିଡରଙ୍କୁ ଆମନ୍ତ୍ରଣ କରୁଛି:-

| କ୍ର. ନଂ. | ସମ୍ପତ୍ତିର ନାମ ଏବଂ ଠିକଣା | ସଂରକ୍ଷଣ ମୂଲ୍ୟ (କୋଟି ଟଙ୍କାରେ) | ଇ-ନିଲାମ ତାରିଖ |
|---|---|---|---|
| | **ବାଣିଜ୍ୟିକ ସମ୍ପତ୍ତି** | | |
| (i) | ଆଇଏଫ୍‌ସିଆଇ ଭବନ ନଂ.୨, କ୍ୟୁବନପେଟ, ମେନ୍ ରୋଡ, ଏନଆର୍ ଛକ, ହୁଡସନ୍ ସର୍କଲ, ବେଙ୍ଗାଲୁରୁ – ୫୬୦୦୦୨ | 33.851 | 19/01/2026 |
| (ii) | ୮ମ ମହଲା, ତାରାମଣ୍ଡଳ କମ୍ପ୍ଲେକ୍ସ, ଦ୍ୱାର ନଂ. ୫-୯-୧୩, ସୈଫାବାଦ୍, ହାଇଦ୍ରାବାଦ – ୫୦୦୦୦୪ | 15.574 | 20/01/2026 |
| (iii) | ୨ୟ ଏବଂ ୩ୟ ମହଲା, ୧୪୨, ଏମ୍.ଜି. ରୋଡ, ନୁଗାମବାକ୍କମ୍, କଣ୍ଟିନେଣ୍ଟାଲ ଚ୍ୟାମ୍ବର, ଚେନ୍ନାଇ – ୬୦୦୦୩୪ | 22.57 | 21/01/2026 |
| | **ଆବାସିକ ସମ୍ପତ୍ତି** | | |
| (iv) | ଶିବଶକ୍ତି ଆପାର୍ଟମେଣ୍ଟ, ୧୮/୨, ବାଲିଗୁଞ୍ଜ ସର୍କଲ ରୋଡ, ୧ମ ମହଲା, କୋଲକାତା – ୭୦୦୦୧୯ | 2.372 | 22/01/2026 |
| (v) | ଫ୍ଲାଟ ନଂ. ଏଚଆଇଜି-୪/୮, ବିଡିଏ କଲୋନୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର – ୭୫୧୦୦୨ | 0.451 | 23/01/2026 |
| (vi) | ନିଧି ଆପାର୍ଟମେଣ୍ଟ, ୪୦, ନେତାଜୀ ରୋଡ, ଫର୍ଜର ଟାଉନ, ବେଙ୍ଗାଲୁରୁ – ୫୬୦୦୦୫ (୪ଟି ଫ୍ଲାଟ) | | |
| | ଫ୍ଲାଟ ନଂ. ୨୦୮ | 1.115 | 27/01/2026 |
| | ଫ୍ଲାଟ ନଂ. ୪୦୩ | 1.132 | |
| | ଫ୍ଲାଟ ନଂ. ୫୦୪ | 1.084 | |
| | ଫ୍ଲାଟ ନଂ. ୫୦୮ | 1.117 | |
| (vii) | ନନ୍ଦିନୀ ଏସ୍‌ଏଫ୍‌ଏଚ୍‌ଏସ୍ ଏକ୍ସଟେନସନ, ନନ୍ଦିନୀ ଲେଆଉଟ, ବେଙ୍ଗାଲୁରୁ – ୫୬୦୦୯୬ (୬ଟି ଫ୍ଲାଟ) | | |
| | ଫ୍ଲାଟ ନଂ. ଏମ୍‌ଏଫ-୧୭/୧୨ | 0.514 | 28/01/2026 |
| | ଫ୍ଲାଟ ନଂ. ଏମ୍‌ଏଫ-୧୮/୧୧ | 0.511 | |
| | ଫ୍ଲାଟ ନଂ. ଏମ୍‌ଏଫ-୨୨/୨ | 0.506 | |
| | ଫ୍ଲାଟ ନଂ. ଏମ୍‌ଏଫ-୨୨/୩ | 0.506 | |
| | ଫ୍ଲାଟ ନଂ. ଏମ୍‌ଏଫ-୨୨/୫ | 0.511 | |
| | ଫ୍ଲାଟ ନଂ. ଏମ୍‌ଏଫ-୨୨/୬ | 0.511 | |
| (viii) | ଶ୍ରୀଜି ଆପାର୍ଟମେଣ୍ଟ, ଆଜାଦ ସୋସାଇଟି ପାଖ, ଅମ୍ବାଡି, ଅହମଦାବାଦ-୩୮୦୦୧୫ (୫ଟି ଫ୍ଲାଟ) | | |
| | ଫ୍ଲାଟ ନଂ. ୨/୧ – ତଳ ମହଲା | 0.67 | 29/01/2026 |
| | ଫ୍ଲାଟ ନଂ. ୨/୨ – ତଳ ମହଲା | 0.67 | |
| | ଫ୍ଲାଟ ନଂ. ୨/୩ – ପ୍ରଥମ ମହଲା | 0.481 | |
| | ଫ୍ଲାଟ ନଂ. ୨/୪ – ପ୍ରଥମ ମହଲା | 0.481 | |
| | ଫ୍ଲାଟ ନଂ. ୨/୫ – ଦ୍ୱିତୀୟ ମହଲା | 0.45 | |

୧. ଇ-ନିଲାମର ସବିଶେଷ ପଦ୍ଧତି ଏବଂ ବିକ୍ରୟର ନିୟମ ଓ ସର୍ତ୍ତାବଳୀର ବିବରଣୀ ସମ୍ବଳିତ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି ଆଇଏଫ୍‌ସିଆଇ ୱେବ୍‌ସାଇଟ୍ www.ifciltd.com ଏବଂ ଇ-ନିଲାମ ପୋର୍ଟାଲ https://eauction.auctiontiger.netରୁ ୧୨ ଡିସେମ୍ବର ୨୦୨୫, ମଧ୍ୟାହ୍ନ ୧୨.୦୦ ଘଟିକା ପରଠାରୁ ଡାଉନ୍‌ଲୋଡ୍ କରାଯାଇପାରିବ । ଇଏମ୍‌ଡି ଦାଖଲର ଶେଷ ତାରିଖ ହେଉଛି ୦୮ ଜାନୁଆରୀ, ୨୦୨୬, ଅପରାହ୍ନ ୫.୩୦ ଘଟିକା ।
୨. ଯୋଗାଯୋଗ ବ୍ୟକ୍ତିମାନେ ନିମ୍ନ ଅନୁଯାୟୀ ଅଟନ୍ତି:
ଶ୍ରୀ ରାହୁଲ ଅଗ୍ରୱାଲ, ଜିଏମ୍- ୦୧୧-୪୧୭୩୨୪୫୬/୯୯୯୦୭୨୫୯୦୨ ; ଶ୍ରୀ ବବିତ ଲାଲ, ଏଡି – ୦୧୧-୪୧୭୩୨୧୪୧/୯୫୯୯୫୦୨୬୬୩;
ଶ୍ରୀ ବରୁଣ ଖୋୱାଲା, ଏଜିଏମ୍- ୦୧୧-୪୧୭୩୨୨୮୨/୯୯୮୭୫୬୭୫୬୭, ଶ୍ରୀ ଅମିତ ଜୋଶୀ, ଏଜିଏମ୍-୦୧୧-୪୧୭୩୨୧୭୪/୭୦୪୨୫୦୫୦୮୭ ।
୩. ସମସ୍ତ ଅପ୍‌ଡେଟ୍, ସଂଶୋଧନ, ଶୁଦ୍ଧିପତ୍ର ଆଦି (ଯଦି ଥାଏ) କେବଳ ଉପରୋକ୍ତ ୱେବ୍‌ସାଇଟ୍‌ରେ ସ୍ଥାନିତ କରାଯିବ ।

ସ୍ଥାନ: ନୂଆଦିଲ୍ଲୀ
ତାରିଖ: ୧୯ ଡିସେମ୍ବର ୨୦୨୫

ସ୍ୱା./-
ମହାପ୍ରବନ୍ଧକ (ଇନ୍‌ଭେଷ୍ଟର୍ସ)
ଆଇଏଫ୍‌ସିଆଇ ଲିଃ.

**Fakir Mohan University**
**Vyasa Vihar, Balasore, Odisha-756089**
Website : www.fmuniversity.nic.in

**No.FMU/OMBRIC/01/2025/9113** **Date : 19.12.2025**

**ADVERTISEMENT FOR WALK-IN-INTERVIEW**
**FOR VARIOUS PROJECT POSITIONS UNDER THE OMBRIC PROJECT**
**(Sanction Order No. ST-BT-MISC-0029-2025-6109/ST, Bhubaneswar dated 14.11.2025)**

A walk-in interview will be conducted on **Dt.06.01.2026 at 11.00 A.M.** in the Conference Hall, Administrative Building of the University for various Project Positions **(Research Associate I (RA)-02 posts, Junior Research Fellow (JRF)-03 posts and Project Assistant (PA)-02 posts under the OMBRIC Project sponsored by Science & Technology Department, Govt. of Odisha**. All the project positions are purely temporary and intially for a period of one year which may be extended up to Five years based on the performance. For details regarding qualifications, experience and other conditions, visit www.fmuniversity.nic.in.

**Sd./- Registrar**

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**HIGHWAY TRADING PVT. LTD.**
**REQUIRED**
**JUNIOR/SENIOR ACCOUNTANT**
Experienced in Tally with at least 1-5 years of experience
**SALES EXECUTIVE**
Any Graduate with MBA / B.Com.
Walk in for interview :
**MONDAY-SATURDAY - 10 A.M. TO 7 P.M.**
Address : JANPATH, BHUBANESWAR
**Contact : Rajiv Agarwal, M-9437006047**

**ବଗିଚା କାମ ପାଇଁ ମାଳୀ ଆବଶ୍ୟକ।**
ରହିବାକୁ ଘର ଫ୍ରୀ, ଦରମା 12500/-
**Lady Office Asst.**
ରହିବା ଖାଇବା ଫ୍ରୀ ଦରମା 10000 pm
**At - Phulanakhara, Cuttack**
**Mob : 7809525452**

**REQUIRED**
Required Used Car **Manager** for a 4-Wheeler Automobile Dealership at Bhubaneswar.
Call: **7855040457**
Send CV:
**csgargsongroup@gmail.com**
**siddharth9909@gmail.com**

**REQUIRED**
**Admin Manager** Needed for 4 wheeler Dealership in Bhubaneswar with 2-5 years experience in administration.
Send resume to :
**csgargsongroup@gmail.com**
Cc to:
**siddharth9909@gmail.com**
**Call - +91 7855040457**

**ବର୍ଷ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ**

**କେରଳ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ**
(କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଅଧିନିୟମ, ୨୦୦୯ ଅଧୀନରେ ପ୍ରତିଷ୍ଠିତ)
ତେଜସ୍ୱିନୀ ହିଲ୍ସ, ପେରିୟେ, କାସରଗଡ଼-୬୭୧୩୨୫

ନଂ. ସିୟୁକେ/ଆର୍‌ସି/ଏଫ୍‌ଓ/୨୦୨୩

**କର୍ମନିଯୁକ୍ତି ବିଜ୍ଞପ୍ତି**

ନିମ୍ନଲିଖିତ ପଦବୀଗୁଡ଼ିକୁ ସିଧା ନିଯୁକ୍ତିଭିତ୍ତିରେ ପୂରଣ କରିବା ପାଇଁ ଯୋଗ୍ୟ ଭାରତୀୟ ନାଗରିକଙ୍କଠାରୁ ଅନ୍‌ଲାଇନ୍ ଦରଖାସ୍ତ ଆହ୍ୱାନ କରାଯାଉଛି:
୧) ରେଜିଷ୍ଟ୍ରାର, ୦୧ (ୟୁଆର୍), ସିୟୁକେ/ଆର୍‌ସି/ଏସ୍‌ଓ/୦୨/୨୦୨୫
୨) ଫାଇନାନ୍ସ ଅଫିସର, ୦୧ (ୟୁଆର୍), ସିୟୁକେ/ଆର୍‌ସି/ଏସ୍‌ଓ/୦୧/୨୦୨୫
୩) ଲାଇବ୍ରେରିଆନ୍, ୦୧ (ୟୁଆର୍), ସିୟୁକେ/ଆର୍‌ସି/ଏସ୍‌ଓ/୦୩/୨୦୨୫
ବେତନ ସ୍ତର ୧୪ (୧,୪୪,୨୦୦-୨,୧୮,୨୦୦)
ଅନ୍‌ଲାଇନ୍ ଆବେଦନର ଶେଷ ତାରିଖ: ୨୩।୦୧।୨୦୨୬-ରାତ୍ର ୧୧.୫୯ ଘଟିକା
ଆବେଦନର ହାର୍ଡ କପି ପ୍ରାପ୍ତିର ଶେଷ ତାରିଖ: ୦୬।୦୨।୨୦୨୬ -ଅପରାହ୍ନ ୦୫.୦୦ ଘଟିକା
ଅଧିକ ବିବରଣୀ ପାଇଁ, ପରିଦର୍ଶନ କରନ୍ତୁ www.cukerala.ac.in

cbc 21353/12/0005/2526 ରେଜିଷ୍ଟ୍ରାର

**WANTED FOR A PHARMACEUTICAL UNIT IN ODISHA**
- **QUALITY CONTROL OFFICER (Min. 3 years experience).** Knowledge of Operation of HPLC Systems is a must.
- **QUALITY ASSURANCE OFFICER (Min. 3 years experience)** should be able to face ISO & GMP audit.
- **LABORATORY ASSISTANT:** B.Sc./B.Pharma Graduates with devotion and determination to work honestly.
- **PHARMACIST:** D.Pharma Graduates with devotions and determination to work honestly.
- Please apply with confidence to email: **odishacareerconsul@gmail.com** within 15 days of intimating expected salary.

**GOVERNMENT OF JHARKHAND**
**DEPARTMENT OF MINES AND GEOLOGY**
**DIRECTORATE OF GEOLOGY**
(Engineers' Hostel No-2, 2nd Floor, Dhurwa, Ranchi-834004)

**CORRIGENDUM NOTICE**

**This is to inform all concerned that the Tender Document of the Notice Inviting Quotation (NIQ) No. 08/2025-26, dated 17.12.2025, published vide PR No. 368771, dated 17.12.2025 for the "Supply of Press Palette Machine" can be downloaded from the website:**www.jharkhand.gov.in.**All other terms and conditions of the NIQ shall remain unchanged. Interested Bidders are hereby requested to submit their bids accordingly.**

**Sd/-**
**Director, Geology**
**Directorate of Geology,**
**Department of Mines & Geology,**
**Government of Jharkhand**
PR 369021 (Mines and Geology)25-26*D

**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ**
(ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
OPTCL Lifeline of Odisha
**OFFICE OF THE SENIOR GENERAL MANAGER, (PROJECTS) - I**
**OPTCL TECH TOWER, JANPATH, SAHEED NAGAR, BHUBANESWAR-751007**

**NOTIFICATION**

**No. 876(6)** **Dated : 12.12.2025**

In accordance with section 164 of Indian Electricity Act, 2003 and in exercise of the power conferred upon OPTCL vide departmental of Energy, Government of Odisha Order no: R&R-II-10/2006/2353 dated 09.03.2006, the following transmission scheme, which are intended to be undertaken by the Odisha Power Transmission Corporation Limited for execution, are published for general information. The estimated cost of the project is Rs. 40 Crore Approx. It is also notified in the interest of the general public that any person interested in making representation regarding the execution of the above scheme, may submit such representation in writing so as to reach the Sr.GM(Project)-1, OPTCL, Bhubaneswar, within two months from the date of publication of this notification. Full details of the scheme and plan may be seen in the office of the concerned Deputy General Manager (Elect.), EHT (Projects) Division, Jajpur Road, as mentioned against the work, on any working day during office hours.

**Name of the Work:-** Construction of proposed 220kV LILO line in both circuits from 220kV TTPS-Joda DC line(existing Loc. No. 392) to proposed 400kV Sub-station at Basudevpur, Keonjhar (proposed 220kV Joda-Basudevpur line).

**Name of the Village in which the line will Pass :**
**Tahasil:** Keonjhar Sadar, **RI Circle:** Palaspanga, **Revenue Village:** Rengalbera, Dhanurjaypur, Tulasipur, kunjarbahal, Silisuan; **Tahasil:** Jhumpura, **(a)RI Circle:** Balibandha, **Revenue Village:** Dhaulipat, Fakirpur, Nahabeda, Ramachandrapur alias balabhadrapur, Kashipala; **(b)RI Circle:** Gumura, **Revenue Village:** Hirapur, Goda, Angulia, Pratapadhanrjayapura, Naradapur, Jagannathpur; **(c)RI Circle:** Ukhunda, **Revenue Village:** Manoharpur; **Tahasil:** Barbil, **RI Circle:** Chamakpur, **Revenue Village:** Ramachandrapur, Basudevpur.

**Perceived benefit that may accrue :** This will facilitate un-interrupted power supply to the domestic & industrial loads in & around Joda, Barbil, Champua & Jumpura command area in particular & overall development of Keonjhar district in general.

**ER. SUNIL KUMAR DANDSENA**
**FIPR-70/2025-26** **Sr. General Manager (Projects- I)**
/optcl.odisha /optcl_odisha

**OFFICE OF THE EXECUTIVE ENGINEER**
**MINOR IRRIGATION DESIGN DIVISION,**
**DUMKA, CAMP-DEOGHAR**

**e-Procurement Tender Notice**
**Two Envelope System**
**Tender Reference No. :- WRD/M.I.D.D.D.C/DEOGHAR/ B.D./S.L.I-03/2025-26 Dt:-19.12.2025**

| | | |
|---|---|---|
| 1. | Name of the work | Construction of Chief Minister Solar Based Lift Irrigation Scheme at**Chandna** under Block-Sarwan, District-Deoghar. |
| 2. | Estimated Cost (in Rs.) | Rs. **1,26,19,719.54** |
| 3. | Cost of Tender Document (in Rs.) | Rs. 10,000.00 only (non-refundable) |
| 4. | Earnest Money Deposit (in Rs.) | Rs. 1,27,000.00 only |
| 5. | Time of Completion | 11 Months |
| 6. | Mode of Submission of Tender | Online through www.jharkhandtenders.gov.in |
| 7. | Date of Publication of Tender on website (http://jharkhandtenders.gov.in) | Date: 24.12.2026, 11:00 A.M. |
| 8. | Last Date/ Time for downloading of bidding documents and submission of Tender on Website | Date: 08.01.2026, 05:00 P.M. |
| 9. | Submission of Tender Fee and EMD | Start Date: 24.12.2025, 11:00 A.M. Last Date: 08.01.2026, 05:00 P.M. |
| 10. | Technical Bid Opening Date | Date: 09.01.2026, 05:00 P.M. |
| 11. | Officer Inviting Bids | Executive Engineer, Minor Irrigation Design Division, Dumka, Camp-Deoghar. |
| 12. | Contact No. of Procurement Officer email of Procurement Officer | Mob. No.-7257990512 Email Id-eemdddum-cemd-jhr@nic.in |
| 13. | Help line No. of Procurement Cell | Mob. No.-8789032339 |

- **Note :- Estimated cost may increase or decrease.**
- Work will be awarded to those bidders {specially MNRE approved channel partners/MNRE approved manufacturers/ MNRE approved PV system integrators/ A registered manufacturers/ Company/ Firm/ Corporation in India (including MSME of Jharkhand) of at least one of the major sub system namely pumps or PV System electronics (confirming to National/ International Standards)/ any other agencies having experience of installation and commissioning of such solar powered irrigation schemes}. Empanelled Indigenous Manufacturers of 10 HP pumps (AC Surface water Pumps) in the department with all accessories for off-grid stand alone SPV water pumping systems can also take part in the bid for executing the whole work of the bid. However those bidders who have not yet registered in Water Resources Department can also submit their bid provided they will have to get themselves registered in Water Resources Department within two months from the date of allotment of work.
- **Only e-Tender will be accepted.**
- Further details can be seen on website **http://jharkhandtenders.gov.in.**

**Executive Engineer**
**Minor Irrigation Design Division ,**
**Dumka, Camp-Deoghar**
PR 369003 Water Resource(25-26)D

# ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନରେ କୁଇଜ୍

ଅମରପାଲି,୧୯।୧୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଟାଙ୍ଗରସାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନରେ ବ୍ଲକସ୍ତରୀୟ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜୁନିଅର ବିଭାଗରେ ୩୮ ଜଣ, ସବଜୁନିଅରରେ ୬୦ ଜଣ ଓ ସିନିଅରରେ ୭୮ ଜଣ ସମୁଦାୟ ୧୭୬ ଜଣ ପ୍ରତିଯୋଗୀ ଏହି କୁଇଜ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସିନିଅର ବିଭାଗରେ ସୁବଳୟା ହାଇସ୍କୁଲର ଛାତ୍ରୀ ସଂସ୍କୃତି ଖମାରୀ ପ୍ରଥମ ଏବଂ ଅମରପାଲି ହାଇସ୍କୁଲର ଛାତ୍ର ରୋଶନ ଧଳ ଦିତୀୟ ଓ ଚନ୍ଦନ ପ୍ରଧାନ ତୃତୀୟ ସ୍ଥାନ ହାସଲ କରିଥିଲେ। ସେହିପରି ଜୁନିଅର ବିଭାଗରେ ରଥପୁର ଓଏଭି ବଦ୍ରୀନାରାୟଣ ମେଣ୍ଡିଲି ପ୍ରଥମ,ସୁବଳୟା ହାଇସ୍କୁଲର ଗୋପାଳ ମେହେର ଦ୍ୱିତୀୟ ଓ ଅଚଣ୍ଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଜିତେଶ ବଗର୍ତ୍ତି ତୃତୀୟ ସ୍ଥାନ ହାସଲ କରିଥିଲେ। ସେହିପରି ସବଜୁନିଅରରେ ବାଗବର ୟୁପି ସ୍କୁଲର ରୋନକ ମିଶ୍ର ପ୍ରଥମ, ଟିଠୀପାଲି ୟୁପି ସ୍କୁଲର ସ୍ୱାଗତିକା ପ୍ରଧାନ ଦ୍ୱିତୀୟ ଓ ଖଣ୍ଡହତା ୟୁପି ସ୍କୁଲର ତପନ ମେଣ୍ଡିଲି ତୃତୀୟ ସ୍ଥାନ ହାସଲ କରିଥିଲେ। ଅନୁଷ୍ଠିତ ପୁରସ୍କାର ବିତରାଣୀ ଉତ୍ସବରେ ବୀରମହାରାଜପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଜୟ ଲୁହା ମୁଖ୍ୟ ଅତିଥି ଏବଂ ଏବିଇଓ ବାର୍ଣ୍ଣା ଡୁଙ୍ଗଡୁଙ୍ଗ ଓ ଚକାବର କ୍ଲଷ୍ଟରର ସିଆରସିସି ନାରାୟଣ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଜୁନିଅର, ସିନିଅର ଓ ସବଜୁନିଅର ରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀମାନେ ଜିଲାସ୍ତରୀୟ କୁଇଜ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି।



ବ୍ଲକସ୍ତରୀୟ କୁଇଜରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି

- ୧୭୬ ପ୍ରତିଯୋଗୀ ବ୍ଲକସ୍ତରରେ ଅଂଶଗ୍ରହଣ
- ୯ ପ୍ରତିଯୋଗୀ ଜିଲାସ୍ତରକୁ ମନୋନୀତ

# ଛାତ୍ର ମୃତ୍ୟୁ: ରୁଜୁ ହେଲା ହତ୍ୟା ମାମଲା

ତରଭା ୧୯।୧୨(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ଅନ୍ତର୍ଗତ ଚାରଭଟା ଏସ୍ଏସ୍ଡି ମହାବିଦ୍ୟାଳୟର ଯୁକ୍ତ ୨ ବିଜ୍ଞାନ ବିଭାଗ ଛାତ୍ର ଆର୍ଯ୍ୟନ୍ ସୁନା ଆବାସିକ ଭାବରେ ରହି ପାଠ ପଢୁଥିଲା। ଗତ ୧୬ ତାରିଖ ପୂର୍ବାହ୍ନରେ ଆର୍ଯ୍ୟନ୍ ଅସୁସ୍ଥ ହେବା ସୂଚନା ମହାବିଦ୍ୟାଳୟ ପକ୍ଷରୁ ଚେରୁପାଲି ନିକଟସ୍ଥ ବଡନୂଆଁପାଲି ଗ୍ରାମର ଆର୍ଯ୍ୟନ୍ଙ୍କ ପିତା ବିଷ୍ଣୁଙ୍କୁ ଦିଆଯିବାରୁ ସେ ଆସି ଚାରଭଟା ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ପରେ ଆର୍ଯ୍ୟନ୍ଙ୍କ ମୃତ୍ୟୁ ହୋଇଥିବା କହିଥିଲେ। ଆର୍ଯ୍ୟନ୍ଙ୍କ ବାପାଙ୍କ କହିବା ଅନୁଯାୟୀ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ସ୍ୱାଭାବିକ ଭାବେ ମରିଥିବା ପ୍ରକାଶ କରିଥିବା ବେଳେ ଆର୍ଯ୍ୟନ୍ଙ୍କ ବାମପଟ କାନତଳକୁ ରକ୍ତ ଜମାଟ ବାନ୍ଧିଥିବା, ଅଣ୍ଡକୋଷ ଫୁଲିଥିବା, ପିଠି ଓ ଜଂଘରେ ବାଡି ଦ୍ୱାରା ଆଘାତ କରାଯାଇଥିବା ଜାଣିବାକୁ ପାଇଥିଲେ। ଉକ୍ତ ଦିନ ସନ୍ଧ୍ୟାରେ ଏନେଇ ତରଭା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୭/୨୦୨୫) ଦାୟର କରିଥିଲେ। ସନ୍ଧ୍ୟାରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ଶୁକ୍ରବାର ଏହି ଛାତ୍ର ମୃତ୍ୟୁ ମାମଲା ଏକ ଭିନ୍ନ ମୋଡ ନେଇଥିବା ଜଣାଯାଇଛି। ମୃତକ ଆର୍ଯ୍ୟନ୍ଙ୍କ ବାପା ବିଷ୍ଣୁ ଶୁକ୍ରବାର ସନ୍ଧ୍ୟାରେ ତରଭା ଥାନାରେ ହତ୍ୟା ଏତଲା ଦାୟର କରିଛନ୍ତି। ତାଙ୍କ ପୁଅ ଅନ୍ୟ କାରଣରୁ ନୁହେଁ, ତାଙ୍କର କେତେଜଣ ସହପାଠୀ ମିଶି ଆର୍ଯ୍ୟନ୍ଙ୍କୁ ପୂର୍ବଦିନ ରାତିସାରା ବିଭିନ୍ନ ପ୍ରକାର ନିର୍ଯାତନା ଦେବା ସହ ମାରପିଟ କରିବା ଦ୍ୱାରା ତାଙ୍କର ମୃତ୍ୟୁ ହୋଇଛି। ଏହାକୁ ଗୁରୁତର ସହ ବିଚାର କରି ହତ୍ୟାକାରୀମାନଙ୍କୁ ଶୀଘ୍ର ଗିରଫ କରିବା ପାଇଁ ଏତଲାରେ ଦର୍ଶାଇଛନ୍ତି। ଏତଲାକୁ ଭିତ୍ତିକରି ଏକ ହତ୍ୟା ମାମଲା (ନଂ. ୩୫୧/୨୦୨୫ ) ରୁଜୁ ହୋଇଛି।



ଆର୍ଯ୍ୟନ ମୃତ୍ୟୁର ଠିକ ତଦନ୍ତ ସହ ଦୋଷୀମାନଙ୍କୁ କଠୋର ଦଣ୍ଡ ଦେବାକୁ ଦାବି କରାଯାଉଛି।

**ଚାରଭଟା କଲେଜ ଛାତ୍ର ଆର୍ଯ୍ୟନ ସୁନା ମୃତ୍ୟୁ ରହସ୍ୟ**

ତଦନ୍ତ ଭାର ଆଇଆଇସି ଅନିତା କିଡୋ ନେଇ ଅଧିକ ତଦନ୍ତ ଜାରି ରଖିଛନ୍ତି। ପ୍ରକାଶ ଥାଉକି ଶୁକ୍ରବାର ୪ଟାରେ ଗଣ୍ଡା ସମାଜ ପକ୍ଷରୁ ତରଭା ଥାନା ସମ୍ମୁଖରେ ଆର୍ଯ୍ୟନ୍ ମୃତ୍ୟୁର ଠିକ ତଦନ୍ତ କରାଯାଇ ଦୋଷୀମାନଙ୍କୁ କଠୋର ଦଣ୍ଡ ଦେବାକୁ ଦାବି କରାଯାଇଛି। ଏହି ବିକ୍ଷୋଭରେ ଗଣ୍ଡା ସମାଜ ଜିଲା ସଭାପତି ମାଧବ କୁମ୍ଭାର, ବ୍ଲକ ସଭାପତି ଶୁଶିଳ ମଲ୍ଲିକ, ପ୍ରକାଶ ହରିପାଲ, କୁଶଳେଶ୍ୱର ସୁନା, ଲକ୍ଷ୍ମଣ ଭରା ସାଗର, ମହେନ୍ଦ୍ର ସୁନା, ସୁବାଷ ସୁନା ପ୍ରମୁଖ ନେତୃତ୍ୱ ନେଇଥିଲେ। ଅଧିକ ତଦନ୍ତ କରାଯାଇ ଦୋଷୀମାନଙ୍କୁ ଚିହ୍ନଟ କରାଯାଇ ଗିରଫ କରାଯିବ ବୋଲି ଆଇଆଇସି ଅନିତା କିଡୋ ପ୍ରକାଶ କରିଛନ୍ତି।

# ବୀରମହାରାଜପୁରର ଶାନ୍ତି ଭୋଇ ଜାତୀୟସ୍ତରକୁ ଚୟନ

ବୀରମହାରାଜପୁର, ୧୯।୧୨ (ଯୁଗଳ କିଶୋର ମିଶ୍ର)

**ରାଜ୍ୟସ୍ତରୀୟ ବରିଷ୍ଠ ମହିଳା ମୁଷ୍ଟିଯୋଦ୍ଧା ଚୟନ ପ୍ରତିଯୋଗିତା**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ଶାନ୍ତି ଭୋଇ ରାଜ୍ୟ ସ୍ତରୀୟ ବରିଷ୍ଠ ମହିଳା ମୁଷ୍ଟିଯୋଦ୍ଧା ଚୟନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇ ଜାତୀୟସ୍ତରକୁ ମନୋନୀତ ହୋଇଥିବା ସୂଚନା ମିଳିଛି। ଚଳିତ ମାସ ୧୮ ଓ ୧୯ ତାରିଖ ୨ ଦିନ ଧରି ରାଉରକେଲା ସ୍ଥିତ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମ ସେକ୍ଟର ୫ରେ ଚାଲିଥିବା ରାଜ୍ୟସ୍ତରୀୟ ବରିଷ୍ଠ ମହିଳା ଓ ପୁରୁଷ ବିଭାଗରେ ମୁଷ୍ଟି ଯୋଦ୍ଧା ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ନବମ ରାଜ୍ୟସ୍ତରୀୟ ବରିଷ୍ଠ ପୁରୁଷ ଓ ମହିଳା ବକ୍ସିଂ ପ୍ରତିଯୋଗିତାରେ ବୀରମହାରାଜପୁର ବ୍ଲକ ସଂଗ୍ରାମପୁର ପଞ୍ଚାୟତର ବର୍ଡାକଟା ଗ୍ରାମର ଶାନ୍ତି ଭୋଇ ୪୮ କିଗ୍ରା ବର୍ଗରେ ପ୍ରଥମ ସ୍ଥାନ ଅଂଶଗ୍ରହଣ କରି ଜାତୀୟସ୍ତରକୁ ମନୋନୀତ ହୋଇଛନ୍ତି। ଶାନ୍ତିଙ୍କ ଏହି ସଫଳତା ଜାଣିବା ପରେ ସୁବର୍ଣ୍ଣପୁର ଜିଲାପାଳ ନୃପରାଜ ସାହୁ, ରାଜ୍ୟ ଶାରୀରିକ ଶିକ୍ଷକ ସଂଘର ସମ୍ପାଦକ ରାମ କୁମାର ସାହୁ, ଜିଲା ଦୌଡକୁଦ ସଂଘର ସମ୍ପାଦକ ପିୟୁଷ କୁମାର ପଣ୍ଡା, କୋଚ ରାଜେଶ କୁମାର ମେଣ୍ଡଲି ଶୁଭେଚ୍ଛା ଜଣାଇଛନ୍ତି।

**ଦ.ପୂ. ରେଳପଥ – ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍ଆର୍ସି–ସି–ଆଇଏନ୍ଟିଓବିଏଚ୍ଏସ୍–ଏଫ୍–୧୭୧୨୨୫, ଭାରତର ରାଷ୍ଟ୍ରପତିଙ୍କ ଜରିଆରେ କାର୍ଯ୍ୟରତ ବରିଷ୍ଠ କୋଚିଂ ଡିପୋ ଅଧିକାରୀ, ସାନ୍ତ୍ରାଗାଛି, ଦକ୍ଷିଣ ପୂର୍ବ ରେଳପଥ, ଖଡ୍ଗପୁର ମଣ୍ଡଳ ତଳେ ଦର୍ଶାଯାଇଥିବା ବିବରଣୀ ଅନୁଯାୟୀ www.ireps.gov.in ୱେବ୍ସାଇଟ୍ରେ ଇ–ଟେଣ୍ଡରିଂ ଜରିଆରେ ଖୋଲା ଟେଣ୍ଡର ଆହ୍ୱାନ କରୁଛନ୍ତି। ଯୋଗ୍ୟ ଟେଣ୍ଡରଦାତାମାନଙ୍କୁ ତଳେ ଦର୍ଶାଯାଇଥିବା ବିବରଣୀ ଅନୁଯାୟୀ www.ireps.gov.in ୱେବ୍ସାଇଟ୍ରେ କେବଳ ଅନ୍ଲାଇନ୍ ଜରିଆରେ ସେଥିପାଇଁ ଆବେଦନ କରିବା ପାଇଁ ଅନୁରୋଧ କରାଯାଉଛି। କୌଣସି ଅଫ୍ଲାଇନ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ବିବରଣୀ ପାଇଁ ଦୟାକରି ଡକ୍ୟୁମେଣ୍ଟ ସେକ୍ସନରେ ଅପଲୋଡ୍ ହୋଇଥିବା ଟେଣ୍ଡର ଦସ୍ତାବିଜ ପଢ଼ନ୍ତୁ। **କାର୍ଯ୍ୟର ନାମ:** ୨ ବର୍ଷ ଅବଧି ପାଇଁ ହାଓଡା–ପୁରୀ ଏବଂ ହାଓଡା–ରାଉରକେଲା ବନ୍ଦେ ଭାରତ ଏକ୍ସପ୍ରେସ୍ ନିମନ୍ତେ ରାଉଣ୍ଡ ଟ୍ରିପ୍ ଯାତ୍ରା ପାଇଁ ଇଣ୍ଟିଗ୍ରେଟେଡ୍ ଓବିଏଚ୍ଏସ୍ ଏବଂ ଯାନ୍ତ୍ରିକ କୋଚ୍ ସଫେଇ। **ଟେଣ୍ଡର ମୂଲ୍ୟ:** ₹୫,୩୩,୪୩,୩୨୭.୦୩ (ଜିଏସ୍ଟି ସମେତ)। **ଇଏମ୍ଡି:** ₹୪,୧୬,୭୦୦/–। **ଟେଣ୍ଡର ବନ୍ଦ ହେବାର ତାରିଖ:** ତା୧୭।୦୧।୨୦୨୬ରିଖ ୧୧.୦୦ ଘଟିକା। **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ₹୧୦,୦୦୦ (ଅଣଫେରସ୍ତଯୋଗ୍ୟ)। **(PR-976)**

# ୬ ଧାନ ଖରି ଜଳିଗଲା

ଲୋଇସିଂହା,୧୯।୧୨(ସୁଶାନ୍ତ ବାରିକ)

ଆଗଲପୁର ବ୍ଲକ୍ ସାଲେଭଟା ଗ୍ରାମର ମୁଣ୍ଡାପ ନିକଟସ୍ଥ ଖଳାରେ ଗଚ୍ଛିତ ଥିବା ୬ଟି ଧାନଖରି ଗୁରୁବାର ରାତିରେ ଜଳିଯାଇଛି। ଫଳରେ କେତେଜଣ ଚାଷୀଙ୍କର ଶତାଧିକ କୁଇଣ୍ଟାଲ ଧାନ ପୋଡ଼ି ନଷ୍ଟ ହୋଇଯାଇଛି। କେହି ଦୁର୍ବୃତ୍ତ ଖରିରେ ନିଆଁ ଲଗାଇ ଦେଇଥିବା କ୍ଷତିଗ୍ରସ୍ତ ଚାଷୀମାନେ ସଲେଭଟା ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ଚାଷୀ ଚନ୍ଦର ସାହୁ, ବରୁଣ ସାହୁ, କାବା ଭୁଏ ପ୍ରମୁଖ ଧାନ ଖରି ରଖିଥିଲେ। କିଛିଦିନ ପରେ ସେମାନେ ଧାନ ମଡ଼ାଇ ଘରକୁ ଆଣିଥାନ୍ତେ। କିନ୍ତୁ ଗୁରୁବାର ରାତିରେ କେହି ଦୁର୍ବୃତ୍ତ ଧାନଖରିରେ ନିଆଁ ଲଗାଇ ଦେଇଛନ୍ତି। ଖବରପାଇ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ହେଲେ ଏହା ପୂର୍ବରୁ ଧାନଖରି ପୋଡ଼ି ନଷ୍ଟ ହୋଇସାରିଥିଲା। କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

# ଯୁବକଙ୍କଠାରୁ ବାଇକ୍, ମୋବାଇଲ ଲୁଟ୍

ଦେଓଗାଁ,୧୯।୧୨(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ନୂଆଁପାଲି ଗ୍ରାମର ଜଣେ ଯୁବକଙ୍କଠାରୁ ଉପରଝର– ଆଟଗାଁ ରାସ୍ତାରେ ୩ଜଣ ଦୁର୍ବୃତ୍ତ ମାରଣାସ୍ତ୍ର ଦେଖାଇ ବାଇକ୍ ଓ ମୋବାଇଲ ଲୁଟି ନେଇଛନ୍ତି। ଘଟଣା ଘଟିଥିବା ସ୍ଥାନଟି ପୁଇଁତଲା ଥାନା ଅଞ୍ଚଳରେ ଆସୁଥିବାରୁ ଅଭିଯୋଗକାରୀ ପୁଇଁତଲା ଥାନାରେ ଅଭିଯୋଗ କରିଛନ୍ତି। ସୂଚନାନୁସାରେ ନୂଆଁପାଲି ଗ୍ରାମର ବିବେକ ମନହୀରା ବଲାଙ୍ଗୀର ପଟରୁ ଗୁରୁବାର ରାତିରେ ଗ୍ରାମକୁ ଆସୁଥିବାବେଳେ ଲୁଟ୍ର ଶିକାର ହୋଇଥିଲେ। ଏନେଇ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଚଳାଇଛି।

**GOVERNMENT OF ODISHA** No.O-1816
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, KENDRAPARA-JAJPUR**
AT-CHANDIKHOL, PO-SUNGUDA, JAJPUR-754296, Email-serw_kpd@yahoo.com
No. Tender Online RCK-24/25 Letter No.-4261 Date : 15.12.2025

**e-Procurement NOTICE**

1. Name of the work : Tender for the Building works in the Dist. of Jajpur, 2. Class of Contractor : As specified in the Column-6 of the Annexure, 3. Time of Completion : As specified in the Column-7 of the Annexure, 4. Detail Projects : As per Annexure attached, 5. Other Details :

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender Clarification | Date of opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Kendrapara-Jajpur | Tender Online RCK-24/25 | 22.12.2025 at 11.00 A.M. | 08.01.2026 to 5.00 P.M. | 08.01.2026 upto 2.00 P.M. | 09.01.2026 at 11.00 A.M. | Will be intimated later |

Further details can be seen from the website **www.tendersodisha.gov.in**

OIPR-25129/11/0073/2526 **Sd./- Chief Construction Engineer, Rural Works Circle, Kendrapara-Jajpur**

**IFCI LIMITED** आई एफ सी आई लिमिटेड (A Government of India Undertaking) (भारत सरकार का उपक्रम)

ପଞ୍ଜୀକୃତ କାର୍ଯ୍ୟାଳୟ: ଆଇଏଫ୍ସିଆଇ ଟାୱାର, ୬୧ ନେହେରୁ ପ୍ଲେସ୍ ନୂଆଦିଲ୍ଲୀ – ୧୧୦୦୧୯
ଟେଲି: ୦୧୧–୪୧୭୯୨୮୦୦, ୪୧୭୩୨୦୦୦
ୱେବ୍ସାଇଟ୍: www.ifciltd.com
ସିଆଇଏନ୍: L74899DL1993GOI053677

**ପ୍ରାଇମ୍ ପ୍ରପର୍ଟି ବିକ୍ରୟ ପାଇଁ ଉପଲବ୍ଧ**

ଆଇଏଫ୍ସିଆଇ ନିମ୍ନ ଅନୁଯାୟୀ ସ୍ଥାବର ସମ୍ପତ୍ତିଗୁଡ଼ିକର ଇ–ନିଲାମ ବିକ୍ରୟ ଜରିଆରେ "**ଯେପରି ଅଛି ଯେଉଁଠି ଅଛି, ଯେପରି ଅଛି ଯାହା ଅଛି, ସେଠାରେ ଯାହା ବି ଅଛି ଏବଂ ଅନନ୍ୟୋପାୟ ଭିତ୍ତିରେ**" ଇ–ନିଲାମରେ ଅଂଶଗ୍ରହଣ କରିବା ପାଇଁ ଆଗ୍ରହୀ ବିଡରଙ୍କୁ ଆମନ୍ତ୍ରଣ କରୁଛି:–

| କ୍ର. ନଂ. | ସମ୍ପତ୍ତିର ନାମ ଏବଂ ଠିକଣା | ସଂରକ୍ଷଣ ମୂଲ୍ୟ (କୋଟି ଟଙ୍କାରେ) | ଇ–ନିଲାମ ତାରିଖ |
|---|---|---|---|
| | **ବାଣିଜ୍ୟିକ ସମ୍ପତ୍ତି** | | |
| (i) | ଆଇଏଫ୍ସିଆଇ ଭବନ ନଂ.୨, କ୍ୟୁବନପେଟ, ମେନ୍ ରୋଡ, ଏନଆର୍ ଛକ, ହୁଡସନ୍ ସର୍କଲ, ବେଙ୍ଗାଲୁରୁ – ୫୬୦୦୦୨ | 33.851 | 19/01/2026 |
| (ii) | ୮ମ ମହଲା, ତାରାମଣ୍ଡଳ କମ୍ପ୍ଲେକ୍ସ, ଦ୍ୱାର ନଂ. ୫–୯–୧୩, ସୈଫାବାଦ୍, ହାଇଦ୍ରାବାଦ – ୫୦୦୦୦୪ | 15.574 | 20/01/2026 |
| (iii) | ୨ୟ ଏବଂ ୩ୟ ମହଲା, ୧୪୨, ଏମ୍.ଜି. ରୋଡ, ନୁଗାମବାକ୍କମ୍, କଣ୍ଟିନେଣ୍ଟାଲ ଚ୍ୟାମ୍ବର, ଚେନ୍ନାଇ – ୬୦୦୦୩୪ | 22.57 | 21/01/2026 |
| | **ଆବାସିକ ସମ୍ପତ୍ତି** | | |
| (iv) | ଶିବଶକ୍ତି ଆପାର୍ଟମେଣ୍ଟ, ୧୮/୨, ବାଲିଗୁଞ୍ଜ ସର୍କଲ ରୋଡ, ୧ମ ମହଲା, କୋଲକାତା – ୭୦୦୦୧୯ | 2.372 | 22/01/2026 |
| (v) | ଫ୍ଲାଟ ନଂ. ଏଚଆଇଜି–୪/୮, ବିଡିଏ କଲୋନୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର – ୭୫୧୦୦୨ | 0.451 | 23/01/2026 |
| (vi) | ନିଧି ଆପାର୍ଟମେଣ୍ଟ, ୪୦, ନେତାଜୀ ରୋଡ, ଫର୍ଜର ଟାଉନ, ବେଙ୍ଗାଲୁରୁ – ୫୬୦୦୦୫ (୪ଟି ଫ୍ଲାଟ) | | |
| | ଫ୍ଲାଟ ନଂ. ୨୦୮ | 1.115 | 27/01/2026 |
| | ଫ୍ଲାଟ ନଂ. ୪୦୩ | 1.132 | |
| | ଫ୍ଲାଟ ନଂ. ୫୦୪ | 1.084 | |
| | ଫ୍ଲାଟ ନଂ. ୫୦୮ | 1.117 | |
| (vii) | ନନ୍ଦିନୀ ଏସ୍ଏଫ୍ଏଚ୍ଏସ୍ ଏକ୍ସଟେନସନ, ନନ୍ଦିନୀ ଲେଆଉଟ, ବେଙ୍ଗାଲୁରୁ – ୫୬୦୦୯୬ (୬ଟି ଫ୍ଲାଟ) | | |
| | ଫ୍ଲାଟ ନଂ. ଏମ୍ଏଫ–୧୭/୧୨ | 0.514 | 28/01/2026 |
| | ଫ୍ଲାଟ ନଂ. ଏମ୍ଏଫ–୧୮/୧୧ | 0.511 | |
| | ଫ୍ଲାଟ ନଂ. ଏମ୍ଏଫ–୨୨/୨ | 0.506 | |
| | ଫ୍ଲାଟ ନଂ. ଏମ୍ଏଫ–୨୨/୩ | 0.506 | |
| | ଫ୍ଲାଟ ନଂ. ଏମ୍ଏଫ–୨୨/୫ | 0.511 | |
| | ଫ୍ଲାଟ ନଂ. ଏମ୍ଏଫ–୨୨/୬ | 0.511 | |
| (viii) | ଶ୍ରୀଜି ଆପାର୍ଟମେଣ୍ଟ, ଆଜାଦ ସୋସାଇଟି ପାଖ, ଅମ୍ବାଡି, ଅହମଦାବାଦ–୩୮୦୦୧୫ (୫ଟି ଫ୍ଲାଟ) | | |
| | ଫ୍ଲାଟ ନଂ. ୨/୧ – ତଳ ମହଲା | 0.67 | 29/01/2026 |
| | ଫ୍ଲାଟ ନଂ. ୨/୨ – ତଳ ମହଲା | 0.67 | |
| | ଫ୍ଲାଟ ନଂ. ୨/୩ – ପ୍ରଥମ ମହଲା | 0.481 | |
| | ଫ୍ଲାଟ ନଂ. ୨/୪ – ପ୍ରଥମ ମହଲା | 0.481 | |
| | ଫ୍ଲାଟ ନଂ. ୨/୫ – ଦ୍ୱିତୀୟ ମହଲା | 0.45 | |

୧. ଇ–ନିଲାମର ସବିଶେଷ ପଦ୍ଧତି ଏବଂ ବିକ୍ରୟର ନିୟମ ଓ ସର୍ତ୍ତାବଳୀର ବିବରଣୀ ସମ୍ବଳିତ ଇ–ନିଲାମ ବିକ୍ରୟ ବିଜ୍ଞପ୍ତି ଆଇଏଫ୍ସିଆଇ ୱେବ୍ସାଇଟ୍ www.ifciltd.com ଏବଂ ଇ–ନିଲାମ ପୋର୍ଟାଲ https://eauction.auctiontiger.netରୁ **୧୨ ଡିସେମ୍ବର ୨୦୨୫, ମଧ୍ୟାହ୍ନ ୧୨.୦୦** ଘଟିକା ପରଠାରୁ ଡାଉନ୍ଲୋଡ୍ କରାଯାଇପାରିବ। ଇଏମ୍ଡି ଦାଖଲର ଶେଷ ତାରିଖ ହେଉଛି **୦୮ ଜାନୁଆରୀ, ୨୦୨୬, ଅପରାହ୍ନ ୫.୩୦ ଘଟିକା।**
୨. ଯୋଗାଯୋଗ ବ୍ୟକ୍ତିମାନେ ନିମ୍ନ ଅନୁଯାୟୀ ଅଟନ୍ତି: ଶ୍ରୀ ରାହୁଲ ଅଗ୍ରୱାଲ, ଜିଏମ୍– ୦୧୧–୪୧୭୩୨୪୫୬/୯୯୯୦୭୨୫୯୦୨ ; ଶ୍ରୀ ବବିତ ଲାଲ, ଏଡି – ୦୧୧–୪୧୭୩୨୧୪୧/୯୫୯୯୫୦୨୬୬୩; ଶ୍ରୀ ବରୁଣ ଖୋୱାଲା, ଏଜିଏମ୍– ୦୧୧–୪୧୭୩୨୨୮୨/୯୯୮୭୫୬୧୭୫୭, ଶ୍ରୀ ଅମିତ ଜୋଶୀ, ଏଜିଏମ୍–୦୧୧–୪୧୭୩୨୧୭୪/୭୦୪୨୫୦୫୦୮୭।
୩. ସମସ୍ତ ଅପ୍ଡେଟ୍, ସଂଶୋଧନ, ଶୁଦ୍ଧିପତ୍ର ଆଦି (ଯଦି ଥାଏ) କେବଳ ଉପରୋକ୍ତ ୱେବ୍ସାଇଟ୍ରେ ସ୍ଥାନିତ କରାଯିବ।

ସ୍ଥାନ: ନୂଆଦିଲ୍ଲୀ
ତାରିଖ: ୧୯ ଡିସେମ୍ବର ୨୦୨୫

ସ୍ୱା./–
ମହାପ୍ରବନ୍ଧକ (ଇଷ୍ଟେଟ୍ସ)
ଆଇଏଫ୍ସିଆଇ ଲି:

**Fakir Mohan University**
Vyasa Vihar, Balasore, Odisha-756089
Website : www.fmuniversity.nic.in

No.FMU/OMBRIC/01/2025/9113 Date : 19.12.2025

**ADVERTISEMENT FOR WALK-IN-INTERVIEW**
**FOR VARIOUS PROJECT POSITIONS UNDER THE OMBRIC PROJECT**
(Sanction Order No. ST-BT-MISC-0029-2025-6109/ST, Bhubaneswar dated 14.11.2025)

A walk-in interview will be conducted on **Dt.06.01.2026 at 11.00 A.M.** in the Conference Hall, Administrative Building of the University for various Project Positions (**Research Associate I (RA)-02 posts, Junior Research Fellow (JRF)-03 posts and Project Assistant (PA)-02 posts under the OMBRIC Project sponsored by Science & Technology Department, Govt. of Odisha**. All the project positions are purely temporary and intially for a period of one year which may be extended up to Five years based on the performance. For details regarding qualifications, experience and other conditions, visit www.fmuniversity.nic.in.

**Sd./- Registrar**

**CAREER APPOINTMENT** ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**HIGHWAY TRADING PVT. LTD.**
**REQUIRED**
**JUNIOR/SENIOR ACCOUNTANT**
Experienced in Tally with at least 1-5 years of experience
**SALES EXECUTIVE**
Any Graduate with MBA / B.Com.
Walk in for interview :
**MONDAY-SATURDAY - 10 A.M. TO 7 P.M.**
Address : JANPATH, BHUBANESWAR
**Contact : Rajiv Agarwal, M-9437006047**

**ବଗିଚା କାମ ପାଇଁ ମାଳୀ ଆବଶ୍ୟକ।**
ରହିବାକୁ ଘର ଫ୍ରୀ, ଦରମା 12500/–
**Lady Office Asst.**
ରହିବା ଖାଇବା ଫ୍ରୀ। ଦରମା 10000 pm
**At - Phulanakhara, Cuttack**
**Mob : 7809525452**

**REQUIRED**
Required Used Car **Manager** for a 4-Wheeler Automobile Dealership at Bhubaneswar.
Call: **7855040457**
Send CV:
**csgargsongroup@gmail.com**
**siddharth9909@gmail.com**

**REQUIRED**
**Admin Manager** Needed for 4 wheeler Dealership in Bhubaneswar with 2-5 years experience in administration.
Send resume to :
**csgargsongroup@gmail.com**
Cc to:
**siddharth9909@gmail.com**
**Call - +91 7855040457**

** କେରଳ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ**
(କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଅଧିନିୟମ, ୨୦୦୯ ଅଧୀନରେ ପ୍ରତିଷ୍ଠିତ)
ତେଜସ୍ୱିନୀ ହିଲ୍ସ, ପେରିୟେ, କାସରଗଡ଼–୬୭୧୩୨୫

ନଂ. ସିୟୁକେ/ଆର୍ସି/ଏଫ୍ଓ/୨୦୨୩

**କର୍ମନିଯୁକ୍ତି ବିଜ୍ଞପ୍ତି**

ନିମ୍ନଲିଖିତ ପଦବୀଗୁଡ଼ିକୁ ସିଧା ନିଯୁକ୍ତିଭିତ୍ତିରେ ପୂରଣ କରିବା ପାଇଁ ଯୋଗ୍ୟ ଭାରତୀୟ ନାଗରିକଙ୍କଠାରୁ ଅନ୍ଲାଇନ୍ ଦରଖାସ୍ତ ଆହ୍ୱାନ କରାଯାଉଛି :
୧) ରେଜିଷ୍ଟ୍ରାର, ୦୧ (ୟୁଆର୍), ସିୟୁକେ/ଆର୍ସି/ଏସ୍ଓ/୦୨/୨୦୨୫
୨) ଫାଇନାନ୍ସ ଅଫିସର, ୦୧ (ୟୁଆର୍), ସିୟୁକେ/ଆର୍ସି/ଏସ୍ଓ/୦୧/୨୦୨୫
୩) ଲାଇବ୍ରେରିଆନ୍, ୦୧ (ୟୁଆର୍), ସିୟୁକେ/ଆର୍ସି/ଏସ୍ଓ/୦୩/୨୦୨୫
ବେତନ ସ୍ତର ୧୪ (୧,୪୪,୨୦୦–୨,୧୮,୨୦୦)
ଅନ୍ଲାଇନ୍ ଆବେଦନର ଶେଷ ତାରିଖ: ୨୩।୦୧।୨୦୨୬–ରାତ୍ର ୧୧.୫୯ ଘଟିକା
ଆବେଦନର ହାର୍ଡ କପି ପ୍ରାପ୍ତିର ଶେଷ ତାରିଖ: ୦୬।୦୨।୨୦୨୬ –ଅପରାହ୍ନ ୦୫.୦୦ ଘଟିକା
ଅଧିକ ବିବରଣୀ ପାଇଁ, ପରିଦର୍ଶନ କରନ୍ତୁ www.cukerala.ac.in

cbc 21353/12/0005/2526 ରେଜିଷ୍ଟ୍ରାର

**WANTED FOR A PHARMACEUTICAL UNIT IN ODISHA**
- **QUALITY CONTROL OFFICER (Min. 3 years experience).** Knowledge of Operation of HPLC Systems is a must.
- **QUALITY ASSURANCE OFFICER (Min. 3 years experience)** should be able to face ISO & GMP audit.
- **LABORATORY ASSISTANT:** B.Sc./B.Pharma Graduates with devotion and determination to work honestly.
- **PHARMACIST:** D.Pharma Graduates with devotions and determination to work honestly.
- Please apply with confidence to email: **odishacareerconsul@gmail.com** within 15 days of intimating expected salary.

**GOVERNMENT OF JHARKHAND**
**DEPARTMENT OF MINES AND GEOLOGY**
**DIRECTORATE OF GEOLOGY**
(Engineers' Hostel No-2, 2nd Floor, Dhurwa, Ranchi-834004)

**CORRIGENDUM NOTICE**

ନୂଆପଡ଼ା ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ସେପ୍ଟେମ୍ବର ୮ରେ ପରଲୋକ ପରେ ନଭେମ୍ବର ୧୧ରେ ଉପନିର୍ବାଚନ ହୋଇଥିଲା। ଏଥିରେ ଦିବଂଗତ ବିଧାୟକଙ୍କ ପୁଅ ଜୟ ଢୋଲକିଆ ଭାଜପାରୁ ପ୍ରାର୍ଥୀ ହୋଇ ଜିତାପଟା ହାସଲ କରିଥିଲେ। ବିଜେଡି ହାତରୁ ଖସିଯାଇଥିଲା ନୂଆପଡା ବିଧାନସଭା। ଦଳୀୟ ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ୩୮ ହଜାର ୪୦୮ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝି ୪୦ ହଜାର ୧୨୧ ଖଣ୍ଡ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଭାଜପା ପ୍ରାର୍ଥୀ ଜୟଙ୍କୁ ମିଳିଥିଲା ୧ ଲକ୍ଷ ୨୩ ହଜାର ୮୬୯ ଭୋଟ। ରେକର୍ଡ ୮୩ ହଜାର ୭୪୮ ଖଣ୍ଡ ଭୋଟ ବ୍ୟବଧାନରେ ସେ ନିକଟତମ କଂଗ୍ରେସ ପ୍ରାର୍ଥୀଙ୍କୁ ହରାଇ ବିଜୟୀ ହୋଇଥିଲେ। ୨୪ବର୍ଷର ବିଜେଡି ସରକାରକୁ ହଟାଇ ରାଜ୍ୟରେ ୨୦୨୪ ସାଧାରଣ ନିର୍ବାଚନରେ ଭାଜପା ସରକାର ଆସିବା ପରେ ଏହି ନିର୍ବାଚନ ରାଜନୈତିକ ଦୃଷ୍ଟିକୋଣରୁ ଶାସକ ଓ ବିରୋଧୀଙ୍କ ପାଇଁ ସମ୍ମାନର ପ୍ରଶ୍ନ ଭାବେ ଉଭା ହୋଇଥିଲା। ଚାରି ଥର ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ମୃତ୍ୟୁ ପରେ ଏହି ଉପନିର୍ବାଚନର ଆବଶ୍ୟକତା ପଡିଥିଲା।



## ବଦଳିଲେ କଂସ ମହାରାଜା



ବୃହତ୍ ମୁକ୍ତାକାଶ ବରଗଡ଼ ଧନୁଯାତ୍ରା ମହୋତ୍ସବର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ୧୧ଦିନ ଧରି ଚାଲୁଥିବା ଏହି ମହୋତ୍ସବରେ ବରଗଡ଼ ସହର ମଥୁରା ନଗରୀ ଏବଂ ଅମ୍ବାପାଲି ଗୋପପୁର ପାଲଟିଯାଏ। ସେହିପରି ବରଗଡ଼ ସହର ଏବଂ ଅମ୍ବାପାଲି ମଝିରେ ବହି ଯାଇଥିବା ଜିରାନଦୀ ଯମୁନା ହୁଏ। ଏହି ମହୋତ୍ସବରେ କଳାକାରଙ୍କ ମହାକୁମ୍ଭ ଦେଖିବାକୁ ମିଳୁଥିବା ବେଳେ କଂସ ମହାରାଜଙ୍କ ଅଭିନୟ ମହୋତ୍ସବର ଭିନ୍ନ ଏକ ଆକର୍ଷଣ। ପ୍ରତି ୩ ବର୍ଷରେ କଂସ ସମେତ ଅନ୍ୟ ପାର୍ଶ୍ୱ ଚରିତ୍ର ପାଇଁ କଳାକାର ଚୟନ କରାଯିବାର ପରମ୍ପରା ରହିଛି। ଏହି କ୍ରମରେ ଗତ ନଭେମ୍ବର ୧୫ରୁ ୧୭ତାରିଖ ପର୍ଯ୍ୟନ୍ତ କଂସ ମହାରାଜ ସମେତ ଅନ୍ୟ ପ୍ରମୁଖ ଚରିତ୍ର ପାଇଁ କଳାକାର ଚୟନ ହୋଇଥିଲା ଏବଂ ନଭେମ୍ବର ୧୮ରେ କଳାକାରଙ୍କ ନାମ ଘୋଷଣା ହୋଇଥିଲା। ଏଥର ବରଗଡ଼ ଜିଲା ଚିଚିଣ୍ଡା ଗ୍ରାମର ସୁଶୀଲ କୁମାର ମେହେର କଂସ ମହାରାଜ ଚରିତ୍ର ପାଇଁ ମନୋନୀତ ହୋଇଛନ୍ତି। ବିଗତ ବର୍ଷରେ ହୋଇଥିବା ଚୟନ ପ୍ରକ୍ରିୟାରେ ମଧ୍ୟ ସୁଶୀଲ ଅଂଶଗ୍ରହଣ କରିଆସୁଥିଲେ, ମାତ୍ର ସେ ସଫଳ ହୋଇ ନ ଥିଲେ। କିନ୍ତୁ ଏଥର ସୁଶୀଲ ଚୟନ ପ୍ରକ୍ରିୟାରେ ଭାଗ ନେଇଥିବା ୪୩ଜଣଙ୍କୁ ପଛରେ ପକାଇ ବରଗଡ଼ ଧନୁଯାତ୍ରା ମହୋତ୍ସବର କଂସ ଚରିତ୍ରରେ ଅଭିନୟ କରିବାର ସୁଯୋଗ ପାଇଛନ୍ତି।

## ଶିଶୁ ବିକ୍ରି ପାଇଁ ହଇଚଇ

ଚଳିତ ବର୍ଷ ଏକାଧିକ ଶିଶୁ ବିକ୍ରି ପ୍ରସଙ୍ଗ ଥିଲା ଚର୍ଚ୍ଚିତ। ଏପ୍ରିଲ ୯ରେ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରୁ ଜଣେ ନବଜାତ ଶିଶୁପୁତ୍ର ୨୦ ହଜାର ଟଙ୍କାରେ ବିକ୍ରି କରାଯାଇଥିବା ଖବର ହଇଚଇ ସୃଷ୍ଟି କରିଥିଲା। ବଲାଙ୍ଗୀର ସହର ମାଲପଡ଼ାଠାରେ ରହୁଥିବା ଜଣେ ମହିଳାଙ୍କ ନବଜାତ ଶିଶୁପୁତ୍ରକୁ ଟିଟିଲାଗଡ଼ର ଜଣେ ମହିଳା ମଧ୍ୟସ୍ଥ ଭାବେ ବିକ୍ରି ପାଇଁ ନେଇଥିଲେ। ପରେ ଶିଶୁପୁତ୍ରଟି ଟିଟିଲାଗଡ଼ ନିକଟ ବଲାଙ୍ଗୀର-କଳାହାଣ୍ଡି ସୀମାରୁ ଉଦ୍ଧାର ହୋଇଥିଲା। ସେହି ଏପ୍ରିଲରେ ମୁରିବାହାଲ ଥାନା କର୍ଲା ଗାଁର ଏକ ନବଜାତ ଶିଶୁକନ୍ୟା ଛତିଶଗଡ଼ ଚାଲାଣ ହୋଇଥିବା ଅଭିଯୋଗ ହୋଇଥିଲା। ଗତ ଜୁଲାଇରେ ଆଉ ଏକ ଶିଶୁ ବିକ୍ରି ଘଟଣା ହଇଚଇ ସୃଷ୍ଟି କରିଥିଲା। ଟିଟିଲାଗଡ଼ ଥାନା ବାଗଡେର ଗାଁରୁ ବିକ୍ରି ହୋଇଥିବା ଶିଶୁ ବରଗଡ଼ ଜିଲା ପାଇକମାଲଠାରୁ ଉଦ୍ଧାର ହୋଇଥିଲା। ନଭେମ୍ବରରେ ପୁଣି ଥରେ ଶିଶୁ ବିକ୍ରି ଅଭିଯୋଗ ହୋଇଥିଲା। ବଲାଙ୍ଗୀର ଜିଲା ଲୋଇସିଂହା ଥାନା କନ୍ଦାଜୁରୀ ଗାଁର ଜଣେ ମହିଳା ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଯାଆଁଳା ଶିଶୁ ଜନ୍ମ ଦେବା ପରେ ଦୁଇ ଜଣ ବ୍ୟକ୍ତିଙ୍କୁ ବେଆଇନ ହସ୍ତାନ୍ତର କରିଥିଲେ।

## ଲାଞ୍ଚ ନେଇ ବଦନାମ ହେଲେ ଉପଜିଲାପାଳ

କଳାହାଣ୍ଡି ଜିଲା ଧର୍ମଗଡ଼ ଉପଜିଲାପାଳ ଆଇଏଏସ୍ ଅଫିସର ଧୀମାନ ଚକ୍‌ମା ଜୁନ୍ ୮ରେ ଜଣେ କ୍ରଶର ମାଲିକଙ୍କଠାରୁ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଭିଜିଲାନ୍ସ ଟିମ୍ ତାଙ୍କ ସରକାରୀ ବାସଭବନ ଛାନ୍‌ଭିନ୍ କଲାବେଳେ ନଗଦ ୪୭ ଲକ୍ଷ ୪୭ ହଜାର ୬ ଶହ ଟଙ୍କା ଜବତ କରିଥିଲା। ପରେ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ସେଠାରେ ଜାମିନ ନାମଞ୍ଜୁର ହେବାରୁ ସେ ଜେଲ ଯାଇଥିଲେ।



## ପିପ୍ପଳିରୁ କୋଲନ କ୍ୟାନ୍‌ସର ଚିକିତ୍ସା

ଚଳିତବର୍ଷ ରାଉରକେଲାସ୍ଥିତ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ(ଏନ୍‌ଆଇଟି) ବିଭିନ୍ନ କ୍ଷେତ୍ରରେ ଗବେଷଣା କରି କୃତିତ୍ୱ ହାସଲ କରିଛି। ସେଥିମଧ୍ୟରୁ ଜମିଜମା ମାପିବା ପ୍ରଣାଳୀକୁ ସହଜ କରିବା ପାଇଁ ଏନ୍‌ଆଇଟି କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ବିଭାଗ ପକ୍ଷରୁ ପ୍ରଥମ ସ୍ୱୟଂଚାଳିତ ଡ୍ରୋନ ସିଷ୍ଟମ ବିକଶିତ କରାଯାଇଥିଲା। ବିଭାଗର ସହଯୋଗୀ ପ୍ରାଧ୍ୟାପକ ପ୍ରଫେସର ସମ୍ବିତ ବକ୍ସିଙ୍କ ନେତୃତ୍ୱରେ ରିସର୍ଚ୍ଚ ଗ୍ରାଜୁଏଟ୍ ଡ. ତନ୍ମୟ କୁମାର ବେହେରା, ଡ. ଦେବବ୍ରତ ଚୌଧୁରୀ ଏବଂ ରିସର୍ଚ୍ଚ ସ୍କଲାର୍ କାମେଲିଆ ରାୟ ପ୍ରମୁଖ ଏହାକୁ ବିକଶିତ କରିଥିଲେ। ସେହିପରି ଏନ୍‌ଆଇଟି ଜୀବ ବିଜ୍ଞାନ ବିଭାଗ ପକ୍ଷରୁ କୋଲନ କ୍ୟାନ୍‌ସର ବିରୋଧରେ ପିପ୍ପଳିରୁ ଏକ ପ୍ରଭାବଶାଳୀ ଏବଂ ସ୍ୱଳ୍ପ ଖର୍ଚ୍ଚ ବିଶିଷ୍ଟ ଉପଶମ ବିକଶିତ କରାଯାଇଥିଲା। ଏନ୍‌ଆଇଟି ଜୀବ ବିଜ୍ଞାନ ବିଭାଗର ସହକାରୀ ପ୍ରାଧ୍ୟାପକ ପ୍ରଫେସର ବିଜେଶ ବିଶ୍ୱାଳ, ରିସର୍ଚ୍ଚ ସ୍କଲାର ରାଜୀବ ସାହୁ, ସ୍ତୁତି ବିଶ୍ୱାଳ, ସମ୍ବିତ ପାତ୍ର ପ୍ରମୁଖ ଏହି ଗବେଷଣାରେ ପ୍ରମୁଖ ଭୂମିକା ତୁଲାଇଥିଲେ।



## ଋଣବୋଝରୁ ଜୀବନ ହାରିଲେ ୨ ଚାଷୀ





ବଲାଙ୍ଗୀର ଜିଲାର ଦୁଇଜଣ ଚାଷୀ ବିଷପାନ କରି ଆତ୍ମହତ୍ୟା କରିବା ଥିଲା ୨୦୨୫ର ଆଉ ଏକ ଦୁଃଖଦ ଅଧ୍ୟାୟ। ମୁରିବାହାଲ ବ୍ଲକ ଦନ୍ଦରା ଗାଁରେ ଅଗଷ୍ଟ ୧ ତାରିଖରେ କୀଟନାଶକ ପିଇ ଚାଷୀ ରାଜକୁମାର ପାତ୍ର ଆତ୍ମହତ୍ୟା କରିଥିଲେ। ବର୍ଷାଭାବରୁ ଚାଷହାନି ଏବଂ ଋଣବୋଝ ଚିନ୍ତାରେ ସେ କୀଟନାଶ ପିଇ ଜୀବନ ହାରିଥିବା ଅଭିଯୋଗ ହୋଇଥିଲା। ସେହିପରି ଅଗଷ୍ଟ ୧୩ରେ ଟିଟିଲାଗଡ ବ୍ଲକ କୁରସୁଡ଼ ପଞ୍ଚାୟତ ଅଧୀନ କଣ୍ଡରା ଗାଁର ଚାଷୀ ଦୁର୍ଗାଚରଣ ଭୋଇ ଲଟା ମାରିବାକୁ ଥିବା ବିଷ ପାନକରି ଆତ୍ମହତ୍ୟା କରିଥିବା ଜଣାପଡିଥିଲା। ଋଣ ବୋଝ ଚାପ ଏବଂ ଚାଷହାନି ଆଶଙ୍କାରେ ଅତିଷ୍ଠ ହୋଇ ସେ ବିଷ ପିଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଥିଲା।





## ମନ୍ଥର ଗତିରେ ଚାଲିଛି କଳାହାଣ୍ଡିରେ ଧାନକିଣା

- ବିଜେଡି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍‌ର ବିଭିନ୍ନ ମଣ୍ଡି ପରିଦର୍ଶନ
- ୭୪୬୪ ଚାଷୀଙ୍କ ୩ଲକ୍ଷ ୫୦ ହଜାର କୁଇଣ୍ଟାଲ ଧାନ କ୍ରୟ
- ୩୦ ମଣ୍ଡି ଏବେ ବି ଖୋଲିନାହିଁ

**ଭବାନୀପାଟଣା,୧୯।୧୨(ଉତ୍ତମ କୁମାର ଦାଶ)**


ମଣ୍ଡିରେ ଚାଷୀଙ୍କ ସହ ଆଲୋଚନା କରୁଛନ୍ତି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ସଦସ୍ୟ।

କଳାହାଣ୍ଡି ଜିଲାରେ ଧାନର ଅଭାବୀ ବିକ୍ରି ଦେଖିବାକୁ ମିଳିଛି। ଜିଲାରେ ଗତ ନଭେମ୍ବର ୨୯ରୁ ଖରିଫ ଧାନ ପାଇଁ ମଣ୍ଡି ଶୁଭାରମ୍ଭ ହୋଇଥିଲା। ଇତିମଧ୍ୟରେ ୨୦ ଦିନ ବିତିଯାଇଥିଲେ ମଧ୍ୟ ଜିଲାର ସମସ୍ତ ମଣ୍ଡି ଖୋଲି ପାରିନାହିଁ। ଯାହାକୁ ନେଇ ଚାଷୀଙ୍କ ମଧ୍ୟରେ ତୀବ୍ର ଉଦ୍‌ବେଗ ପ୍ରକାଶ ପାଇଛି। ଜିଲା ଯୋଗାଣ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ, ଜିଲାରେ ଗୁରୁବାର ସୁଦ୍ଧା ୭୪୬୪ ଜଣ ଚାଷୀ ୩ଲକ୍ଷ ୫୦ ହଜାର ୪୧୮ କୁଇଣ୍ଟାଲ ଧାନ ବିକ୍ରି କରିଛନ୍ତି। କେବଳ ଗୁରୁବାର ଗୋଟିଏ ଦିନରେ ୧୯୮୭ ଜଣ ଚାଷୀଙ୍କ ୯୨ ହଜାର ୮୭କୁଇଣ୍ଟାଲ ଧାନ ଉଠାଣ ହୋଇଛି। ଗତବର୍ଷ ଏହି ତାରିଖରେ ୧୦ ହଜାର ୩୬୬ ଚାଷୀ ୪ଲକ୍ଷ ୭୬ ହଜାର ୧୨ କୁଇଣ୍ଟାଲ ଧାନ ବିକ୍ରି କରି ସାରିଥିଲେ। ଏହି ତଥ୍ୟକୁ ଦେଖିଲେ ଗତ ବର୍ଷଠାରୁ ବହୁ ପଛରେ ଧାନ କ୍ରୟ ଚାଲିଛି। ବର୍ତ୍ତମାନ ଜିଲାର ୨୩୦ଟି ମଣ୍ଡିରୁ ୨୦୦ଟି ଖୋଲିଥିବାବେଳେ ୮୩ ମିଲର୍ସରୁ ୭୪ଜଣ ଚୁକ୍ତିନାମା କରିଛନ୍ତି। ଜିଲାକୁ ପ୍ରଥମ ପର୍ଯ୍ୟାୟରେ ୩୬ ଲକ୍ଷ ୫୮ ହଜାର କୁଇଣ୍ଟାଲ ଧାନ ଟାର୍ଗେଟ ଆସିଛି। ବର୍ତ୍ତମାନ ଜିଲାରେ ଅନେକ ଚାଷୀ ଧାନ ଅମଳ କରି ଖଳାରେ ଓ ମଣ୍ଡିରେ ରଖିଛନ୍ତି। କେବେ ମଣ୍ଡି ଚାଲିବ ଓ ଚାଷୀଙ୍କ ଧାନ ଉଠିବ ତାହା ଦେଖିବାକୁ ବାକି ରହିଲା। ଅନ୍ୟପକ୍ଷରେ ଧାନ କିଣା ମନ୍ଥର ତଥା ଅବ୍ୟସ୍ଥାକୁ ନେଇ ଶୁକ୍ରବାର ବିଜେଡିର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଜୁନାଗଡ଼ ବ୍ଲକର ବିଭିନ୍ନ ମଣ୍ଡି ପରିଦର୍ଶନ କରି ଧାନ ସଂଗ୍ରହ ତଦାରଖ କରିଥିଲେ। ଜୁନାଗଡ଼ ବିଧାୟକ କ୍ୟାପ୍‌ଟେନ ଦିବ୍ୟଶଙ୍କର ମିଶ୍ର ଓ ଲାଞ୍ଜିଗଡ଼ ବିଧାୟକ ତଥା ଜିଲା ସଭାପତି ପ୍ରଦୀପ ଦିଶାରୀଙ୍କ ନିର୍ଦ୍ଦେଶ କ୍ରମେ ଏହି ଟିମ୍‌ରେ ସାମିଲ ଥିବା ବରିଷ୍ଠ ନେତା ସାମନ୍ତ ଖମାରୀ, ପ୍ରଶାନ୍ତ ନାଏକ, ଜୁନାଗଡ ବିଧାୟକ ପ୍ରତିନିଧି ଦିନେଶ ବଗର୍ତ୍ତି, ଜୁନାଗଡ ବ୍ଲକ ଅଧ୍ୟକ୍ଷା ସବିତା ମେହେର, ବଦ୍ରି ପଟ୍ଟନାଏକ, ମୁଣ୍ଡରାଗୁଡ଼ା ସରପଞ୍ଚ ତାରା ରାୟଗୁରୁ, ପୂର୍ବତନ ପୌରାଧ୍ୟକ୍ଷା ସଂଯୁକ୍ତା ବେହେରା, ଯୁବନେତା ମନିନ୍ଦ୍ର ମହାନ୍ତି, ମଧୁସୂଦନ ନାଗ, ପୀତବାସ ବେହେରା ପ୍ରମୁଖ ଜୁନାଗଡ଼ ବ୍ଲକ ର ମାଟିଗାଁ, ବଣିଜରା, ରାଜପୁର, ମୁଣ୍ଡରାଗୁଡ଼ା ଆଦି ମଣ୍ଡି ପରିଦର୍ଶନ କରି ଚାଷୀମାନଙ୍କ ସହ ମଣ୍ଡି ଅବ୍ୟବସ୍ଥା ବିଷୟରେ ଆଲୋଚନା କରିଥିଲେ।

### ସଂକ୍ଷେପରେ

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ

**କର୍ଲାମୁଣ୍ଡା,୧୯।୧୨(ପ୍ରଦୀପ କୁମାର ସାହୁ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ କୁଣ୍ଡୁର୍ଲା ଜୋରାବରଗୁଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପଞ୍ଚମ ବାର୍ଷିକ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ପରିଚାଳନା କମିଟି ସଭାପତି ଈଶ୍ୱର ଚନ୍ଦ୍ର ମାଝୀ ସଭାପତିତ୍ୱ କରିଥିଲେ। ଅତିଥି ଭାବେ କର୍ଲାମୁଣ୍ଡା ବ୍ଲକ୍ ଅଧ୍ୟକ୍ଷା କୁନି ସାହୁ, ଜିଲା ଭାଜପା ସଭାପତି ଯୁଗଳ କିଶୋର ପୋଡ଼, କର୍ଲାମୁଣ୍ଡା ବ୍ଲକ୍ ୫ ଜୋନ୍ ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ କୈଳାସ ପଧାନ, ମୁଖ୍ୟବକ୍ତା ଭାବେ ତୁଷୁରା ସଂକୁଳ ପ୍ରମୁଖ ଆଶୁକବି ହେମନ୍ତ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ। କମିଟି ସମ୍ପାଦକ କ୍ଷୀରୋଦ ବଡମାଲି ଅତିଥି ପରିଚୟ ଓ ଉପସଭାପତି ଯଶୋବନ୍ତ ସାହୁ ଧନ୍ୟବାଦ ଦେଇଥିଲେ। ସଭା କାର୍ଯ୍ୟକୁ ଗୁରୁମା ଗୀତାଞ୍ଜଳି ସାହୁ ସଂଯୋଜନା କରିଥିଲେ।

## ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ପାଇଁ ବିଭିନ୍ନ ପ୍ରତିଯୋଗିତା

**ଖଡ଼ିଆଲ,୧୯।୧୨ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଲ ସ୍ୱୟଂଶାସିତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ନିମନ୍ତେ ବିଷୟଭିତ୍ତିକ ପ୍ରତିଯୋଗିତା ଆରମ୍ଭ ହୋଇଛି। ଏହା ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଯୁକ୍ତ ୨ ଅଧ୍ୟକ୍ଷ ଡ. ରଣବୀର ସିଂହ, ଛାତ୍ରକଲ୍ୟାଣ ଅଧିକାରୀ ଡ. ଗୀତାଶ୍ରୀ ପ୍ରିୟମ୍ବଦା, ଛାତ୍ର କଲ୍ୟାଣ ସହଅଧିକାରୀ ଅଧ୍ୟାପିକା ସାଗରିକା ପଣ୍ଡା, ଅଧ୍ୟାପକ ବିଶିକେସନ ନାୟକ, ଚୈତନ୍ୟ ମହାନ୍ତିଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ସମ୍ପାଦିତ ହୋଇଛି। ଅଧ୍ୟାପକ ଡ. ରାଜକୁମାର ରତେ, ଅଧ୍ୟାପିକା ଡ. କାଜଲ ମେହେର, ଅଧ୍ୟାପକ ମେଘନାଦ ସୁନା, ଡ. ସୁରଞ୍ଜନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ଥୁଆମୂଳ ରାମପୁର ପଞ୍ଚାୟତ ସମିତି ବୈଠକ

**ଥୁଆମୂଳ ରାମପୁର,୧୯।୧୨(ଦୁର୍ଗା କୀର୍ତ୍ତି):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ପଞ୍ଚାୟତ ସମିତି ସଭାଗୃହରେ ଶୁକ୍ରବାର ୫ମ ମାସିକ ବୈଠକ ବିଡିଓ ଧ୍ରୁବଚରଣ ମୁଦୁଲିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାଂସଦ ବ୍ଲକ ପ୍ରତିନିଧି ପବିତ୍ର ନିଏକ, ଜିଲା ପରିଷଦ ଚୁନି ଖୋସଲା, ବ୍ଲକ ଅଧ୍ୟକ୍ଷ ଦୟାନିଧି ମାଝୀ, ତହସିଲଦାର ସନାତନ ମହାରଣା, ଏଏଇ ସାଲକୋ ହେମ୍ବ୍ରମ, ଏପିଓ ଭକ୍ତ ସେଠି, ସାମାଜିକ ସୁରକ୍ଷା ଅଧିକାରୀ ସୁନାରାମ ସୋରେନ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ ଯୋଗାଣ ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ ଅଧିକାଂଶ ବିଭାଗରେ କାର୍ଯ୍ୟ ଠିକ୍ ଭାବରେ ହେଉ ନ ଥିବାରୁ ସାଧାରଣ ଲୋକେ ହନ୍ତସନ୍ତ ହେଉଥିବା ଦର୍ଶାଇ ହୋହଲ୍ଲା କରିଥିଲେ।

## ଜିଲାସ୍ତରୀୟ ଶିକ୍ଷା ଓ ତାଲିମ ଶିବିର ଉଦ୍‌ଘାଟିତ



ଶିବିରରେ ମଞ୍ଚାସୀନ ଅତିଥିମାନେ।

**ନୂଆପଡ଼ା/କୋମନା,୧୯।୧୨ (ମକାରୁ ବେମାଲ/ମହେଶ ବାଗ)**

ନୂଆପଡ଼ା ଜିଲା କୋମନା ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ତ୍ରିଦିବସୀୟ ଜିଲାସ୍ତରୀୟ ଯୁବ ରେଡ୍‌କ୍ରସ ଶିକ୍ଷା ଓ ତାଲିମ ଶିବିର ଅଧ୍ୟକ୍ଷ ଶୁକ୍ରବାର ବିଘ୍ନରାଜ ଦାଶଙ୍କ ସଭାପତିତ୍ୱରେ ଉଦ୍‌ଘାଟିତ ହୋଇଯାଇଛି। ଖଡିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ୍ ମୁଖ୍ୟ ଅତିଥି, ଡ. ତରୁଣ କୁମାର ପ୍ରଧାନ ମୁଖ୍ୟବକ୍ତା ଓ ଅଧ୍ୟକ୍ଷ ନ୍ୟାଶନାଲ ମହାବିଦ୍ୟାଳୟ ନୂଆପଡ଼ା ହିତେଶ ସାହୁ, ଜିଲା ସଂଯୋଜକ ଯୁବ ରେଡ୍‌କ୍ରସ ନୂଆପଡ଼ା ଅଶ୍ୱିନୀ ଓତା, ଜିଲା ଯୁବ ରେଡ୍‌କ୍ରସ ଆବାହକ ଶିବ ପ୍ରସାଦ ସା ସମ୍ମାନିତ ଅତିଥି ରୂପେ ଯୋଗଦାନ କରିଥିଲେ। ତିନିଦିନ ଧରି ଚାଲିବାକୁ ଥିବା ଶିବିରରେ ରେଡ୍‌କ୍ରସର ଇତିହାସ, ପ୍ରାଥମିକ ଚିକିତ୍ସା, ବିପର୍ଯ୍ୟୟ ପରିଚାଳନା ଇତ୍ୟାଦି ବିଷୟରେ ତାଲିମ ଦିଆଯିବ। ଏଥିରେ ନୂଆପଡ଼ା ଜିଲାର ବିଭିନ୍ନ ମହାବିଦ୍ୟାଳୟରୁ ପ୍ରାୟ ୧୩୦ ଜଣ ସ୍ୱେଚ୍ଛାସେବୀ ଓ ଉପଦେଷ୍ଟା ଯୋଗଦାନ କରିଛନ୍ତି। ଉଦ୍‌ଘାଟନୀ ସଭାକୁ ଆଧାପକ ଡ. ଦିପକ କୁମାର ଦାଶ ପରିଚାଳନା କରିଥିଲେ।

## ଫେବୃଆରୀ ୪ରୁ ଖଡ଼ିଆଳ ମହୋତ୍ସବ

**ଖଡିଆଳ,୧୯।୧୨ (ସୁଜିତ କୁମାର ପ୍ରଧାନ):** ୨୦୨୬ ଫେବୃଆରୀ ୪, ୫, ୬, ୭ ଓ ୮ ତାରିଖ ପର୍ଯ୍ୟନ୍ତ ଖଡ଼ିଆଳ ସହରର ରାଜା ଏଟି ହାଇସ୍କୁଲ ପଡ଼ିଆରେ ଖଡ଼ିଆଳ ମହୋତ୍ସବ ଅନୁଷ୍ଠିତ ହେବ। ଏଥିରେ ସ୍ଥାନୀୟ କଳାକାରଙ୍କ ସମେତ ରାଜ୍ୟ ଓ ରାଜ୍ୟ ବାହାରର ଲୋକକଳା ଦଳ ଅଂଶଗ୍ରହଣ କରିବେ। ଏହି ଅବସରରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ମହୋତ୍ସବ କିଭଳି ସୁରୁଖୁରୁରେ ସମ୍ପନ୍ନ ହେବ ତା' ଉପରେ ଆଲୋଚନା ହୋଇଥିଲା। ବିଶେଷକରି ବିଭିନ୍ନ ବିଭାଗ ଉପରେ ଗୁରୁତ୍ୱ ଦିଆଯାଇଥିବା ନେଇ ମହୋତ୍ସବ କମିଟି ସଭାପତି ତଥା ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ସମ୍ପାଦକ ପୃଥ୍ୱିରାଜ ମହାନ୍ତି, ଉପଦେଷ୍ଟା ଉଜ୍ଜ୍ୱଳ ଗୁପ୍ତା, ଗୋବର୍ଦ୍ଧନ ସୁନା, ଗିରିଧାରୀ ବିଭାର ପ୍ରମୁଖ ଉପସ୍ଥିତ ଥିଲେ।

## ମହାବିଦ୍ୟାଳୟରେ ଅଭିମୁଖୀକରଣ କାର୍ଯ୍ୟକ୍ରମ

**ଖଡ଼ିଆଲ,୧୯।୧୨ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଲ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆର୍ଥିକ ସଚେତନତା ଓ ବିନିଯୋଗମୂଳକ ମନୋବିଜ୍ଞାନ ବିଷୟରେ ଏକ ଅଭିମୁଖୀକରଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡା ଅଧ୍ୟକ୍ଷତାରେ ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସାକ୍ଷରତା- ଆଧୁନିକ ଜୀବନର ଏକ ଅତ୍ୟାବଶ୍ୟକ ଦକ୍ଷତା ଭାବେ ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ। ଯୁକ୍ତ ୨ ଅଧ୍ୟକ୍ଷ ଡ. ରଣବୀର ସିଂହ ଦୀର୍ଘମିଆଦୀ ଆର୍ଥିକ ଯୋଜନା ଓ ସଂଯମିତ ବିନିଯୋଗ ଆଚରଣର ଗୁରୁତ୍ୱ ଉପରେ ମତ ରଖିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ଗୁଣବନ୍ତ ସାହୁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ମୁଖ୍ୟ ପ୍ରବନ୍ଧକ ଦିନେଶ କୁମାର ମିଶ୍ର, ସହଯୋଗୀ ଯଥା ଆଞ୍ଚଳିକ ପରିଚାଳକ ଅଜିତ କୁମାର ପଟ୍ଟନାୟକ, ପରିଚାଳିକା ପୌଲମୀ ଗୁପ୍ତା, ସୁଜିତ କୁମାର ସାହୁ ପ୍ରମୁଖ ଆର୍ଥିକ ସଚେତନତା ଓ ବିନିଯୋଗ ମନୋବିଜ୍ଞାନର ମୂଳ ଧାରଣା ଉପରେ ଆଲୋଚନା କରିଥିଲେ। ଛାତ୍ରୀଛାତ୍ରମାନେ ନିଜ ଆର୍ଥିକ ଭବିଷ୍ୟତ, କ୍ୟାରିଅର ଯୋଜନା ଓ ସୁରକ୍ଷିତ ବିନିଯୋଗ ସମ୍ପର୍କରେ ସନ୍ତୋଷଜନକ ଧାରଣା ଦେଇଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ଅଧ୍ୟକ୍ଷ ପ୍ରାଧ୍ୟାପକ ଡ. ତରୁଣ କୁମାର ପ୍ରଧାନ, ପରୀକ୍ଷା ନିୟନ୍ତ୍ରକ ଅଧ୍ୟାପକ ସୁନୀଲ କୁମାର ପାଢ଼ୀ, ଛାତ୍ର କଲ୍ୟାଣ ଅଧିକାରୀ ଅଧ୍ୟାପିକା ଡ. ଗୀତାଶ୍ରୀ ପ୍ରିୟମ୍ବଦା, ଅଧ୍ୟାପକ ବିଭରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପିଏମ୍ ଉଷା ନୋଡାଲ ଅଫିସର ହରନାମ ସିଂ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ


ମୁଖ୍ୟ ଅତିଥି ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

**କର୍ଲାମୁଣ୍ଡା,୧୯।୧୨(ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ରେଗଡ଼ା ପଞ୍ଚାୟତର ଜଗଦୀଶ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କ୍ଷୀରସାଗର ସାହୁ ଅଧ୍ୟକ୍ଷତା କରିଥିଲେ। ରେଗଡ଼ା ସରପଞ୍ଚ ଦୀପ୍ତିରାଣୀ ସାହୁ ମୁଖ୍ୟ ଅତିଥି ଓ ରେଗଡ଼ା ପ୍ରାଥମିକ ଚିକିତ୍ସା କେନ୍ଦ୍ରର ଆୟୁଷ ଡାକ୍ତର ଆଶୁତୋଷ ମିଶ୍ର, ପଞ୍ଚାୟତ ଉଚ୍ଚ ବିଦ୍ୟାପୀଠ ରେଗଡ଼ାର ପ୍ରଧାନ ଶିକ୍ଷକ ଶୈଳେନ୍ଦ୍ର ନାଏକ, କର୍ଲାମୁଣ୍ଡା ଶିକ୍ଷକ ସଂଘ ସଭାପତି ଅନ୍ତର୍ଯାମୀ ମଲ୍ଲିକ ଓ ସମ୍ପାଦକ ସଞ୍ଜୟ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ଶିଶୁମାନଙ୍କ ଶାରୀରିକ ବିକାଶ ସହ ଆତ୍ମବିଶ୍ୱାସ ବୃଦ୍ଧିକରେ ବୋଲି ମତପ୍ରକାଶ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କ୍ରୀଡ଼ା ଉତ୍ସବକୁ ସଫଳ କରିବାରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ, ଅଭିଭାବକ ଓ ଗ୍ରାମବାସୀ ସହଯୋଗ କରିଥିଲେ।

## ୯ ଦଫା ଦାବିରେ ପାଚିକା ସଂଘର ଧାରଣା

**କେସିଙ୍ଗା,୧୯।୧୨(ଦୁମେଶ୍ୱର ସାହୁ)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ୍‌ର ପାଚିକା ସହାୟିକା ମଜଦୁର ସଂଘ ସଭାନେତ୍ରୀ ରଶ୍ମିତା ହେର୍ନାଙ୍କ ନେତୃତ୍ୱରେ ୯ ଦଫା ଦାବି ନେଇ ଶୁକ୍ରବାର ବ୍ଲକ୍ ଅଫିସ ସମ୍ମୁଖରେ ଧାରଣା ଦିଆଯାଇଥିଲା। ପ୍ରମୁଖ ଦାବି ମଧ୍ୟରେ ବ୍ଲକ୍‌ର ସମସ୍ତ ସ୍କୁଲର ପାଚିକାମାନେ ଦୀର୍ଘ ୧୫ ବର୍ଷ ହେଲା ୧ଶହ ଟଙ୍କାରେ କାମକରି ଆସୁଥିବାବେଳେ ସେମାନଙ୍କୁ ମାସିକ ୩ହଜାର ଟଙ୍କା ପ୍ରଦାନ, ସରକାର ଦୈନିକ ସର୍ବନିମ୍ନ ମଜୁରି ୪୬୨ଟଙ୍କାରୁ ୫୫୦ ଟଙ୍କା ଯାଏ ଦେବା ପାଇଁ ଘୋଷଣା କରିଥିବା ବେଳେ ପାଚିକାଙ୍କ କାହିଁକି ବୃଦ୍ଧି କରାଯାଉ ନାହିଁ ବୋଲି ସେମାନେ ପ୍ରଶ୍ନ ଉଠାଇଛନ୍ତି। ଦୀର୍ଘ ସମୟ ଧାରଣା ପରେ ପାଚିକାମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସରକାର ପାଚିକାମାନଙ୍କ ଦୈନିକ ୩ଶହ ଟଙ୍କା ବୃଦ୍ଧି ନ କଲେ ରାଜରାସ୍ତାକୁ ଓହ୍ଲାଇବା ପାଇଁ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।

## ବ୍ଲକ୍‌ସ୍ତରୀୟ କୁଇଜ୍ ପ୍ରତିଯୋଗିତା

**କଲମପୁର, ୧୯।୧୨ (ଗଣେଶରାମ ବାଗ)**



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

କଳାହାଣ୍ଡି ଜିଲା କଲମପୁର ଗୋଷ୍ଠୀ ଶିକ୍ଷା ବିଭାଗ ଅଧୀନରେ ଥିବ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଇଚ୍ଛାପୁରଠାରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଆନୁକୁଲ୍ୟରେ ବ୍ଲକସ୍ତରୀୟ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉପ କନିଷ୍ଠ, କନିଷ୍ଠ ଓ ବରିଷ୍ଠ ବିଭାଗରେ ବ୍ଲକର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦାନ କରିଥିଲେ। ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ କୁଳମଣୀ ମାଝୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ମଧୁସ୍ମିତା ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଦେପୁର ପଞ୍ଚାୟତ ସମିତି ସଭ୍ୟା ବୁଧ ଭୋଇ ମୁଖ୍ୟ ଅତିଥି, ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ କୁଳମଣୀ ମାଝୀ, ଇଚ୍ଛାପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶୁଭେନ୍ଦୁ କୁମାର ପଣ୍ଡା, ପାତ୍ରବସା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନ୍ମଥ କୁମାର ମିଶ୍ର ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ମନୋଜ କୁମାର ମେହେର, ଉଦୟ ମାଝୀ, ବିଜୟ କୁମାର ସୁରଦେଓ, ଶିକ୍ଷକ ବିପିନ ନାୟକ,ପ୍ରଭାତ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ। କଲମପୁର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ନବଘନ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରଧାନ ଶିକ୍ଷକ ଶୁଭେନ୍ଦୁ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ନାଳରୁ ଯୁବକଙ୍କ ମୃତଦେହ ଜବତ

**ଭବାନୀପାଟଣା,୧୯।୧୨(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ବେହେରାଗୁଡାସ୍ଥିତ ଏକ ନାଳରୁ ଶୁକ୍ରବାର ସ୍ଥାନୀୟ ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ସେ ହେଲେ ଭବାନୀପାଟଣା ସହର ନୂଆପଡ଼ାର ମନୋଜ କୁମାର ବିଶ୍ୱାଳ (୪୫)। ମନୋଜ ୩ ଦିନ ହେଲା ନିଖୋଜ ଥିବା ପୋଲିସଠାରୁ ସୂଚନା ମିଳିଛି। ତେବେ ସେ ଉକ୍ତ ନାଳକୁ କେମିତି ଗଲେ ଓ ତାଙ୍କ ମୃତ୍ୟୁ କିଭଳି ହେଲା ତାହାକୁ ସନ୍ଦେହ ପ୍ରକାଶ ପାଇଛି। ସ୍ଥାନୀୟ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

## ଆପଣଙ୍କ ପୁଞ୍ଜି, ଆପଣଙ୍କ ଅଧିକାର ସଚେତନତା

**ଭବାନୀପାଟଣା,୧୯।୧୨(ଉତ୍ତମ କୁମାର ଦାଶ)**

କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟର ନିର୍ଦ୍ଦେଶକ୍ରମେ ଅଗ୍ରଣୀ ଷ୍ଟେଟ୍‌ବ୍ୟାଙ୍କ ପକ୍ଷରୁ କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଟାଉନ ହଲରେ ଶୁକ୍ରବାର ଆପଣଙ୍କ ପୁଞ୍ଜି ଆପଣଙ୍କ ଅଧିକାର ସମ୍ପର୍କିତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨ ବର୍ଷରୁ ଅଧିକ ଓ ୧୦ ବର୍ଷ ପର୍ଯ୍ୟନ୍ତ ଅଚଳ ଥିବା ବ୍ୟାଙ୍କ ଖାତାରେ ପଡ଼ି ରହିଥିବା ଟଙ୍କା, ଦାବିହୀନ ଜମାକୁ ଆର୍‌ବିଆଇ ଡିଇଏ ପାଣ୍ଠିକୁ ସ୍ଥାନାନ୍ତର ଇତ୍ୟାଦି ଉପରେ ସଚେତନ କରାଯାଇଥିଲା। ସେହିପରି ଦୀର୍ଘବର୍ଷ ଧରି କାରବାର ହେଉ ନ ... ପରିବାରବର୍ଗ ଫେରିପାଇବେ ତାହା ଉପରେ ସଚେତନ କରାଯାଇଥିଲା। ଅକ୍ଟୋବରରୁ ଆରମ୍ଭ ହେଇଥିବା ଶିବିର ଚଳିତମାସ ଶେଷ ପର୍ଯ୍ୟନ୍ତ ଚାଲିବ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ଯୋଗଦେଇ ଥିବା ବେଳେ ଭାରତୀୟ ରିଜର୍ଭ ବ୍ୟାଙ୍କର ଏଲ୍‌ଡିଓ ଅବିନାଶ ରାଉତ, ଷ୍ଟେଟ୍‌ବ୍ୟାଙ୍କ କ୍ଷେତ୍ରୀୟ କାର୍ଯ୍ୟାଳୟର ଆଞ୍ଚଳିକ ପ୍ରବନ୍ଧକ ଆର୍ ଗଙ୍ଗାଧର ପଟ୍ଟନାୟକ, ଆଞ୍ଚଳିକ ପ୍ରବନ୍ଧକ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ସଞ୍ଜୀବ କୁମାର ମିଶ୍ର, ଡିଡିଏମ୍ ନାବାର୍ଡ ମହେଶ୍ୱର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଏହି



ଜଣେ ଖାତାଧାରୀଙ୍କୁ ଚେକ୍ ପ୍ରଦାନ କରାଯାଉଛି।

## ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସୁରଭି

**ବୋଡେନ,୧୯।୧୨ (ଟିକେଶ୍ୱର ନାଗ):** ନୂଆପଡ଼ା ଜିଲା ବୋଡେନ ଗୋଷ୍ଠି ଶିକ୍ଷା କାର୍ଯ୍ୟାଳୟ ପରିସରରେ ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ବିଇଓ ରୁଦ୍ରେଶ୍ୱର ମେହେରଙ୍କ ସଭାପତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୋଡେନ ସରପଞ୍ଚ ରଶ୍ମିତା ସିହ୍ନା ମୁଖ୍ୟଅତିଥି ଓ ଦ୍ୱାରଶନୀ ହାଇସ୍କୁଲ କେରାପଦର ପ୍ରଧାନ ଶିକ୍ଷକ ଜିତେନ୍ଦ୍ର କୁମାର ଯୋଷୀ, ଏବିଇଓ ଅମୂଲ୍ୟ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷକ ଉମାକାନ୍ତ ବେହେରା ଓ ଅଶୋକ ବାରିକ ଅତିଥି ପରିଚୟ ପ୍ରଦାନ ସହ ମଞ୍ଚ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଇଓ ରୁଦ୍ରେଶ୍ୱର ମେହେର ସଭାପତିତ୍ୱ କରିଥିଲେ। ନୂଆପଡା ଜିଲା ପରିଷଦ ଅଧ୍ୟକ୍ଷ ଡଲି ମାଝୀ ମୁଖ୍ୟଅତିଥି, ଡବ୍ଲ୍ୟୁଓ କ୍ଷଣପ୍ରଭା ପାଣିଗ୍ରାହୀ ମୁଖ୍ୟବକ୍ତା ଓ ବ୍ଲକ ଉପାଧ୍ୟକ୍ଷା ସଙ୍ଗିତା ମାଝୀ, ଏବିଇଓ ଅମୂଲ୍ୟ ଦାସ, ବରିଷ୍ଠ ନାଗରିକ ପର୍ଶୁରାମ ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ସହ ମାନପତ୍ର ପ୍ରଦାନ କରାଯାଇଥିଲା। ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## କ୍ରୀଡ଼ା ହେଉଛି ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଅଂଶ



ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

**ନୂଆପଡ଼ା,୧୯।୧୨ (ମକାରୁ ବେମାଲ)**

ନୂଆପଡ଼ା ସଦର ବ୍ଲକ ଧରମବନ୍ଧା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି । ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରକାଶ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ସ୍ଥାନୀୟ ସରପଞ୍ଚ ଭୁବନେଶ୍ୱରୀ ଦଣ୍ଡସେନା ମୁଖ୍ୟଅତିଥି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଖଗେଶ୍ୱର ମାଝି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କ୍ରୀଡ଼ା ହେଉଛି ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଅଂଶ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କନିଷ୍ଠ ଓ ବରିଷ୍ଠ ବର୍ଗରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟଅତିଥି ମାନପତ୍ର ଦେଇ ପୁରସ୍କୃତ କରିଥିଲେ। ଶେଷରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଖେଳ ଶିକ୍ଷକ ମହତାବ ଆଡଜୁଆଡ ଖେଳ ପରିଚାଳନା କରିଥିଲେ ।

## ବୋଡେନ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା

**ବୋଡେନ,୧୯।୧୨ (ଟିକେଶ୍ୱର ନାଗ)**

ନୂଆପଡ଼ା ଜିଲା ବୋଡ଼େନ ବ୍ଲକ ପ୍ରାଣୀ ଚିକିତ୍ସା କେନ୍ଦ୍ର ପରିସରରେ ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖଡିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ମେଳାକୁ ଉଦ୍‌ଘାଟନ କରିଥିଲେ। ନୂଆପଡ଼ା ଜିଲା ସଭାପତି ଡଲି ମାଝୀ, ବ୍ଲକ ଉପାଧ୍ୟକ୍ଷା ସଙ୍ଗୀତା ମାଝୀ, ସାସଂଦ ପ୍ରତିନିଧି ଅବନୀ ରଜନ ଯୋଷୀ, ମଣ୍ଡଳ ଅଧିକାରୀ ସୁଶାନ୍ତ ରଣା, ଜିଲା ମତ୍ସ୍ୟ ଅଧିକାରୀ ଡା. ବିଜନ ସାହୁ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସୁଖେନ୍ଦୁ ରାଏ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ବୋଡେନ ଭାରପ୍ରାପ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ସସ୍ମିତା ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିଲେ। ସହକାରୀ ମତ୍ସ୍ୟ ଅଧିକାରୀ ଡ. ସୁଚିସ୍ମିତା ପୃଷ୍ଟି ଅତିଥି ପରିଚୟ ଓ ପ୍ରାଣୀ ଚିକିତ୍ସକ ଡା. ସମର୍ପଣ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ପ୍ରାଣୀ ସମ୍ପଦ ଓ ମତ୍ସ୍ୟ ବିଭାଗର ସଫଳ ଚାଷୀଙ୍କୁ ସହାୟତା ବାବଦ ଚେକ୍ ପ୍ରଦାନ କରାଯାଇଥିଲା।

## ସଂକ୍ଷେପରେ

### ଶିକ୍ଷାର ଆବଶ୍ୟକତା ନେଇ ସଚେତନତା

**ବିଦ୍ୟାଳୟସ୍ତରୀୟ ବାର୍ଷିକ ଉତ୍ସବ**

**ବରପାଲି,୧୯।୧୨(ଚିତ୍ତରଞ୍ଜନ ସାହୁ):** ବରପାଲି ବ୍ଲକ କଟାପାଲି ପିଏମ୍ଶ୍ରୀ ବିଡିଏନ୍ଏଚ୍ ସ୍କୁଲର ବିଦ୍ୟାଳୟସ୍ତରୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ବରପାଲି ବିଇଓ ମୁକୁନ୍ଦ ମହରା ଯୋଗଦାନ କରି ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷାର ଆବଶ୍ୟକତା ବିଷୟରେ ସଚେତନ କରିଥିଲେ। ସମ୍ମାନିତ ଅତିଥି ଭାବରେ ସରକାରୀ ଗଙ୍ଗାଧର ଏନ୍ଏସି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ କୁମାର ବାରିକ ଉଦ୍‌ବୋଧନ ଦେଇଥିଲେ। ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ ଭୋଇ ସଭାପତିତ୍ୱ କରିଥିଲା ବେଳେ ଶିକ୍ଷକ ଧୀରେନ୍ଦ୍ର ବିଶ୍ୱାଳ ମଞ୍ଚ ସଞ୍ଚାଳନ କରିଥିଲେ। ଶିକ୍ଷୟିତ୍ରୀ ମନୋରମା ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ସୁଧାଂଶୁ ତ୍ରିପାଠୀ, ପୂର୍ବତନ ସରପଞ୍ଚ ସଂଜୀବ ଦାସ, ବର୍ତ୍ତମାନର ସରପଞ୍ଚ ଗଙ୍ଗାଧର ଦାସ ପ୍ରମୁଖଙ୍କ ଦ୍ୱାରା କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ପରିଚାଳନା କମିଟି ଚେୟରମ୍ୟାନ ଗଣେଶ ଭୋଇ ଧନ୍ୟବାଦ ଦେଇଥିଲେ। ଏହି ଉତ୍ସବକୁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଜେମସ ସା, ପ୍ରଶାନ୍ତ ସାହୁ, ଆଲୋକ ନାଗ, ମୋହନ ନାଗ, କମିଟି କର୍ମକର୍ତ୍ତା ପ୍ରମୁଖ ସହଯୋଗ କରିଥିଲେ।

### ତ୍ରିଭୁବନ ତୁରଖିଆଙ୍କ ପରଲୋକ

**ଅତାବିରା,୧୯।୧୨(ଯୁଧିଷ୍ଠିର ମହାପାତ୍ର):** ଅତାବିରା ଦୁର୍ଗା ମନ୍ଦିର କମିଟିର ପୂର୍ବତନ କୋଷାଧ୍ୟକ୍ଷ ତ୍ରିଭୁବନ ଦାସ ତୁରଖିଆ(୮୪)ଙ୍କ ଶୁକ୍ରବାର ନିଜ ବାସଭବନରେ ପରଲୋକ ଘଟିଛି।



ବାର୍ଦ୍ଧକ୍ୟ କାରଣ ଯୋଗୁ ୧୫ ଦିନ ବରଗଡ଼ ଘରୋଇ ନର୍ସିଂହୋମରେ ଚିକିତ୍ସିତ ହୋଇ ଦୁଇଦିନ ତଳେ ଘରକୁ ଆସିଥିଲେ। ଖାଇ ସାରିବା ପରେ ତାଙ୍କର ଆକସ୍ମିକ ମୃତ୍ୟୁ ଘଟିଥିଲା। ସେ ପୂର୍ବରୁ ଠିକାଦାର ଭାବେ ନିଜ କର୍ମମୟ ଜୀବନ ଆରମ୍ଭ କରିବା ସହ କଂଗ୍ରେସ ପରେ ବିଜେଡିରେ ସଂଶ୍ଳିଷ୍ଟ ଥିଲେ। ସ୍ଥାନୀୟ ସ୍ୱର୍ଗ ଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ବଡ଼ ପୁତ୍ର ଅମିଶ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ବିଧାୟକ ନୀହାର ମହାନନ୍ଦ ଶୋକ ପ୍ରକାଶ କରିଛନ୍ତି।

### ଯୁବ ଆଇନଜୀବୀଙ୍କ ପରଲୋକ

**ବୌଦ୍ଧ,୧୯।୧୨(ଅଜିତ କୁମାର ବାରିକ)** ବୌଦ୍ଧ ବାବୁସାହିର ଯୁବ ଆଇନଜୀବୀ ଶିରିଶ କୁମାର ମହାକୁଡଙ୍କ ୨୮ବର୍ଷ ବୟସରେ ଅକାଳ ବିୟୋଗ ଘଟିଛି।



ଗୁରୁବାର ରାତିରେ ମହାକୁଡଙ୍କ ସ୍ୱାସ୍ଥ୍ୟ ଖରାପ ହେବା ଯୋଗୁ ପରିବାର ଲୋକେ ତାଙ୍କୁ ବୌଦ୍ଧ ମୁଖ୍ୟ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସେ ବୌଦ୍ଧ ଜିଲା ଓକିଲ ସଂଘର ଜଣେ ସଦସ୍ୟ ଥିଲେ। ଖବର ପ୍ରଚାରିତ ହେବା ପରେ ତାଙ୍କ ବାବୁସାହିସ୍ଥିତ ବାସଭବନରେ ଜିଲା ଓକିଲ ସଂଘ ସଦସ୍ୟ, ବନ୍ଧୁବାନ୍ଧବ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କର ଅନ୍ତିମ ସତ୍କାର ବୌଦ୍ଧ ରାଜଘାଟଠାରେ ହୋଇଥିଲା। ସେ ବୌଦ୍ଧର ଜଣାଶୁଣା ଆଇନଜୀବୀ ସ୍ୱର୍ଗତ ମହେଶ୍ୱର ମହାକୁଡଙ୍କ ନାତି, ସରକାରୀ ଓକିଲ ଦେବରଞ୍ଜନ ମହାକୁଡଙ୍କ କନିଷ୍ଠ ପୁତ୍ର ଓ ଆଇନଜୀବୀ ଆଶିଷ କୁମାର ମହାକୁଡଙ୍କ ଭାଇ ଥିଲେ। ତାଙ୍କ ପିତା ଦେବରଞ୍ଜନ ମହାକୁଡ ମୁଖାଗ୍ନି ଦେଇଥିଲେ। ଯୁବ ଆଇନଜୀବୀଙ୍କ ମୃତ୍ୟୁରେ ଜିଲା ଓକିଲ ସଂଘ ପକ୍ଷରୁ ବରିଷ୍ଠ ଆଇନଜୀବୀ ସୁଧିର କର୍ଣ୍ଣଙ୍କ ଅଧ୍ୟକ୍ଷତାରେ ଓକିଲ ସଂଘ ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଶୋକସଭାରେ ବରିଷ୍ଠ ଆଇନଜୀବୀ ସୁରେଶ ଚନ୍ଦ୍ର ମେହେର, ଓମ୍‌ପ୍ରକାଶ ମିଶ୍ର, ଚିତ୍ତରଞ୍ଜନ ପାଣିଗ୍ରାହୀ, ତାରେଣୀ କୁମାର ମହାପାତ୍ର, ଯୋଗେଶ ପ୍ରସାଦ ନାୟକ, ଅଶୋକ କୁମାର ମିଶ୍ର, ଅଶୋକ କୁମାର ସାହୁ, ଜ୍ଞାନରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ହାତୀ ସୁରକ୍ଷା ପାଇଁ ଜନ ସଚେତନତା କାର୍ଯ୍ୟକ୍ରମ

**ବରଗଡ଼,୧୯।୧୨(ପ୍ରେମାନନ୍ଦ ଖମାରୀ)**




ହାତୀ ସଚେତନତା କାର୍ଯ୍ୟକ୍ରମରେ ଅତିଥିବୃନ୍ଦ।

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଗଙ୍ଗେଇ ଗ୍ରାମରେ ଜନତା ହାଇସ୍କୁଲ ଭୁକ୍ତାର ଇକୋ କ୍ଲବ ଆନୁକୂଲ୍ୟରେ ହାତୀ ସୁରକ୍ଷା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଇକୋ କ୍ଲବ ମାଷ୍ଟର ଟ୍ରେନର ସଞ୍ଜୟ ଖମାରୀଙ୍କ ଆହ୍ୱାନ କ୍ରମେ ପ୍ରଧାନ ଶିକ୍ଷକ ଦୁର୍ଗା ପ୍ରସାଦ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବିଦ୍ୟୁତ୍ ବିଭାଗ ବରଗଡ଼ର ସହ ନିରୀକ୍ଷକ ବିଶାଳ ତିର୍କି, ମୁଖ୍ୟ ବକ୍ତା ଭାବରେ ଭଟଲିର ସହ ବନ ସଂରକ୍ଷକ ସୁବୋଧ ସାହୁ ଏବଂ ସମ୍ମାନିତ ଅତିଥି ଭାବରେ ବନ୍ୟପ୍ରାଣୀ ବନପାଳ ସଞ୍ଜୀବ ପଣ୍ଡା ଓ ଗୋପାଳପୁର ଆଶ୍ରମ ସ୍କୁଲର ଇକୋ କ୍ଲବ ଶିକ୍ଷକ ତଥା ପ୍ରକୃତି ପ୍ରେମୀ ଉଚ୍ଛବ ଭୁଏ ଯୋଗ ଦେଇଥିଲେ। ଉପସ୍ଥିତ ସମସ୍ତ ପ୍ରକୃତି ପ୍ରେମୀ ଓ ଗ୍ରାମବାସୀ ବିଦ୍ୟୁତ୍ ତାରକୁ ସୁରକ୍ଷିତ କରିବା, ହାତୀ ଜୀବନକୁ ରକ୍ଷା କରିବା", ଜଙ୍ଗଲ ବଞ୍ଚିଲେ ଜୀବନ ମିଳେ, ତା'ଠାରୁ ସୁନ୍ଦର ଜୀବ ବଞ୍ଚିଲେ" ଆଦି ସ୍ଲୋଗାନ ଦେଇ ସମସ୍ତଙ୍କୁ ପରିବେଶ ସୁରକ୍ଷା ସଚେତନତାର ବାର୍ତ୍ତା ଦେଇଥିଲେ। ବନ୍ୟପ୍ରାଣୀ ସହ ସଂଘର୍ଷ ନ କରି ହାତୀ ପରି ଜୀବର ସୁରକ୍ଷା କରିବା ସହ ବନ୍ୟପ୍ରାଣୀଙ୍କ ଦ୍ୱାରା କ୍ଷୟକ୍ଷତି ହେଲେ ଅନୁକମ୍ପା ଆପ ମାଧ୍ୟମରେ କିପରି ସହାୟତା ପାଇବେ ସେ ସଂପର୍କରେ ବୈଠକରେ ଆଲୋଚନା ହୋଇଥଲା। ଶିକ୍ଷକ ସୁବାସ ଚନ୍ଦ୍ର ଖମାରୀ, ପ୍ରକାଶ ପଧାନ, ବନପାଳ କମଳେଶ ବାରିକ ଓ ବନପାଳ ପର୍ଶୁରାମ ବେହେରା, ବନରକ୍ଷୀ ନଳିନୀ ଭୁଏ, ସୁପ୍ରିୟା ଭୁଏ ଓ ସଞ୍ଜୀବ ଭୁଏଙ୍କ ସମେତ ଗଙ୍ଗେଇ ଗ୍ରାମବାସୀ ସହଯୋଗ କରିଥିଲେ। ପ୍ରକୃତି ବନ୍ଧୁ ରୋହିତ ଭୁଏ ସଭା କାର୍ଯ୍ୟ ପରିଚାଳନା କରିଥିବା ବେଳେ ଇକୋ କ୍ଲବ ମାଷ୍ଟର ଟ୍ରେନର ସଞ୍ଜୟ ଖମାରୀ ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ନିର୍ମାଣ ଶ୍ରମିକଙ୍କୁ ସଚେତନ କଲେ ଶ୍ରମ ଅଧିକାରୀ

**ବଘିଆପଡା,୧୯।୧୨(ଶ୍ରୀକାନ୍ତ ସାହୁ)**



ଜିଲା ଶ୍ରମ ଅଧିକାରୀ ଶ୍ରମିକମାନଙ୍କୁ ସଚେତନ କରୁଛନ୍ତି।

ବୌଦ୍ଧ ଜିଲାରେ ନିର୍ମାଣ ଶ୍ରମିକଙ୍କଠାରୁ ବିଭିନ୍ନ ସମୟରେ ଟଙ୍କା ଠକେଇ ହେଉଛି। ନିର୍ମାଣ ଶ୍ରମିକ କାର୍ଡ କରାଇଦେବା, ନିଯୁକ୍ତିଦାତା ପ୍ରମାଣପତ୍ର ଦେବାକୁ କହି ଦଲାଲ୍‌ମାନେ ଶ୍ରମିକଙ୍କଠାରୁ ଟଙ୍କା ଲୁଟୁଥିବା ଅଭିଯୋଗ ହେଉଛି। ତେବେ ଶୁକ୍ରବାର ଶ୍ରମ ବିଭାଗ ପକ୍ଷରୁ ବୌଦ୍ଧ ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ନିର୍ମାଣସ୍ଥଳରେ ଏ ସମ୍ପର୍କରେ ଶ୍ରମିକମାନଙ୍କୁ ସଚେତନ କରାଯାଇଛି। ଭାରପ୍ରାପ୍ତ ଜିଲା ଶ୍ରମ ଅଧିକାରୀ ସୁଶ୍ରୀ କନ୍ୟା କୁମାରୀ ସାହୁ ବୌଦ୍ଧ ବ୍ଲକ୍‌ର ଜଗତି, ଗିରସୀଙ୍ଗା, ମୁର୍ଷୁଣ୍ଡିରେ ନିର୍ମାଣାଧୀନ କାର୍ଯ୍ୟସ୍ଥଳୀଗୁଡ଼ିକୁ ପରିଦର୍ଶନ କରିଥିଲେ। ଏବଂ ଏଥିରେ ନିୟୋଜିତ ଶ୍ରମିକମାନଙ୍କୁ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ବିଷୟରେ ଅବଗତ କରିଥିଲେ। ସେହିପରି ନିୟୋଜିତ ଶ୍ରମିକମାନଙ୍କୁ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧୀନରେ ପଞ୍ଜୀକରଣ ପାଇଁ ନିଯୁକ୍ତିଦାତା ପ୍ରମାଣପତ୍ର ପ୍ରଦାନ କରିଥିଲେ। ନିର୍ମାଣ ଶ୍ରମିକ ପଞ୍ଜୀକରଣ ପାଇଁ ୨୦ ଟଙ୍କା ଓ ବାର୍ଷିକ ଦେୟ ପାଇଁ ୫୦ ଟଙ୍କା ନିର୍ମାଣ ଶ୍ରମିକ ଅନ୍‌ଲାଇନ୍ ପୋର୍ଟାଲ୍/ଶ୍ରମିକ ସାଥୀ ମୋବାଇଲ ଆପ୍ ମାଧ୍ୟମରେ ଦାଖଲ କରାଯାଏ ବୋଲି ସେ ସଚେତନ କରିଥିଲେ। ଶ୍ରମିକମାନଙ୍କର ନିର୍ମାଣ ଶ୍ରମିକ ପଞ୍ଜୀକରଣ, ବାର୍ଷିକ ଦେୟ ଓ ସହାୟତା ପାଇବା ପାଇଁ କୌଣସି ସମସ୍ୟା ଥିଲେ ଦଲାଲ୍‌ମାନଙ୍କ ଦ୍ୱାରା ପ୍ରଲୋଭିତ ନ ହୋଇ ବୌଦ୍ଧ ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ଯୋଗାଯୋଗ କରିବାକୁ ଶ୍ରମ ଅଧିକାରୀ ସାହୁ ଶ୍ରମିକମାନଙ୍କୁ ସଚେତନ କରିଥିଲେ।

# ଟ୍ରାନ୍ସଫର୍ମରକୁ ବିଦ୍ୟୁତ୍ ସଂଯୋଗ ଦାବି

**ବିଦ୍ୟୁତ୍ ନାହିଁ, ବିନା ଜଳରେ କିପରି ହେବ ଚାଷ**

**ପାଇକମାଲ,୧୯।୧୨(ବଢ଼ ଶତପଥୀ)**

ପାଇକମାଲ ବ୍ଲକ ଅନ୍ତର୍ଗତ ବୁକୁରାମୁଣ୍ଡା ଅଞ୍ଚଳରେ ଉଠା ଜଳସେଚନ ବିଭାଗ, ବରଗଡ଼ ପକ୍ଷରୁ ଚାଷୀମାନଙ୍କ ଜମିକୁ ଜଳସେଚନ ସୁବିଧା ଯୋଗାଇବା ଉଦ୍ଦେଶ୍ୟରେ ବିଦ୍ୟୁତ୍ ଲାଇନ ଟଣା କାମ ଗତ ଅକ୍ଟୋବର ମାସରୁ ଆରମ୍ଭ ହୋଇଥିଲା। ଦୀର୍ଘ ମାସ ପରେ କାମ ସମ୍ପୂର୍ଣ୍ଣ ହେବା ସହ ଗତ ମାସରେ ଟ୍ରାନ୍ସଫର୍ମର ମଧ୍ୟ ଲଗାଯାଇଛି। ହେଲେ ଆଜି ପର୍ଯ୍ୟନ୍ତ ଟ୍ରାନ୍ସଫର୍ମରକୁ ବିଦ୍ୟୁତ୍ ସଂଯୋଗ କରାଯାଇନାହିଁ। ଚାଷୀମାନେ ଦେଶର ଆହାରଦାତା। ଅନେକ କଷ୍ଟ, ଓ ପରିଶ୍ରମ କରି ସେମାନେ ସାରା ଦେଶକୁ ଖାଦ୍ୟ ଯୋଗାଇ ଆସୁଛନ୍ତି। କିନ୍ତୁ ଏଭଳି ମୌଳିକ ସୁବିଧା ମିଳିନଥିବାରୁ ଚାଷୀଙ୍କ କଷ୍ଟ ଆହୁରି ବଢ଼ିଯାଇଛି। ବର୍ତ୍ତମାନ ସମୟରେ ଖରାଟିଆ ଚାଷ ପାଇଁ ଚାଷୀବୃନ୍ଦ ଅଣ୍ଟା ଭିଡ଼ି ପ୍ରସ୍ତୁତ ହୋଇସାରିଛନ୍ତି। କିନ୍ତୁ ଜଳସେଚନ ପାଇଁ ବିଦ୍ୟୁତ୍ ନ ମିଳିବାରୁ ବିନା ଜଳରେ ଚାଷ କେମିତି ହେବ ବୋଲି ସେମାନେ ଚିନ୍ତାରେ ପଡ଼ିଛନ୍ତି। ଏହି ସମସ୍ୟାକୁ ଗମ୍ଭୀରତାର ସହ ନେଇ ବରଗଡ଼ ଜିଲାପାଳ ତୁରନ୍ତ ହସ୍ତକ୍ଷେପ କରି ଟ୍ରାନ୍ସଫର୍ମରକୁ ବିଦ୍ୟୁତ୍ ସଂଯୋଗ ଦେଇ ଚାଷୀମାନଙ୍କ ଅସୁବିଧା ଦୂର କରିବାକୁ ଜନସାଧାରଣ ଓ ଚାଷୀମହଲରୁ ପ୍ରବଳ ଦାବି ହେଉଛି।

# ଜିଲା ନ୍ୟାୟାଳୟ ପରିସରରେ ଆଇନ ସଚେତନତା କାର୍ଯ୍ୟକ୍ରମ

**ବୌଦ୍ଧ,୧୯।୧୨(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜିଲା ନ୍ୟାୟାଳୟ ପରିସରରେ ଏକ ଆଇନ ସଚେତନତା ଶିବିର ଗୁରୁବାର ଅନୁଷ୍ଠିତ ହୋଇଛି। ଜିଲା ଦୌରାଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ପ୍ରତାପ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଏହି ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଉଚ୍ଚତମ ନ୍ୟାୟାଳୟର ରାୟର ଇଂଲିଶରୁ ଆଞ୍ଚଳିକ ଭାଷାରେ କୃତ୍ରିମ ବୁଦ୍ଧିମତା (ଏଆଇ) ବ୍ୟବହାର କରି ସଫ୍ଟୱେରକୁ ଅନୁବାଦ, ଓଡିଶା ହାଇକୋର୍ଟ ଭିଡିଓ କନଫରେନ୍ସିଂ ଫର୍ କୋର୍ଟ ନିୟମ -୨୦୨୦ ଓ ଓଡିଶା ହାଇକୋର୍ଟର ସିଭିଲ ପ୍ରୋସିଜିଅର ଏଡିଆର ନିୟମ-୨୦୦୭ ଉପରେ ସଚେତନ କରାଯାଇଥିଲା। ଅତିରିକ୍ତ ଜିଲା ଦୌରାଜଜ୍ ଅଖିଳ କୁମାର ପଶ୍ଚିମକବାଟ, ମୁଖ୍ୟ ଦଣ୍ଡାଧିଶକାରୀ ନିରଞ୍ଜନ ପାତ୍ର, ଦେୱାନୀ କୋର୍ଟ ରେଜିଷ୍ଟ୍ରାର ଜୟ ପ୍ରକାଶ ନାଏକ, ବରିଷ୍ଠ ଦେୱାନୀ ବିଚାରପତି ଅନୁଶିଳା ରାୟ, ବରିଷ୍ଠ ଦେୱାନୀ ବିଚାରପତି (ମହିଳା ଅଦାଲତ) ସୁନନ୍ଦା ସାହୁ, ଏସ୍‌ଡିଜେଏମ୍ ନିରଞ୍ଜନ ଦାଶ, ଆଇନସେବା ପ୍ରାଧିକରଣ ସଚିବ ଶ୍ରଦ୍ଧାଞ୍ଜଳି ରାୟ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ସୁସ୍ମିତା ପ୍ରିୟଦର୍ଶିନୀ ଓ ନିରାଲୀ ସାମନ୍ତରାୟ ଡ. କିଶୋର ଚନ୍ଦ୍ର ପଟ୍ଟନାୟକ, ଇନ୍ସପେକ୍ଟର ଶାରଦା ପ୍ରଶନ୍ନ ଦାସ ଉପସ୍ଥିତ ଥିଲେ। ଜିଲା ଓକିଲ ସଂଘର ସଭାପତି ଧୂରୀଣ ଦେହୁରୀ, ବରିଷ୍ଠ ଆଇନଜୀବୀ ତାରେଣୀ ମହାପାତ୍ର, ଆଇନଜୀବୀ ଓ କୋର୍ଟ କର୍ମଚାରୀ ଉପସ୍ଥିତ ଥିଲେ।



ସଚେତନତା କାର୍ଯ୍ୟକ୍ରମରେ ଜିଲା ଦୌରାଜଜ୍ ଓ ଅନ୍ୟମାନେ।

# ଜେ.ଡ଼ି. ମହିଳା ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀ ଓ ଅନ୍ୟମାନେ।

**ବରପାଲି,୧୯।୧୨(ଚିତ୍ତରଞ୍ଜନ ସାହୁ)**

ଜଗବନ୍ଧୁ ଦାସ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କଦଳିପାଲିଠାରେ ଶୁକ୍ରବାର ଅଧ୍ୟକ୍ଷ ପ୍ରଦୀପ କୁମାର ମେହେରଙ୍କ ଅଧ୍ୟକ୍ଷତା ଓ କ୍ରୀଡ଼ା ଶିକ୍ଷୟିତ୍ରୀ ବନ୍ଦିତା ପ୍ରଧାନଙ୍କ ପରିଚାଳନାରେ ୩୫ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ତିନିଦିନ ଧରି ହୋଇଥିବା ୧୦୦ମି. ଦୌଡ଼, ୨୦୦ମି. ଦୌଡ଼, ଲାଞ୍ଜି ଟଣା, ସାଇକେଲ ସ୍ଲୋ, ଲମ୍ବ ଡିଆଁ, ଉଚ୍ଚ ଡିଆଁ, ଜାଭେଲିଙ୍ଗ ଥ୍ରୋ, ସର୍ଟପୁଟ ଥ୍ରୋ, ଡିସ୍କସ ଥ୍ରୋ, ଫେନ୍ସି ଡ୍ରେସ ଏବଂ ମ୍ୟୁଜିକାଲ ଚେୟାର୍ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବରେ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଲେଣ୍ଡାର ପ୍ରଧାନ ଶିକ୍ଷୟିତ୍ରୀ ନିବେଦିତା ସ୍ୱାଇଁ ଏବଂ ସମ୍ମାନିତ ଅତିଥି ଭାବରେ ବରପାଲି ସାମ୍ବାଦିକ ସଂଘର ସଭାପତି ଚିତ୍ତରଞ୍ଜନ ସାହୁ ଯୋଗଦାନ କରି ସମସ୍ତ କୃତୀ ଛାତ୍ରୀମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିବା ସହ ମସାଲ ଲିଭାଇ ବାର୍ଷିକ କ୍ରୀଡ଼ାର ଉଦ୍‌ଯାପନ କରିଥିଲେ। ଅଧାପକ ସୁରେଶ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅଧାପକ, ଅଧାପିକା ଓ କର୍ମଚାରୀ ଭାବରେ ସୁଧାଂଶୁ କୁମାର ଦାସ, ସୁରେଶ ବାରିକ, ମିନତି ବାବୁ, ନିବେଦିତା ବେହେରା, ସୁନୀଲ କୁମାର ବେହେରା, ରବୀନ୍ଦ୍ର ସାହୁ, ଅନ୍ତର୍ଯ୍ୟାମୀ ପଣ୍ଡା, ସୁରେନ୍ଦ୍ର ଦୀପ, ନୀରଜ ସାହୁ, ପ୍ରଦୀପ ମିଶ୍ର, ଆନନ୍ଦ ବେହେରା, କାଲୁ କୁମ୍ଭାର ଏବଂ ସମସ୍ତ ଛାତ୍ରୀ ଶେଷ ପର୍ଯ୍ୟନ୍ତ ରହି ସଭା ପରିଚାଳନାରେ ସହଯୋଗ କରିଥିଲେ।

# ଏସ୍‌ସି, ଏସ୍‌ଟି ବିଭାଗ ବିଦ୍ୟାଳୟ ସମୂହର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା



କ୍ରୀଡ଼ା ପ୍ରତିଯୋଗିତାରେ ଛାତ୍ରୀଛାତ୍ର ମାର୍ଚ୍ଚପାଷ୍ଟ କରୁଛନ୍ତି।

**ବଘିଆପଡା,୧୯।୧୨(ଶ୍ରୀକାନ୍ତ ସାହୁ)**

ବୌଦ୍ଧ ବ୍ଲକ ମେଣ୍ଢାମାଳ ହାଇସ୍କୁଲରେ ଶୁକ୍ରବାର ଜିଲାସ୍ତରୀୟ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ବିଦ୍ୟାଳୟ ସମୂହର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମେଣ୍ଢାମାଳ ହାଇସ୍କୁଲ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ମଙ୍ଗଳ ଅଧିକାରୀ ସୂର୍ଯ୍ୟ ନାରାୟଣ ବେହେରା ମୁଖ୍ୟ ଅତିଥି, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ସୌମ୍ୟରଞ୍ଜନ ରାୟ, ବଡବନ୍ଧ ହାଇସ୍କୁଲ ପ୍ରଧାନ ଶିକ୍ଷକ ନିରଞ୍ଜନ ସାହୁ, ହରେକୃଷ୍ଣପୁର ହାଇସ୍କୁଲର ତପନ ପତି ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। କ୍ରୀଡା ଶିକ୍ଷକ ସରୋଜ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ସହକାରୀ ଶିକ୍ଷକ ପ୍ରମୋଦ କୁମାର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। କ୍ରୀଡ଼ାରେ ହରେକୃଷ୍ଣପୁର ହାଇସ୍କୁଲ, ମେଣ୍ଡିମାଲ ହାଇସ୍କୁଲ, ବଡବନ୍ଧ ହାଇସ୍କୁଲ, ସିନ୍ଧୁଗୁରା, ଝାଡ଼ରାଜିଙ୍ଗ, ବରଗୋଚ୍ଛା, କୁମାରକେଲି, ମାଧପୁର, ବାଇଶପଡା ଆଶ୍ରମ ସ୍କୁଲ, ବଡବନ୍ଧ, ଲଣ୍ଡିଜୋର, ତିଳକୂପ, କୁତୁଡା, ସେବାଶ୍ରମ ସ୍କୁଲର ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବିଭିନ୍ନ ବିଦ୍ୟାଳୟର ଖେଳ ଶିକ୍ଷକ ଚନ୍ଦନ ମହାରଣା, ବରୁଣ ପ୍ରଧାନ, ରମେଶ ଚନ୍ଦ୍ର ସେଠି, ବନ୍ଦିତା ବିଶ୍ୱାଳ, ସମରଜିତ କର୍ମୀ, ଅଳିଭା ପ୍ରଧାନ, ପ୍ରମୁଖ କ୍ରୀଡ଼ା ପରିଚାଳନା କରିଥିଲେ। ବିଦ୍ୟାଳୟ ଶିକ୍ଷକ ସରୋଜ ମହାକୁଡ଼, ସନତ ଭୋଇ, ଦେବ କିଶୋର ପଣ୍ଡା, ବଲ୍ଲଭି ପ୍ରଧାନ, ସୋନିଆ ମହାକୁଡ଼, ସ୍ମୃତିସ୍ମିତା ପ୍ରଧାନ, ଶିବାନନ୍ଦ ମିଶ୍ର, ଭି.ତାରାଶିସ ପ୍ରମୁଖ ସହଯୋଗ କରିଥିଲେ। ସହକାରୀ ଶିକ୍ଷକ ନାରାୟଣ ସେଠି ଧନ୍ୟବାଦ ଅର୍ପଣ କରିଥିଲେ।

# ଝାରବନ୍ଧରେ ଇନ୍‌ଡୋର ଷ୍ଟାଡିୟମ ପାଇଁ ଜମି ଚିହ୍ନଟ

**ଝାରବନ୍ଧ,୧୯।୧୨(ଦେବେନ୍ଦ୍ର ସାହୁ)**



ଷ୍ଟାଡିୟମ ପାଇଁ ଜମି ଚିହ୍ନଟ କରାଯାଉଛି।

ଝାରବନ୍ଧଠାରେ ଇନ୍‌ଡୋର ଷ୍ଟାଡିୟମ କରିବାପାଇଁ ଜମି ଚିହ୍ନଟ ହୋଇଯାଇଛି । ପୂର୍ବତନ ବିଜେଡି ସରକାର ତରଫରୁ ଉକ୍ତ ସମୟରୁ ଝାରବନ୍ଧଠାରେ ଇନ୍‌ଡୋର ଷ୍ଟାଡିୟମ ପାଇଁ ପ୍ରସ୍ତାବ ରହିଥିଲା। ଏହା ଝାରବନ୍ଧ ପାଇଁ ସଫଳ ହୋଇଛି। ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ଜମି ଚିହ୍ନଟ କରି ଖେଳ ପାଇଁ ଝାରବନ୍ଧ ଅଞ୍ଚଳକୁ ଆଗକୁ ନେବା ଲାଗି ପ୍ରୟାସ କରିଛନ୍ତି। ଝାରବନ୍ଧ ବଲିଡିପା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସନ୍ନିକଟରେ ୮ ଏକର ଜମି ଚିହ୍ନଟ କରାଯାଇଛି । ରାଜସ୍ୱ ବିଭାଗ ଏଥିରେ ସହଯୋଗ କରିଥିଲେ। ବିଧାୟିକାଙ୍କ ସହ ଯତୀନ୍ଦ୍ର ହାତୀ, ବିଜୟ କେତନ ପ୍ରଧାନ, ମାନଭଞ୍ଜନ ବେହେରାଙ୍କ ସହ ଝାରବନ୍ଧ ଅଞ୍ଚଳର ଜନ ସାଧାରଣ ଉପସ୍ଥିତ ଥିଲେ।

# ମାଁ କରମସାନୀ ମେହେନ୍ତର ସଂଘ ଗଠିତ

**ପଦ୍ମପୁର,୧୯।୧୨(ପ୍ରଦୀପ୍ତ ଦାଶ)**

ପଦ୍ମପୁର ଟାଉନହଲଠାରେ ଶୁକ୍ରବାର ମାଁ କରମସାନୀ ମେହେନ୍ତର ସଂଘ ଗଠିତ ହୋଇଛି। ଏଥିରେ ଉପଦେଷ୍ଟା ଭାବେ ଅଜିତ କୁମାର ଶତପଥୀ, ସଭାପତି ଉଦ୍ଧବ ଡୁଙ୍ଗୁରୀ, ଉପସଭାପତି ଦୀପକ କଲେତ, ସମ୍ପାଦକ ଲକ୍ଷ୍ମୀ କାନ୍ତ ପେଟ, ସହ ସମ୍ପାଦକ ପ୍ରକାଶ ସାହୁ, କୋଷାଧ୍ୟକ୍ଷ ନେତ୍ର ଡୁଙ୍ଗୁରୀ କାର୍ଯ୍ୟକାରୀ କମିଟିରେ ବବିତା ଡୁଙ୍ଗୁରୀ, ରାଜକୁମାରୀ କଲେତ,କୋକିଳା ଷଣ୍ଡ, ରୁଷୀରାଜ ଗୁର୍ଲା, ମହେନ୍ଦ୍ର ନାଏକ, ସୂରଜ କଲେତ ପ୍ରମୁଖ ମନୋନୀତ ହୋଇଛନ୍ତି। ପଦ୍ମପୁର ବିଜ୍ଞାପିତ ଅଞ୍ଚଳ ପରିଷଦରେ ବର୍ତ୍ତମାନ ୬୯ ଜଣ ସଫେଇ କର୍ମଚାରୀ କାର୍ଯ୍ୟରତ ଅଛନ୍ତି। ସେମାନେ ସମସ୍ତେ ଅସ୍ଥାୟୀ କର୍ମଚାରୀ। ୨୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଆଜିକୁ ୨୦ ବର୍ଷ ହେଲା ଅସ୍ଥାୟୀ ଭାବରେ କାର୍ଯ୍ୟ କରୁଛନ୍ତି। ଯଦିଓ ସେମାନେ ଏନ୍ଏସିରେ କାମକରନ୍ତି କିନ୍ତୁ ତାଙ୍କର ଦରମା ଠିକା ସଂସ୍ଥା ନିୟନ୍ତ୍ରଣ କରିଥାଏ। ଘରୋଇ ସଂସ୍ଥାକୁ ସଫେଇ ଠିକା ଦେଇ କର୍ତ୍ତୃପକ୍ଷ ନିଦାବିଷ୍ଟୁ ହୋଇ ରହିଥିବା ବେଳେ ସଫେଇ କର୍ମଚାରୀ କିନ୍ତୁ ନିୟମିତ କାମ କରି ଶୋଷଣର ଶିକାର ହେଉଛନ୍ତି। ୩୦ ଦିନ କାମ କରି ୨୬ ଦିନର ଦରମା ପାଆନ୍ତି। ଗୋଟିଏ ଓଳି ମଧ୍ୟ ଛୁଟି ମିଳେ ନାହିଁ. ଯଦି କାମକୁ କୌଣସି ଅସୁବିଧା ଯୋଗୁ ନ ଆସନ୍ତି ତାହେଲେ ଦରମା ବନ୍ଦ। ତାଙ୍କର ପ୍ରକୃତ ଦରମା କେତେ,ଇପିଏଫ୍ କେତେ କଟୁଛି କେହି ଠିକ ଭାବେ ଜାଣୁନାହାନ୍ତି। ତେଣୁ ଏମାନଙ୍କ ସମସ୍ୟାର ସମାଧାନ ପାଇଁ ବୈଠକରେ ଆଲୋଚନା ହୋଇଥିଲା।



ଚୟନ ହୋଇଥିବା ମାଁ କରମସାନୀ ମେହେନ୍ତର ସଂଘ କର୍ମକର୍ତ୍ତା।

# ଶାରୀରିକ, ମାନସିକ ବିକାଶ ପାଇଁ କ୍ରୀଡ଼ା ଆବଶ୍ୟକ

**ସ୍ୱାସ୍ଥ୍ୟ ସଚେତନତା ପାଇଁ କ୍ରିକେଟ ପ୍ରତିଯୋଗିତା**

**ଅତାବିରା,୧୯।୧୨(ଯୁଧିଷ୍ଠିର ମହାପାତ୍ର)**




ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

ସ୍ୱାସ୍ଥ୍ୟ ସଚେତନତା ପାଇଁ ଅତାବିରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଏକ କ୍ରିକେଟ ପ୍ରତିଯୋଗିତା ଶୁକ୍ରବାର ମଧ୍ୟାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମଧୁସ୍ମିତା ମହାନ୍ତିଙ୍କ ତତ୍ତ୍ୱାବଧାନରେ ୧୪୦ଜଣଙ୍କ ଉଚ୍ଚ ରକ୍ତଚାପ, ମଧୁମେହ, ରକ୍ତ ଶିକୁଳି, ରକ୍ତ ହୀନତା ପରୀକ୍ଷାରେ ମନସ୍ୱିନୀ ସାହୁ, ମଧୁସ୍ମିତା ବାନାର୍ଜୀ, ବିକାଶ କୁମାର ବେହେରା ସହଯୋଗ କରିଥିଲେ। ଏନ୍‌ସିଡି ୱାରିୟର ଏବଂ ଇମୋନାଇଜେସନ ଚାଲେଞ୍ଜରସ ମଧ୍ୟରେ ୧୫ଓଭର ଲେଖାଏ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଟସ ଜିଣି ପ୍ରଥମେ ବ୍ୟାଟିଂ କରି ଇମୋନାଇଜେସନ ଚାଲେଞ୍ଜରସ ଗୋଟିଏ ଉଇକେଟ ବିନିମୟରେ ୧୬୦ ରନ କରିଥିଲା । ଦଳର ଡାକ୍ତର ଜିତେନ୍ଦ୍ର ପ୍ରଧାନ ୫୪ ରନରେ ଉଇକେଟ ହରାଇଥିବା ବେଳେ ସିନାନନ୍ଦ ବହିଦାର ୪୪ଟି ବଲରେ ୭୬ ରନ କରିଥିଲେ। ତେବେ ପ୍ରତିପକ୍ଷ ଏନସିଡି ୱାରିୟର ୭.୩ଓଭରରେ ୧ଉଇକେଟ ବିନିମୟରେ ୧୪୪ରନ କରି ବିଜୟୀ ହୋଇଥିଲା । ଦଳର ଡ଼ା. ଚିତ୍ତରଞ୍ଜନ ଜେନା ୨୨ଟି ବଲରେ ୬ ଚୌକା ଏବଂ ୮ଛକା ସହ ୭୬ରନ କରି ଦଳକୁ ବିଜୟୀ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଡ଼ା.ରବିନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଏମ୍‌ପି ପ୍ରତିନିଧି ସୁରେନ୍ଦ୍ର ସ୍ୱାଇଁ, ଡା.ଚିତ୍ତରଞ୍ଜନ ଜେନା, ଡା.ସଙ୍ଗୀତା କୁମାରୀ ଧର, ଡ଼ା.ଅଞ୍ଜଳି ତିର୍କୀ, ପ୍ରମୋଦ ରଥ ପ୍ରମୁଖ ମଞ୍ଚାସୀନ ଥିଲେ। ଡ଼ା. ମିଶ୍ର ତାଙ୍କର ଉଦ୍‌ବୋଧନରେ କହିଥିଲେ ଯେ ଶାରୀରିକ ଏବଂ ମାନସିକ ବିକାଶ ପାଇଁ ଖେଳକୁଦର ଆବଶ୍ୟକ ରହିଛି। ଜନସାଧାରଣଙ୍କୁ ଏହି ବାର୍ତ୍ତା ଦେବାପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ଛୋଟ ପ୍ରୟାସ କରାଯାଇଛି । ବିଜେତା ଓ ଉପ ବିଜେତା ଦଳକୁ ଟ୍ରଫି ପ୍ରଦାନ କରାଯାଇଥିଲା। ମାତ୍ର ୨୨ଟି ବଲରେ ୬ଚୌକା ଏବଂ ୮ଛକା ସହ ୭୬ରନ କରିଥିବା ଡ଼ା.ଚିତ୍ତରଞ୍ଜନ ଜେନାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ରୂପେ ପୁରସ୍କୃତ କରାଯାଇଥିଲା। ସଚିନ ଖେତି, ଅବିନାଶ ପ୍ରଧାନ ଏବଂ ସଂଯୋଜକ ସରୋଜ ସେଠ ଖେଳ ପରିଚାଳନା, ଆଶୁତୋଷ ହୋତା, ରିକନ ମହାନ୍ତୀ ଏବଂ ସୁବ୍ରତ ସେଠ ଧାରା ବିବରଣି ଦେଇଥିଲେ। ଏଥିରେ ଗୋଡ଼ଭଗା ଲାୟନ୍ସ କ୍ଲବର ସତୀଶ ଦାଶ, ମନୋଜ ଶର୍ମା, ଦେବବ୍ରତ ରଥ, ବେଦବ୍ୟାସ ସେଠ, ସାଇ ଆନନ୍ଦ ବିଶ୍ୱାଳ ଏବଂ ଅତାବିରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ସ୍ୱଦେଶୀ ଜ୍ଞାନକୌଶଳ ବିକାଶକୁ ଗୁରୁତ୍ୱ

## ବିପିୟୁଟି ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ

ରାଉରକେଲା,୧୯।୧୨(ଦିନେଶ ମିଶ୍ର)



ସମ୍ମିଳନୀରେ ଯୋଗ ଦେଇଥିବା ଅଂଶଗ୍ରହଣକାରୀ।

ଛେଣ୍ଡସ୍ଥିତ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି) ପକ୍ଷରୁ ବିକାଶଶୀଳ ପ୍ରଯୁକ୍ତିବିଦ୍ୟାର ଉଦୀୟମାନ ଧାରା ଉପରେ ୩ ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ-୨୦୨୫ ନେତାଜୀ ସୁଭାଷ ପ୍ରେକ୍ଷାଳୟରେ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଏଥିରେ ବେଙ୍ଗାଲୁରୁର ପୂର୍ବତନ ପ୍ରଫେସର ଏଲ.ଏମ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଇଣ୍ଟରଡିସିପ୍ଲିନାରୀ ଗବେଷଣା ସ୍ଥାୟିତ୍ୱ ଓ ସ୍ୱଦେଶୀ ଜ୍ଞାନକୌଶଳ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ମାନବ ଜୀବନରେ ପ୍ରଯୁକ୍ତିବିଦ୍ୟାର ପ୍ରଭାବ ଏବଂ କୃଷି କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାର ଭୂମିକା ସମ୍ପର୍କରେ ପଟ୍ଟନାୟକ ମତପ୍ରକାଶ କରିଥିଲେ। ବିପିୟୁଟି କୁଳପତି ପ୍ରଫେସର ଅମୀୟ କୁମାର ରଥ, କୁଳସଚିବ ନିଶି ପୁନମ ମିଞ୍ଜ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ସମ୍ମିଳନୀ ପାଇଁ ୩ଶହରୁ ଅଧିକ ଗବେଷଣା ପ୍ରବନ୍ଧ ପ୍ରାପ୍ତ ହୋଇଥିବା ବେଳେ ସେଥିମଧ୍ୟରୁ ୮୬ଟି ଉଚ୍ଚକୋଟୀର ପ୍ରବନ୍ଧ ଚୟନ କରାଯାଇଛି। ଏହି ପ୍ରବନ୍ଧଗୁଡ଼ିକ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଯଥା କମ୍ପ୍ୟୁଟରିଙ୍ଗ ସିଷ୍ଟମ, ବୁଦ୍ଧିମାନ ସାମଗ୍ରୀ, ସୂଚନା ବିଜ୍ଞାନ, ସଷ୍ଟେନେବିଲିଟି ଓ ଭୌତିକ ପରିବେଶଗତ ସହ କମ୍ପ୍ୟୁଟର ବିଜ୍ଞାନ ଭଳି ପ୍ରମୁଖ ବିଷୟବସ୍ତୁ କ୍ଷେତ୍ରଗୁଡ଼ିକ ଉପରେ ଧ୍ୟାନକେନ୍ଦ୍ରିତ କରିଥିଲା। ଏହି ସମ୍ମିଳନୀରେ ୧୪ଟି ଦେଶର ଗବେଷକ ଓ ବିଦ୍ୱାନମାନେ ଅଂଶଗ୍ରହଣ କରି ନିଜର ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଏହି ଅବସରରେ ସମସ୍ତ ଗୃହୀତ ଗବେଷଣା ପ୍ରବନ୍ଧର ସଂକ୍ଷିପ୍ତ ସାରାଂଶକୁ ନେଇ ଏକ ପୁସ୍ତକ ଉନ୍ମୋଚିତ ହୋଇଥିଲା। କାନାଡା ମ୍ୟାକ୍‌ଗିଲ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଜି.ଏ ରବି କିରଣ, ତାଇୱାନର ଏନ୍‌ୱାଇସିଏଟିର ପ୍ରଫେସର ମୁଫ୍ତି ମେହମୁଦ, ଜାପାନ ପାଣିପାଗ ନିଗମର ମୁଖ୍ୟ ବୈଜ୍ଞାନିକ ଡକ୍ଟର ଶ୍ରୀଧର ନାୟକ, ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟର ଶିବ କୁମାର ଉଦ୍‌ଗାତା, ଡ. ଅମିତ କୁମାର ମିଶ୍ର ପ୍ରମୁଖ ନିଜ ଅଭିଭାଷଣ ରଖିଥିଲେ। ବିପିୟୁଟି ରେଜିଷ୍ଟ୍ରାର ନିଶିପୁନମ ମିଞ୍ଜ ଧନ୍ୟବାଦ ଅର୍ପଣ କରିଥିଲେ।

# ପରିବର୍ତ୍ତିତ ସମାଜରେ ଆଇନଜୀବୀଙ୍କ ଭୂମିକା ଆଲୋଚନାଚକ୍ର




ଆଲୋଚନାଚକ୍ରରେ ମଞ୍ଚାସୀନ ବକ୍ତାଗଣ।

ରାଉରକେଲା,୧୯।୧୨(ସଙ୍ଗୀତା ଜେନା)

ଅଲ୍ ଇଣ୍ଡିଆ ଲୟର୍ସ ୟୁନିୟନ (ଏଆଇଏଲ୍‌ୟୁ) ସୁନ୍ଦରଗଡ଼ ଜିଲା କମିଟି ପକ୍ଷରୁ ରାଉରକେଲା ଆଇନ୍ ମହାବିଦ୍ୟାଳୟ ସହଯୋଗରେ ମହାବିଦ୍ୟାଳୟ ସଭାଗୃହରେ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ‘ପରିବର୍ତ୍ତିତ ସମାଜରେ ଆଇନଜୀବୀଙ୍କ ଭୂମିକା’ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲୟର୍ସ ୟୁନିୟନର ଜିଲା ସଭାପତି ତଥା ବରିଷ୍ଠ ଆଇନଜୀବୀ ରାମ ପ୍ରସାଦ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ଲୟର୍ସ ୟୁନିୟନର ଜିଲା ସାଧାରଣ ସମ୍ପାଦକ ରାଜକିଶୋର ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆଲୋଚନା ସଭାରେ ଲୟର୍ସ ୟୁନିୟନର ରାଜ୍ୟ କାର୍ଯ୍ୟକାରୀ ସଭାପତି ତଥା ଓଡ଼ିଶା ଉଚ୍ଚନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ଲକ୍ଷ୍ମୀଧର ପଙ୍ଗାରୀ ମୁଖ୍ୟ ବକ୍ତା, ରାଉରକେଲାର ବରିଷ୍ଠ ଆଇନଜୀବୀ ଗିରିଶ ଚନ୍ଦ୍ର ମହାପାତ୍ର, ରାଉରକେଲା ଆଇନ୍ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିଭୂ ରଞ୍ଜନ ପଟ୍ଟନାୟକ, ଉପାଧ୍ୟକ୍ଷା ଡ. ସମ୍ପାଦିକା ମହାନ୍ତି, ଡ. ପ୍ରଜ୍ଞା ପରମିତା ପଣ୍ଡା, ଲୟର୍ସ ୟୁନିୟନର ଜିଲା କାର୍ଯ୍ୟକାରୀ ସଭାପତି ଅରିନ୍ଦମ ଦତ୍ତ ପ୍ରମୁଖ ଅନ୍ୟତମ ବକ୍ତା ଭାବେ ଯୋଗ ଦେଇଥିଲେ। ଦେଶର ସ୍ୱାଧୀନତା ଆନ୍ଦୋଳନରେ ଆଇନଜୀବୀମାନଙ୍କ ଏକ ପ୍ରମୁଖ ଭୂମିକା ରହିଥିଲା। ମହାତ୍ମା ଗାନ୍ଧୀଙ୍କଠାରୁ ଆରମ୍ଭ କରି ମଧୁସୂଦନ ଦାସଙ୍କ ପର୍ଯ୍ୟନ୍ତ ଆଇନଜୀବୀମାନଙ୍କ ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ସାମାଜିକ ନ୍ୟାୟ ପାଇଁ ସଂଗ୍ରାମ ଅବିସ୍ମରଣୀୟ ବୋଲି ସେମାନେ ମତ ଦେଇଥିଲେ। ଆଜିର ଦିନରେ ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାର ସୁରକ୍ଷା ପାଇଁ ଆଇନଜୀବୀମାନେ ପୂର୍ବସୁରୀମାନଙ୍କ ପରି ନିଜର ଭୂମିକା ନିର୍ବାହ କରିବାକୁ ମୁଖ୍ୟବକ୍ତା ପଙ୍ଗାରୀ ଆହ୍ୱାନ ଦେଇଥିଲେ। ଲୟର୍ସ ୟୁନିୟନର ଜିଲା ଉପ ସଭାପତି ଚନ୍ଦ୍ରଭାନୁ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ବହୁ ଆଇନଜୀବୀ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ର ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଅଲ୍ ଓଡ଼ିଶା ୱିଣ୍ଟର କ୍ରିକେଟ: ୱାଇସିଏ ବିଜୟୀ

ରାଉରକେଲା,୧୯।୧୨(ଦିନେଶ ମିଶ୍ର)

ବାସନ୍ତୀ କଲୋନିସ୍ଥିତ ଡିଏଭି ଖେଳ ପଡିଆରେ ୟୁଥ୍ କ୍ରିକେଟ୍ ଆସୋସିଏଶନ ପକ୍ଷରୁ ଆୟୋଜିତ ୧୯ତମ ଅଲ୍ ଓଡିଶା ୱିଣ୍ଟର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଶେଷ ପ୍ରି-କ୍ୱାର୍ଟର ମ୍ୟାଚ୍ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍ ୱାଇସିଏ ବାସନ୍ତୀ କଲୋନୀ ଓ ଜେଟିସିଏ ରାଉରକେଲା ମଧ୍ୟରେ ଖେଳାଯାଇଥିଲା। ଏଥିରେ ୱାଇସିଏ ଦଳ ପ୍ରଥମେ ଟସ୍ ଜିତି ଫିଲ୍ଡିଂ କରିବାର ନିଷ୍ପତ୍ତି ନେଇଥିଲା। ରାଉରକେଲା ଜେଟିସିଏ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରେ ସମସ୍ତ ଉଇକେଟ ହରାଇ ୧୬୨ ରନ୍ କରିଥିଲା। ଦଳ ପକ୍ଷରୁ ହେମନ୍ତ ନାୟକ ୫୦ ବଲ ଖେଳି ସର୍ବାଧିକ ୪୪ ରନ କରିଥିଲେ। ୱାଇସିଏ ପକ୍ଷରୁ ଏମ୍‌ଡି ଆକ୍ରମ ୬ ଓଭର ବୋଲିଂ କରି ୩୨ ରନ ଦେଇ ସର୍ବାଧିକ ୪ଟି ଉଇକେଟ ନେଇଥିଲେ। ଜବାବରେ ୱାଇସିଏ ଦଳ ୨୪ ଓଭରରେ ୫ ଉଇକେଟ୍ ହରାଇ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ସୁଜଲ କୁମାର ସିଂ ମାତ୍ର ୫୧ଟି ବଲ ଖେଳି ସର୍ବାଧିକ ୬୯ ରନ କରିଥିଲେ। ସମାଜସେବୀ ଇଜାଜ୍ ଅକ୍ତର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ମ୍ୟାଚ୍‌ରେ ସୁଜଲ କୁମାର ସିଂଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଅମ୍ପାୟାର ରାଜୀବ ନାୟକ ଓ ସରୋଜ ପରିଡା ମ୍ୟାଚ୍ ପରିଚାଳନା ଏବଂ ଅଜୟ ମହାତୋ ଓ ଆୟୁଷ ଗୁପ୍ତା ରନ୍ ତଦାରଖ କରିଥିଲେ। ଶନିବାର ଟୁର୍ଣ୍ଣାମେଣ୍ଟର ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଝାରସୁଗୁଡା ପ୍ରୋଗ୍ରେସିଭ୍ ଓ ରେଙ୍ଗାଲି ଦଳ ମଧ୍ୟରେ ଖେଳାଯିବ ବୋଲି ଟ୍ରଷ୍ଟି ଶୁଭେନ୍ଦୁ ଧଳ ସୂଚନା ପ୍ରଦାନ କରିଛନ୍ତି।



ପଡିଆରେ ଅତିଥିଙ୍କ ସହ ଖେଳାଳି।

# ଓଡ଼ିଆ ଭାଷା ଆନ୍ଦୋଳନର ପୁରୋଧା ଥିଲେ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ




ସାହିତ୍ୟ ଆସରରେ ମଞ୍ଚାସୀନ ଅତିଥି।

## ଆଦର୍ଶ ପାଠାଗାରର ମାସିକ ସାହିତ୍ୟ ଆସର

ରାଉରକେଲା,୧୯।୧୨(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଆଦର୍ଶ ପାଠାଗାରର ମାସିକ ସାହିତ୍ୟ ଆସର ଓ ଆଲୋଚ୍ୟ ବିଷୟ ଓଡ଼ିଆ ଭାଷା ଆନ୍ଦୋଳନର ପୁରୋଧା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ସମ୍ପର୍କରେ ଆଲୋଚନାଚକ୍ର ପ୍ରଗତି ଉତ୍କଳ ସଂଘରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାଠାଗାର ସଭାପତି ରାଧାକାନ୍ତ ମିଶ୍ର ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ସୁକାନ୍ତ ଚନ୍ଦ୍ର ଖୁଣ୍ଟିଆଙ୍କ ଆବାହକତ୍ୱରେ ଆୟୋଜିତ ଏହି ଆସରରେ ସ୍ୱତନ୍ତ୍ର ଅତିଥି ଭାବେ ଆର୍‌ଏସପିର ପ୍ରାକ୍ତନ ମହାପ୍ରବନ୍ଧକ ଇଂ. ଅଭୟ କୁମାର ଦାସ ଓ ବିଷୟ ବିଶେଷଜ୍ଞ ଭାବେ ବେଦବ୍ୟାସ ମହାବିଦ୍ୟାଳୟର ଇତିହାସ ବିଭାଗ ପ୍ରାଧ୍ୟାପକ ଡାକ୍ତର ସାହୁ ଯୋଗ ଦେଇଥିଲେ। ଆଲୋଚ୍ୟ ପ୍ରସଙ୍ଗରେ ଆଲୋଚନା କରି ପ୍ରାଧ୍ୟାପକ ସାହୁ କହିଲେ, ପୂଣ୍ୟଶ୍ଳୋକ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଏକ ଅନିର୍ବାଣ ଦୀପଶିଖା। ସେ ଥିଲେ ଉତ୍କଳ ଖଣ୍ଡର ନବଜାଗରଣର ଅଗ୍ରଣୀ ପୁରୋଧା। ଶ୍ରୀରାମଚନ୍ଦ୍ର ଜଣେ ପ୍ରଜାହିତୈଷୀ ରାଜା, ଜାତିର ପୁରୋଧା, ଓଡ଼ିଶାର ଏକତ୍ରୀକରଣର ନିରନ୍ତର ପ୍ରୟାସ, ଉତ୍କଳମଣି ଗୋପବନ୍ଧୁଙ୍କ ସହ ତାଙ୍କର ଯୋଗାଯୋଗ ମଣିକାଞ୍ଚନ ଯୋଗ, ଦେଶ ଓ ଭାଷା ପ୍ରତି ସମର୍ପିତ ଭାବ, ରାଜସ୍ୱ ବୃଦ୍ଧି ହିଁ ତାଙ୍କ ଜୀବନାଦର୍ଶ ଥିଲା ବୋଲି ସାହୁ କହିଥିଲେ। ସ୍ୱତନ୍ତ୍ର ଅତିଥି ଇଂ. ଦାସ ତାଙ୍କ ବକ୍ତବ୍ୟରେ ଶ୍ରୀରାମଚନ୍ଦ୍ର ଓଡ଼ିଆ ସାହିତ୍ୟ କଳା ସଂସ୍କୃତିର ମହାନ ପୃଷ୍ଠପୋଷକ ତଥା ଦୂରଦୃଷ୍ଟି ସମ୍ପନ୍ନ ବ୍ୟକ୍ତିତ୍ୱ ଥିଲେ ବୋଲି ମତ ରଖିଥିଲେ। ପ୍ରାରମ୍ଭରେ କାର୍ଯ୍ୟକାରୀ ସଭାପତି ଶିକ୍ଷାବିତ୍ ଡ. ସନାତନ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ଡ. ପ୍ରତାପ ସ୍ୱାଇଁ ଅଦ୍ଭୁଆ ସିଦ୍ଧାନ୍ତ ଶୀର୍ଷକ ଗଳ୍ପପାଠ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ କବି ସବିତା ବସ୍ତିଆ ଓ ଗୌତମ ଦାସଙ୍କ ସଂଯୋଜନାରେ କବିତା ପାଠୋତ୍ସବ ହୋଇଥିଲା। ଚନ୍ଦ୍ରଶେଖର ଶତପଥୀ, ଡା. କୃପାସିନ୍ଧୁ ନାୟକ, ବିଜୟ କୁମାର ପାତ୍ର, ଟୁକୁଲା ପାଢ଼ୀ, ପର୍ଶୁରାମ ପଟ୍ଟନାୟକ, ଆଟମ ରଥ, ଡ. ଶକ୍ତି ପ୍ରସାଦ ସାମନ୍ତରାୟ, ଅକ୍ଷୟ ସାମଲ, ଅରବିନ୍ଦ ପାତ୍ର, କୈଳାଶ ଚନ୍ଦ୍ର ମାହାଳି ପ୍ରମୁଖ ସହଯୋଗ କରିଥିଲେ।

# ହାର୍ଡକୋର୍ ମାଓବାଦୀଙ୍କ ଆତ୍ମସମର୍ପଣ

ରାଉରକେଲା, ୧୯।୧୨(ସଙ୍ଗୀତା ଜେନା)

ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ସରଣ୍ଡା ଜଙ୍ଗଲରେ ସକ୍ରିୟ ଥିବା ଜଣେ ହାର୍ଡକୋର୍ ମାଓବାଦୀ ଶୁକ୍ରବାର ଝାଡ଼ଖଣ୍ଡ ରାଜ୍ୟ ଲତେହାର ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ତାଙ୍କୁ ଝାଡ଼ଖଣ୍ଡ ସରକାରଙ୍କ ପକ୍ଷରୁ ୧ଲକ୍ଷ ନଗଦ ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ବିଭିନ୍ନ ଆପରାଧିକ କାର୍ଯ୍ୟକଳାପରେ ଜଡ଼ିତ ଓ ଦୀର୍ଘଦିନରୁ ପିଏଲ୍‌ଏଫ୍‌ଆଇର ଜଣେ ହାର୍ଡକୋର ସଦସ୍ୟ ଭାବେ ପରିଚିତ ଆଲୋକ ଯାଦବ ଓରଫ୍ ଚନ୍ଦ୍ରଶେଖର ଯାଦବ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଲତେହାର ପୋଲିସ ଜିଲା ମୁଖ୍ୟାଳୟରେ ଆତ୍ମସମର୍ପଣ କରିଥିଲେ। ସେ ଅତ୍ୟାଧୁନିକ ହତିଆର ଓ ୪ଟି ଗୁଳି ମଧ୍ୟ ସମର୍ପଣ କରିଥିଲେ। ଏହି ଅବସରରେ ପଲାମୁ ପୋଲିସ ମହାନିର୍ଦ୍ଦେଶକ ଶୈଳେନ୍ଦ୍ର ସିହ୍ନା, ଲତେହାର ଏସ୍‌ପି କୁମାର ଗୌରବ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇଥିବା ଆଲୋକଙ୍କୁ ଉତ୍ସାହିତ କରିବା ସହ ବିଭିନ୍ନ ସରକାରୀ ଯୋଜନାରେ ଲାଭାନ୍ୱିତ ହେବା ପାଇଁ ପରାମର୍ଶ ପ୍ରଦାନ କରିଥିଲେ। ସିଆରପିଏଫ୍‌ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ପୋଲିସ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ



ଉଦ୍‌ଘାଟନ ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଉଛି।

ରାଉରକେଲା, ୧୯।୧୨(ସଙ୍ଗୀତା ଜେନା)

ରାଉରକେଲା ପୋଲିସ ଜିଲା ଆନୁକୂଲ୍ୟରେ ସ୍ଥାନୀୟ ରିଜର୍ଭ ପୋଲିସ ଲାଇନ ପଡ଼ିଆରେ ଶୁକ୍ରବାର ଦ୍ୱିତୀୟ ବାର୍ଷିକ ପୋଲିସ କ୍ରୀଡ଼ା ପ୍ରତିଯୋଗିତା-୨୦୨୫ ଉଦ୍‌ଘାଟିତ ହୋଇଛି। ପୂର୍ବାହ୍ନ ୧୦ଟାରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ, ସିଆଇଏସ୍‌ଏଫ୍ କମାଣ୍ଡାଣ୍ଟ ବିଜୟ କୁମାର, ଓଏସ୍‌ଏପି ୪ର୍ଥ ବାଟାଲିୟନ୍‌ର କମାଣ୍ଡାଣ୍ଟ ପ୍ରମୋଦ ଜେନା ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମ ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ପୋଲିସ କ୍ରୀଡ଼ାବିତ୍‌ମାନଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ସର୍ବଭାରତୀୟ ପୋଲିସ ହକି ଚାମ୍ପିୟନଶିପ୍‌ରେ ଉତ୍ତରପ୍ରଦେଶ ପୋଲିସକୁ ୨-୧ଗୋଲରେ ପରାସ୍ତ କରି କାଂସ୍ୟ ପଦକ ଜିତିଥିବା ଓଡ଼ିଶା ପୋଲିସ ମହିଳା ହକି ଦଳକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗାମଠାରେ ଅନୁଷ୍ଠିତ ରାଜ୍ୟ ପୋଲିସ ବ୍ୟାଡମିଣ୍ଟନ୍ ଚାମ୍ପିୟନଶିପ୍‌ରେ ସିଙ୍ଗଲ୍ସ ଓ ଡବଲ୍ସ ବର୍ଗରେ ମୋଟ ୪ଟି ପଦକ ହାସଲ କରିଥିବା ପୋଲିସ ବ୍ୟାଡମିଣ୍ଟନ ଟିମ୍‌କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ପୋଲିସ, ଏପିଆର୍ ଫୋର୍ସ, ପିଏସ୍‌ଏସ୍ ଷ୍ଟାଫ୍, ଡିଭିଏଫ୍ ୟୁନିଟ୍‌ର ପୋଲିସ ଓ ହୋମଗାର୍ଡ ବାହିନୀର ପ୍ରାୟ ୬ଶହ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଡିପିଏସ୍ ବ୍ୟାଣ୍ଡ ଦଳ ଦ୍ୱାରା ଚିତ୍ତାକର୍ଷକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

# ଶ୍ରୀଅରବିନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

## ଶ୍ରୀଅରବିନ୍ଦ ସ୍କୁଲର ୫୨ତମ ବାର୍ଷିକୋତ୍ସବ

ରାଉରକେଲା,୧୯।୧୨(ବିପ୍ଳବ ରଞ୍ଜନ ଦାଶ)




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

ରାଉରକେଲା ସେକ୍ଟର-୫ସ୍ଥିତ ଶ୍ରୀ ଅରବିନ୍ଦ ସ୍କୁଲର ଦ୍ୱିଦିବସୀୟ ୫୨ତମ ବାର୍ଷିକୋତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ସ୍କୁଲ ପରିଚାଳନା କମିଟି ସଭାପତି ଜ୍ୟୋତ୍ସ୍ନା ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଆର୍‌ଏସ୍‌ପି କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ ମୁଖ୍ୟ ଅତିଥି, ବିଶ୍ରା ବ୍ଲକ ଶିକ୍ଷାଧିକାରୀ ସୁପ୍ରଭାତ କୁମାର ବେହେରା ସ୍ୱତନ୍ତ୍ର ଅତିଥି, ଦୀପିକା ମହିଳା ସଂହତିର ଉପସଭାପତି ପ୍ରତିଜ୍ଞା ପଲାଇ, ଆର୍‌ଏସ୍‌ପି ପ୍ରୋଜେକ୍ଟ ବିଭାଗର ସାଧାରଣ ପରିଚାଳକ ଅସୀମ କୁମାର ସାବତ ଓ ରାଉରକେଲା ୱାଟର କ୍ରାଫ୍ଟ ଉଦ୍ୟୋଗର ନିର୍ଦ୍ଦେଶିକା ନିହାରିକା ବସ୍ତିଆ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଶ୍ରୀଅରବିନ୍ଦ ସ୍କୁଲ କେବଳ ଏକ ଶିକ୍ଷାକେନ୍ଦ୍ର ନୁହେଁ, ଏହା ରାଉରକେଲା ଶିଳ୍ପାଞ୍ଚଳରେ ବସବାସ କରୁଥିବା ଜନସମାଜକୁ ଶ୍ରୀଅରବିନ୍ଦଙ୍କ ମହାନ ବିଚାର ଆଦର୍ଶରେ ଦିବ୍ୟଜୀବନ ଯାପନ କରାଇବାର ପ୍ରେରଣା ଭରିବାର ମୁଖଶାଳା ଅଟେ। ଦୀର୍ଘ ୫୨ବର୍ଷ ଧରି ଏହି ସ୍କୁଲ ବହୁ ଦିବ୍ୟମାନବ ଗଢି ସାରିଛି। ଏଣୁ ଶ୍ରୀଅରବିନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ମୁଖ୍ୟ ଅତିଥି ଆହ୍ୱାନ ଦେଇଥିଲେ। ସ୍କୁଲର ଅଧ୍ୟକ୍ଷା ଡ. ମମତା ନାଏକ ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ପରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସ୍କୁଲ ପରିଚାଳନା କମିଟି ନିର୍ଦ୍ଦେଶକ କ୍ଷିତିଶ ଚନ୍ଦ୍ର ଉଦଗାତା, ସଭ୍ୟ ଅରୂପ କୁମାର ସୁବୁଦ୍ଧି, ବିଶ୍ୱନାଥ ଆଇଚ, ଉପସଭାପତି ଡ. ରାଜ୍ୟବର୍ଦ୍ଧନ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

# ବିଏଲ୍‌ଓ, ସୁପରଭାଇଜରଙ୍କୁ ଏସ୍‌ଆଇଆର୍ ତାଲିମ

ରାଉରକେଲା,୧୯।୧୨(ବିପ୍ଳବ ରଞ୍ଜନ ଦାଶ)

ଭାରତର ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାନୁସାରେ ରାଉରକେଲା-୧୨ ବିଧାନସଭା କ୍ଷେତ୍ରର ନିର୍ଭୁଲ ଭୋଟର ସୂଚୀ ପ୍ରସ୍ତୁତି ପାଇଁ ମହତ୍ୱପୂର୍ଣ୍ଣ ସ୍ପେଶାଲ ଇନ୍‌ଟେନ୍ସିଭ ରିଭିଜନ (ଏସ୍‌ଆଇଆର୍) ତଥ୍ୟାବଳୀ ସଠିକ୍ ନିରୂପଣ ଅଭିଯାନକୁ କରାଇବା ସକାଶେ ସ୍ଥାନୀୟ ବିଧାନସଭା କ୍ଷେତ୍ରର ସମସ୍ତ ବିଏଲ୍‌ଓ ଏବଂ ବିଏଲ୍‌ଓ ସୁପରଭାଇଜରମାନଙ୍କୁ ନେଇ ଉଦିତନଗରସ୍ଥିତ ଆଇଟିଡିଏ ହଲରେ ଶୁକ୍ରବାର ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରରେ ଉକ୍ତ ବିଧାନସଭା କ୍ଷେତ୍ରର ବୁଥ୍ ନଂ-୯୧ରୁ ୧୧୦ ଏବଂ ବୁଥ୍ ନଂ-୧୪୭ରୁ ୧୭୩ର ବିଏଲ୍‌ଓ ଏବଂ ବିଏଲ୍‌ଓ ସୁପରଭାଇଜରମାନଙ୍କୁ ରାଉରକେଲା ଅତିରିକ୍ତ ତହସିଲଦାର ସୁଦକ୍ଷା ପଟେଲ ଏସ୍‌ଆଇଆର୍ ବିଷୟରେ ତାଲିମ ପ୍ରଦାନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ବୁଥ୍ ନଂ-୫୬ରୁ ୯୦ ଏବଂ ବୁଥ୍ ନଂ-୧୭୪ରୁ ୧୯୨ର ବିଏଲ୍‌ଓ ଏବଂ ବିଏଲ୍‌ଓ ସୁପରଭାଇଜରମାନଙ୍କୁ ବିଶ୍ରା ତହସିଲଦାର ପ୍ରେମାନନ୍ଦ ଊର୍ମା ତାଲିମ ପ୍ରଦାନ କରିଥିଲେ। ତୃତୀୟ ପର୍ଯ୍ୟାୟରେ ବୁଥ୍ ନଂ-୧୧୧ରୁ ୧୪୬ର ବିଏଲ୍‌ଓ ଓ ବିଏଲଓ ସୁପରଭାଇଜରମାନଙ୍କୁ ପାନପୋଷ ସହକାରୀ ଜିଲାପାଳ ସାଧବୀ ଦେହୁରିଆ ତାଲିମ ପ୍ରଦାନ କରିଥିଲେ। ଅନ୍ତିମ ପର୍ଯ୍ୟାୟରେ ବୁଥ୍ ନଂ-୧ରୁ ୫୫ ଏବଂ ବୁଥ୍ ନଂ-୧୯୩ରୁ ୧୯୭ର ବିଏଲଓମାନଙ୍କୁ ଆର୍‌ଏମ୍‌ସିର ସହକାରୀ ଆୟୁକ୍ତ ତରୁଣ କୁମାର ତାଲିମ ଦେଇଥିଲେ। ଶିବିରରେ ଏସ୍‌ଆଇଆର୍ ୪ଟି ମୁଖ୍ୟ କାମ ଯଥା-ଇଲୋକ୍ଟାଲ ମ୍ୟାପିଙ୍ଗରେ ଏ ଏବଂ ବି କ୍ୟାଟାଗୋରୀ ଚିହ୍ନଟ କରିବା, ନନ୍ ଷ୍ଟାଣ୍ଡାର୍ଡ ଏପିକ ନମ୍ବର ନିର୍ଦ୍ଧାରିତ କରିବା, କଲର ଇଲେକ୍ଟାଲ ପ୍ରସ୍ତୁତ କରିବା ଏବଂ ଘର ନମ୍ବର ସର୍ଭେ କରିବା ଅନ୍ତର୍ଭୁକ୍ତ ରହିଥିଲା। ଏସ୍‌ଆର୍‌ଏ ରଞ୍ଜନ କୁମାର ସେଠୀ, ଏମ୍‌ଡି ହାସିମ ଖାନ, କୁଶ ସିଂହ ପ୍ରମୁଖ ସହଯୋଗ କରିଥିଲେ।



ଶିବିରରେ ଉପସ୍ଥିତ ବିଏଲ୍‌ଓ ଏବଂ ବିଏଲ୍‌ଓ ସୁପରଭାଇଜର।

# ପଞ୍ଚଦିବସୀୟ ଅଧ୍ୟାପନା ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ରାଉରକେଲା,୧୯।୧୨(ବିପ୍ଳବ ରଞ୍ଜନ ଦାଶ)




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ରାଉରକେଲା ମ୍ୟୁନିସିପାଲ୍ ମହାବିଦ୍ୟାଳୟ ଓ ପିଏମ୍-ଉଷାର ମିଳିତ ସହଯୋଗରେ ପଞ୍ଚ ଦିବସୀୟ ଅଧ୍ୟାପନା ବିକାଶ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ପଞ୍ଚଦିବସୀୟ କର୍ମଶାଳାରେ ବିବିଧ ପ୍ରସଙ୍ଗ ରହିଥିବା ବେଳେ ପ୍ରଥମ ଦିବସରେ ‘ଉଚ୍ଚଶିକ୍ଷାରେ କୃତ୍ରିମ ବୁଦ୍ଧିମତ୍ତା ପ୍ରସଙ୍ଗ, ଆହ୍ୱାନ ଏବଂ ପ୍ରସ୍ତାବ’ ଉପରେ ଆଲୋଚନା ହୋଇଛି। କାର୍ଯ୍ୟକ୍ରମରେ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର ଉପକୁଳପତି ପ୍ରଫେସର ଅମୀୟ କୁମାର ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାନବ ବିକାଶଧାରାରେ ତାର୍କିକ ଚିନ୍ତାର ଗୁରୁତ୍ୱ ଏବଂ ଏଆଇର ପରିସର ଉପରେ ଆଲୋକପାତ କରିଥିଲେ। ସମ୍ମାନୀତ ଅତିଥି ଭାବେ ପାନପୋଷ ଉପଜିଲାପାଳ ତଥା ମହାବିଦ୍ୟାଳୟ ପରିଚାଳନା ସମିତି ସଭାପତି ବିଜୟ କୁମାର ନାୟକ ଆଧୁନିକ ସମାଜରେ ଏଆଇର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରି କହିଥିଲେ, ଏହା ତଥ୍ୟ ପ୍ରଦାନ କରିବାରେ ନିପୁଣ କିନ୍ତୁ ଗୁରୁଙ୍କ ସ୍ଥାନ ନେବାରେ ଅସମର୍ଥ। ଅନୁଷ୍ଠାନର ପ୍ରାକ୍ତନ ଅଧ୍ୟକ୍ଷ ଡ. ସନାତନ ପଧାନ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହାବିଦ୍ୟାଳୟର ଗାରିମା ତଥା ଏଆଇର ବିଶେଷ ପ୍ରୟୋଜନତା ଉପରେ ଆଲୋକପାତ କରିଥିଲେ। ଏନ୍‌ଆଇଟି ରାଉରକେଲାର ମ୍ୟାନେଜମେଣ୍ଟ ବିଭାଗର ପ୍ରଫେସର ରାଜୀବ କୁମାର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦାନ କରି ଦ୍ରୋଣାଚାର୍ଯ୍ୟ ଓ ଏକଲବ୍ୟ ସମୟର ଶିକ୍ଷା ଏବଂ ଆଜିର ଆଧୁନିକ ଯୁଗୀୟ ଶିକ୍ଷାରେ ଏଆଇର ପ୍ରତିଫଳନ ସମ୍ପର୍କରେ ଆଲୋଚନା କରିଥିଲେ। ଦୁଇ ପର୍ଯ୍ୟାୟ ବିଶିଷ୍ଟ କର୍ମଶାଳାର ପ୍ରଥମ ପର୍ଯ୍ୟାୟରେ ମହାବିଦ୍ୟାଳୟର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷା ରୁମା ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପ୍ରିୟଙ୍କା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବାଣିଜ୍ୟ ବିଭାଗର ମୁଖ୍ୟ ବିଜୟ କୁମାର ପାଢ଼ୀ କର୍ମଶାଳାର ଅବଧି, ପର୍ଯ୍ୟାୟ ଓ ରୂପରେଖ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ଆକାଶ ଚନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଆଶୀର୍ବାଦ ମାଝି ସହ ସଂଯୋଜନା ଦାୟିତ୍ୱ ତୁଲାଇଥିଲେ। ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ଏକ୍ସଆଇଏମ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଡା. ଦେବେନ୍ଦ୍ର କୁମାର ଯାଦବ ଏଆଇର ଶିକ୍ଷା କ୍ଷେତ୍ରରେ ପ୍ରୟୋଗ ଓ ବହୁମୁଖୀ ଉପଯୋଗିତା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଜିଲାରୁ ଆସିଥିବା ୧୦୦ରୁ ଅଧିକ ଅଧ୍ୟାପିକା ଅଧ୍ୟାପକ ସକ୍ରିୟ ଅଂଶଗ୍ରହଣ କରିଥିଲେ। ବାଣିଜ୍ୟ ବିଭାଗ ଅଧ୍ୟାପିକା ସୁଶ୍ରୀ ଶିଲ୍ପୀ ଲାକ୍ରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକ ଗୋଲକ ବିହାରୀ ଦଳବେହେରା, ସୁମନ ପାଣିଗ୍ରାହୀ, ବିନୋଦ ବେକ୍, ସୁନୀତା ମିଶ୍ର, ଦିବ୍ୟା ବିଲୁଙ୍ଗ, ସଞ୍ଜୟ କୁମାର ମହାପାତ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଉନ୍ନତ ଧରଣର ଚାଷକରି ଆୟ ଦ୍ୱିଗୁଣିତ କର

## ରାମତିଲେଇମାଲରେ ଏଲ୍‌ଆର୍‌ଆଇ ଯାତ୍ରା

କୁଚିଣ୍ଡା,୧୯।୧୨(ବିରଞ୍ଚି ଦର୍ଙ୍କା)



ମନ୍ତ୍ରୀ ରବିନାରାୟଣ ନାଏକ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ପାରୁଆଭାଡି ପଞ୍ଚାୟତର ରାମତିଲେଇମାଲ ଫୁଟବଲ ପଡ଼ିଆରେ ଓଡିଶା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ତଥା ମୃତ୍ତିକା ସଂରକ୍ଷଣ ଏବଂ ଜଳ ବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟ ଆନୁକୂଲ୍ୟରେ ଏଲଆରଆଇ ଯାତ୍ରା(ଜମିର ଉତ୍ପାଦକତା ବୃଦ୍ଧି ଓ ଜଳବାୟୁ ସହନଶୀଳତା କୃଷି ପାଇଁ ବିଜ୍ଞାନ ସମ୍ମତ ଜଳ ବିଭାଜିକା କାର୍ଯ୍ୟକ୍ରମ)ଓ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବିରଞ୍ଚି ନାରାୟଣ ଦର୍ଙ୍କାଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ ମୃତ୍ତିକା ସଂରକ୍ଷଣ ବିଭାଗ ଆନୁକୂଲ୍ୟରେ ଜଳବିଭାଜିକା ଯୋଜନା ମାଧ୍ୟମରେ କୃଷି ଓ କୃଷକଙ୍କ ଉନ୍ନତି ନିମନ୍ତେ ପର୍ଯ୍ୟାପ୍ତ ପରିମାଣରେ ଅର୍ଥ ଯୋଗାଇ ଦିଆଯାଉଛି। ତେଣୁ ଚାଷୀମାନେ ଏହାର ସଦ୍‌ବିନିଯୋଗ କରି ଫାଇଦା ନେବାକୁ କହିଥିଲେ। ଏହାଛଡା ସରକରୀ ଯୋଜନା ମାଧ୍ୟମରେ ଉନ୍ନତ ଧରଣର ଚାଷ କରି ଆୟକୁ ଦ୍ୱିଗୁଣିତ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଏମ୍‌ପି ପ୍ରତିନିଧି ବିଭୂତି କଲ୍ୟାଣ ପଟେଲ, କୁଚିଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, ସରପଞ୍ଚ ସୁବାସିନୀ ଧାନ, ସମିତି ସଭ୍ୟ ଧ୍ରୁବ ଚରଣ ବେହେରା, ରାମତିଲେଇମାଲ ଜଳ ବିଭାଜିକା କମିଟି ସଭାନେତ୍ରୀ ତପସ୍ୱିନୀ ନାଏକ ପ୍ରମୁଖ ଯୋଗଦେଇ ଏଲଆରଆଇ ଯୋଜନାର ବିଭିନ୍ନ ଦିଗ ଉପରେ ଆଲୋଚନା କରି ଚାଷୀ ଏହାର ଲାଭ ନେବାକୁ କହିଥିଲେ। କୁଚିଣ୍ଡା ମୃତ୍ତିକା ସଂରକ୍ଷଣ ବିଭାଗର ସହକାରୀ କୃଷିଯନ୍ତ୍ରୀ ତଥା ପ୍ରକଳ୍ପ କାର୍ଯକାରୀ ଅଧିକାରୀ ସୁଦୀପ୍ତ କୁମାର ସେଠ ସ୍ୱାଗତ ଭାଷଣ ଦେଇ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିବା ସହ ଭୂସମ୍ବଳ ସୂଚୀ ଓ ଏଲଆରଆଇ କାର୍ଡର ଉପାଦେୟତା ଏବଂ ବ୍ୟବହାର ଉପରେ ଆଲୋଚନା କରିଥିଲେ। ମୃତ୍ତିକା ସଂରକ୍ଷଣ ବିଭାଗ ଓଭରସିଅର ବ୍ରଜପତି ମିଶ୍ର ରିୱାର୍ଡ ପ୍ରକଳ୍ପ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଅତିଥିମାନେ ନୂତନ ପ୍ରକଳ୍ପ ଆରମ୍ଭ କରିବା ପାଇଁ ଭୂମିପୂଜନ ସହ ଚାରା ରୋପଣ କରି ସଚେତନତା ରଥକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ୧୮ଜଣ ସଫଳ ମହିଳା ପୁରୁଷ ଚାଷୀଙ୍କ ସହ ଯୋଜନା ମାଧ୍ୟମରେ ହୋଇଥିବା ଏକ କୁଇଜ କାର୍ଯ୍ୟକ୍ରମରେ କୃତିତ୍ୱ ଅର୍ଜନ କରିଥିବା ପାରୁଆଭାଡି ହାଇସ୍କୁଲର ୩ଛାତ୍ରୀଙ୍କୁ ମନ୍ତ୍ରୀ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପାଥପ୍ରାନ୍ତ ନାଟକ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନତା କରାଯାଇଥିଲା। ଶେଷରେ ଜଳ ବିଭାଜିକା କମିଟି ସମ୍ପାଦକ ଲିଙ୍ଗରାଜ ବାଘ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଭିନ୍ନ ଯୋଜନାରେ ସାମିଲ ହୋଇ ଆତ୍ମନିର୍ଭରଶୀଳ ହୁଅ

## ବ୍ଲକ୍ ସ୍ତରୀୟ ମତ୍ସ୍ୟ, ପ୍ରାଣୀସମ୍ପଦ ମେଳା

କୁଚିଣ୍ଡା,୧୯।୧୨(ବିରଞ୍ଚି ଦର୍ଙ୍କା)

ସମ୍ବଲପୁର ଜିଲା ବାମରା ମିନି ଷ୍ଟାଡିୟମଠାରେ ଶୁକ୍ରବାର ବାମରା ବ୍ଲକ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। ବାମରା ବିଡିଓ ପୁଷ୍ପକ ପ୍ରଧାନଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ,ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟ ଅତିଥିଭାବେ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ବର୍ତ୍ତମାନ ଗ୍ରାମାଞ୍ଚଳର ଅଧିକାଂଶ ଲୋକ ମତ୍ସ୍ୟ ଓ ପ୍ରାଣୀ ପାଳନକୁ ଗୁରୁତ୍ୱ ଦେଇ ଆତ୍ମନିର୍ଭରଶୀଳ ହେଉଥିବା କହିଥିଲେ। ଏହାଛଡା ଯୁବତୀ ଯୁବକମାନେ ଚାକିରି ପଛରେ ନ ଧାଇଁ ବିଭିନ୍ନ ସରକାରୀ ଯୋଜନାରେ ସାମିଲ ହୋଇ ଆତ୍ମନିର୍ଭରଶୀଳ ହେବାକୁ ପରାମର୍ଶ ଦେଇଥିଲେ। ଗାଈ,ମଇଁଷି,ଛେଳି,ଘୁଷୁରୀ ପାଳନ ସହ ମତ୍ସ୍ୟ, କୁକୁଡ଼ା ଆଦି ଚାଷ କରି ଆତ୍ମ ସ୍ୱାବଲମ୍ବୀ ହେବାକୁ ମନ୍ତ୍ରୀ ନାଏକ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ ଡା.ଶିପ୍ରସାଦ ଦାଶ ମୁଖ୍ୟବକ୍ତା, ସମ୍ବଲପୁର ଜିଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପିଙ୍କି ଧୂରୁଆ, ଜିଲା ପରିଷଦ ସଭ୍ୟ କୃଷ୍ଣଚନ୍ଦ୍ର ଟପ୍ପୋ,ଏମ୍‌ପି ପ୍ରତିନିଧି ନରେଶ ସିଂ ଠାକୁର, ଭାଜପା ମଣ୍ଡଳ ସଭାପତି ବିଷ୍ଣୁ ଅଗ୍ରୱାଲ, ଜିଲା ମତ୍ସ୍ୟ ଅଧିକାରୀ ତୁଷାର ରଞ୍ଜନ ଦୀପ, ଓମଫେଡ ସହ ପରିଚାଳକ ଡା.ସଞ୍ଜିବ କୁମାର ସତପଥି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ମତ୍ସ୍ୟ ଓ ପ୍ରାଣୀସମ୍ପଦର ବିଭିନ୍ନ ଯୋଜନାରେ ସାମିଲ ହେବାକୁ କହିଥିଲେ। ଏହି ଅବସରରେ ୪ଜଣ ପ୍ରାଣୀ ପାଳକ, ୪ଜଣ ମତ୍ସ୍ୟ ଚାଷୀଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ ପ୍ରାଣୀ ସମ୍ପଦ ବିକାଶ ଓ ମତ୍ସ୍ୟ ବିଭାଗ ତରଫରୁ ୬ ଜଣ ଚାଷୀଙ୍କୁ ଚେକ ମାଧ୍ୟମରେ ଅନୁଦାନ ରାଶି ପ୍ରଦାନ କରାଯାଇଥିଲା। ଏହାଛଡା ୨୬ଜଣ ଚାଷୀଙ୍କୁ କାମଧେନୁ ଯୋଜନାରେ ଗାଈ ଓ ମଇଁଷି ପାଳନ, ବ୍ରଏଲର୍ ଫାର୍ମ, ଛେଳି ପାଳନ ଓ ମତ୍ସ୍ୟ ଚାଷ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡା.ପ୍ରସନ୍ନ କୁମାର ସାମଲ ଓ ଡା. ଶ୍ୱେତାଶ୍ରୀ ପାଣିଗ୍ରାହୀ ସଭାପରିଚାଳନା କରିଥିଲେ। ବାମରା ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ବିଜୟ କୁମାର ଭୂମିଜଙ୍କ ତତ୍ତ୍ୱାବଧାନରେ ହୋଇଥିବା କାର୍ଯ୍ୟକ୍ରମରେ ଗଡପୋଷ ପ୍ରାଣୀଚିକିତ୍ସା ଅଧିକାରୀ ଡା. ଯୁନିକ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ବାମରା ବ୍ଲକର ସମସ୍ତ ପ୍ରାଣୀଧନ ନିରୀକ୍ଷକ,ପ୍ରାଣୀ ମିତ୍ର, ସରପଞ୍ଚ, ସମିତି ସଭ୍ୟ ଏବଂ ବହୁ ସଂଖ୍ୟକ ଏସଏଚଜି ମହିଳା ସାମିଲ ହୋଇଥିଲେ।

# ଏନ୍‌ଏସ୍‌ସିବି ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ




ସମ୍ବଲପୁର ସ୍ଥିତ ଏନ୍‌ଏସ୍‌ସିବି ସରକାରୀ ମହାବିଦ୍ୟାଳୟର କ୍ରୀଡ଼ା ଉତ୍ସବ ଶୁକ୍ରବାର ଅତିଥିମାନେ ଉଦଘାଟନ କରୁଛନ୍ତି।

ସମ୍ବଲପୁର,୧୯।୧୨(ବି.ଶଙ୍କର)

ସମ୍ବଲପୁର ସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ (ଏନଏସସିବି)ସରକାରୀ ମହାବିଦ୍ୟାଳୟର ଦ୍ୱି-ଦିବସୀୟ ୫୨ତମ କ୍ରୀଡ଼ା ଉତ୍ସବ ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ଉଦ୍‌ଘାଟିତ ହୋଇଯାଇଛି। ଧନୁପାଲି ନିକଟସ୍ଥ ମହାବୀର ପଡ଼ା ହନୁମାନ ମନ୍ଦିରରୁ ଭୋର ସମୟରୁ ଛାତ୍ରୀଛାତ୍ରମାନେ ମଶାଲ ଆଣିଥିଲେ। ମହାବିଦ୍ୟାଳୟ ଖେଳ ପଡିଆରେ ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ହରପାଲ ମଶାଲ ଗ୍ରହଣ କରିବା ସହିତ କ୍ରୀଡ଼ା ପ୍ରାଙ୍ଗଣରେ ସ୍ଥାପନ କରି ବାର୍ଷିକ କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପାଠପଢ଼ା ସହ କ୍ରୀଡାର ଆବଶ୍ୟତା ରହିଛି। ଏହା ଛାତ୍ର ଜୀବନକୁ ଶୃଙ୍ଖଳିତ କରିଥାଏ ବୋଲି ଅଧ୍ୟକ୍ଷ ହରପାଲ କରିଥିଲେ। କ୍ରୀଡ଼ା ସଂସଦର ଉପସଭାପତି ଅଧ୍ୟାପକ ପର୍ଶୁରାମ ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ ଅଧ୍ୟାପକ ସତ୍ୟପ୍ରକାଶ ଟୁଡୁ, ଅଧ୍ୟାପିକା ଡ. ସନ୍ଧ୍ୟାରାଣୀ କୁଅଁର, ଡ. ଜ୍ୟୋତ୍ସ୍ନାରାଣୀ ବାର୍ଲା, ଡ. ସେନ ସେଠ, ଅଧ୍ୟାପିକା ମେଞ୍ଜା ପୂର୍ତ୍ତି ପ୍ରମୁଖଙ୍କ ସହଯୋଗରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। କ୍ରୀଡ଼ା ଉତ୍ସବର ପ୍ରଥମ ଦିନରେ ଯୁକ୍ତଦୁଇ, ଯୁକ୍ତ ତିନି ଏବଂ ସ୍ନାତକୋତ୍ତର ଶ୍ରେଣୀର ଛାତ୍ରୀଛାତ୍ରଙ୍କ ପାଇଁ ବିଭିନ୍ନ ପ୍ରତିଯୋଗିତା ଯଥା ୧୦୦ମିଟର, ୨୦୦ ମିଟର, ଲମ୍ଫ ଡିଆଁ, ସଟପୁଟ୍ ଆଦି ଅନୁଷ୍ଠିତ ହୋଇଥିଲା। ସମସ୍ତ ପ୍ରତିଯୋଗିତାକୁ ମହାବିଦ୍ୟାଳୟର ଖେଳ ଶିକ୍ଷକ ଲକ୍ଷ୍ମୀଧର ବେହେରାଙ୍କ ସହିତ ଖଣ୍ଡୁଆଳ ହାଇସ୍କୁଲର ଖେଳ ଶିକ୍ଷକ ମହେଶ୍ୱର ଖଣ୍ଡେଇ, ବୁଢ଼ାରଜା ବାଳିକା ଉଚ୍ଚ ବିଦ୍ୟାଳୟର ଭୀମସେନ ବାରିକ ଏବଂ ମୁରା ହାଇସ୍କୁଲର ଖେଳ ଶିକ୍ଷକ ଦୀପ୍ତି ରଞ୍ଜନ ବାରିକ ପରିଚାଳନା କରିଥିଲେ। ଏହି ଉତ୍ସବରେ ଉଦଘୋଷକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ ଡ.ରଘୁମଣି ନାଏକ। ଡ. ସତ୍ୟ ରଞ୍ଜନ ଗାଁରୁ ଏବଂ ସୁଧାଂଶୁ ଆଚାର୍ଯ୍ୟ ବିଭିନ୍ନ ପ୍ରତିଯୋଗିତାର ବିଚାରକ ଥିଲେ। ସେହିପରି ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ସକ୍ରିୟ ସହଯୋଗ କରିଥିଲେ। ଅବଶିଷ୍ଟ ପ୍ରତିଯୋଗିତା ଗୁଡ଼ିକ ଶନିବାର ଅନୁଷ୍ଠିତ ହେଲାପରେ ଅପରାହ୍ନ ୪ଟାରେ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହେବ ବୋଲି ଓଡିଆ ବିଭାଗୀୟ ମୁଖ୍ୟ ଡ. ଶ୍ୟାମ ଭୋଇ ସୂଚନା ଦେଇଛନ୍ତି।

# ବିଳମ୍ବିତ ରାତିରେ ଉଦ୍‌ଘାଟନ ହେଲା

- ବାହାମରେ ଉପସ୍ୱାସ୍ଥ୍ୟ କେନ୍ଦ୍ର
- ପଧାନପାଲିରେ କଲ୍ୟାଣ ମଣ୍ଡପ

ପଡ଼ିଆବାହାଲ,୧୯।୧୨(ରାଧାମୋହନ ଷଡ଼ଙ୍ଗୀ)

ସମ୍ବଲପୁର ଜିଲା ଜୁଜୁମୁରା ବ୍ଲକ ବାହାମ ପଞ୍ଚାୟତର ବାହାମ ଗ୍ରାମଠାରେ ବାହୁ ପ୍ରତୀକ୍ଷିତ ଉପସ୍ୱାସ୍ଥ୍ୟ କେନ୍ଦ୍ର ଗୁରୁବାର ରାତି ସାଢେ ୯ଟାରେ ଗ୍ରାମ୍ୟ ଉନ୍ନୟନ ତଥା ପଞ୍ଚାୟତ ରାଜ ମନ୍ତ୍ରୀ ରବିନାରାୟଣ ନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ବର୍ତ୍ତମାନ ପାଇଁ ଗ୍ରାମର ପୁରୁଣା ଉ.ପ୍ରା. ବିଦ୍ୟାଳୟଠାରେ ଏହା ଶୁଭାରମ୍ଭ ହୋଇଛି। ଆଗାମୀ ଦିନରେ ଡାକ୍ତରଖାନା ପାଇଁ ଉର୍ଦ୍ଧିଷ୍ଟ ହାଇସ୍କୁଲ ସାମ୍ନାରେ ନୂତନ କୋଠା କରାଯିବ। ବର୍ତ୍ତମାନ ପାଇଁ ୩ଜଣ ସ୍ୱାସ୍ଥ୍ୟ କର୍ମୀ ଉପସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ରହିବେ। ଉଦ୍‌ଘାଟନୀ ଉତ୍ସବରେ ଉପ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଲୋକନାଥ ପଧାନ, ସ୍ଥାନୀୟ ସରପଞ୍ଚ ସରସ୍ୱତୀ ଭୁସାଗର, ନାରୀ ନେତ୍ରୀ ଅମୂଲ୍ୟା ସାହୁ, ଟିକି ପଧାନ, ଅବସରପ୍ରାପ୍ତ ଶିକ୍ଷକ ସନ୍ତୋଷ ସାହୁ, ଯୁବ ନେତା ସଞ୍ଜୀବ ନାଥ, ଅଶ୍ୱିନୀ ନାୟକ, ସ୍ୱାସ୍ଥ୍ୟ ବିଭାଗ କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟା ବୃନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବାହାମ ଗ୍ରାମର ୨ଟି ପ୍ରମୁଖ ରାସ୍ତା ଗ୍ରାମ ମୁଣ୍ଡରୁ ସମଲେଶ୍ୱରୀ ମନ୍ଦିର ଏବଂ ପିପିଲ ତଳରୁ ଟିକିରା ଗୋସାଇଁ ପର୍ଯ୍ୟନ୍ତ ରାସ୍ତା ପାଇଁ ମନ୍ତ୍ରୀଙ୍କୁ ଦାବି ପାତ୍ର ଦିଆଯାଇଥିଲା। ଏହି ପଞ୍ଚାୟତର ପଧାନପାଲି ଠାରେ ହୋଇଥିବା ନବ ନିର୍ମିତ କଲ୍ୟାଣ ମଣ୍ଡପକୁ ଅନୁଷ୍ଠାନିକ ଭାବେ ପଞ୍ଚାୟତ ରାଜ ମନ୍ତ୍ରୀ ରବି ନାରାୟଣ ନାୟକ ଉଦଘାଟନ କରିଥିଲେ।

# ଦିବ୍ୟାଂଶୀ ମହିଳା ମଣ୍ଡଳ ପକ୍ଷରୁ କମ୍ବଳ ବଣ୍ଟନ



ହୀରାକୁଦ ରିଭର ସାଇଡ କଲୋନିର ଦିବ୍ୟାଂଶୀ ମହିଳା ମଣ୍ଡଳ ପକ୍ଷରୁ ସମ୍ବଲପୁର ଦୁର୍ଗାପାଲି ଦୟାମଣି ବୃଦ୍ଧାଶ୍ରମଠାରେ ଅନ୍ତେବାସୀଙ୍କୁ କମ୍ବଳ ବଣ୍ଟନ କରାଯାଇଛି।

ସମ୍ବଲପୁର,୧୯।୧୨(ବି.ଶଙ୍କର)

ହୀରାକୁଦ ରିଭର ସାଇଡ କଲୋନୀର ଦିବ୍ୟାଂଶୀ ମହିଳା ମଣ୍ଡଳ ପକ୍ଷରୁ ସମ୍ବଲପୁର ଦୁର୍ଗାପାଲି ଦୟାମଣି ବୃଦ୍ଧାଶ୍ରମଠାରେ ଅନ୍ତବାସୀଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ଶୀତର ପ୍ରକୋପ ଦିନକୁ ଦିନ ବଢି ଚାଲିଥିବାବେଳେ ବୃଦ୍ଧାଶ୍ରମରେ ରହୁଥିବା ଅନ୍ତବାସୀଙ୍କ ଆବଶ୍ୟତାକୁ ଆଖିରେ ରଖି ଦିବ୍ୟାଂଶୀ ମହିଳା ମଣ୍ଡଳ ଏହି ପଦକ୍ଷେପ ଗ୍ରହଣ କରିଛି। ମଣ୍ଡଳର କିରଣ ସିଂ, ରଶ୍ମୀ ସିହ୍ନା, ପୁଷ୍ପିତା ପତି, ମଧୁଲିକା ରାଠୋର, ସିପ୍ରା ଶର୍ମା, ରଶ୍ମୀ ପ୍ରଭା, ରେଣୁ ବର୍ମା ଓ ସୁମନ ପଟେଲ ସଦସ୍ୟାମାନେ ଶୁଖା ଖାଦ୍ୟ ଓ କମ୍ବଳ ବଣ୍ଟନ କରିଥିଲେ। ମହିଳା ମଣ୍ଡଳର ଏହି ମହନୀୟ କାମ ପାଇଁ ଅନ୍ତବାସୀମାନେ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି କାର୍ଯ୍ୟ ଆଗକୁ ବଳବତ୍ତର ରହିବ ବୋଲି କର୍ମକର୍ତ୍ତାମାନେ ମତପ୍ରକାଶ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିବାରେ ଆନନ୍ଦ ଚକ୍ରବର୍ତୀ, ଜୟଶ୍ରୀ ରାଓ, ସରୋଜ କୁମାର ଆଚାର୍ଯ୍ୟ, ମିଲନ କୁମାର ସାହୁ ଓ ସନ୍ତୋଷ ତ୍ରିପାଠୀ ସହଯୋଗ କରିଥିଲେ।

# ଛାତ୍ରୀଛାତ୍ରଙ୍କ ପାଇଁ କ୍ରୀଡ଼ାର ମହତ୍ତ୍ୱ ରହିଛି

## ଜମ୍ବୁଜୟ କାଲୋ ହାଇସ୍କୁଲର ବାର୍ଷିକ କ୍ରୀଡା

ସମ୍ବଲପୁର,୧୯।୧୨(ଭବାନୀ ଶଙ୍କର ଭୋଇ)

ରେଙ୍ଗାଲି ବ୍ଲକର କିନାଲୋଇ ସ୍ଥିତ ଜମ୍ବୁଜୟ କାଲୋ ହାଇସ୍କୁଲର ୩୮ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ପ୍ରତିମା ମରେଇ ଖେଳ ପଡିଆରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଅବସରପ୍ରାପ୍ତ ଯୁଗ୍ମ କମିଶନର ଗୋବିନ୍ଦ ଚନ୍ଦ୍ର ଭୋଇ ମୁଖ୍ୟ ଅତିଥି, ପଞ୍ଚଶଖା ଶିକ୍ଷା ସେତୁର ସଭାପତି ରାମକୃଷ୍ଣ ଦାଶ ମୁଖ୍ୟ ବକ୍ତା ଓ ସମ୍ମାନିତ ଅତିଥି ଭାବରେ ସରପଞ୍ଚ ସରୋଜିନୀ କାଲୋ, ସମିତି ସଭ୍ୟ ଶୁକଦେବ ମାଝୀ, କିନାଲୋଇ ନୋଡାଲ ସ୍କୁଲର ପ୍ରଧାନ ଶିକ୍ଷକ ଭଜମନ ଦେହୁରୀ ଓ ବିଦ୍ୟାଳୟର ସକ୍ରିୟ ସଦସ୍ୟ ଚନ୍ଦନ ସିଂ ପ୍ରଧାନ ଅତିଥିଭାବେ ଯୋଗଦେଇଥିଲେ। ହାଇସ୍କୁଲର ପ୍ରଧାନ ଶିକ୍ଷକ ସତ୍ୟନାରାୟଣ ପଟେଲ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ଅତିଥିମାନେ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ପାଇଁ କ୍ରୀଡାର ମହତ୍ୱ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରତିଯୋଗିତାରେ ଦୌଡ, ସଟ ଫୁଟ, ଜାଭଲିନ ଥ୍ରୋ, ଉଚ୍ଚଡିଆଁ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହାସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।




କ୍ରୀଡା ପ୍ରତିଯୋଗିତାରେ ଅତିଥିଙ୍କ ଦ୍ୱାରା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଉଛି।

# ଦର୍ଶକଙ୍କ ମନମୋହିଲା ଲୋକନୃତ୍ୟ



ସମ୍ବଲପୁର ରେମେଡ ଛକ ନିକଟରେ ଶୁକ୍ରବାର ରାତିରେ ଆୟୋଜିତ ମାରୱାଡ ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ।



ସମ୍ବଲପୁର ରେମେଡ ଛକ ନିକଟରେ ଶୁକ୍ରବାର ରାତିରେ ଆୟୋଜିତ ମାରୱାଡ ମହୋତ୍ସବ ମେଳାରେ ସୁସଜ୍ଜିତ ଘୋଡା ରହିଛି।

## ମାରୱାଡ଼ ମହୋତ୍ସବ-୨୦୨୫

## ସୀମା ମିଶ୍ରାଙ୍କ ଗୀତରେ ଦର୍ଶକ ବିଭୋର

ସମ୍ବଲପୁର,୧୯।୧୨(ବି.ଶଙ୍କର)

କ୍ଷେତରାଜପୁର ମାରୱାଡ଼ି ଯୁବାମଞ୍ଚ ଏବଂ ଓଡିଶା ରାଜସ୍ଥାନ ଫାଉଣ୍ଡେଶନର ମିଳିତ ଆୟୋଜନରେ ମାରୱାଡ଼ ମହୋତ୍ସବ ସମ୍ବଲପୁର ରେମେଡ ଛକ ନିକଟସ୍ଥ ପ୍ରଭୁ ଚନ୍ଦ୍ରା ରିସୋର୍ଟଠାରେ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଶୁକ୍ରବାର ଦ୍ୱିତୀୟ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସହିତ ରାଜସ୍ଥାନ ଓ ହରିୟାଣା ଆଦି ୩ଟି ରାଜ୍ୟର ସଂସ୍କୃତି, ପରମ୍ପରା ଓ ଐତିହ୍ୟର ଝଲକ ଦର୍ଶକମାନେ ଦେଖିଛନ୍ତି। ମଞ୍ଚରେ ସମ୍ବଲପୁରୀ ଲୋକ ନୃତ୍ୟ, ଓଡ଼ିଶୀ ନୃତ୍ୟ, ଗୋଟିପୁଅ ନାଚ, ଘୁଡୁକା ନୃତ୍ୟ, ଘୁମୁରା ନୃତ୍ୟ ଭଳି ଅନେକ ପ୍ରକାର ପାରମ୍ପରିକ ଓ ଲୋକନୃତ୍ୟ ପରିବେଷିତ ହୋଇଥିଲା। ସେହିପରି ପ୍ରସିଦ୍ଧ ସୁଫି ଗାୟିକା ସୀମା ମିଶ୍ରାଙ୍କ ଗୀତରେ ଦର୍ଶକ ବିଭୋର ହୋଇଥିଲେ। ଉତ୍ସବରେ ପୂର୍ବତନ ମନ୍ତ୍ରୀ ରୋହିତ ପୂଜାରୀ ମୁଖ୍ୟ ଅତିଥି ଏବଂ ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆରକ୍ଷୀ ଅଧିକ୍ଷକ ମୁକେଶ କୁମାର ଭାମୁ, ଏସଏମସି ଆୟୁକ୍ତ ରେହାନ ଖତ୍ରୀ, ସମ୍ବଲପୁର ଆଇଆଇଏମ ନିର୍ଦ୍ଦେଶକ ପ୍ରଫେସର ମହାଦେଓ ପ୍ରସାଦ ଜୟସ୍ୱାଲ ସମ୍ମାନୀତ ଅତିଥିଭାବେ ଯୋଗଦେଇ କଳାକାରଙ୍କୁ ଉତ୍ସାହିତ କରିଥିଲେ। ମହୋତ୍ସବ ଆୟୋଜନ କମିଟି ଅଧ୍ୟକ୍ଷ ମାଧବ ଡାଲମିଆଙ୍କ ଅଧ୍ୟକ୍ଷତାରେ ହୋଇଥିଲା। ଉପଦେଷ୍ଟା ମଣ୍ଡଳି ସଦସ୍ୟ ଅଶୋକ ଜଲାନ, କାର୍ଯ୍ୟକ୍ରମ ନିର୍ଦ୍ଦେଶକ ପରାଗ ଅଗ୍ରୱାଲ ଓ କ୍ରିଷ୍ଣା ସୁଲତାନିଆ, ଚନ୍ଦୁ ସରାଫ, ଗଣେଶ ଅଗ୍ରୱାଲ, ମଙ୍ଗତୁ ରାମ ଅଗ୍ରୱାଲ, ଗଣମାଧ୍ୟମ ସଂଯୋଜକ ମୁକେଶ ଜରିୱାଲ ପ୍ରମୁଖ ସହାୟତା କରିଥିଲେ। ଉତ୍ସବ ଅବସରରେ ମେଳାରେ ଓଟ, ଘୋଡା ସୁସଜ୍ଜିତ ହୋଇଛନ୍ତି। ଏହାସହ ରାଜସ୍ଥାନର ବିଭିନ୍ନ ପ୍ରକାର କଳାକୃତୀ ପ୍ରଦର୍ଶିତ ହୋଇଛି। ଯାହାକି ରାଜସ୍ଥାନର ଭ୍ରମ ସୃଷ୍ଟି ହୋଇଛି।

**୨୫ରୁ ଶିବକଥା କାର୍ଯ୍ୟକ୍ରମ**

ଟିଟିଲାଗଡ଼,(ଶରତ ମିଶ୍ର): ଟିଟିଲାଗଡ଼ ସହରର ଗୋବିନ୍ଦ ବାଟିକାଠାରେ ଆସନ୍ତା ୨୫ରୁ ୩୧ ତାରିଖ ପର୍ଯ୍ୟନ୍ତ ଦିବ୍ୟଜ୍ୟୋତି ଜାଗୃତି ସଂସ୍ଥାନ ପକ୍ଷରୁ ଶିବକଥା କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏନେଇ ସ୍ୱାମୀ ନରେଶ ନନ୍ଦ, ସାଧ୍ୱୀ ନିବେଦିତା ଭାରତୀ, କମିଟି ସଦସ୍ୟ ଉମା ଅଗ୍ରୱାଲଙ୍କ ଦ୍ୱାରା ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଡ. ସର୍ବେଶ୍ୱର ଜୀ ସୂଚନା ଦେଇଛନ୍ତି। ମାନବ ଜାତିକୁ ଅନ୍ତର୍ମୁଖୀ କରି ଜାଗ୍ରତ କରିବା ପାଇଁ ଏହି ଶିବକଥା ଆୟୋଜନ କରାଯାଇଛି ବୋଲି ଆୟୋଜକ କମିଟି ପକ୍ଷରୁ କୁହାଯାଇଛି। ପ୍ରତ୍ୟେକ ଅପରାହ୍ନ ୩ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସହରର ସମସ୍ତ ଜନସାଧାରଣ ଏଥିରେ ଯୋଗଦେବା ପାଇଁ ଆୟୋଜକ କମିଟି ପକ୍ଷରୁ କୁହାଯାଇଛି।

# ଶ୍ରମିକଙ୍କୁ କାମ ଯୋଗାଣ ଦାବିରେ ବିକ୍ଷୋଭ

**ଖପ୍ରାଖୋଲ, ୧୯।୧୨(ଅଭୟ ତ୍ରିପାଠୀ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ୍ ମହରାପଦର ପଞ୍ଚାୟତ ଅଧୀନ ବାଘଝରଣ ଗ୍ରାମର ଶ୍ରମିକଙ୍କୁ ପଞ୍ଚାୟତ କର୍ତ୍ତୃପକ୍ଷ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ କାମ ଯୋଗାଣରେ ଅବହେଳା କରୁଥିବା ଅଭିଯୋଗ ହୋଇଛି। ଉକ୍ତ ଗ୍ରାମର ଶ୍ରମିକମାନେ କାମ ଯୋଗାଇଦେବା ଦାବିରେ ଶୁକ୍ରବାର ମହରାପଦର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅଭିଯୋଗ ଅନୁଯାୟୀ, ବାଘଝରଣ ଗ୍ରାମର ଶ୍ରମିକମାନେ କାମ ମାଗିଲେ ସରପଞ୍ଚ କାମ ଯୋଗାଉନାହାନ୍ତି। ଏଥିପାଇଁ ଶ୍ରମିକମାନେ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।



ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଶ୍ରମିକମାନେ ବିକ୍ଷୋଭ କରୁଛନ୍ତି।

ଏ ସମ୍ପର୍କରେ ସରପଞ୍ଚ ସୁମତି ପ୍ରଧାନ କହିଛନ୍ତି, ଗାଁରେ କାମ ନ ଥିବାରୁ ବନ ବିଭାଗ କାମରେ ଶ୍ରମିକଙ୍କୁ ନିୟୋଜନ ପାଇଁ କହୁଛୁ। ଆଗାମୀ ଦିନରେ ଶ୍ରମିକଙ୍କୁ କାମ ଯୋଗାଇ ଦେବୁ ବୋଲି ସେ କହିଛନ୍ତି। ଏନେଇ ଖପ୍ରାଖୋଲ ବ୍ଲକ ଏପିଓ ପ୍ରଶାନ୍ତ କୁମାର ସାହୁଙ୍କୁ ପଚାରିବାରୁ ଶ୍ରମିକଙ୍କ ଅଭିଯୋଗକୁ ଭିତ୍ତିକରି କାମ ପାଇଁ ଶୁକ୍ରବାର ଡିମାଣ୍ଡ୍ କରାଯାଇଛି ବୋଲି କହିଛନ୍ତି।

# ମରୁଡ଼ି ଅଞ୍ଚଳରେ ତଦନ୍ତକଲେ ଅଧିକାରୀ

**ଦେଓଗାଁ, ୧୯।୧୨(କୃଷ୍ଣପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅଧୀନ ଲଖନପୁର, ଖଲିଆପାଲି, ଗୋଏଲପିଟା, ରାମଚନ୍ଦ୍ରପୁର, ସିଂହାମୁଣ୍ଡା, ଲୁହାଖାନ, ଟେପ୍ରେନ ଆଦି ଗ୍ରାମର ମରୁଡ଼ି ପ୍ରଭାବିତ ଅଞ୍ଚଳରେ ଶୁକ୍ରବାର ତଦନ୍ତ କରାଯାଇଛି। ଅପରାହ୍ନରେ ଦେଓଗାଁ ତହସିଲଦାର ନର୍ମଦା ନାଏକ, ବ୍ଲକ କୃଷି ଅଧିକାରୀ ତୁଷାରକାନ୍ତ ସେଠୀ, ସହକାରୀ କୃଷି ଅଧିକାରୀ ରୋହନ କୁମାର ଭୋଇ, ସ୍ଥାନୀୟ ରାଜସ୍ୱ ନୀରିକ୍ଷକ ପ୍ରମୁଖ ଯାଇ ମରୁଡ଼ି ହୋଇଥିବା ଚାଷଜମିକୁ ଅନୁଧ୍ୟାନ କରି ତଦନ୍ତ କରିଥିଲେ। ଏଥିସହ ଚାଷୀ ପରମାନନ୍ଦ ପଧାନ, ଜୁଗନ ପଧାନ, ଭଜ ବାଗ, ଜହନ ଛତ୍ରିଆ, ଟଙ୍କଧର ପଟେଲ, ନାରାୟଣ ପଧାନ, ଅଭିଷେକ ସାଏ, ସୁରଞ୍ଜୟ ମହାକୁରଙ୍କୁ ପଚରାଉଚୁରା କରିଥିଲେ। ତଦନ୍ତ ରିପୋର୍ଟ ଉଚ୍ଚସ୍ତରୀୟ ଅଧିକାରୀଙ୍କ ନିକଟକୁ ପଠାଇବା ସହ କ୍ଷତିପୂରଣ ପାଇଁ ପଦକ୍ଷେପ ନେବୁ ବୋଲି ତଦନ୍ତକାରୀ ଅଧିକାରୀ କହିଛନ୍ତି।

ସୂଚନାଯୋଗ୍ୟ, ଚଳିତବର୍ଷ ସ୍ୱଳ୍ପ ବୃଷ୍ଟିପାତ ଓ ବିଳମ୍ବରେ ବର୍ଷା ହେବା ଦ୍ୱାରା ବନ୍ଧପଡ଼ା, ସିଂହାମୁଣ୍ଡା ଓ ରାମଚନ୍ଦ୍ରପୁର ପଞ୍ଚାୟତ ଅଞ୍ଚଳରେ ଚାଷୀମାନେ ଧାନଚାଷ କରିପାରି ନ ଥିଲେ। ଅନେକ ଚାଷୀ ବିଲରେ ପହ୍ଲା ରୋଇ ନ ପାରି ସେମିତି ରହିଯାଇଥିବା ନଜରକୁ ଆସିଥିଲା। ଏପରି କି ଅନେକ ଜମିରେ ରୋଗପୋକ ଲାଗିବାରୁ ଠିକ୍ ଭାବେ ଶସ୍ୟ ଅମଳ ହୋଇପାରି ନ ଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ଗୁରୁବାର ସ୍ଥାନୀୟ ଅଞ୍ଚଳର ଚାଷୀମାନେ ସିଂହାମୁଣ୍ଡା ଛକରେ ରାସ୍ତାରୋକୋ କରିଥିଲେ।

# ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**କଣ୍ଟାବାଞ୍ଜି, ୧୯।୧୨(ଗୁରୁଦୟାଲ ହଂସ)**

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ସଦର ଗ୍ରାମସ୍ଥିତ ରାଜୀବ ଗାନ୍ଧୀ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨ ଦିନିଆ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଫକୀର ଚରଣ ବିଶି, ସମ୍ମାନିତ ଅତିଥି ଭାବେ ସରକାରୀ ହାଇସ୍କୁଲର ବିଜ୍ଞାନ ଶିକ୍ଷକ ରାଜେଶ କୁମାର ସିଂଦେଓ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ଅଧକ୍ଷ ଅଶ୍ୱିନୀ କୁମାର ମେହେରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବାର୍ଷିକ କ୍ରୀଡ଼ାରେ ଖେଳ ଶିକ୍ଷକ ପ୍ରବୀର ସାହୁ ପରିଚାଳନା କରିଥିବାବେଳେ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ସହଯୋଗ କରିଥିଲେ।

# ଦେଶ ଗଠନରେ ଯୁବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ମୁରିବାହାଲ, ୧୯।୧୨(ଶ୍ରୀବତ୍ସ ବେହେରା)**

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମା' ସାହାଜୀ ଯୁବକ ସଂଘ କପିଲାଭଟାର ରୌପ୍ୟଜୟନ୍ତୀ ସମାରୋହ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଜିତାମିତ୍ର ବିଶିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ମୁଖ୍ୟ ଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ୍‌ଙ୍କ ବଡ଼ଭାଇ ପୁରନ୍ଦର ବାଗ, ମୁଖ୍ୟବକ୍ତା କଣ୍ଟାବାଞ୍ଜି ବୈଷୟିକ ମହାବିଦ୍ୟାଳୟର ଅଧ୍ୟାପକ ତଥା ଲେଖକ ସଞ୍ଜୟ ମିଶ୍ର, ସମ୍ମାନିତ ଅତିଥି ଭାବେ ବଙ୍ଗୋମୁଣ୍ଡା ବ୍ଲକ ସରପଞ୍ଚ ସଂଘ ସଭାପତି ଅଜିତ୍ କୁମାର ଯୋଶୀ, ବଙ୍ଗୋମୁଣ୍ଡା ଭାଜପା ମଣ୍ଡଳ ସଭାପତି ପବିତ୍ର ପୋଡ଼, କପିଲାଭଟା ସରପଞ୍ଚ ତୁଳସୀ ଭୋଇ, ସମିତି ସଭ୍ୟ କେଦାର ଭୋଇ, ବଲାଙ୍ଗୀର ଜିଲା ପେଷାଦାର ସାମ୍ବାଦିକ ସଂଘ ଉପସଭାପତି ଅଶୋକ ନାରାୟଣ ଭୋଇ ଯୋଗଦେଇ ଗାଁ, ସମାଜ ଓ ଦେଶ ଗଠନ କରିବାରେ ଯୁବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏଥିସହ ସଂଘର ଉଲ୍ଲେଖନୀୟ କାର୍ଯ୍ୟକୁ ସେମାନେ ପ୍ରଶଂଶା କରିଥିଲେ।



ସମାରୋହରେ ଉପସ୍ଥିତ ଅତିଥିବୃନ୍ଦ।

**ମା' ସାହାଜୀ ଯୁବକ ସଂଘର ରୌପ୍ୟ ଜୟନ୍ତୀ ସମାରୋହ**

ସମ୍ପାଦକ ହୁଲେଶ୍ୱର ହଂସ ବିବରଣୀ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ କପିଲାଭଟା ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅରୁଣ କୁମାର ବାରିକ, କପିଲାଭଟା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଟଙ୍କଧର ବିଶ୍ୱାଳ, ଅଙ୍ଗନୱାଡ଼ି କର୍ମୀ ପ୍ରିୟା ବାଗ, ଆଶାକର୍ମୀ ସଙ୍ଗୀତା ବନଛୋର, ଏମ୍‌ବିକେ ଭୁଜଙ୍ଗିନୀ ହଂସ, ସିଆର୍‌ପି ଇନ୍ଦୁମତି ହଂସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଛଉନୃତ୍ୟ ସହ ବିଭିନ୍ନ ଅନୁଷ୍ଠାନର ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସଂଘର ସହସମ୍ପାଦକ ସୁନୀଲ କୁମାର ବିଶି, ଅଶୋକ କୁମାର ବିଶି, ପରମାନନ୍ଦ ଛତ୍ରିଆ, ରଜତ କୁମାର ବିଶି, ବିକାଶ ହଂସ, ଦେବାଶିଷ ବିଶି, ଶୁଭାଶିଷ ବିଶି, ଚନ୍ଦ୍ରଶେଖର ବିଶି, ସମୀର ବିଶି, ରଶ୍ମିରଞ୍ଜନ ହଂସ, ଲୋକନାଥ ହଂସ, ଯଶପାଲ୍ ହଂସ, ରଞ୍ଜନ ହଂସ, ସୁରେନ୍ଦ୍ର ବିଶିଙ୍କ ସମେତ ସଦସ୍ୟମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଜିଲାସ୍ତରୀୟ ଭାରତ ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସ ଶିବିର ଉଦ୍‌ଯାପିତ

**ପାଟଣାଗଡ଼, ୧୯।୧୨(ସଚ୍ଚିଦାନନ୍ଦ ମହାକୁର)**

ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ ଅନ୍ତର୍ଗତ ଭଇଁଷା ଗ୍ରାମର ହାଇସ୍କୁଲ ଖେଳପଡିଆଠାରେ ଚାଲିଥିବା ୩୩ତମ ଜିଲାସ୍ତରୀୟ ଭାରତ ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପ୍ରବୀର କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ପାଟଣାଗଡ଼ ତହସିଲଦାର ରୁଦ୍ରମୋହନ ନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁମନ ମିଞ୍ଜ, ପାଟଣାଗଡ଼ ଭାରପ୍ରାପ୍ତ ଥାନା ଅଧିକାରୀ ହରିବନ୍ଧୁ ଗଡତ୍ୟା, ଜିଲା ଶାରୀରିକ ଶିକ୍ଷାଧିକାରୀ ପ୍ରଦୀପ କୁମାର ପାତ୍ର, ପାଟଣାଗଡ଼ ବ୍ଲକ ଶିକ୍ଷାଧିକାରୀ ଶଙ୍କର ପ୍ରସାଦ ମାଝୀ, ବଲାଙ୍ଗୀର ବ୍ଲକ ଶିକ୍ଷାଧିକାରୀ ନୀଳମଣି ପଟେଲ, ଭଇଁଷା ସରପଞ୍ଚ ଜ୍ଞାନେନ୍ଦ୍ର ପଟେଲ, ସମିତିସଭ୍ୟ ଛନ୍ଦା ଚରଣ ସାହୁ, ନୀଳାଚଳ ତ୍ରିପ୍ରୁନ, ଅନ୍ତର୍ଯାମୀ ବିଶ୍ୱାଳ, ପ୍ରଧାନ ଶିକ୍ଷକ ନିମାଇଁ ଚରଣ ମିଶ୍ର ଯୋଗଦେଇଥିଲେ। ଜିଲାର ୧୨ଟି ବ୍ଲକରୁ ଆସିଥିବା ବ୍ଲକ ଶିକ୍ଷାଧିକାରୀ ମଞ୍ଚାସୀନ ଥିଲେ। ଦୁଃସାହସିକ ପ୍ରତିଯୋଗିତା ଓ ବିଭିନ୍ନ ସଂରଚନା ପାଇଁ ଗତ ୧୨ ଦିନ ଧରି ଜିଲାର ବସନ୍ତ ମେହେର, ଶୁଭେନ୍ଦୁ ମହାନ୍ତି, ଚିତ୍ତରଞ୍ଜନ ପୁଟେଲ, ଦେବାଶିଷ ମେହେର, ଭେଳା ସାଗର ଭାଟି, ସୋନୁ ମହାରଣା ପ୍ରଭୃତି ଖେଳଶିକ୍ଷକ ପରିଶ୍ରମ କରିଥିଲେ।

# ବାତିଲ୍ ହେଲା ପଞ୍ଚାୟତ ସମିତି ବୈଠକ

**ଲୋଇସିଂହା, ୧୯।୧୨(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ପ୍ରଶାସନ ପକ୍ଷରୁ ପୂର୍ବରୁ ସ୍ଥିରିକୃତ ହୋଇଥିବା ପଞ୍ଚାୟତ ସମିତି ବୈଠକ ବାତିଲ କରାଯାଇଛି। ବିଧାନସଭା ଏବଂ ଲୋକସଭା ଅଧିବେଶନ ଚାଲିଥିବାବେଳେ ପଞ୍ଚାୟତ ସମିତି କିମ୍ବା ଜିଲା ପରିଷଦ ବୈଠକ ଡକାଯାଇ ପାରିବ ନାହିଁ ବୋଲି ରାଜ୍ୟ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଚିଠି ସଂଖ୍ୟା ୫୩/୦୯/ ୩୧୫୩୫,୩୦।୯। ୨୦୦୯ରେ ନିର୍ଦ୍ଦେଶ ରହିଛି। କିଛିଦିନ ପୂର୍ବରୁ ବିଧାନସଭା ଅଧିବେଶନ ବନ୍ଦ କରିଦିଆଯାଇଛି। ଶୁକ୍ରବାର ପୂର୍ବାହ୍ନରେ ଲୋକସଭା ଅଧିବେଶନ ବନ୍ଦ ହୋଇଛି। ଏହି କାରଣରୁ ପଞ୍ଚାୟତିରାଜ ବିଭାଗର ନିର୍ଦ୍ଦେଶକୁ ଅବମାନନା କରି ଆଗଲପୁର ବ୍ଲକ ପ୍ରଶାସନ ପକ୍ଷରୁ ପଞ୍ଚାୟତ ସମିତି ବୈଠକ ଡକାଯାଇଥିବାରୁ ଜିଲା ପରିଷଦ ଅଧକ୍ଷା ଦେବକୀ ସାହୁ କ୍ଷୋଭ ପ୍ରକାଶ କରିଛନ୍ତି। ସେ ଏହାର ପୁନର୍ବିଚାର ପାଇଁ ଚଳିତ ଡିସେମ୍ବର ୧୮ରେ ବ୍ଲକ ପ୍ରଶାସନକୁ ଚିଠି ଲେଖିଥିଲେ। ଏହାପରେ ବ୍ଲକ ପ୍ରଶାସନ ପକ୍ଷରୁ ରାତିଅଧିଆ ପଞ୍ଚାୟତ ସମିତି ବୈଠକୁ ବାତିଲ କରିଦିଆଯାଇଛି। ଯାହାକି ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ଶୁକ୍ରବାର ହେବାକୁ ଥିବା ପଞ୍ଚାୟତ ସମିତିର ସାଧାରଣ ବୈଠକକୁ ବାତିଲ କରାଯାଇ ଆସନ୍ତା ୨୩ରେ ବୈଠକ ପାଇଁ ପୁନଃ ତାରିଖ ନିର୍ଦ୍ଧାରଣ ହୋଇଥିବା ନେଇ ବ୍ଲକ ପ୍ରଶାସନ ପକ୍ଷରୁ ବଲାଙ୍ଗୀର ଏମ୍‌ପି, ଲୋଇସିଂହା ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ, ଜିଲାପରିଷଦ ଅଧକ୍ଷା, ବ୍ଲକ ଅଧକ୍ଷା, ସରପଞ୍ଚ, ସମିତିସଭ୍ୟାସଭ୍ୟଙ୍କୁ ଜଣାଇ ଦିଆଯାଇଛି। ପ୍ରକାଶଥାଉ କି, ବ୍ଲକ ପ୍ରଶାସନର ପତ୍ରସଂଖ୍ୟା ୩୯୫୫/୧୨।୧୨।୨୦୨୫ ଅନୁଯାୟୀ ଡିସେମ୍ବର ୧୯ରେ ପଞ୍ଚାୟତ ସମିତିର ସାଧାରଣ ବୈଠକ ପାଇଁ ଜନପ୍ରତିନିଧିଙ୍କୁ ଚିଠି ପଠାଯାଇଥିଲା।

## ଭୂମିହୀନଙ୍କୁ ଗୃହ ନିର୍ମାଣ ପାଇଁ ଜମି ଯୋଗାଇ ଦିଆଯାଉ

**ସଇଁତଲା, ୧୯।୧୨(ରାଖାଲ ପ୍ରସାଦ ଶତପଥୀ):** ସଇଁତଲା ବ୍ଲକ ଅନ୍ତର୍ଗତ ଖାସ୍‌ବାହାଲ ଗ୍ରାମର ଭୂମିହୀନ ପରିବାରକୁ ସରକାରଙ୍କ ପକ୍ଷରୁ ଜାଗା ଯୋଗାଇ ଦେବା ପାଇଁ ଗ୍ରାମବାସୀ ତହସିଲଦାରଙ୍କ ନିକଟରେ ଦାବି କରିଛନ୍ତି। ଗ୍ରାମବାସୀଙ୍କ କହିବାନୁଯାୟୀ, ଖାସବାହାଲ ଗ୍ରାମରେ ବହୁ ଭୂମିହୀନ ପରିବାର ଅଛନ୍ତି। ଭୂମିହୀନ ଲୋକମାନେ ଗ୍ରାମର କେତେଜଣ ବଦାନ୍ୟ ବ୍ୟକ୍ତିଙ୍କ ଜମି ଓ ସରକାରୀ ଜମିରେ ଘର କରି ବସବାସ କରୁଛନ୍ତି। ସେମାନଙ୍କ ନିଜସ୍ୱ ଜମିବାଡ଼ି ନ ଥିବାରୁ ସେମାନେ ଶୁକ୍ରବାର ତହସିଲଦାରଙ୍କ କାର୍ଯ୍ୟାଳୟକୁ ଆସି ତହସିଲଦାର ଆଶିଷ କୁମାର ଏକ୍କାଙ୍କୁ ଭେଟିବା ସହ ତୁରନ୍ତ ସରକାରଙ୍କ ପକ୍ଷରୁ ୪ ଡିସିମିଲ ଲେଖାଏ ଜମି ଯୋଗାଇ ଦେବା ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଗ୍ରାମର ରଷି ବାଗ, ଶେଷଦେବ ନାଗ, ଶିବାଜୀ ନାଗ, ପ୍ରସନ୍ନ କୁମ୍ଭାର, ହୀରାଲାଲ କୁମ୍ଭାର, ଶ୍ରୀକାନ୍ତ ନାଗ, ରାଜୀବ ନାଗ, ବଳିଷ୍ଠ ନାଗ, ବାସୁଦେବ ନାଗ, ନୀଳାମ୍ବର ସୁନା, ସୁଧର୍ମା ସାହୁଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

## ସହାୟକ ଉପକରଣ ପାଇଲେ ଦିବ୍ୟାଙ୍ଗ ଛାତ୍ରୀଛାତ୍ର

**କଣ୍ଟାବାଞ୍ଜି, ୧୯।୧୨(ଗୁରୁଦୟାଲ ହଂସ):** ବଲାଙ୍ଗୀର ଜିଲା ତୁରେକେଲା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ସହାୟକ ଉପକରଣ ବଣ୍ଟନ ଓ ନୂତନଭାବେ ଚିହ୍ନଟକରଣ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ଗୌତମ ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ତୁରେକେଲା ସରପଞ୍ଚ ଜଳନ୍ଧର ମହାକୁଡ଼, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଶିକ୍ଷା ଅଧିକାରୀ ଫକୀର ଚରଣ ବିଶି, ଜଗବନ୍ଧୁ ମାଝୀ, ଧରିତ୍ରୀ ଗଡତ୍ୟା, ଅନନ୍ୟା ଓଝା, ରାମ ପ୍ରସାଦ ମହାଲିଙ୍ଗ ଯୋଗଦେଇଥିଲେ। ଜୁନିୟର ରେଡ୍‌କ୍ରସ ପରାମର୍ଶଦାତା ବିରଞ୍ଚି ନାରାୟଣ ଦାଶ ସଭା ପରିଚାଳନା, ବିଆର୍‌ଟି ସୁନୀଲ ସାହୁ ସ୍ୱାଗତ ଭାଷଣ ଓ ଜ୍ୟୋତି ବିକାଶ ବାରିକ ଧନ୍ୟବାଦ ଦେଇଥିଲେ। ପୂର୍ବରୁ ଚିହ୍ନଟ କରାଯାଇଥିବା ୪୦ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ହ୍ୱିଲ ଚେୟାର, ଶିକ୍ଷଣ କିଟ୍ ଭଳି ସହାୟକ ଉପକରଣ ବଣ୍ଟନ କରାଯାଇଥିଲା। ଏଥିସହ ନୂତନ ଭାବେ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ପରୀକ୍ଷା କରାଯାଇଥିଲା। ମଞ୍ଜୁଲା ନାୟକ, ପ୍ରମୋଦ ମାଝୀ, ଦଶରଥ ଗିରି, ଅରୁଣ ସାହୁ, ଆଶିଷ କୁମାର ବେହେରା, ପ୍ରକାଶ ସେଲମା, ଟିକେଶ୍ୱର ବେହେରା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।


**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/25-26/ E-Tender/97, ତା.16.12.2025ରିଖ

(1) ଟେଣ୍ଡର ସଂ. e-tender-CENTKUR-323-2025, ତା.11.12.2025ରିଖ

**ବିବରଣୀ :** ସାନକେରେଜାଙ୍ଗ JSPL-କେରେଜାଙ୍ଗ ଲାଇନ ନିକଟରେ ନାଲକୋ ସାଇଡିଙ୍ଗର ଟେକ୍‌ଅଫ୍ ପଏଣ୍ଟରୁ ରେଲୱେ ୟାର୍ଡର ଇଣ୍ଟରଲକିଙ୍ଗ ନିମନ୍ତେ କେରେଜାଙ୍ଗ ଷ୍ଟେସନର ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଙ୍ଗ ରେ ପରିବର୍ତ୍ତନ ସମ୍ବନ୍ଧୀୟ ଗୁମଟିର ନିର୍ମାଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 39.37 ଲକ୍ଷ, EMD : ₹ 78,800/-

(2) ଟେଣ୍ଡର ସଂ. e-tender-CENTKUR-324-2025, ତା.11.12.2025ରିଖ

**ବିବରଣୀ :** ଡିପୋଜିଟ୍ ସ୍କିମ୍ ଅଧିନରେ 3 ବର୍ଷ ଅବଧି ନିମନ୍ତେ ତାଳଚେର ଠାରେ MCL ସାଇଡିଙ୍ଗ (ତାଳଚେର ଷ୍ଟେସନ ଠାରୁ TLSB ୟାର୍ଡ ପର୍ଯ୍ୟନ୍ତ), JNC/64 ପର୍ଯ୍ୟନ୍ତ SPUR-3&4 ସହିତ TLSB କ୍ୟାବିନ୍ (EX) ଠାରୁ ଜଗନ୍ନାଥ ସାଇଡିଙ୍ଗ, TLSB କ୍ୟାବିନ୍ (EX) ଜଗନ୍ନାଥ SILO ଲାଇନ (JNC / 125), ତାଳଚେର ଠାରୁ ଦେଉଳବେଡ଼ା ଏବଂ DB1 ୟାର୍ଡର ER ଲାଇନ ଠାରୁ DL/2/17 ପର୍ଯ୍ୟନ୍ତ) (SPUR-1&2 ଏବଂ ER ଲାଇନ ସହିତ TLSB (EX) ଠାରୁ ସାଉଥ ବଳଣ୍ଡା (UP & DN), SPUR-7&8 ସହିତ ସାଉଥ ବଳଣ୍ଡା (EX) ଠାରୁ ଭରତପୁର ୟାର୍ଡ ଏବଂ ଜଗନ୍ନାଥ ଭରତପୁର-କଳିଙ୍ଗ କନେକ୍ଟିଭିଟି (JNC/64 - JNC4/11))ର ପ୍ରସ୍ତାବିତ ବାର୍ଷିକ ରକ୍ଷଣାବେକ୍ଷଣ ଏବଂ ବିବିଧ କାର୍ଯ୍ୟସମୂହ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 2310.45 ଲକ୍ଷ, EMD : ₹ 13,05,200/-

(3) ଟେଣ୍ଡର ସଂ. e-tender-NORTHKUR-325-2025, ତା.11.12.2025ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ / ଯାଜପୁର କେନ୍ଦୁଝର ରୋଡ଼ ପରିସୀମା ଅଧିନରେ ରେଲଗୁଡ଼ିକର ପେଣ୍ଟିଙ୍ଗ, ERCs ର ଗ୍ରୀସିଙ୍ଗ ଏବଂ ଲାଇନର କଣ୍ଟାକ୍ଟ ଏରିଆର ସିଲିଙ୍ଗ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 261.27 ଲକ୍ଷ, EMD : ₹ 2,80,600/-

ଶେଷ ହେବା ଅବଧି : 06 (ଛଅ) ମାସ (କ୍ରମ ସଂ. 1 ପାଇଁ), 36 (ଛତିଶି) ମାସ (କ୍ରମ ସଂ. 2 ପାଇଁ) ଏବଂ 12 (ବାର) ମାସ (କ୍ରମ ସଂ. 3 ପାଇଁ)।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.02.01.2026ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ [illegible] ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ଼

PR-920/Q/25-26



**ଫର୍ମ ନଂ. ୧୩**
**ଋଣ ଅସୁଲି ପ୍ରାଧିକରଣ, କଟକ, ଓଡ଼ିଶାଙ୍କ ଇଜିଲାସ୍**
**ସି-୭୧, ସେକ୍ଟର-୭, ସିଡିଏ, କଟକ, ଓଡ଼ିଶା**
**ମୂଳ ଦରଖାସ୍ତ ନଂ.: ୨୦୨୫ ର ୫୩୪**

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ଭୁବନେଶ୍ୱର ...ଆବେଦନକାରୀ

ବନାମ

ଶ୍ରୀ କୃଷ୍ଣ ଚନ୍ଦ୍ର ବିଶ୍ୱାଳ ...ପ୍ରତିବାଦୀ(ମାନେ)

ପ୍ରାପ୍ତେଷୁ,

୧) **ଶ୍ରୀ କୃଷ୍ଣ ଚନ୍ଦ୍ର ବିଶ୍ୱାଳ,** ପିତା: ଶଙ୍କର ବିଶ୍ୱାଳ, **ସ୍ୱତ୍ତ୍ୱାଧିକାରୀ: ମେସର୍ସ ବିଶ୍ୱାଳ ଟ୍ରେଡର୍ସ,** ସା: ପ୍ଲଟ୍ ନଂ.: ୨୫୧୭, ପାଣ୍ଡରା, ହାଇ-ଟେକ୍ ମେଡିକାଲ କଲେଜ ନିକଟ, ଭୁବନେଶ୍ୱର-୭୫୧୦୧୦, ଜିଲ୍ଲା: ଖୋର୍ଦ୍ଧା (ଓଡ଼ିଶା) ...ପ୍ରତିବାଦୀ ନଂ.୧

**ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ଖବରକାଗଜ ପ୍ରକାଶନ ଦ୍ୱାରା ଜାରି ସମନ**

ଏତଦ୍ୱାରା ଜଣାଇ ଦିଆଯାଉଅଛି କି ଆବେଦନକାରୀ **ଓ.ଏ. ନଂ.: ୨୦୨୫ ର ୫୩୪** ଦ୍ୱାରା **ଟ.୪୭,୨୩,୫୫୭.୦୦** ମାତ୍ର ଋଣ ରାଶି ଓ ତତ୍‌ସହିତ ଚଳିତ ଏବଂ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଆଦାୟ ପାଇଁ ଋଣ ଅସୁଲି ପ୍ରାଧିକରଣ, କଟକଙ୍କ ଠାରେ ଏକ ମୋକଦ୍ଦମା ରୁଜୁ କରିଛନ୍ତି । ତେଣୁ ଏତଦ୍‌ଦ୍ୱାରା ଉପରଲିଖିତ ପ୍ରତିବାଦୀମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେମାନେ ଏହି ନୋଟିସ୍ ପ୍ରକାଶନର **୩୦ଦିନ** ମଧ୍ୟରେ କିମ୍ବା **ତା.୦୫.୦୩.୨୦୨୬ରିଖ ପୂର୍ବାହ୍ନ ୧୦.୩୦ ଘଟିକା** ସମୟରେ ଉପରୋକ୍ତ ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ।

ଏହି ନୋଟିସ୍ ଦ୍ୱାରା ଅବଗତ କରାଇଦିଆଯାଉଅଛି ଯେ ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କର ଅନୁପସ୍ଥିତିରେ ଦରଖାସ୍ତର ଶୁଣାଣି ଏବଂ ବିଚାର କରାଯିବ।

ଋଣ ଅସୁଲି ପ୍ରାଧିକରଣଙ୍କ ଦସ୍ତଖତ ଏବଂ ସହିମୋହର ସହ ଦିନାଙ୍କ **୧୬ ଡିସେମ୍ବର ୨୦୨୫**ରେ ଆଦିଷ୍ଟ।

ସ୍ୱା/- (ନିଖିଳ ରଞ୍ଜନ ପତି)
ରେଜିଷ୍ଟ୍ରାର



**इंडियन पोर्ट रेल एंड रोपवे कॉर्पोरेशन लिमिटेड**
(पत्तन, पोत परिवहन एवं जलमार्ग मंत्रालय भारत सरकार के अधीन संयुक्त उद्यम)
**ଇଣ୍ଡିଆନ୍ ପୋର୍ଟ ରେଲ୍ ଆଣ୍ଡ ରୋପୱେ କର୍ପୋରେଶନ ଲିଃ**
(ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧୀନରେ ଏକ ଯୌଥ ଉଦ୍ୟୋଗ କମ୍ପାନୀ)
SAGARMALA
ସିଆଇଏନ୍ ନଂ.: ୟୁ୬୩୦୩୦ଡିଏଲ୍‌୨୦୧୫ପିଏଲ୍‌ସି୨୮୨୭୦୩ (ଏକ ଆଇଏସ୍‌ଓ ୯୦୦୧, ୧୪୦୦୧, ୪୫୦୦୧ ଓ ୩୭୦୦୧ ପ୍ରମାଣିତ କମ୍ପାନୀ)

**ଭାରତୀୟ ରେଳପଥ - ଶକ୍ତିସଞ୍ଚରଣ ସମ୍ବନ୍ଧୀୟ ସାର୍ବଜନୀନ ବିଜ୍ଞପ୍ତି**

ଦକ୍ଷିଣ ପୂର୍ବ ମଧ୍ୟ ରେଳପଥର ସମସ୍ତ ସେକ୍ସନରେ ଅବସ୍ଥିତ ରେଳ ଲାଇନ ଏବଂ ପରିସରର ସମସ୍ତ ବ୍ୟବହାରକାରୀଙ୍କୁ ଏତଦ୍ୱାରା ସୂଚନା ଦିଆଯାଉଛି [illegible]

[illegible] ୧.୧୪୨, ଟିକେଏମ୍-୨.୩୮୬)ରେ ଲାଜକୁରା ଶେଷଠାରେ ସ୍ଥାନୀୟ ସଂ, ଏଲଓସିଏମ-୪/୧୭ (ସିଏଚ୍: ୪/୪୫୭.୫୦) ପର୍ଯ୍ୟନ୍ତ ଯାତ୍ରା ଆରମ୍ଭ କରିବା ପାଇଁ ୪.୬୮ ମିଟର ଏବଂ ରାସ୍ତାଠାରୁ ଅଧିକ ଉଚ୍ଚତା ଥିବା ସମସ୍ତ ଲେଭଲ୍ କ୍ରସିଂରେ ଉଚ୍ଚତା ଗେଜ ସ୍ଥାପନ କରାଯାଇଛି ଯାହା ଦ୍ୱାରା ଅତ୍ୟଧିକ ଉଚ୍ଚତାର ଭାର ସଂସ୍ପର୍ଶରେ ଆସିବା କିମ୍ବା ଲାଇଭ୍ ଟ୍ରାକ୍ସନ ତାର (କଣ୍ଟାକ୍ଟ ତାର) ସହିତ ବିପଦପୂର୍ଣ୍ଣ ନିକଟତାକୁ ରୋକାଯାଇପାରିବ, ଯାହା ଲେଭଲ କ୍ରସିଂରେ ରେଳ ସ୍ତରଠାରୁ ସର୍ବନିମ୍ନ ୫.୫ ମିଟର ଉଚ୍ଚତାରେ ରହିବ।

ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ, ଯାନବାହନକୁ ବୋଝେଇ କରିବା ସମୟରେ ଉପରେ ଦର୍ଶାଯାଇଥିବା ଉଚ୍ଚତାକୁ ଧ୍ୟାନରେ ରଖିବା ତଥା କୌଣସି ପରିସ୍ଥିତିରେ ମଧ୍ୟ ଯାନବାହନରେ ବୋଝେଇ ହୋଇଥିବା ସାମଗ୍ରୀ ହାଇଟ୍ ଗେଜ୍‌କୁ ଲଙ୍ଘନ ନ କରୁ ତାହା ଦୃଷ୍ଟିରେ ରଖିବା ଆବଶ୍ୟକ। ଯାନବାହନରେ ଅତ୍ୟଧିକ ଉଚ୍ଚତାରେ ଜିନିଷପତ୍ର ବୋଝେଇ କରିବାର ବିପଦଗୁଡ଼ିକ ହେଲା:

୧) ହାଇଟ୍ ଗେଜ୍ ପ୍ରତି ବିପଦ ଏବଂ ପରିଣତିସ୍ୱରୂପ, ରାସ୍ତା ଓ ରେଳଧାରଣୀ ଅବରୋଧ।
୨) ବହନ କରାଯାଉଥିବା ସାମଗ୍ରୀ କିମ୍ବା ଉପକରଣ ପ୍ରତି ବିପଦ।
୩) କଣ୍ଡକ୍ଟର ସଂସ୍ପର୍ଶରେ ଆସି କିମ୍ବା ଏହାର ବିପଜ୍ଜନକ ପରିସର ମଧ୍ୟକୁ ଆସିଲେ ଅଗ୍ନିକାଣ୍ଡ ଓ ଜୀବନ ପ୍ରତି ବିପଦ।

ସ୍ଥାନ: ଲାଜକୁରା
ତାରିଖ: ୨୦।୧୨।୨୦୨୫
ଯୁଗ୍ମ ସାଧାରଣ ପରିଚାଳକ/ଇଲେକ୍ଟ୍. ଆଇପିଆର୍‌ସିଏଲ୍



**TPWODL**

**ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିଡବ୍ଲ୍ୟୁଓଡିଏଲ୍)**
କର୍ପୋରେଟ୍ କାର୍ଯ୍ୟାଳୟ - ବୁର୍ଲା, ସମ୍ବଲପୁର - ୭୬୮୦୧୭ (ଓଡ଼ିଶା)

**ସର୍ବସାଧାରଣ ବିଜ୍ଞପ୍ତି**

**ମାମଲା ନଂ. ୧୨୮/୨୦୨୫**

**ଓଇଆର୍‌ସି (ହ୍ୱିଲିଂ ଶୁଳ୍କସୂଚୀ ଏବଂ ଖୁଚୁରା ଯୋଗାଣ ଶୁଳ୍କସୂଚୀର ନିର୍ଦ୍ଧାରଣ ନିମନ୍ତେ ନିୟମ ଓ ସର୍ତ୍ତାବଳୀ) ନିୟମାବଳୀ, ୨୦୨୨ ଅନୁଯାୟୀ ଆର୍ଥିକ ବର୍ଷ ୨୦୨୬-୨୭ ନିମନ୍ତେ ମୋଟ ରାଜସ୍ୱ ଆବଶ୍ୟକତାର ଅନୁମୋଦନ ଏବଂ ହ୍ୱିଲିଂ ଶୁଳ୍କସୂଚୀ ଓ ଖୁଚୁରା ଯୋଗାଣ ଶୁଳ୍କସୂଚୀ ନିର୍ଦ୍ଧାରଣ ନିମନ୍ତେ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିଡବ୍ଲ୍ୟୁଓଡିଏଲ୍) ଦ୍ୱାରା ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ, ଭୁବନେଶ୍ୱର-୨୧ଙ୍କ ନିକଟରେ ବିଦ୍ୟୁତ୍ ଅଧିନିୟମ, ୨୦୦୩ର ଧାରା ୬୪(୨) ସହିତ ପଠନପୂର୍ବକ ଓଇଆର୍‌ସି (ବ୍ୟବସାୟର ସଞ୍ଚାଳନ) ନିୟମାବଳୀ, ୨୦୦୪ର ନିୟମ ୫୩(୭) ଅଧୀନରେ ଦାଖଲ କରିଥିବା ଦରଖାସ୍ତର ପ୍ରକାଶନ।**

[illegible]

www.tpwesternodisha.com
www.orierc.org



**ବ୍ୟାଙ୍କ ଅଫ୍ ବରୋଦା**
बैंक ऑफ़ बड़ौदा Bank of Baroda
**କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ, ଦ୍ୱିତୀୟ ମହଲା**
**ଚଳଚ୍ଚିତ୍ର ଭବନ, ବକ୍ସି ବଜାର, କଟକ-୭୫୩୦୦୧**

**ଦଖଲ ବିଜ୍ଞପ୍ତି (ସ୍ଥାବର ସମ୍ପତ୍ତି ନିମନ୍ତେ)**

**[ପରିଶିଷ୍ଟ-୪ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ନିୟମ ୮(୧) ଅନୁସାରେ]**

ନିମ୍ନସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ବରୋଦାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ନିୟମ ୩ ସହିତ ଧାରା ୧୩(୧୨) ରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ନିମ୍ନ ଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ନିମ୍ନଲିଖିତ ଅର୍ଥ ରାଶି ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ତାଙ୍କର ଋଣ ପରିଶୋଧ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ନିମ୍ନସ୍ୱାକ୍ଷରକାରୀ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ଧାରା ୧୩ର ଉପଧାର (୪) ସହିତ କଥିତ ରୁଲ୍ସର ରୁଲ ୮ ଅନୁସାରେ ନିମ୍ନ ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ ନିମ୍ନ ଦର୍ଶିତ ତାରିଖରେ **ଦଖଲ**କୁ ନେଇଛନ୍ତି। ତେଣୁ ବିଶେଷ କରି ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସେହି ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ବକେୟା ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ପାଇଁ **ବ୍ୟାଙ୍କ ଅଫ୍ ବରୋଦା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା / ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ଡିମାଣ୍ଡ /ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|
| **କେନ୍ଦ୍ରାପଡ଼ା ଶାଖା /** ଋଣଗ୍ରହୀତା: **ଶ୍ରୀ ପ୍ରଶାନ୍ତ କୁମାର ବିଶ୍ୱାଳ,** ପିତା: ଶିବ ଚରଣ ବିଶ୍ୱାଳ, ସା/ପୋ: ତୁଳସୀଡିଆ, ଭାୟା: ଦାଣ୍ଡିସାହି, ଥାନା: ପଟ୍ଟାମୁଣ୍ଡାଇ, ଜିଲ୍ଲା: କେନ୍ଦ୍ରାପଡ଼ା, ଓଡ଼ିଶା, ପିନ୍-୭୫୪୨୪୦ | **ଶ୍ରୀ ପ୍ରଶାନ୍ତ କୁମାର ବିଶ୍ୱାଳ,** ପିତା: ଶିବ ଚରଣ ବିଶ୍ୱାଳଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ମୌଜା: ତରଡିପାଳ, ଥାନା: ପଟ୍ଟାମୁଣ୍ଡାଇ, ଜିଲ୍ଲା: କେନ୍ଦ୍ରାପଡ଼ା, ଓଡ଼ିଶା, (୧) ପ୍ଲଟ୍ ନଂ.: ୫୩୦୪, ଖାତା ନଂ.: ୧୩୭୨/୩୭୩, କ୍ଷେତ୍ର: ଏକର୦.୦୩୩ ଡିସିମିଲି (୧୪୩୭.୪୮ ବର୍ଗଫୁଟ), ଏହାର ଚତୁଃପାର୍ଶ୍ୱରେ- ଉତ୍ତର: ହେମଲତା ବିଶ୍ୱାଳ ଏବଂ ଅନ୍ୟମାନେ, ଦକ୍ଷିଣ: ପ୍ଲଟ୍ ନଂ. ୫୩୦୫, ପୂର୍ବ: ପ୍ଲଟ୍ ନଂ. ୫୩୦୮, ପଶ୍ଚିମ: ସର୍ବସାଧାରଣ ରାସ୍ତା, (୨) ପ୍ଲଟ୍ ନଂ.: ୫୬୦୦, ଖାତା ନଂ.: ୧୩୭୨/୩୭୩, କ୍ଷେତ୍ର: ଏକର୦.୦୨୪ଡିସିମିଲି, ଏହାର ଚତୁଃପାର୍ଶ୍ୱରେ- ଉତ୍ତର: ପ୍ଲଟ୍ ନଂ. ୫୫୯୯ର ଅବଶିଷ୍ଟ ଅଂଶ, ଦକ୍ଷିଣ: ସର୍ବସାଧାରଣ ରାସ୍ତା, ପୂର୍ବ: ପ୍ଲଟ୍ ନଂ. ୫୫୯୯, ପଶ୍ଚିମ: ପ୍ଲଟ୍ ନଂ. ୫୬୦୦/୭୦୦୫ | ୨୯.୦୭.୨୦୨୫ / ୧୭.୧୨.୨୦୨୫ | ୦୯.୦୭.୨୦୨୫ ସୁଦ୍ଧା ଟ.୯,୬୧,୦୨୧/- ଯୁକ୍ତ ୧୦.୦୭.୨୦୨୫ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |
| **ଚାନ୍ଦିବାଉଁଶମୂଳ ଶାଖା /** ଋଣଗ୍ରହୀତା: **ମେସର୍ସ ସ୍ମୃତି ଏଣ୍ଟରପ୍ରାଇଜେସ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଗୋଲେଖ ଚନ୍ଦ୍ର ସ୍ୱାଇଁ,** ପିତା: ଶ୍ରୀ ଚିନ୍ତାମଣି ସ୍ୱାଇଁ / **ଜାମିନ୍‌ଦାର: ଶ୍ରୀ କଳ୍ପତରୁ ସ୍ୱାଇଁ,** ପିତା: ଶ୍ରୀ ଭାଗବତ ସ୍ୱାଇଁ, ଉଭୟଙ୍କ ଠିକଣା- ସା: ସାନବଡ ଗୋପାଳପୁର, ପୋ/ଥାନା: ରାଜନଗର, ଜିଲ୍ଲା: କେନ୍ଦ୍ରାପଡ଼ା, ପିନ୍-୭୫୪୨୪୬ | **ଶ୍ରୀ କଳ୍ପତରୁ ସ୍ୱାଇଁ,** ପିତା: ଶ୍ରୀ ଭାଗବତ ସ୍ୱାଇଁଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଖୋଲା ବିଚ୍ଛିନ୍ନ ଜମି ଯାହାର ଖାତା ନଂ.: ୧୮୨/୧୧୦, ପ୍ଲଟ୍ ନଂ.: ୬୮୪/୯୬୦, କ୍ଷେତ୍ର: ଏକର୦.୦୮୭ଡିସିମିଲି (୩୭୯୦.୦୦ ବର୍ଗଫୁଟ), ସା: ସାନବଡ ଗୋପାଳପୁର, ପୋ: ରାଜନଗର, କେନ୍ଦ୍ରାପଡ଼ା, ଏହାର ଚତୁଃପାର୍ଶ୍ୱରେ- ଉତ୍ତର: ରମେଶ ଚନ୍ଦ୍ର ସାହୁ, ଦକ୍ଷିଣ: ରାସ୍ତା, ପୂର୍ବ: ରମେଶ ଚନ୍ଦ୍ର ବାରିକ, ପଶ୍ଚିମ: ଅନାଦି ଚରଣ ସାହୁ | ୩୦.୦୭.୨୦୨୫ / ୧୭.୧୨.୨୦୨୫ | ୩୦.୦୭.୨୦୨୫ ସୁଦ୍ଧା ଟ.୩୫,୭୮,୯୧୦.୮୦ (୩୧.୦୫.୨୦୨୫ ପର୍ଯ୍ୟନ୍ତ ସୁଧ ଅନ୍ତର୍ଭୁକ୍ତ) ଯୁକ୍ତ ୦୧.୦୬.୨୦୨୫ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |
| **ମଣିସାହୁ ଛକ ଶାଖା /** ଋଣଗ୍ରହୀତାମାନେ: ୧) **ଶ୍ରୀ ଶରତ ବେଉରା,** ୨) **ଶ୍ରୀମତୀ ଶାନ୍ତିଲତା ବେଉରା,** ସ୍ୱାମୀ: ଶରତ ବେଉରା, ଉଭୟଙ୍କ ଠିକଣା- ତିନିଘରିଆ, ନୂଆବଜାର, ଥାନା: ମଧୁପାଟଣା, ଜିଲ୍ଲା: କଟକ, ପିନ୍-୭୫୩୦୦୪ / **ଜାମିନ୍‌ଦାର: ଶ୍ରୀ ଆର୍ଯ୍ୟମଣି ସେନାପତି,** ପିତା: ଯଦୁମଣି ସେନାପତି, ଥୋରିଆ ସାହି, ମଙ୍ଗଳାବାଗ, କଟକ | **ଶାନ୍ତିଲତା ବେହୁରାଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୮୭୧/୧୩୮୩, ଖାତା ନଂ.: ୧୧, ୱାର୍ଡ ନଂ.: ୨୯, ୟୁନିଟ୍-୩୦, ମୌଜା: କଟକ ସହର, ତିନିଘରିଆ (ଗୋଶାଳା-ନୂଆସାହି ନିକଟ), କଟକ, କ୍ଷେତ୍ର: ଏକର୦.୦୮୦ଡିସିମିଲି, ଏହାର ଚତୁଃପାର୍ଶ୍ୱରେ- ପୂର୍ବ: ଗଳି ରାସ୍ତା, ପଶ୍ଚିମ: ଲୋକନାଥ ସ୍ୱାଇଁ, ଉତ୍ତର: ଚିନ୍ତାମଣି ଖୁଣ୍ଟିଆ, ଦକ୍ଷିଣ: ରାସ୍ତା (ଆମର ତାଲିକାଭୁକ୍ତ ମୂଲ୍ୟାୟନକାରୀଙ୍କ ମୂଲ୍ୟାଙ୍କନ ରିପୋର୍ଟ, ତା୦୮.୦୮.୨୦୨୫ରିଖ ଅନୁସାରେ) | ୦୫.୦୧.୨୦୧୧ / ୧୯.୧୨.୨୦୨୫ | ୧୩.୧୨.୨୦୨୫ ସୁଦ୍ଧା ଟ.୧୧,୫୮,୧୧୭.୫୨ ଯୁକ୍ତ ୧୪.୧୨.୨୦୨୫ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |
| **ବନ୍ତ ଛକ ଶାଖା /** ଋଣଗ୍ରହୀତାମାନେ: ୧) **ଶ୍ରୀ ରତ୍ନାକର ପରିଡା,** ପିତା: ପୁରୁଷୋତ୍ତମ ପରିଡା ଏବଂ ୨) **ଶ୍ରୀମତୀ ପୂଜାରିଣୀ ପରିଡା,** ସ୍ୱାମୀ: ଶ୍ରୀ ରତ୍ନାକର ପରିଡା, ଉଭୟଙ୍କ ଠିକଣା- ସା: ଇଛଦାମଜଫରପୁର, ପୋ: ଇଛଦା, ଥାନା: ଧାମନଗର, ଜିଲ୍ଲା: ଭଦ୍ରକ, ଓଡ଼ିଶା, ପିନ୍-୭୫୬୧୧୨ | **ଶ୍ରୀ ରତ୍ନାକର ପରିଡା,** ପିତା: ପୁରୁଷୋତ୍ତମ ପରିଡାଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୩୨୭/୨୭୧, ପ୍ଲଟ୍ ନଂ.: ୩୧୨, କ୍ଷେତ୍ର: ଏକର୦.୨୪ଡିସିମିଲି, ମୌଜା: ଇଛଦାମଜଫରପୁର, ଥାନା: ଧାମନଗର ରୁରାଲ, ତହସିଲ: ଧାମନଗର, ଜିଲ୍ଲା: ଭଦ୍ରକ, କିସମ: ଘରବାରି, ଏହାର ଚତୁଃପାର୍ଶ୍ୱରେ- ଉତ୍ତର: ବିଦ୍ୟାଧର ସାହୁଙ୍କ ପ୍ଲଟ୍ ନଂ. ୩୧୧, ଦକ୍ଷିଣ: ରାସ୍ତା, ପୂର୍ବ: ପାଣିନାଳ, ପଶ୍ଚିମ: ଜଳଧର ନାୟକଙ୍କ ପ୍ଲଟ୍ ନଂ. ୩୦୬ | ୧୩.୦୫.୨୦୨୫ / ୧୭.୧୨.୨୦୨୫ | ୧୨.୦୫.୨୦୨୫ ସୁଦ୍ଧା ଟ.୫୦,୦୮,୧୬୭.୧୦ (୦୯.୦୫.୨୦୨୫ ପର୍ଯ୍ୟନ୍ତ ସୁଧ ଅନ୍ତର୍ଭୁକ୍ତ) ଯୁକ୍ତ ୧୦.୦୫.୨୦୨୫ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |

ସ୍ଥାନ: କଟକ, ତାରିଖ: ୧୯.୧୨.୨୦୨୫ କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା



Your classified advertisement published in Dharitri will be listed free in Dharitri online edition :
www.dharitri.com

# ରାସ୍ତା ଉପରେ ଧାନବସ୍ତା ରଖି ଚାଷୀଙ୍କ ଧାରଣା

**ଡୁଙ୍ଗୁରିପାଲି,୧୯।୧୨(ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲାରେ ଧାନକିଣା ଚଳିତ ମାସ ୯ ତାରିଖ ମଙ୍ଗଳବାରରୁ ଆରମ୍ଭ ହୋଇଛି। ହେଲେ ଡୁଙ୍ଗୁରିପାଲି ବ୍ଲକ ସ୍ଥିତ ସାରସମାଲ ମଣ୍ଡିରେ ଧାନ ଉଠୁ ନ ଥିବାରୁ ଚାଷୀଙ୍କ ତୀବ୍ର ଅସନ୍ତୋଷ ଦେଖାଯାଇଛି। ଏହି ମଣ୍ଡିରେ ୧୬ ନଭେମ୍ବର ମଙ୍ଗଳବାରରୁ ଚାଷୀଙ୍କ ଧାନ ବିକ୍ରି ନେଇ ଉଦ୍‌ଘାଟନ କରାଯାଇଛି। ମଣ୍ଡିରେ ମାୟାବର୍ହା ଗ୍ରାମପଞ୍ଚାୟତର ସାଇ ବାବା ସ୍ୱୟଂ ସହାୟକ ଗୋଷ୍ଠୀ ଅଧିନରେ ଧାନ ବିକ୍ରି କରୁଥିବା ଧାନବସ, ଜୀବନଦାଦର, ମାୟାବର୍ହା, ସାରସମାଲ ଗ୍ରାମର ଶତାଧିକ ଚାଷୀ ଶୁକ୍ରବାର ରାମପୁର -ବରଗଡ ରାସ୍ତାର ଆନନ୍ଦବଜାର ମଣ୍ଡି ସମ୍ମୁଖ ରାସ୍ତା ଉପରେ ବସି ଆନ୍ଦୋଳନ ଜାରି ରଖିଛନ୍ତି। ମଣ୍ଡିରେ ଚାଷୀଙ୍କ ହଜାର ହଜାର କୁଇଣ୍ଟାଲ ଧାନ ରହିଥିବାବେଳେ ଏଯାଏ ଉଠି ନାହିଁ। ମିଲର୍ସ କଟନିଛଟନି ନ କରି ଧାନ ନେବା ପାଇଁ ରାଜରାସ୍ତା ଉପରେ ଆନ୍ଦୋଳନ ଜାରି ରଖିଛନ୍ତି ଚାଷୀ। ଏହି ମଣ୍ଡିରେ ମୋଟ ୬୮୦ ଜଣ ଚାଷୀ ଧାନ ବିକ୍ରି କରିବା ନେଇ ନାମ ପଞ୍ଜୀକରଣ କରିଛନ୍ତି। ୭ ମିଲର୍ସ ଧାନ କିଣିବା ନେଇ ବିଧିବଦ୍ଧ ଭାବେ ନିଷ୍ପତ୍ତି ହୋଇଛି। ଏହି ମଣ୍ଡିରୁ ୭ ହଜାର ୬ ଶହ ୮୬ କିଲୋ ଧାନ ଉଠିବା ଧାର୍ଯ୍ୟ ରହିଛି। ଚାଷୀଙ୍କ ଧାନ କ୍ରୟରେ ମାୟାବର୍ହାର ସାଇବାବା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ଦାୟିତ୍ୱରେ ନିୟୋଜିତ ହୋଇଛନ୍ତି। ଅନ୍ୟପକ୍ଷେ ଖବରପାଇ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ନିରଦ ରଞ୍ଜନ ଦାସ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରି ଚାଷୀଙ୍କୁ ଏଫଏକ୍ୟୁ ମାନର ଧାନ ମଣ୍ଡିରେ ବିକ୍ରି କରିବା ନେଇ ଅବଗତ କରାଇଛନ୍ତି। କିନ୍ତୁ ଚାଷୀଙ୍କ ଦାବି ଯେ, ଟୋକନ ସମସ୍ୟା ଦୂର କରାଯାଉ। ଏଯାଏ ଠିକ ଭାବେ ଟୋକନ ସବୁ ଆସି ନାହିଁ। ୩୧୬୯ ଟଙ୍କା ବଦଳରେ କାହିଁକି ୩୧୦୦ ଟଙ୍କା କୁଇଣ୍ଟାଲ ପିଛା ନିଆଯାଉଛି। ୩ଗୋଟି ଟ୍ରକ ଲାଗିଥିଲେ ମଧ ଧାନ କାହିଁକି ଉଠୁ ନାହିଁ ବୋଲି ଚାଷୀ ପ୍ରଶ୍ନ କରି ଧାନ ଉଠାଇବାକୁ ଦାବି କରିଛନ୍ତି। ଚାଷୀଙ୍କ ରାସ୍ତାରୋକୋ ଆନ୍ଦୋଳନରେ ପୋଲିସ ଫୋର୍ସ ମୁତୟନ କରାଯାଇଥିବାବେଳେ ରାମପୁର ଥାନା ଅଧିକାରୀ ପଦ୍ମାସିନୀ ମେହେର ଘଟଣା ସ୍ଥଳରେ ପହଞ୍ଚିଥିଲେ। ସୁବର୍ଣ୍ଣପୁର ଜିଲା ଏସିଏସଓ ରେବତୀ ସିଂ ନାଏକ, ରାମପୁର ଅତିରିକ୍ତ ତହସିଲଦାର ରୋହିତ, ବ୍ଲକ ଯୋଗାଣ ନିରୀକ୍ଷକ ଅଧିକାରୀ ସୂର୍ଯକାନ୍ତ ପରିଡା, ଧାନକ୍ରୟ କମିଟି ସଦସ୍ୟ ଉପସ୍ଥିତ ରହିଥିଲେ। ଜିଲା ପ୍ରଶାସନର ଅଧିକାରୀମାନେ ଚାଷୀଙ୍କ ସହ ଧାନ ବିକ୍ରି ସମସ୍ୟା ଉପରେ ଆଲୋଚନା କରିଥିଲେ ହେଁ ତାହା ସମାଧାନ ହୋଇପାରିନାହିଁ। ଚାଷୀମାନେ କଟନିଛଟନି ବନ୍ଦ କରି ଧାନ କିଣିବା ନେଇ ଜିଦ ଧରିଛନ୍ତି। ଚାଷୀମାନେ ସକାଳ ୬ଟା ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ରାସ୍ତାରେ ବସିଥିଲେ। ରାତି ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିଥିଲା। ରାସ୍ତାରୋକୋ ଆନ୍ଦୋଳନରେ ଚାଷୀ ରାଜେନ୍ଦ୍ର ସାହୁ, ମୁରଲୀଧର ସାହୁ, ପ୍ରଦୀପ ମାଝୀ, ଦିଲୀପ ସାହୁ, ଜେଠୁ କଠାର, ମହାଜନ ଭୋଇ, ନାରାୟଣ ପୁରୋହିତ, ସନ୍ତୋଷ ପଧାନ, ଉଦେ ସାହୁ, ପ୍ରସନ୍ନ ସାହୁ, ଡମ୍ବରୁ ଗରିଆ, ଅରବିନ୍ଦ ରାବଣ, ଶାନ୍ତନୁ ମାଝୀଙ୍କ ସମେତ ଶତାଧିକ ଚାଷୀ ସାମିଲ ହୋଇ ଆନ୍ଦୋଳନ ଜାରିରଖିଛନ୍ତି। ଘଟଣାସ୍ଥଳରେ ପୋଲିସ ଫୋର୍ସ ମୁତୟନ କରାଯାଇଛି।



ଚାଷୀମାନେ ରାସ୍ତା ଉପରେ ବସି ଆନ୍ଦୋଳନ କରୁଛନ୍ତି।

**ସାରସମାଲ ମଣ୍ଡିରେ ଉଠୁନି ଧାନ**

# ଅବକାରୀ ବିଭାଗର ଚଢ଼ାଉ, ୩ ଗିରଫ



ଗିରଫ ୩ ଅଭିଯୁକ୍ତ, ଜବତ କାର ଓ ଦେଶୀ ମଦ।

**ସୋନପୁର,୧୯।୧୨(ମୃତ୍ୟୁଞ୍ଜୟ ଶତପଥୀ)**

ସୋନପୁର ଅବକାରୀ ଥାନା ଓ ସୁବର୍ଣ୍ଣପୁର ଜିଲା ମୋବାଇଲ ୟୁନିଟ୍ ପକ୍ଷରୁ ତରଭା ଥାନା ନାଇକେନପାଲି ଓ ବଲାଡି ଅଞ୍ଚଳରେ ଶୁକ୍ରବାର ଚଢାଉ ହୋଇଥିଲା। ଅବକାରୀ ଥାନା ପକ୍ଷରୁ ନାଇକେନପାଲି ଛକ ନିକଟସ୍ଥ ଖୋଲା ପଡିଆରେ ଚଢାଉ କରିବା ୩୦୦ଲିଟର ଦେଶୀ ରନ୍ଧା ମଦ ଓ ଏକ କାର ନଂ. ଓଆର୨୩-୦୮୩୮ ଜବତ ହୋଇଛି। ଏହି ଘଟଣାରେ ତରଭା ଥାନା ବଲାଡି ଗ୍ରାମର ଅଖିଳ ସାହୁ(୩୧)ଙ୍କୁ ଗିରଫ କରାଯାଇଛି। ସେହିପରି ବଲାଡି ଗ୍ରାମର ଏକ ଖୋଲା ସ୍ଥାନରେ ଚଢାଉ ସମୟରେ ୩୦ଲିଟର ଦେଶୀ ରନ୍ଧା ମଦ ଜବତ ହୋଇଛି। ଏହି ଘଟଣାରେ ବଲାଡି ଗ୍ରାମର ଜିତୁ ସେଠୀ(୧୯)ଙ୍କୁ ଗିରଫ କରାଯାଇଛି। ମୋବାଇଲ ୟୁନିଟ୍ ପକ୍ଷରୁ ବଲାଡି ହାଇସ୍କୁଲ ପଛ ପଟ ଖେଳ ପଡିଆରେ ଚଢାଉ ହୋଇଥିଲା। ଏଥିରେ ୬୦ଲିଟର ଦେଶୀ ରନ୍ଧା ମଦ ଜବତ ହୋଇଛି। ଏହି ଘଟଣାରେ ବଲାଡି ଗ୍ରାମର ଶଙ୍କର୍ଷଣ କର୍ଣ୍ଣ(୩୩)ଙ୍କୁ ଗିରଫ କରାଯାଇଛି। ଅବକାରୀ ଥାନା ଓ ମୋବାଇଲ ୟୁନିଟ୍ ପକ୍ଷରୁ ପୃଥକ ପୃଥକ ତିନୋଟି ମାମଲା ରୁଜୁ ହୋଇଛି। ଶୁକ୍ରବାର ୩ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଅବକାରୀ ରେଞ୍ଜ ଇନ୍ସପେକ୍ଟର ହରପ୍ରସାଦ ରଣା, ମୋବାଇଲ ୟୁନିଟ୍ ଇନ୍ସପେକ୍ଟର ଗୋବିନ୍ଦ ନାଏକ, ଏସଆଇ ଶାନ୍ତନୁ କୁମାର ପଟ୍ଟନାୟକ ଓ ଟିମ୍, ଏଏସଆଇ ସନ୍ତୋଷ କୁମାର ସ୍ୱାଇଁ ଏବଂ ଆକାଶ ସାହୁ ପ୍ରମୁଖ ଚଢାଉରେ ସାମିଲ ଥିଲେ।

**କାର ସମେତ ୩୯୦ ଲିଟର ଦେଶୀମଦ ଜବତ**

# ଧାନ କିଣାବିକାକୁ ନେଇ ଅଚଳାବସ୍ଥା ଜାରି

## ଅଧାରୁ ଅଧିକ ଚାଷୀଙ୍କୁ ମିଳିନାହିଁ ଟୋକନ

**ବୀରମହାରାଜପୁର,୧୯।୧୨(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରଠାରେ ଖରିଫ ଧାନ କିଣାବିକାକୁ ନେଇ ଅଚଳବସ୍ଥା ଜାରି ରହିଥବା ଅଭିଯୋଗ ଆଣିଲା କୃଷକ ବିକାଶ ପରିଷଦ। ଚାଷୀଙ୍କ ପାଖରେ ଟୋକନ ପହଞ୍ଚି ପାରିନାହିଁ । ଠିକ ଭାବରେ ମଣ୍ଡିର ସୁପରିଚାଳନା ହେଉ ନ ଥିବା ବିଷୟକୁ ଏକ ଖବରଦାତା ସମ୍ମିଳନୀ ମାଧ୍ୟମରେ ଶୁକ୍ରବାର ସନ୍ଧ୍ୟାରେ ପ୍ରକାଶ କରାଯାଇଛି। ଏନେଇ ଜିଲା କୃଷକ ସଙ୍ଗଠନ ଉପସଭାପତି ଧରଣୀଧର ପାଢ଼ୀ କହିଛନ୍ତି, ଯଦି ସରକାର ଧାନ କିଣିବା ପାଇଁ ସକ୍ଷମ ନୁହଁନ୍ତି ତାହେଲେ ଚାଷୀମାନଙ୍କୁ ଛାଡିଦିଅନ୍ତୁ, ଚାଷୀ ତାଙ୍କର ମନମୁତାବକ ଯେଉଁଠି ପାରିବ ସେଇଠି ଧାନ ବିକିବବୋଲି ପ୍ରକାଶ କରିଥିଲେ । ଜିଲାରେ ୯୫ ଗୋଟି ମଣ୍ଡି ଥିବାବେଳେ, ଗତ ୯ ଡିସେମ୍ବରରେ ସୁବର୍ଣ୍ଣପୁର ଜିଲାପାଳ ଡ଼. ନୃପରାଜ ସାହୁ ମଣ୍ଡି ଖୋଲି ଦେଲେ ହେଲେ ଚାଷୀଙ୍କ ଧାନ କିଣିବା ପାଇଁ କୌଣସି ବନ୍ଦୋବସ୍ତ ହୋଇ ପାରୁନାହିଁ । ମଣ୍ଡି ମୁକୁଳା ପଡ଼ିରହିଛି। ଆବଶ୍ୟକ ଅନୁସାରେ ଟୋକନ ଦିଆଯାଇନାହିଁ। ରାଜ୍ୟ ସରକାର ଟୋକନ ବଣ୍ଟନ ବ୍ୟବସ୍ଥା ଜିଲାପାଳଙ୍କୁ କ୍ଷମତା ପ୍ରଦାନ କରନ୍ତୁ । ଧାନ କିଣା ବିଳମ୍ବ ହେଉଥିବାରୁ ଧାନ କିଣା ଅବଧି ବୃଦ୍ଧି କରିବା ସହିତ ବିନା କଟନିଛଟନୀରେ ଧାନ କିଣିବା ଉପରେ ସରକାର ଗୁରୁତ୍ୱ ଦେବାକୁ ଦାବି କରାଯାଇଛି । ଧାନ କିଣାବିକା ଅଚଳାବସ୍ଥା ଲାଗି ରହିଲେ ଆଗାମୀ ଦିନରେ ଦୁର୍ବାର ଆନ୍ଦୋଳନ କରାଯିବାକୁ ଚେତାବନୀ ଦେଇଥିଲେ । କୃଷକ ସଙ୍ଗଠନ ପକ୍ଷରୁ ଚାଷୀନେତା ଇଞ୍ଜିନିୟର ଆଶ୍ରୟ ମହାନନ୍ଦ, ଅକ୍ରୁର ଦନ୍ତା, ନରୋତ୍ତମ ପଧାନ, ରଞ୍ଜନ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ ।



ଧାନ କିଣା ବିକା ଅବ୍ୟବସ୍ଥାକୁ ନେଇ ବୀରମହାରାଜପୁର କୃଷକ ସଙ୍ଗଠନ ତରଫରୁ ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତା।

**ବୀରମହାରାଜପୁର କୃଷକ ସଙ୍ଗଠନ ପକ୍ଷରୁ ଆନ୍ଦୋଳନ ଚେତାବନୀ**

# ଚେକ୍ ବାଉନ୍ସ ମାମଲା: ଅଭିଯୁକ୍ତଙ୍କୁ ୬ ମାସ କାରାଦଣ୍ଡ

**ସୋନପୁର,୧୯।୧୨ (ମୃତ୍ୟୁଞ୍ଜୟ ଶତପଥୀ)**

ଏକ ଚେକ ବାଉନ୍ସ ମାମଲାର ବିଚାରକରି ସୁବର୍ଣ୍ଣପୁର ଜିଲା ତରଭା ଜେଏମ୍ଏଫସି କୋର୍ଟରେ ବିଚାରପତି ଗିରିଜା ଶଙ୍କର ବାଘ ଅଭିଯୁକ୍ତ ପ୍ରଦୀପ କୁମାର ସାହୁଙ୍କୁ ୬ମାସ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ତରଭା ସହରର ଭୋଲା କୁମାର ବର୍ମା ଏକ ଘରଡିହ ପାଇଁ ପ୍ଲଟ ଖୋଜୁଥିଲେ । ସେହି ସମୟରେ ଜମି ବ୍ୟବସାୟ କରୁଥିବା ତରଭା ପୌର୍ଣ୍ଣମାସୀ ପଡାର ପ୍ରଦୀପ କୁମାର ସାହୁ ୧୧ଲକ୍ଷ ଟଙ୍କାରେ ବର୍ମାଙ୍କୁ ଗୋଟିଏ ଆବାସିକ ପ୍ଲଟ ପ୍ରଦାନ କରିବାକୁ ରାଜି ହୋଇଥିଲେ। ପରେ ନଗଦ ଏବଂ ଆକାଉଣ୍ଟ ଟ୍ରାନ୍ସଫର ମାଧ୍ୟମରେ ବର୍ମା ଅଗ୍ରୀମ ଭାବରେ ପ୍ରଦୀପଙ୍କୁ ୬ଲକ୍ଷ ୫୦ହଜାର ଟଙ୍କା ଦେଇଥିଲେ। କିନ୍ତୁ ପ୍ରଦୀପ ବର୍ମାଙ୍କ ସପକ୍ଷରେ ପଞ୍ଜିକୃତ ବିକ୍ରୟ ଡିଡ କାର୍ଯ୍ୟକାରୀ କରି ନ ଥିଲେ । ବର୍ମା ଠକାମୀର ଶିକାର ହେବା ପରେ ଟଙ୍କା ଫେରି ପାଇବା ପାଇଁ ଉଦ୍ୟମ କରିଥିଲେ। ପ୍ରଦୀପ ୨୦୨୨ ଅଗଷ୍ଟ ୩୦ରେ ବର୍ମାଙ୍କୁ ଟଙ୍କା ଫେରାଇବା ବଦଳରେ ୨ଟି ଚେକ ପ୍ରଦାନ କରିଥିଲେ। ବର୍ମା ଉକ୍ତ ଚେକକୁ ତରଭା ଷ୍ଟେଟ ବ୍ୟାଙ୍କ ଶାଖାରେ ତାଙ୍କ ଆକାଉଣ୍ଟରେ ଜମା କରିଥିଲେ। ତେବେ ଆକାଉଣ୍ଟରେ ଆବଶ୍ୟକ ଟଙ୍କା ନ ଥିବାରୁ ଉଭୟ ଚେକ ବାଉନ୍ସ ହୋଇଥିଲା । ଟଙ୍କା ଫେରି ପାଇବାକୁ ବର୍ମା ଓକିଲଙ୍କ ଜରିଆରେ ଲିଗାଲ ନୋଟିସ ପ୍ରଦାନ କରିଥିଲେ। ତେବେ ପ୍ରଦୀପ ଟଙ୍କା ପେରସ୍ତ କରି ନ ଥିଲେ। ବର୍ମା ଆଇନର ଆଶ୍ରୟ ନେଇଥିଲେ। ଏହି ମାମଲାର ବିଚାର କରି ଜେଏମ୍ଏଫ୍‌ସି କୋର୍ଟ ଅଭିଯୁକ୍ତ ପ୍ରଦୀପଙ୍କୁ ୬ ମାସ କାରାଦଣ୍ଡ ସହ ୮ ଲକ୍ଷ ୨୫ ହଜାର ୬ ଶହ ଟଙ୍କା ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗକାରୀଙ୍କ ପକ୍ଷରୁ ବରିଷ୍ଠ ଓକିଲ ଆଦିକନ୍ଦ ପାଣିଗ୍ରାହୀ ମାମଲା ପରିଚାଳନା କରୁଥିଲେ।

# ମଣ୍ଡି ସମସ୍ୟାକୁ ନେଇ ଗର୍ଜିଲେ ଚାଷୀ




ମଣ୍ଡି ସମସ୍ୟା ନେଇ ଚାଷୀମାନେ ତହସିଲଦାରଙ୍କୁ ଦାବିପତ୍ର ଦେବା ପାଇଁ ଯାଉଛନ୍ତି।

**ବିନିକା,୧୯।୧୨ (ରାମଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳରେ ମଣ୍ଡି ଅଚଳ, ଟୋକନ ସମସ୍ୟାକୁ ନେଇ ଚାଷୀ ଗର୍ଜିଛନ୍ତି। କଟନୀଛଟନୀ ବନ୍ଦ ଦାବିରେ ଶ୍ରୀଗଣେଶ କୃଷକ ସଂଘ ବିନିକା ତରଫରୁ ସଭାପତି କୁନା ପଣ୍ଡାଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଶୁକ୍ରବାର ତହସିଲଦାରଙ୍କ ଜରିଆରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଚାଷୀମାନେ ପ୍ରଥମେ ବିନିକା ମାର୍କେଟ ୟାର୍ଡ଼ରେ ଏକ ବୈଠକ କରିବା ସହ ବିଶାଳ ଶୋଭାଯାତ୍ରାରେ ବାହାରି ବିଭିନ୍ନ ପ୍ରକାରର ନାରାବାଜୀ ଦେଇ ତହସିଲ କାର୍ଯ୍ୟାଳୟକୁ ଯାଇଥିଲେ। ପରେ ଆସନ୍ତା ୨ ଦିନ ଭିତରେ ମଣ୍ଡିର ସମସ୍ତ ସମସ୍ୟାର ସମାଧାନ ପାଇଁ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଯଦି ୨ ଦିନ ଭିତରେ ମଣ୍ଡି ସମସ୍ୟାର ସମାଧାନ ହେବ ନାହିଁ, ତା'ହେଲେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ ଜୋରଦାର କରାଯିବ ବୋଲି ଚେତାବନୀ ଦିଆଯାଇଛି।

**ତହସିଲଦାରଙ୍କୁ ଚାଷୀଙ୍କ ଦାବିପତ୍ର**


**ଫର୍ମ ନଂ. ୧୩**
**ରଣ ଅସୁଲି ପ୍ରାଧିକରଣ, କଟକ, ଓଡ଼ିଶାଙ୍କ ଇଜିଲାସ୍**
**ସି-୭୧, ସେକ୍ଟର-୭, ସିଡିଏ, କଟକ, ଓଡ଼ିଶା**
**ମୂଳ ଦରଖାସ୍ତ ନଂ.: ୨୦୨୫ ର ୫୩୪**

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ଭୁବନେଶ୍ୱର ...ଆବେଦନକାରୀ
ବନାମ
ଶ୍ରୀ କୃଷ୍ଣ ଚନ୍ଦ୍ର ବିଶ୍ୱାଳ ...ପ୍ରତିବାଦୀ(ମାନେ)
ପ୍ରାପ୍ତେଷୁ,
୧) ଶ୍ରୀ କୃଷ୍ଣ ଚନ୍ଦ୍ର ବିଶ୍ୱାଳ, ପିତା: ଶଙ୍କର ବିଶ୍ୱାଳ, ସ୍ୱତ୍ତ୍ୱାଧିକାରୀ: ମେସର୍ସ ବିଶ୍ୱାଳ ଟ୍ରେଡର୍ସ, ସା: ପ୍ଲଟ୍ ନଂ.: ୨୫୧୭, ପାଣ୍ଡରା, ହାଇ-ଟେକ୍ ମେଡିକାଲ କଲେଜ ନିକଟ, ଭୁବନେଶ୍ୱର-୭୫୧୦୧୦, ଜିଲ୍ଲା: ଖୋର୍ଦ୍ଧା (ଓଡିଶା) ...ପ୍ରତିବାଦୀ ନଂ.୧

**ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ଖବରକାଗଜ ପ୍ରକାଶନ ଦ୍ୱାରା ଜାରି ସମନ**

ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଅଛି କି ଆବେଦନକାରୀ ଓ.ଏ. ନଂ.: ୨୦୨୫ ର ୫୩୪ ଦ୍ୱାରା ଟ.୪୭,୨୩,୫୫୭.୦୦ ମାତ୍ର ରଣ ରାଶି ଓ ତତ୍‌ସହିତ ଚଳିତ ଏବଂ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଆଦାୟ ପାଇଁ ରଣ ଅସୁଲି ପ୍ରାଧିକରଣ, କଟକଙ୍କ ଠାରେ ଏକ ମୋକଦ୍ଦମା ରୁଜୁ କରିଛନ୍ତି । ତେଣୁ ଏତଦ୍‌ଦ୍ୱାରା ଉପରଲିଖିତ ପ୍ରତିବାଦୀମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେମାନେ ଏହି ନୋଟିସ୍ ପ୍ରକାଶନର ୩୦ଦିନ ମଧ୍ୟରେ କିମ୍ବା ତା.୦୫.୦୩.୨୦୨୬ରିଖ ପୂର୍ବାହ୍ନ ୧୦.୩୦ ଘଟିକା ସମୟରେ ଉପରୋକ୍ତ ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ।

ଏହି ନୋଟିସ୍ ଦ୍ୱାରା ଅବଗତ କରାଇଦିଆଯାଉଅଛି ଯେ ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କର ଅନୁପସ୍ଥିତିରେ ଦରଖାସ୍ତର ଶୁଣାଣି ଏବଂ ବିଚାର କରାଯିବ।

ରଣ ଅସୁଲି ପ୍ରାଧିକରଣଙ୍କ ଦସ୍ତଖତ ଏବଂ ସହିମୋହର ସହ ଦିନାଙ୍କ ୧୬ ଡିସେମ୍ବର ୨୦୨୫ରେ ଆଦିଷ୍ଟ। ସ୍ୱା/- (ନିଖିଳ ରଞ୍ଜନ ପତି) ରେଜିଷ୍ଟ୍ରାର



**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/25-26/E-Tender/97, ତା.16.12.2025ରିଖ

(1) ଟେଣ୍ଡର ସଂ. e-tender-CENTKUR-323-2025, ତା.11.12.2025ରିଖ
ବିବରଣୀ : ସାନକେରେଜାଙ୍ଗ JSPL-କେରେଜାଙ୍ଗ ଲାଇନ ନିକଟରେ ନାଲକୋ ସାଇଡିଙ୍ଗର ଟେକ୍‌ଅଫ୍ ପଏଣ୍ଟରୁ ରେଲଓ୍ୱେ ୟାର୍ଡର ଇଣ୍ଟରଲକିଙ୍ଗ ନିମନ୍ତେ କେରେଜାଙ୍ଗ ଷ୍ଟେସନର ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଙ୍ଗରେ ପରିବର୍ତ୍ତନ ସମ୍ବନ୍ଧୀୟ ଗୁମଟିର ନିର୍ମାଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 39.37 ଲକ୍ଷ, EMD : ₹ 78,800/-

(2) ଟେଣ୍ଡର ସଂ. e-tender-CENTKUR-324-2025, ତା.11.12.2025ରିଖ
ବିବରଣୀ : ଡିପୋଜିଟ୍ ସ୍କିମ୍ ଅଧିନରେ 3 ବର୍ଷ ଅବଧି ନିମନ୍ତେ ତାଳଚେର ଠାରେ MCL ସାଇଡିଙ୍ଗ (ତାଳଚେର ଷ୍ଟେସନ ଠାରୁ TLSB ୟାର୍ଡ ପର୍ଯ୍ୟନ୍ତ), JNC/64 ପର୍ଯ୍ୟନ୍ତ SPUR-3&4 ସହିତ TLSB କ୍ୟାବିନ୍ (EX) ଠାରୁ ଜଗନ୍ନାଥ ସାଇଡିଙ୍ଗ, TLSB କ୍ୟାବିନ୍ (EX) ଜଗନ୍ନାଥ SILO ଲାଇନ (JNC / 125), ତାଳଚେର ଠାରୁ ଦେଉଳବେଡ଼ା ଏବଂ DB1 ୟାର୍ଡର ER ଲାଇନ ଠାରୁ DL/2/17 ପର୍ଯ୍ୟନ୍ତ) (SPUR-1&2 ଏବଂ ER ଲାଇନ ସହିତ TLSB (EX) ଠାରୁ ସାଉଥ ବଳଣ୍ଡା (UP & DN), SPUR-7&8 ସହିତ ସାଉଥ ବଳଣ୍ଡା (EX) ଠାରୁ ଭରତପୁର ୟାର୍ଡ ଏବଂ ଜଗନ୍ନାଥ ଭରତପୁର-କଳିଙ୍ଗ କନେକ୍ଟିଭିଟି (JNC/64 - JNC4/11))ର ପ୍ରସ୍ତାବିତ ବାର୍ଷିକ ରକ୍ଷଣାବେକ୍ଷଣ ଏବଂ ବିବିଧ କାର୍ଯ୍ୟସମୂହ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 2310.45 ଲକ୍ଷ, EMD : ₹ 13,05,200/-

(3) ଟେଣ୍ଡର ସଂ. e-tender-NORTHKUR-325-2025, ତା.11.12.2025ରିଖ
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ / ଯାଜପୁର କେନ୍ଦୁଝର ରୋଡ଼ ପରିସୀମା ଅଧିନରେ ରେଲଗୁଡ଼ିକର ପେଣ୍ଟିଙ୍ଗ, ERCs ର ଗ୍ରୀସିଙ୍ଗ ଏବଂ ଲାଇନର କଣ୍ଟାକ୍ଟ ଏରିଆର ସିଲିଙ୍ଗ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 261.27 ଲକ୍ଷ, EMD : ₹ 2,80,600/-

ଶେଷ ହେବା ଅବଧି : 06 (ଛଅ) ମାସ (କ୍ରମ ସଂ. 1 ପାଇଁ), 36 (ଛତିଶି) ମାସ (କ୍ରମ ସଂ. 2 ପାଇଁ) ଏବଂ 12 (ବାର) ମାସ (କ୍ରମ ସଂ. 3 ପାଇଁ)।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.02.01.2026ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟରଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ଼
PR-920/Q/25-26



**इंडियन पोर्ट रेल एंड रोपवे कॉर्पोरेशन लिमिटेड**
(पत्तन, पोत परिवहन एवं जलमार्ग मंत्रालय भारत सरकार के अधीन संयुक्त उद्यम)
**ଇଣ୍ଡିଆନ୍ ପୋର୍ଟ ରେଲ୍ ଆଣ୍ଡ ରୋପ୍‌ଓ୍ୱେ କର୍ପୋରେଶନ ଲିଃ**
(ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧୀନରେ ଏକ ଯୌଥ ଉଦ୍ୟୋଗ କମ୍ପାନୀ)
ସିଆଇଏନ୍ ନଂ.: ୟୁ୬୦୩୦୦ଡିଏଲ୨୦୧୫ପିଏଲ୍‌ସି୨୮୨୭୦୩ (ଏକ ଆଇଏସ୍‌ଓ ୯୦୦୧, ୧୪୦୦୧, ୪୫୦୦୧ ଓ ୩୭୦୦୧ ପ୍ରମାଣିତ କମ୍ପାନୀ)
SAGARMALA

**ଭାରତୀୟ ରେଳପଥ - ଶକ୍ତିସଞ୍ଚରଣ ସମ୍ବନ୍ଧୀୟ ସାର୍ବଜନୀନ ବିଜ୍ଞପ୍ତି**

ଦକ୍ଷିଣ ପୂର୍ବ ମଧ୍ୟ ରେଳପଥର ସମାପ୍ତ ସେକ୍ସନରେ ଅବସ୍ଥିତ ରେଳ ଲାଇନ ଏବଂ ପରିସରର ସମସ୍ତ ବ୍ୟବହାରକାରୀଙ୍କୁ ଏତଦ୍ଦ୍ୱାରା ସୂଚାଇ ଦିଆଯାଉଛି ଯେ ୨୫୦୦୦ ଭୋଲ୍ଟ ୫୦ ହର୍ଜ ଏସି ଓଭରହେଡ୍ ଟ୍ରାକ୍ସନ ତାରଗୁଡ଼ିକୁ ସେକ୍ସନରେ ନିର୍ଦ୍ଦିଷ୍ଟ ତାରିଖରେ କିମ୍ବା ତା'ପରେ ଶକ୍ତି ପ୍ରଦାନ କରାଯିବା ସେହି ତାରିଖରୁ ଏବଂ ସେହି ସମୟରେ ଓଭରହେଡ୍ ଟ୍ରାକ୍ସନ୍ ଲାଇନଗୁଡ଼ିକୁ ସର୍ବଦା ସକ୍ରିୟ ଭାବରେ ବିବେଚନା କରାଯିବ ଏବଂ କୌଣସି ଅନଧିକୃତ ବ୍ୟକ୍ତି ଉକ୍ତ ଓଭରହେଡ୍ ଲାଇନ ନିକଟରେ ପହଞ୍ଚିବେ ନାହିଁ କିମ୍ବା କାର୍ଯ୍ୟ କରିବେ ନାହିଁ।

| ବିଭାଗ | ଠାରୁ | ପର୍ଯ୍ୟନ୍ତ | ତାରିଖ |
|---|---|---|---|
| ଏମ୍‌ସିଏଲ୍-୩ର ଆଇବି ଭ୍ୟାଲି ଏରିଆସ୍ଥିତ ଏଲ୍‌ଓସିଏମ-୩ ସାଇଡିଂ ଲାଇନ୍, ବିଳାସପୁର ଡିଭିଜନରେ ବ୍ରଜରାଜନଗରଠାରେ ଏସ୍‌ଏସ୍‌ପି ସହିତ ବିଆରଜେଏନ୍-ଏଲକେକେଆର୍ ବିଭାଗ | ଏଲଓସିଏମ-୩/୨୯ (ସିଏଚ୍: ୩/୩୭୪.୦୦) | ଏଲଓସିଏମ-୪/୧୭ (ସିଏଚ୍: ୪/୪୫୭.୫୦) | ୨୨।୧୨।୨୦୨୫ |

**ଏସି ୨୫ କେଭି ଟ୍ରାକ୍ସନର ପରିଚୟ ପ୍ରଦାନ "ରାସ୍ତା ବ୍ୟବହାରୀକାରୀଙ୍କ ପାଇଁ ସତର୍କ ସୂଚନା"**

ଜନସାଧାରଣଙ୍କ ସୂଚନା ପାଇଁ ସୂଚିତ କରାଯାଉଛି ଯେ, ଏମସିଏଲର ଆଇବି ଭ୍ୟାଲି ଅଞ୍ଚଳରେ ଏଲଓସିଏମ ସାଇଡିଂ ଲାଇନରେ ପାରମ୍ପରିକ ପ୍ରକାରର ୨୫ କେଭି ଏସି ସିଙ୍ଗଲ ଫେଜ୍ ଓଭରହେଡ୍ ଟ୍ରାକ୍ସନ ତାରଗୁଡ଼ିକର ଶକ୍ତି ସଞ୍ଚାରଣ ସମ୍ପର୍କରେ, ବ୍ରଜରାଜନଗର ଷ୍ଟେସନ ଶେଷ ପାଖରୁ ସ୍ଥାନୀୟ ସଂ. ଏଲଓସିଏମ-୩/୨୯ (ସିଏଚ୍: ୩/୩୭୪.୦୦)ରୁ ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ରେଳପଥର ବିଳାସପୁର ଡିଭିଜନର ଆଇବି ଭ୍ୟାଲି ଅଞ୍ଚଳ (ଆରକେଏମ୍-୧.୧୪୨, ଟିକେଏମ୍-୨.୩୮୬)ରେ ଲାଜକୁରା ଶେଷଠାରେ ସ୍ଥାନୀୟ ସଂ, ଏଲଓସିଏମ-୪/୧୭ (ସିଏଚ୍: ୪/୪୫୭.୫୦) ପର୍ଯ୍ୟନ୍ତ ଯାତ୍ରା ଆରମ୍ଭ କରିବା ପାଇଁ ୪.୬୮ ମିଟର ଏବଂ ରାସ୍ତାଠାରୁ ଅଧିକ ଉଚ୍ଚତା ଥିବା ସମସ୍ତ ଲେଭଲ କ୍ରସିଂରେ ଉଚ୍ଚତା ଗେଜ ସ୍ଥାପନ କରାଯାଇଛି ଯାହା ଦ୍ୱାରା ଅତ୍ୟଧିକ ଉଚ୍ଚତାର ଭାର ସଂସ୍ପର୍ଶରେ ଆସିବା କିମ୍ବା ଲାଇଭ୍ ଟ୍ରାକ୍ସନ ତାର (କଣ୍ଟାକ୍ଟ ତାର) ସହିତ ବିପଦପୂର୍ଣ୍ଣ ନିକଟତାକୁ ରୋକାଯାଇପାରିବ, ଯାହା ଲେଭଲ କ୍ରସିଂରେ ରେଳ ସ୍ତରଠାରୁ ସର୍ବନିମ୍ନ ୫.୫ ମିଟର ଉଚ୍ଚତାରେ ରହିବ।

ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ, ଯାନବାହନକୁ ବୋଝେଇ କରିବା ସମୟରେ ଉପରେ ଦର୍ଶାଯାଇଥିବା ଉଚ୍ଚତାକୁ ଧ୍ୟାନରେ ରଖିବା ତଥା କୌଣସି ପରିସ୍ଥିତିରେ ମଧ୍ୟ ଯାନବାହନରେ ବୋଝେଇ ହୋଇଥିବା ସାମଗ୍ରୀ ହାଇଟ୍ ଗେଜ୍‌କୁ ଲଙ୍ଘନ ନ କରୁ ତାହା ଦୃଷ୍ଟିରେ ରଖିବା ଆବଶ୍ୟକ। ଯାନବାହନରେ ଅତ୍ୟଧିକ ଉଚ୍ଚତାରେ ଜିନିଷପତ୍ର ବୋଝେଇ କରିବାର ବିପଦଗୁଡ଼ିକ ହେଲା:
୧) ହାଇଟ୍ ଗେଜ୍ ପ୍ରତି ବିପଦ ଏବଂ ପରିଣତିସ୍ୱରୂପ, ରାସ୍ତା ଓ ରେଳଧାରଣା ଅବରୋଧ।
୨) ବହନ କରାଯାଉଥିବା ସାମଗ୍ରୀ କିମ୍ବା ଉପକରଣ ପ୍ରତି ବିପଦ।
୩) କଣ୍ଡକ୍ଟର ସଂସ୍ପର୍ଶରେ ଆସି କିମ୍ବା ଏହାର ବିପଜ୍ଜନକ ପରିସର ମଧ୍ୟକୁ ଆସିଲେ ଅଗ୍ନିକାଣ୍ଡ ଓ ଜୀବନ ପ୍ରତି ବିପଦ।
ସ୍ଥାନ: ଲାଜକୁରା
ତାରିଖ: ୨୦।୧୨।୨୦୨୫
[illegible] ସାଧାରଣ ପରିଚାଳକ/ଇଲେକ୍ଟ୍. ଆଇପିଆରସିଏଲ୍



**TPWODL**
**ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିଡବ୍ଲ୍ୟୁଓଡିଏଲ୍)**
କର୍ପୋରେଟ୍ କାର୍ଯ୍ୟାଳୟ - ବୁର୍ଲା, ସମ୍ବଲପୁର - ୭୬୮୦୧୭ (ଓଡ଼ିଶା)

**ସର୍ବସାଧାରଣ ବିଜ୍ଞପ୍ତି**

**ମାମଲା ନଂ. ୧୨୮/୨୦୨୫**

**ଓଇଆର୍‌ସି (ହ୍ୱିଲିଂ ଶୁଳ୍କସୂଚୀ ଏବଂ ଖୁଚୁରା ଯୋଗାଣ ଶୁଳ୍କସୂଚୀର ନିର୍ଦ୍ଧାରଣ ନିମନ୍ତେ ନିୟମ ଓ ସର୍ତ୍ତାବଳୀ) ନିୟମାବଳୀ, ୨୦୨୨ ଅନୁଯାୟୀ ଆର୍ଥିକ ବର୍ଷ ୨୦୨୬-୨୭ ନିମନ୍ତେ ମୋଟ ରାଜସ୍ୱ ଆବଶ୍ୟକତାର ଅନୁମୋଦନ ଏବଂ ହ୍ୱିଲିଂ ଶୁଳ୍କସୂଚୀ ଓ ଖୁଚୁରା ଯୋଗାଣ ଶୁଳ୍କସୂଚୀ ନିର୍ଦ୍ଧାରଣ ନିମନ୍ତେ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିଡବ୍ଲ୍ୟୁଓଡିଏଲ୍) ଦ୍ୱାରା ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ, ଭୁବନେଶ୍ୱର-୨୧ଙ୍କ ନିକଟରେ ବିଦ୍ୟୁତ୍ ଅଧିନିୟମ, ୨୦୦୩ର ଧାରା ୬୪(୨) ସହିତ ପଠନପୂର୍ବକ ଓଇଆର୍‌ସି (ବ୍ୟବସାୟର ସଞ୍ଚାଳନ) ନିୟମାବଳୀ, ୨୦୦୪ର ନିୟମ ୫୩(୭) ଅଧୀନରେ ଦାଖଲ କରିଥିବା ଦରଖାସ୍ତର ପ୍ରକାଶନ ।**

୧. ଟିପିଡବ୍ଲ୍ୟୁଓଡିଏଲ୍, ଆର୍ଥିକ ବର୍ଷ ୨୦୨୬-୨୭ ନିମନ୍ତେ ଏହାର ମୋଟ ରାଜସ୍ୱ ଆବଶ୍ୟକତାର ଅନୁମୋଦନ ଏବଂ ହ୍ୱିଲିଂ ଶୁଳ୍କସୂଚୀ ଓ ଖୁଚୁରା ଯୋଗାଣ ଶୁଳ୍କସୂଚୀ ନିର୍ଦ୍ଧାରଣ ନିମନ୍ତେ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗଙ୍କ ନିକଟରେ ତା.୨୯।୧୧।୨୦୨୫ରିଖ ଦିନ ନିଜର ଦରଖାସ୍ତ ଦାଖିଲ କରିଛି, ଯାହା ମାମଲା ନଂ.୧୨୮/୨୦୨୫ ଭାବେ ପଞ୍ଜୀକୃତ ହୋଇଛି । ଏହି ଦରଖାସ୍ତକୁ ବିଦ୍ୟୁତ୍ ଅଧିନିୟମ ୨୦୦୩ର ଧାରା ୬୨ ଓ ଅନ୍ୟାନ୍ୟ ପ୍ରଯୁଜ୍ୟ ବ୍ୟବସ୍ଥାପନ ସହିତ ପଠନପୂର୍ବକ ଓଇଆର୍‌ସି (ହ୍ୱିଲିଂ ଶୁଳ୍କସୂଚୀ ଏବଂ ଖୁଚୁରା ଯୋଗାଣ ଶୁଳ୍କସୂଚୀ ନିର୍ଦ୍ଧାରଣ ନିମନ୍ତେ ନିୟମ ଓ ସର୍ତ୍ତାବଳୀ) ନିୟମାବଳୀ, ୨୦୨୨, ଓଇଆର୍‌ସି (ବ୍ୟବସାୟର ସଞ୍ଚାଳନ) ନିୟମାବଳୀ, ୨୦୦୪ ଅଧୀନରେ ଦାଏର କରାଯାଇଛି । ଆୟୋଗ ଏକ ଜନଶୁଣାଣି ମାଧ୍ୟମରେ ମାମଲାକୁ ଫଇସଲା କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି ।

୨.–୭. [illegible]

www.tpwesternodisha.com
www.orierc.org



**बैंक ऑफ़ बड़ौदा Bank of Baroda**
**ବ୍ୟାଙ୍କ ଅଫ୍ ବରୋଦା**
 କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ, ଦ୍ୱିତୀୟ ମହଲା
ଚଳଚ୍ଚିତ୍ର ଭବନ, ବକ୍ସି ବଜାର, କଟକ-୭୫୩୦୦୧

**ଦଖଲ ବିଜ୍ଞପ୍ତି**
**(ସ୍ଥାବର ସମ୍ପତ୍ତି ନିମନ୍ତେ)**

[illegible]

ସ୍ଥାନ: କଟକ, ତାରିଖ: ୧୯.୧୨.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା



Your classified advertisement published in Dharitri will be listed free in Dharitri online edition :
**www.dharitri.com**

# ସମନ୍ୱିତ ଉନ୍ନତି ଲକ୍ଷ୍ୟ, ଜୈବ ବିବିଧତା ସଂରକ୍ଷଣ ଉପରେ ଜାତୀୟ ଆଲୋଚନାଚକ୍ର

ସୁନ୍ଦରଗଡ,୧୯।୧୨(ଜୟ ନାରାୟଣ ମେଣ୍ଡୁଲି)



ଅତିଥିଙ୍କ ଦ୍ୱାରା ସ୍ମରଣିକା ଉନ୍ମୋଚିତ କରାଯାଉଛି।

ସୁନ୍ଦରଗଡ ସରକାରୀ ମହିଳା ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗ, ଇକୋ କ୍ଲବ, ଆଇକ୍ୟୁସି ଓ ଆଇଆରସିର ମିଳିତ ଆନୁକୂଲ୍ୟରେ ସମନ୍ୱିତ ଉନ୍ନତି ଲକ୍ଷ୍ୟ ଏବଂ ଜୈବ ବିବିଧତା ସଂରକ୍ଷଣ ଉପରେ ଦ୍ୱିଦିବସୀୟ ଜାତୀୟ ଆଲୋଚନା ଚକ୍ର ଶୁକ୍ରବାର ଠାରୁ ଆରମ୍ଭ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟର ସହକାରୀ ପ୍ରଫେସର ପୀତବାସ ଭୋଇ ଉଦଘାଟନୀ ସମାରୋହରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବରେ କଲିକତା ଭିକ୍ଟୋରିଆ ଇନଷ୍ଟିଚ୍ୟୁସନର ଉଦ୍ଭିଦ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ତଥା ଉଦ୍ଭିଦ ବିଜ୍ଞାନୀ ଡ. ରାଜେନ୍ଦ୍ର ୟୋନଜୋନ ଯୋଗ ଦେଇ ନିଜ ଅଭିଭାଷଣରେ ହିମାଳୟ ଅଞ୍ଚଳର ଜୈବ ବିବିଧତା ଓ ଅର୍କିଡ ପ୍ରଜାତିର ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଯୋଗୀମାଲ ମହାବିଦ୍ୟାଳୟର ଅଧ୍ୟାପକ ତଥା ରେଡକ୍ରସ ମାଷ୍ଟର ଟ୍ରେନର ସୁମନ୍ତ କୁମାର ଦ୍ୱିବେଦୀ ଯୋଗଦେଇ ସ୍ଥାୟୀ ବିକାଶ କ୍ଷେତ୍ରରେ ଯୁବ ସମାଜର ଭୂମିକା ଏବଂ ସମାଜ ସେବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଅଧ୍ୟାପିକା ରୁକୁବାଳା ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅସରରେ ଅତିଥିମାନଙ୍କ ଦ୍ୱାରା ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ବିଭାଗୀୟ ମୁଖ୍ୟ ତଥା ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. ସାରଦା ପ୍ରସାଦ ମହାପାତ୍ର ଉପସ୍ଥିତ ଥିଲେ। ଆୟୋଜକ କମିଟିର ମୁଖ୍ୟ ସଂଯୋଜିକା ସଂଯୋଜକ ଡ. ଚିତ୍ତରଞ୍ଜନ ବାରିକ, ଦୀପାଞ୍ଜଳୀ ହାନସଦା, ନୟନ ଶଙ୍କରିଆ, ଘନଶ୍ୟାମ ଜୟପୁରିଆ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଷୟ ବିଶେଷଜ୍ଞ ଓ ଛାତ୍ରୀମାନେ ଉପସ୍ଥିତ ଥିଲେ।

# ରାଜଗାଙ୍ଗପୁର ମହୋତ୍ସବ ଝରଝରା ଉଦ୍‌ଘାଟିତ

ରାଜଗାଙ୍ଗପୁର,୧୯।୧୨(ଅଶୋକ ପାଣି)


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁରର ୧୬ତମ ଲୋକକଳା ମହୋତ୍ସବ ଝରଝରା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷିରେ ପ୍ରଥମେ ଶୁକ୍ରବାର ସକାଳୁ ମହୋତ୍ସବ କମିଟିର ସଭାପତି ଆନନ୍ଦ ଅଗ୍ରୱାଲ, ଉପସଭାପତି ରମେଶ ଅଗ୍ରୱାଲ, ସମ୍ପାଦକ ଅଶୋକ ଦାସ, କୋଷାଧ୍ୟକ୍ଷ ପଵନ ଅଗ୍ରୱାଲ, ଅଜୟ ସାହୁ ପ୍ରମୁଖଙ୍କ ନେତୃତ୍ୱରେ ସ୍ଥାନୀୟ ଶୈବପୀଠ ଘୋଘର ମନ୍ଦିରରେ ପୂଜାର୍ଚ୍ଚନା କରି ସେଠାରୁ ଏକ ମସାଲ ଯାତ୍ରା ଆରମ୍ଭ ହୋଇ ଓସିଏଲ କଲୋନିରେ ଥିବା ଜଗନ୍ନାଥ ମନ୍ଦିରରେ ପହଞ୍ଚିଥିଲା। ସେଠାରେ ଡାଲମିଆ ସିମେଣ୍ଟର ମୁଖ୍ୟ ଚେତନ ଶ୍ରୀବାସ୍ତବ ମସାଲକୁ ସ୍ୱାଗତ କରିବା ସହ ମସାଲ ଯାତ୍ରାରେ ଭାଗ ନେଇଥିଲେ। ସେଠାରୁ ମସାଲ ଯାତ୍ରା ସହର ପରିକ୍ରମଣ କରି ଫୁଟବଲ ପଡିଆରେ ପହଞ୍ଚି ସ୍ଥାପନା କରାଯାଇଥିଲା। ସନ୍ଧ୍ୟାରେ ଫୁଟବଲ ପଡିଆରେ ହେଉଥିବା ମହୋତ୍ସବ ଉଦ୍‌ଘାଟିତ ହୋଇଥିଲା। ଏଥିରେ ସମ୍ମାନିତ ଅତିଥିଭାବେ ରାଜଗାଙ୍ଗପୁର ତହସିଲଦାର ଜଗବନ୍ଧୁ ମଲ୍ଲିକ, ଏକଜିକ୍ୟୁଟିଭ ଅଫିସର ଗୋବିନ୍ଦ ଡନସନା ପ୍ରମୁଖ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ରାଜଗାଙ୍ଗପୁରର ବାସିନ୍ଦା ତଥା ଅଲିମ୍ପିଆଡ ନମିତା ଟପ୍ପୋ, ଡକ୍ଟର ସରୋଜିନି ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ସଭାକାର୍ଯ୍ୟ ପରେ ସ୍ଥାନୀୟ କଳାକାରଙ୍କ ବ୍ୟତିତ ରାଜ୍ୟ ତଥା ବାହାରୁ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନମାନ ଯୋଗଦେଇ ନିଜର କଳା ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ସମ୍ବଲପୁରର ହାସ୍ୟ କଳାକାର ଯୋଗେଶ ଯୋଯୋ ରହିଥିଲେ।

# ଡାଲମିଆ ବିଦ୍ୟାମନ୍ଦିର ସମୂହର ବାର୍ଷିକ ସମାବେଶ

ରାଜଗାଙ୍ଗପୁର,୧୯।୧୨( ଅଶୋକ ପାଣି)



ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ଡାଲମିଆ ସିମେଣ୍ଟ ଭାରତ ଲିମିଟେଡ୍ ଦ୍ୱାରା ପରିଚାଳିତ ହେଉଥିବା ବିଦ୍ୟାଳୟ ସମୂହର ବାର୍ଷିକ ସମାବେଶର ଉଦ୍‌ଘାଟନୀ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥିଭାବରେ ଡାଲମିଆ ସିମେଣ୍ଟ ଭାରତ ଲିମିଟେଡର କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀଚେତନ ଶ୍ରୀବାସ୍ତବ, ସରୋଜ ଶ୍ରୀବାସ୍ତବ ତଥା ଡାଲମିଆ ବିଦ୍ୟା ମନ୍ଦିର ସମୂହର ମୁଖ୍ୟ ଶିକ୍ଷା ଅଧିକାରୀ ଡ. ରୋଜେଲ୍ଲା ଭଲିଇମ ଯୋଗ ଦେଇଥିଲେ। ତାମିଲନାଡୁ, ଗୁଜରାଟ, ଆନ୍ଧ୍ର ପ୍ରଦେଶ, ମେଘାଳୟ, ବିହାର ତଥା ଓଡ଼ିଶାର ବିଦ୍ୟାଳୟ ଗୁଡିକରୁ ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ। ପ୍ରାୟ ୪୫ ଜଣ ଶିକ୍ଷାବିତଙ୍କ ଦ୍ୱାରା ଏହି ପ୍ରତିଯୋଗିତାର ମୂଲ୍ୟାଙ୍କନ କରାଯାଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଡାଲମିଆ ସିମେଣ୍ଟ ଭାରତ ଲିମିଟେଡ଼ର ବହୁ ବରିଷ୍ଠ ଅଧିକାରୀ ଭରତ ଅଗ୍ରୱାଲ ( ଅର୍ଥ ବିଭାଗ ମୁଖ୍ୟ), ବିଶ୍ୱଜିତ ସାମନ୍ତରାୟ, (ସିଭିଲ ମୁଖ୍ୟ), ଶୁଭଦର୍ଶିନୀ ପାଇକରାୟ (ମାନବ ସମ୍ବଳ ବିଭାଗ)ପ୍ରମୁଖ ଯୋଗଦେବା ସହ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ରାଜଗାଙ୍ଗପୁର ଡାଲମିଆ ବିଦ୍ୟା ମନ୍ଦିର ଏହି ପ୍ରତିଯୋଗିତାର ଶ୍ରେଷ୍ଠ ବିଦ୍ୟାଳୟ ଭାବରେ ବିବେଚିତ ହୋଇ ଶୈକ୍ଷିକ ଗୁଣବତ୍ତା ଟ୍ରଫି ହାସଲ କରିଥିଲା। ସିନିୟର ବର୍ଗରେ ଡାଲମିଆ ପୁରମ ବିଦ୍ୟାଳୟ ଓ ଜୁନିଅର ବର୍ଗରେ ସୁତ୍ରାପଡା ଗୁଜରାଟ ବିଦ୍ୟାଳୟ ଟ୍ରଫି ହାତେଇ ଥିଲେ। କଲ୍ୟାଣପୁର ବିହାର ବିଦ୍ୟାଳୟକୁ ସ୍ୱତନ୍ତ୍ର ଜୁରୀ ଟ୍ରଫିରେ ସମ୍ମାନିତ କରାଯାଇଥିଲା। ସମସ୍ତ ବିଦ୍ୟାଳୟଗୁଡିକର ଅଧକ୍ଷ ତଥା ଶିକ୍ଷୟିତ୍ରୀ ଶିକ୍ଷକମାନେ ଯୋଗଦାନ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ ଓ ନାଟକ ପ୍ରସ୍ତୁତ କରାଯାଇଥିଲା।

# ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ଲହୁଣୀପଡା,୧୯।୧୨(ଦାଶରଥ ପଣ୍ଡା)



ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ପରାଗପୋଷ ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୨ଦିନିଆ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ୨ ଦିନିଆ ବାର୍ଷିକ କ୍ରୀଡା ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଦ୍ୟାଳୟର ଅଧ୍ୟକ୍ଷ ଟେକଶ୍ରୀମତୀ ସାହୁ ଯୋଗ ଦେଇଥିବା ବେଳେ ଅଧ୍ୟାପକ ଅଶ୍ୱିନୀ ଗୋପାଳ ଉର୍ମିଳା ସିଂ, ସୁନିତା ପଟେଲ, ବାପି ରଞ୍ଜନ ପାଢୀ, ନିଲିନ କୁଜୁର, ସୁଦେଶ ରତ୍ନା ଯୋଗ ଦେଇଥିଲେ। ଶିକ୍ଷକ ଶୁରେନ୍ଦ୍ର କୁମାର ଦେହୁରୀ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ମଞ୍ଚ ପରିଚାଳନା କରିଥିଲେ। ପ୍ରାରମ୍ଭରେ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିବା ବେଳେ ପ୍ରଦୀପ ପ୍ରଜ୍ୱଳନ କରି ଅତିଥିମାନେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଭିନ୍ନ କ୍ରୀଡ଼ାରେ କୃତିତ୍ୱ ଅର୍ଜନ କରିଥିବା କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଖେଳ ଶିକ୍ଷକ ଲକ୍ଷଣ କାର୍ଜି ଖେଳ ପରିଚାଳନା କରିଥିଲେ। ଶେଷରେ ଶିକ୍ଷକ ଭାମସେନ ଶବର ଧନ୍ୟବାଦ ଅର୍ପଣ କରିଥିଲେ। ଶୁଭଲିପ୍ସା ସାହୁ, ପ୍ରୀତମ କୁମାର ନାୟକ, ଆଶ୍ରିତ କୁମାର ଏକ୍କା, ରଞ୍ଜନ କୁମାର ମହାରଣା, ସତ୍ୟଜିତ ହଲଦର, ଜୟପ୍ରକାଶ ମାହାନ୍ତ, ହାଫିଜ ଅହମଦ, ବନଜା ନାଏକ, ଅଭୟ ନାୟକ, ରାଜେଶ ବିଶ୍ୱାଳ ପ୍ରମୁଖଙ୍କ ସମେତ ଶିବ ଓରାମ, ଧନେଶ୍ୱର ଓରାମ, ରଶ୍ମିତା ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜାତୀୟ ସ୍କୁଲ ଖୋ ଖୋ ପାଇଁ ସୁନ୍ଦରଗଡ଼ର ୩ ଖେଳାଳି ମନୋନୀତ

ସୁନ୍ଦରଗଡ,୧୯।୧୨(ଜୟନାରାୟଣ ମେଣ୍ଡୁଲି)




ଉତ୍ତର ପ୍ରଦେଶର ଅଯୋଧ୍ୟାଠାରେ ଡିସେମ୍ବର ୨୦ରୁ ୨୪ତାରିଖ ପର୍ଯ୍ୟନ୍ତ ୧୭ ବର୍ଷରୁ କମ୍ ବର୍ଗ ବାଳିକା ଓ ବାଳକଙ୍କ ୬୯ତମ ଜାତୀୟ ବିଦ୍ୟାଳୟ ଖୋ ଖୋ ପ୍ରତିଯୋଗିତା ହେବ। ଏହି ପ୍ରତିଯୋଗିତାରେ ଭାଗନେବା ପାଇଁ ଓଡ଼ିଶା ଦଳରେ ସୁନ୍ଦରଗଡ଼ ଜିଲାର ୩ଜଣ ଖେଳାଳି ମନୋନୀତ ହୋଇଛନ୍ତି। ଓଡ଼ିଶା ବାଳକ ଦଳରେ ସୁନ୍ଦରଗଡ଼ର ବିକାଶ ବଡାଇକ ଓ ତେଫ୍ରାନସିସ ରଣା ଏବଂ ବାଳିକା ଦଳରେ ନଭୟାରାଣୀ ଛଛାନ ମନୋନୀତ ହୋଇଛନ୍ତି। ନଭେମ୍ବରରେ କେନ୍ଦୁଝରଠାରେ ଅନୁଷ୍ଠିତ ଆନ୍ତଃ ଜିଲା ବିଦ୍ୟାଳୟ ଖୋ ଖୋ ପ୍ରତିଯୋଗିତାରେ ଏହି ୩ ଖେଳାଳି ଜିଲା କ୍ରୀଡ଼ା ସଂସଦ ଦ୍ୱାରା ଗଠିତ ଦଳରେ ପ୍ରତିନିଧିତ୍ୱ କରି ଉନ୍ନତ ଖେଳ ପ୍ରଦର୍ଶନକରି ସମସ୍ତଙ୍କ ନଜରକୁ ଆସିଥିଲେ। ବିକାଶ କୁଆଁରମୁଣ୍ଡା ବ୍ଲକ୍ ପଦମପୁର ସରକାରୀ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ର, ତେଫ୍ରାନସିସ ସୁନ୍ଦରଗଡ଼ ସଦର ବ୍ଲକ୍ କିଞ୍ଜିରିମା ଆଇଏମ୍‌ପିଏସ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ୨ ଦ୍ୱିତୀୟ ବର୍ଷର ଛାତ୍ର, ନଭୟାରାଣୀ ଛଛାନ ଲେଫ୍ରିପଡ଼ା ବ୍ଲକ୍ ଦର୍ଲିପାଲି ଦାମୋଦର ନାଏକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ୨ ପ୍ରଥମ ବର୍ଷର ଛାତ୍ରୀ। ୩ଜଣ ଖେଳାଳି ରାଜ୍ୟସ୍ତରୀୟ ଖୋ ଖୋ ରେଫରି ତଥା ପ୍ରଶିକ୍ଷକ ଅନୀଲ ସାହୁ, ନରେନ୍ଦ୍ର ଆରୁଜ ଓ ଶିକ୍ଷକ ହେମନ୍ତ କୁମାର ପଟେଲଙ୍କ ତତ୍ତ୍ୱାବଧାନରେ କ୍ରୀଡ଼ାଭ୍ୟାସ କରୁଥିଲେ। ଜାତୀୟ ସ୍ତରୀୟ ଖୋ ଖୋ ପ୍ରତିଯୋଗିତାରେ ଏହି ୩ଖେଳାଳି ଭାଗନେବାକୁ ମନୋନୀତ ହୋଇ ସୁନ୍ଦରଗଡ଼ ଜିଲା ପାଇଁ ଗୌରବ ଆଣିଛନ୍ତି। ଏହି ଖବର ଜଣାପଡ଼ିବା ପରେ ଜିଲା ଶିକ୍ଷା ଅଧିକାରୀ ମୁରଲୀଧର ବେହେରା, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା, ସଦାନନ୍ଦ ପ୍ରଧାନ, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଅଜୟ ପ୍ରଧାନ, କୁଆଁରମୁଣ୍ଡା ବ୍ଲକ୍ ପଦମପୁର ସରକାରୀ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ରୀତା ଲାକ୍ରା, କିଞ୍ଜିରିମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ମନୋଜ କୁମାର ଚୌଧୁରୀ, ଦର୍ଲିପାଲି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସୁରେଶ କୁମାର ପାଣ୍ଡେ, ପିଇଟି ଆଦିତ୍ୟ ନାୟକ ଏହି ୩ ଜଣ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ଫର୍ମ ନଂ. ୧୩
ରଣ ଅସୁଲି ପ୍ରାଧିକରଣ, କଟକ, ଓଡ଼ିଶାଙ୍କ ଇଜିଲାସ୍
ସି-୭୧, ସେକ୍ଟର-୭, ସିଡିଏ, କଟକ, ଓଡ଼ିଶା
ମୂଳ ଦରଖାସ୍ତ ନଂ.: ୨୦୨୫ ର ୫୩୪

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ଭୁବନେଶ୍ୱର ...ଆବେଦନକାରୀ

ବନାମ

ଶ୍ରୀ କୃଷ୍ଣ ଚନ୍ଦ୍ର ବିଶ୍ୱାଳ ...ପ୍ରତିବାଦୀ(ମାନେ)

ପ୍ରାପ୍ତେଷୁ,
୧) ଶ୍ରୀ କୃଷ୍ଣ ଚନ୍ଦ୍ର ବିଶ୍ୱାଳ, ପିତା: ଶଙ୍କର ବିଶ୍ୱାଳ, ସ୍ୱତ୍ତ୍ୱାଧିକାରୀ: ମେସର୍ସ ବିଶ୍ୱାଳ ଟ୍ରେଡର୍ସ, ସା: ପ୍ଲଟ୍ ନଂ.: ୨୫୧୭, ପାଣ୍ଡରା, ହାଇ-ଟେକ୍ ମେଡିକାଲ କଲେଜ ନିକଟ, ଭୁବନେଶ୍ୱର-୭୫୧୦୧୦, ଜିଲ୍ଲା: ଖୋର୍ଦ୍ଧା (ଓଡିଶା) ...ପ୍ରତିବାଦୀ ନଂ.୧

ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ଖବରକାଗଜ ପ୍ରକାଶନ ଦ୍ୱାରା ଜାରି ସମନ

ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଅଛି କି ଆବେଦନକାରୀ ଓ.ଏ. ନଂ.: ୨୦୨୫ ର ୫୩୪ ଦ୍ୱାରା ଟ.୪୭,୨୩,୫୫୭.୦୦ ମାତ୍ର ଋଣ ରାଶି ଓ ତତ୍‌ସହିତ ଚଳିତ ଏବଂ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଆଦାୟ ପାଇଁ ଋଣ ଅସୁଲି ପ୍ରାଧିକରଣ, କଟକଙ୍କ ଠାରେ ଏକ ମୋକଦ୍ଦମା ରୁଜୁ କରିଛନ୍ତି । ତେଣୁ ଏତଦ୍‌ଦ୍ୱାରା ଉପରଲିଖିତ ପ୍ରତିବାଦୀମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେମାନେ ଏହି ନୋଟିସ୍ ପ୍ରକାଶନର ୩୦ଦିନ ମଧ୍ୟରେ କିମ୍ବା ତା.୦୫.୦୩.୨୦୨୬ରିଖ ପୂର୍ବାହ୍ନ ୧୦.୩୦ ଘଟିକା ସମୟରେ ଉପରୋକ୍ତ ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ।

ଏହି ନୋଟିସ୍ ଦ୍ୱାରା ଅବଗତ କରାଇଦିଆଯାଉଅଛି ଯେ ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କର ଅନୁପସ୍ଥିତିରେ ଦରଖାସ୍ତର ଶୁଣାଣି ଏବଂ ବିଚାର କରାଯିବ।

ଋଣ ଅସୁଲି ପ୍ରାଧିକରଣଙ୍କ ଦସ୍ତଖତ ଏବଂ ସହିମୋହର ସହ ଦିନାଙ୍କ ୧୬ ଡିସେମ୍ବର ୨୦୨୫ରେ ଆଦିଷ୍ଟ। ସ୍ୱା/- (ନିଖିଳ ରଞ୍ଜନ ପତି)
ରେଜିଷ୍ଟ୍ରାର

ପୂର୍ବ ତଟ ରେଳପଥ

ଫାଇଲ ସଂ. DRM/Engg/KUR/25-26/ E-Tender/97, ତା.16.12.2025ରିଖ

(1) ଟେଣ୍ଡର ସଂ. e-tender-CENTKUR-323-2025, ତା.11.12.2025ରିଖ
ବିବରଣୀ : ସାନକେରେଜାଙ୍ଗ JSPL-କେରେଜାଙ୍ଗ ଲାଇନ ନିକଟରେ ନାଲକୋ ସାଇଡିଙ୍ଗର ଟେକ୍‌ଅଫ୍ ପଏଣ୍ଟରୁ ରେଲୱେ ୟାର୍ଡର ଇଣ୍ଟରଲକିଙ୍ଗ ନିମନ୍ତେ କେରେଜାଙ୍ଗ ଷ୍ଟେସନର ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଙ୍ଗରେ ପରିବର୍ତ୍ତନ ସମ୍ବନ୍ଧୀୟ ଗୁମଟିର ନିର୍ମାଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 39.37 ଲକ୍ଷ, EMD : ₹ 78,800/-

(2) ଟେଣ୍ଡର ସଂ. e-tender-CENTKUR-324-2025, ତା.11.12.2025ରିଖ
ବିବରଣୀ : ଡିପୋଜିଟ୍ ସ୍କିମ୍ ଅଧୀନରେ 3 ବର୍ଷ ଅବଧି ନିମନ୍ତେ ତାଳଚେର ଠାରେ MCL ସାଇଡିଙ୍ଗ (ତାଳଚେର ଷ୍ଟେସନ ଠାରୁ TLSB ୟାର୍ଡ ପର୍ଯ୍ୟନ୍ତ), JNC/64 ପର୍ଯ୍ୟନ୍ତ SPUR-3&4 ସହିତ TLSB କ୍ୟାବିନ୍ (EX) ଠାରୁ ଜଗନ୍ନାଥ ସାଇଡିଙ୍ଗ, TLSB କ୍ୟାବିନ୍ (EX) ଜଗନ୍ନାଥ SILO ଲାଇନ (JNC / 125), ତାଳଚେର ଠାରୁ ଦେଉଳବେଡ଼ା ଏବଂ DB1 ୟାର୍ଡର ER ଲାଇନ ଠାରୁ DL/2/17 ପର୍ଯ୍ୟନ୍ତ) (SPUR-1&2 ଏବଂ ER ଲାଇନ ସହିତ TLSB (EX) ଠାରୁ ସାଉଥ ବଲଣ୍ଡା (UP & DN), SPUR-7&8 ସହିତ ସାଉଥ ବଲଣ୍ଡା (EX) ଠାରୁ ଭରତପୁର ୟାର୍ଡ ଏବଂ ଜଗନ୍ନାଥ ଭରତପୁର-କଳିଙ୍ଗ କନେକ୍ଟିଭିଟି (JNC/64 - JNC4/11))ର ପ୍ରସ୍ତାବିତ ବାର୍ଷିକ ରକ୍ଷଣାବେକ୍ଷଣ ଏବଂ ବିବିଧ କାର୍ଯ୍ୟସମୂହ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 2310.45 ଲକ୍ଷ, EMD : ₹ 13,05,200/-

(3) ଟେଣ୍ଡର ସଂ. e-tender-NORTHKUR-325-2025, ତା.11.12.2025ରିଖ
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ / ଯାଜପୁର କେନ୍ଦୁଝର ରୋଡ଼ ପରିସୀମା ଅଧୀନରେ ରେଲଗୁଡ଼ିକର ପେଣ୍ଟିଙ୍ଗ, ERCs ର ଗ୍ରୀସିଙ୍ଗ ଏବଂ ଲାଇନର କଣ୍ଟାକ୍ଟ ଏରିଆର ସିଲିଙ୍ଗ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 261.27 ଲକ୍ଷ, EMD : ₹ 2,80,600/-

ଶେଷ ହେବା ଅବଧି : 06 (ଛଅ) ମାସ (କ୍ରମ ସଂ. 1 ପାଇଁ), 36 (ଛତିଶି) ମାସ (କ୍ରମ ସଂ. 2 ପାଇଁ) ଏବଂ 12 (ବାର) ମାସ (କ୍ରମ ସଂ. 3 ପାଇଁ)।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.02.01.2026ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ।
ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ଼
PR-920/Q/25-26

इंडियन पोर्ट रेल एंड रोपवे कॉर्पोरेशन लिमिटेड
(पत्तन, पोत परिवहन एवं जलमार्ग मंत्रालय भारत सरकार के अधीन संयुक्त उद्यम)
ଇଣ୍ଡିଆନ୍ ପୋର୍ଟ ରେଲ୍ ଆଣ୍ଡ ରୋପ୍‌ୱେ କର୍ପୋରେଶନ ଲିଃ
SAGARMALA
(ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧୀନରେ ଏକ ଯୌଥ ଉଦ୍ୟୋଗ କମ୍ପାନୀ)
ସିଆଇଏନ୍ ନଂ.: ୟୁ୬୦୩୦୦ଡିଏଲ୨୦୧୫ପିଏଲସି୨୮୨୭୦୩ (ଏକ ଆଇଏସ୍‌ଓ ୯୦୦୧, ୧୪୦୦୧, ୪୫୦୦୧ ଓ ୩୭୦୦୧ ପ୍ରମାଣିତ କମ୍ପାନୀ)

ଭାରତୀୟ ରେଳପଥ - ଶକ୍ତିସଞ୍ଚରଣ ସମ୍ବନ୍ଧୀୟ ସାର୍ବଜନୀନ ବିଜ୍ଞପ୍ତି

ଦକ୍ଷିଣ ପୂର୍ବ ମଧ୍ୟ ରେଳପଥର ସମାପ୍ତ ସେକ୍ସନରେ ଅବସ୍ଥିତ ରେଳ ଲାଇନ ଏବଂ ପରିସରର ସମସ୍ତ ବ୍ୟବହାରକାରୀଙ୍କୁ ଏତଦ୍ୱାରା ସୂଚାଇ ଦିଆଯାଉଛି ଯେ ୨୫୦୦୦ ଭୋଲ୍ଟ ୫୦ ହର୍ଜ ଏସି ଓଭରହେଡ୍ ଟ୍ରାକ୍ସନ ତାରଗୁଡ଼ିକୁ ସେକ୍ସନରେ ନିର୍ଦ୍ଦିଷ୍ଟ ତାରିଖରେ କିମ୍ବା ତା'ପରେ ଶକ୍ତି ପ୍ରଦାନ କରାଯିବ। ସେହି ତାରିଖରୁ ଏବଂ ସେହି ସମୟରେ ଓଭରହେଡ୍ ଟ୍ରାକ୍ସନ୍ ଲାଇନଗୁଡ଼ିକୁ ସର୍ବଦା ସକ୍ରିୟ ଭାବରେ ବିବେଚନା କରାଯିବ ଏବଂ କୌଣସି ଅନଧିକୃତ ବ୍ୟକ୍ତି ଉକ୍ତ ଓଭରହେଡ୍ ଲାଇନ ନିକଟରେ ପହଞ୍ଚିବେ ନାହିଁ କିମ୍ବା କାର୍ଯ୍ୟ କରିବେ ନାହିଁ।

| ବିଭାଗ | ଠାରୁ | ପର୍ଯ୍ୟନ୍ତ | ତାରିଖ |
|---|---|---|---|
| ଏମ୍‌ସିଏଲ୍-୩ର ଆଇବି ଭ୍ୟାଲି ଏରିଆସ୍ଥିତ ଏଲ୍‌ଓସିଏମ-୩ ସାଇଡିଂ ଲାଇନ୍, ବିଳାସପୁର ଡିଭିଜନରେ ବ୍ରଜରାଜନଗରଠାରେ ଏସ୍‌ଏସ୍‌ପି ସହିତ ବିଆରଜେଏନ-ଏଲଜେକେଆର୍ ବିଭାଗ | ଏଲଓସିଏମ-୩/୨୯ (ସିଏଚ୍: ୩/୩୭୪.୦୦) | ଏଲଓସିଏମ-୪/୧୭ (ସିଏଚ୍: ୪/୪୫୭.୫୦) | ୨୨।୧୨।୨୦୨୫ |

ଏସି ୨୫ କେଭି ଟ୍ରାକ୍ସନର ପରିଚୟ ପ୍ରଦାନ "ରାସ୍ତା ବ୍ୟବହାରୀକାରୀଙ୍କ ପାଇଁ ସତର୍କ ସୂଚନା"

ଜନସାଧାରଣଙ୍କ ସୂଚନା ପାଇଁ ସୂଚିତ କରାଯାଉଛି ଯେ, ଏମସିଏଲର ଆବି ଭ୍ୟାଲି ଅଞ୍ଚଳରେ ଏଲଓସିଏମ ସାଇଡ଼ିଂ ଲାଇନରେ ପାରମ୍ପରିକ ପ୍ରକାରର ୨୫ କେଭି ଏସି ସିଙ୍ଗଲ ଫେଜ୍ ଓଭରହେଡ୍ ଟ୍ରାକ୍ସନ ତାରଗୁଡ଼ିକର ଶକ୍ତି ସଞ୍ଚାରଣ ସମ୍ପର୍କରେ, ବ୍ରଜରାଜନଗର ଷ୍ଟେସନ ଶେଷ ପାଖରୁ ସ୍ଥାନୀୟ ସଂ. ଏଲଓସିଏମ-୩/୨୯ (ସିଏଚ୍: ୩/୩୭୪.୦୦)ରୁ ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ରେଳପଥର ବିଳାସପୁର ଡିଭିଜନର ଆଇବି ଭ୍ୟାଲି ଅଞ୍ଚଳ (ଆରକେଏମ୍-୧.୧୪୨, ଟିକେଏମ୍-୨.୩୮୬)ରେ ଲାଜକୁରା ଶେଷଠାରେ ସ୍ଥାନୀୟ ସଂ, ଏଲଓସିଏମ-୪/୧୭ (ସିଏଚ୍: ୪/୪୫୭.୫୦) ପର୍ଯ୍ୟନ୍ତ ଯାତ୍ରା ଆରମ୍ଭ କରିବା ପାଇଁ ୪.୬୮ ମିଟର ଏବଂ ରାସ୍ତାଠାରୁ ଅଧିକ ଉଚ୍ଚତା ଥିବା ସମସ୍ତ ଲେଭଲ କ୍ରସିଂରେ ଉଚ୍ଚତା ଗେଜ ସ୍ଥାପନ କରାଯାଇଛି ଯାହା ଦ୍ୱାରା ଅତ୍ୟଧିକ ଉଚ୍ଚତାର ଭାର ସଂସ୍ପର୍ଶରେ ଆସିବା କିମ୍ବା ଲାଇଭ୍ ଟ୍ରାକ୍ସନ ତାର (କଣ୍ଟାକ୍ଟ ତାର) ସହିତ ବିପଦପୂର୍ଣ୍ଣ ନିକଟତାକୁ ରୋକାଯାଇପାରିବ, ଯାହା ଲେଭଲ କ୍ରସିଂରେ ରେଳ ସ୍ତରଠାରୁ ସର୍ବନିମ୍ନ ୫.୫ ମିଟର ଉଚ୍ଚତାରେ ରହିବ।
ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ, ଯାନବାହନକୁ ବୋଝେଇ କରିବା ସମୟରେ ଉପରେ ଦର୍ଶାଯାଇଥିବା ଉଚ୍ଚତାକୁ ଧ୍ୟାନରେ ରଖିବା ତଥା କୌଣସି ପରିସ୍ଥିତିରେ ମଧ୍ୟ ଯାନବାହନରେ ବୋଝେଇ ହୋଇଥିବା ସାମଗ୍ରୀ ହାଇଟ୍ ଗେଜ୍‌କୁ ଲଙ୍ଘନ ନ କରୁ ତାହା ଦୃଷ୍ଟିରେ ରଖିବା ଆବଶ୍ୟକ। ଯାନବାହନରେ ଅତ୍ୟଧିକ ଉଚ୍ଚତାରେ ଜିନିଷପତ୍ର ବୋଝେଇ କରିବାର ବିପଦଗୁଡ଼ିକ ହେଲା:
୧) ହାଇଟ୍ ଗେଜ୍ ପ୍ରତି ବିପଦ ଏବଂ ପରିଣତିସ୍ୱରୂପ, ରାସ୍ତା ଓ ରେଳଧାରଣା ଅବରୋଧ।
୨) ବହନ କରାଯାଉଥିବା ସାମଗ୍ରୀ କିମ୍ବା ଉପକରଣ ପ୍ରତି ବିପଦ।
୩) କଣ୍ଡକ୍ଟର ସଂସ୍ପର୍ଶରେ ଆସି କିମ୍ବା ଏହାର ବିପଜ୍ଜନକ ପରିସର ମଧ୍ୟକୁ ଆସିଲେ ଅଗ୍ନିକାଣ୍ଡ ଓ ଜୀବନ ପ୍ରତି ବିପଦ।
ସ୍ଥାନ: ଲାଜକୁରା
ତାରିଖ: ୨୦।୧୨।୨୦୨୫
ଯୁଗ୍ମ ସାଧାରଣ ପରିଚାଳକ/ଇଲେକ୍ଟ୍.
ଆଇପିଆରସିଏଲ୍

ବ୍ୟାଙ୍କ ଅଫ୍ ବରୋଦା
बैंक ऑफ़ बड़ौदा Bank of Baroda
କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ, ଦ୍ୱିତୀୟ ମହଲା
ଚଳଚ୍ଚିତ୍ର ଭବନ, ବକ୍ସି ବଜାର, କଟକ-୭୫୩୦୦୧

ଦଖଲ ବିଜ୍ଞପ୍ତି
(ସ୍ଥାବର ସମ୍ପତ୍ତି ନିମନ୍ତେ)

[ପରିଶିଷ୍ଟ-୪ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ନିୟମ ୮(୧) ଅନୁସାରେ]

ନିମ୍ନସ୍ୱାକ୍ଷରକାରୀ ବ୍ୟାଙ୍କ ଅଫ୍ ବରୋଦାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ନିୟମ ୩ ସହିତ ଧାରା ୧୩(୧୨) ରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତା/ ଜାମିନ୍‌ଦାରମାନଙ୍କୁ ନିମ୍ନ ଦର୍ଶିତ ତାରିଖରେ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ନିମ୍ନଲିଖିତ ଅର୍ଥ ରାଶି ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ତାଙ୍କର ଋଣ ପରିଶୋଧ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ନିମ୍ନସ୍ୱାକ୍ଷରକାରୀ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ଧାରା ୧୩ର ଉପଧାର (୪) ସହିତ କଥିତ ରୁଲ୍ସର ରୁଲ ୮ ଅନୁସାରେ ନିମ୍ନ ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ ନିମ୍ନ ଦର୍ଶିତ ତାରିଖରେ ଦଖଲକୁ ନେଇଛନ୍ତି। ତେଣୁ ବିଶେଷ କରି ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସେହି ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ବକେୟା ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ପାଇଁ ବ୍ୟାଙ୍କ ଅଫ୍ ବରୋଦା ନିକଟରେ ଉତ୍ତରଦାୟୀ ରହିବେ। ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।

| ଶାଖା / ଋଣଗ୍ରହୀତା / ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ଡିମାଣ୍ଡ /ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|
| କେନ୍ଦ୍ରାପଡ଼ା ଶାଖା / ଋଣଗ୍ରହୀତା: ଶ୍ରୀ ପ୍ରଶାନ୍ତ କୁମାର ବିଶ୍ୱାଳ, ପିତା: ଶିବ ଚରଣ ବିଶ୍ୱାଳ, ସା/ପୋ: ତୁଳସୀଡିଆ, ଭାୟା: ଦାଣ୍ଡିସାହି, ଥାନା: ପଟ୍ଟାମୁଣ୍ଡାଇ, ଜିଲ୍ଲା: କେନ୍ଦ୍ରାପଡ଼ା, ଓଡ଼ିଶା, ପିନ୍-୭୫୪୨୪୦ | ଶ୍ରୀ ପ୍ରଶାନ୍ତ କୁମାର ବିଶ୍ୱାଳ, ପିତା: ଶିବ ଚରଣ ବିଶ୍ୱାଳଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ମୌଜା: ତରଡିପାଳ, ଥାନା: ପଟ୍ଟାମୁଣ୍ଡାଇ, ଜିଲ୍ଲା: କେନ୍ଦ୍ରାପଡ଼ା, ଓଡ଼ିଶା, (୧) ପ୍ଲଟ୍ ନଂ.: ୫୩୦୪, ଖାତା ନଂ.: ୧୩୭୨/୩୭୩, କ୍ଷେତ୍ର: ଏକର୦.୦୩୩ ଡିସିମିଲି (୧୪୩୭.୪୮ ବର୍ଗଫୁଟ), ଏହାର ଚଉହଦିରେ- ଉତ୍ତର: ହେମଲତା ବିଶ୍ୱାଳ ଏବଂ ଅନ୍ୟମାନେ, ଦକ୍ଷିଣ: ପ୍ଲଟ୍ ନଂ. ୫୩୦୫, ପୂର୍ବ: ପ୍ଲଟ୍ ନଂ. ୫୩୦୮, ପଶ୍ଚିମ: ସର୍ବସାଧାରଣ ରାସ୍ତା, (୨) ପ୍ଲଟ୍ ନଂ.: ୫୬୦୦, ଖାତା ନଂ.: ୧୩୭୨/୩୭୩, କ୍ଷେତ୍ର: ଏକର୦.୦୨୪ଡିସିମିଲି, ଏହାର ଚଉହଦିରେ- ଉତ୍ତର: ପ୍ଲଟ୍ ନଂ. ୫୫୯୯ର ଅବଶିଷ୍ଟ ଅଂଶ, ଦକ୍ଷିଣ: ସର୍ବସାଧାରଣ ରାସ୍ତା, ପୂର୍ବ: ପ୍ଲଟ୍ ନଂ. ୫୫୯୯, ପଶ୍ଚିମ: ପ୍ଲଟ୍ ନଂ. ୫୬୦୦/୭୦୦୫ | ୧୯.୦୭.୨୦୨୫ / ୧୭.୧୨.୨୦୨୫ | ୦୯.୦୭.୨୦୨୫ ସୁଦ୍ଧା ଟ.୯,୬୧,୦୨୧/- ଯୁକ୍ତ ୧୦.୦୭.୨୦୨୫ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |
| ଚାନ୍ଦିବାଉଁଶମୂଳ ଶାଖା / ଋଣଗ୍ରହୀତା: ମେସର୍ସ ସ୍ମୃତି ଏଣ୍ଟରପ୍ରାଇଜେସ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଗୋଲେଖ ଚନ୍ଦ୍ର ସ୍ୱାଇଁ, ପିତା: ଶ୍ରୀ ଚିନ୍ତାମଣି ସ୍ୱାଇଁ / ଜାମିନ୍‌ଦାର: ଶ୍ରୀ କଳ୍ପତରୁ ସ୍ୱାଇଁ, ପିତା: ଶ୍ରୀ ଭାଗବତ ସ୍ୱାଇଁ, ଉଭୟଙ୍କ ଠିକଣା- ସା: ସାନବଡ ଗୋପାଳପୁର, ପୋ/ ଥାନା: ରାଜନଗର, ଜିଲ୍ଲା: କେନ୍ଦ୍ରାପଡ଼ା, ପିନ୍-୭୫୪୨୪୬ | ଶ୍ରୀ କଳ୍ପତରୁ ସ୍ୱାଇଁ, ପିତା: ଶ୍ରୀ ଭାଗବତ ସ୍ୱାଇଁଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଖୋଲା ବିଚ୍ଛିନ୍ନ ଜମି ଯାହାର ଖାତା ନଂ.: ୧୮୨/୧୧୦, ପ୍ଲଟ୍ ନଂ.: ୬୮୪/୯୬୦, କ୍ଷେତ୍ର: ଏକର୦.୦୮୭ଡିସିମିଲି (୩୭୯୦.୦୦ ବର୍ଗଫୁଟ), ସା: ସାନବଡ ଗୋପାଳପୁର, ପୋ: ରାଜନଗର, କେନ୍ଦ୍ରାପଡ଼ା, ଏହାର ଚଉହଦିରେ- ଉତ୍ତର: ରମେଶ ଚନ୍ଦ୍ର ସାହୁ, ଦକ୍ଷିଣ: ରାସ୍ତା, ପୂର୍ବ: ରମେଶ ଚନ୍ଦ୍ର ବାରିକ, ପଶ୍ଚିମ: ଅନାଦି ଚରଣ ସାହୁ | ୩୦.୦୭.୨୦୨୫ / ୧୭.୧୨.୨୦୨୫ | ୩୦.୦୭.୨୦୨୫ ସୁଦ୍ଧା ଟ.୩୫,୭୮,୯୧୦.୮୦ (୩୧.୦୫.୨୦୨୫ ପର୍ଯ୍ୟନ୍ତ ସୁଧ ଅନ୍ତର୍ଭୁକ୍ତ) ଯୁକ୍ତ ୦୧.୦୬.୨୦୨୫ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |
| ମଣିସାହୁ ଛକ ଶାଖା / ଋଣଗ୍ରହୀତାମାନେ: ୧) ଶ୍ରୀ ଶରତ ବେଉରା, ୨) ଶ୍ରୀମତୀ ଶାନ୍ତିଲତା ବେଉରା, ସ୍ୱାମୀ: ଶରତ ବେଉରା, ଉଭୟଙ୍କ ଠିକଣା- ତିନିଘରିଆ, ନୂଆବଜାର, ଥାନା: ମଧୁପାଟଣା, ଜିଲ୍ଲା: କଟକ, ପିନ୍-୭୫୩୦୦୪ / ଜାମିନ୍‌ଦାର: ଶ୍ରୀ ଆର୍ଯ୍ୟମଣି ସେନାପତି, ପିତା: ଯଦୁମଣି ସେନାପତି, ଥୋରିଆ ସାହି, ମଙ୍ଗଳାବାଗ, କଟକ | ଶାନ୍ତିଲତା ବେହୁରାଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୮୭୧/୧୩୮୩, ଖାତା ନଂ.: ୧୧, ୱାର୍ଡ ନଂ.: ୨୯, ୟୁନିଟ୍-୩୦, ମୌଜା: କଟକ ସହର, ତିନିଘରିଆ (ଗୋଶାଳା-ନୂଆସାହି ନିକଟ), କଟକ, କ୍ଷେତ୍ର: ଏକର୦.୦୮୦ଡିସିମିଲି, ଏହାର ଚଉହଦିରେ- ପୂର୍ବ: ଗଳି ରାସ୍ତା, ପଶ୍ଚିମ: ଲୋକନାଥ ସ୍ୱାଇଁ, ଉତ୍ତର: ଚିନ୍ତାମଣି ଖୁଣ୍ଟିଆ, ଦକ୍ଷିଣ: ରାସ୍ତା (ଆମର ତାଲିକାଭୁକ୍ତ ମୂଲ୍ୟାୟନକାରୀଙ୍କ ମୂଲ୍ୟାଙ୍କନ ରିପୋର୍ଟ, ତା୦୮.୦୮.୨୦୨୫ରିଖ ଅନୁସାରେ) | ୦୫.୦୧.୨୦୧୧ / ୧୯.୧୨.୨୦୨୫ | ୧୩.୧୨.୨୦୨୫ ସୁଦ୍ଧା ଟ.୧୧,୫୮,୧୧୭.୫୨ ଯୁକ୍ତ ୧୪.୧୨.୨୦୨୫ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |
| ବନ୍ତ ଛକ ଶାଖା / ଋଣଗ୍ରହୀତାମାନେ: ୧) ଶ୍ରୀ ରତ୍ନାକର ପରିଡା, ପିତା: ପୁରୁଷୋତ୍ତମ ପରିଡା ଏବଂ ୨) ଶ୍ରୀମତୀ ପୂଜାରିଣୀ ପରିଡା, ସ୍ୱାମୀ: ଶ୍ରୀ ରତ୍ନାକର ପରିଡା, ଉଭୟଙ୍କ ଠିକଣା- ସା: ଇଛଦାମଜଫରପୁର, ପୋ: ଇଛଦା, ଥାନା: ଧାମନଗର, ଜିଲ୍ଲା: ଭଦ୍ରକ, ଓଡ଼ିଶା, ପିନ୍-୭୫୬୧୧୨ | ଶ୍ରୀ ରତ୍ନାକର ପରିଡା, ପିତା: ପୁରୁଷୋତ୍ତମ ପରିଡାଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୩୨୭/୨୭୧, ପ୍ଲଟ୍ ନଂ.: ୩୧୨, କ୍ଷେତ୍ର: ଏକର୦.୨୪ଡିସିମିଲି, ମୌଜା: ଇଛଦାମଜଫରପୁର, ଥାନା: ଧାମନଗର ରୁରାଲ, ତହସିଲ: ଧାମନଗର, ଜିଲ୍ଲା: ଭଦ୍ରକ, କିସମ: ଘରବାରି, ଏହାର ଚଉହଦିରେ- ଉତ୍ତର: ବିଦ୍ୟାଧର ସାହୁଙ୍କ ପ୍ଲଟ୍ ନଂ. ୩୧୧, ଦକ୍ଷିଣ: ରାସ୍ତା, ପୂର୍ବ: ପାଣିନାଳ, ପଶ୍ଚିମ: ଜଳଧର ନାୟକଙ୍କ ପ୍ଲଟ୍ ନଂ. ୩୦୬ | ୧୩.୦୫.୨୦୨୫ / ୧୭.୧୨.୨୦୨୫ | ୧୨.୦୫.୨୦୨୫ ସୁଦ୍ଧା ଟ.୫୦,୦୮,୧୬୭.୧୦ (୦୯.୦୫.୨୦୨୫ ପର୍ଯ୍ୟନ୍ତ ସୁଧ ଅନ୍ତର୍ଭୁକ୍ତ) ଯୁକ୍ତ ୧୦.୦୫.୨୦୨୫ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |

ସ୍ଥାନ: କଟକ, ତାରିଖ: ୧୯.୧୨.୨୦୨୫
କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା

TPWODL
ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିଡବ୍ଲ୍ୟୁଓଡିଏଲ୍)
କର୍ପୋରେଟ୍ କାର୍ଯ୍ୟାଳୟ - ବୁର୍ଲା, ସମ୍ବଲପୁର - ୭୬୮୦୧୭ (ଓଡ଼ିଶା)

ସର୍ବସାଧାରଣ ବିଜ୍ଞପ୍ତି

ମାମଲା ନଂ. ୧୨୮/୨୦୨୫

ଓଇଆର୍‌ସି (ହ୍ୱିଲିଂ ଶୁଳ୍କସୂଚୀ ଏବଂ ଖୁଚୁରା ଯୋଗାଣ ଶୁଳ୍କସୂଚୀର ନିର୍ଦ୍ଧାରଣ ନିମନ୍ତେ ନିୟମ ଓ ସର୍ତ୍ତାବଳୀ) ନିୟମାବଳୀ, ୨୦୨୨ ଅନୁଯାୟୀ ଆର୍ଥିକ ବର୍ଷ ୨୦୨୬-୨୭ ନିମନ୍ତେ ମୋଟ ରାଜସ୍ୱ ଆବଶ୍ୟକତାର ଅନୁମୋଦନ ଏବଂ ହ୍ୱିଲିଂ ଶୁଳ୍କସୂଚୀ ଓ ଖୁଚୁରା ଯୋଗାଣ ଶୁଳ୍କସୂଚୀ ନିର୍ଦ୍ଧାରଣ ନିମନ୍ତେ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିଡବ୍ଲ୍ୟୁଓଡିଏଲ୍) ଦ୍ୱାରା ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ, ଭୁବନେଶ୍ୱର-୨୧ଙ୍କ ନିକଟରେ ବିଦ୍ୟୁତ୍ ଅଧିନିୟମ, ୨୦୦୩ର ଧାରା ୬୪(୨) ସହିତ ପଠନପୂର୍ବକ ଓଇଆର୍‌ସି (ବ୍ୟବସାୟର ସଞ୍ଚାଳନ) ନିୟମାବଳୀ, ୨୦୦୪ର ନିୟମ ୫୩(୭) ଅଧୀନରେ ଦାଖଲ କରିଥିବା ଦରଖାସ୍ତର ପ୍ରକାଶନ।

୧. ଟିପିଡବ୍ଲ୍ୟୁଓଡିଏଲ୍, ଆର୍ଥିକ ବର୍ଷ ୨୦୨୬-୨୭ ନିମନ୍ତେ ଏହାର ମୋଟ ରାଜସ୍ୱ ଆବଶ୍ୟକତାର ଅନୁମୋଦନ ଏବଂ ହ୍ୱିଲିଂ ଶୁଳ୍କସୂଚୀ ଓ ଖୁଚୁରା ଯୋଗାଣ ଶୁଳ୍କସୂଚୀ ନିର୍ଦ୍ଧାରଣ ନିମନ୍ତେ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗଙ୍କ ନିକଟରେ ତା.୨୯।୧୧।୨୦୨୫ରିଖ ଦିନ ନିଜର ଦରଖାସ୍ତ ଦାଖଲ କରିଛି, ଯାହା ମାମଲା ନଂ.୧୨୮/୨୦୨୫ ଭାବେ ପଞ୍ଜୀକୃତ ହୋଇଛି । ଏହି ଦରଖାସ୍ତକୁ ବିଦ୍ୟୁତ୍ ଅଧିନିୟମ ୨୦୦୩ର ଧାରା ୬୨ ଓ ଅନ୍ୟାନ୍ୟ ପ୍ରଯୁଜ୍ୟ ବ୍ୟବସ୍ଥାପନ ସହିତ ପଠନପୂର୍ବକ ଓଇଆର୍‌ସି (ହ୍ୱିଲିଂ ଶୁଳ୍କସୂଚୀ ଏବଂ ଖୁଚୁରା ଯୋଗାଣ ଶୁଳ୍କସୂଚୀ ନିର୍ଦ୍ଧାରଣ ନିମନ୍ତେ ନିୟମ ଓ ସର୍ତ୍ତାବଳୀ) ନିୟମାବଳୀ, ୨୦୨୨, ଓଇଆର୍‌ସି (ବ୍ୟବସାୟର ସଞ୍ଚାଳନ) ନିୟମାବଳୀ, ୨୦୦୪ ଅଧୀନରେ ଦାଏର କରାଯାଇଛି । ଆୟୋଗ ଏକ ଜନଶୁଣାଣି ମାଧ୍ୟମରେ ମାମଲାକୁ ଫଇସଲା କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି ।
୨. ଉପରୋକ୍ତ ଫାଇଲିଂ ତଥା ଏହା ସପକ୍ଷରେ କାଗଜପତ୍ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଟିପିଡବ୍ଲ୍ୟୁଓଡିଏଲ୍, ବୁର୍ଲା ତଥା ବିତରଣ ଡିଭିଜନର ସମସ୍ତ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ନିକଟରେ ଉପଲବ୍ଧ ଯଥା (i) ରାଉରକେଲା ଇଲେକ୍ଟ୍ରିକାଲ ଡିଭିଜନ, ଉଦିତ ନଗର, ରାଉରକେଲା, (ii) ରାଉରକେଲା ସଦର ଇଲେକ୍ଟ୍ରିକାଲ ଡିଭିଜନ, ଶିଳ୍ପାଞ୍ଚଳ, ରାଉରକେଲା, (iii) ରାଜଗାଙ୍ଗପୁର ଇଲେକ୍ଟ୍ରିକାଲ ଡିଭିଜନ, ରାଜଗାଙ୍ଗପୁର, (iv) ସୁନ୍ଦରଗଡ଼ ଇଲେକ୍ଟ୍ରିକାଲ ଡିଭିଜନ, ସୁନ୍ଦରଗଡ଼, (v) ସମ୍ବଲପୁର ଇଲେକ୍ଟ୍ରିକାଲ ଡିଭିଜନ, ସମ୍ବଲପୁର, (vi) ଝାରସୁଗୁଡ଼ା ଇଲେକ୍ଟ୍ରିକାଲ ଡିଭିଜନ, ଝାରସୁଗୁଡ଼ା, (vii) ବରଗଡ଼ ଇଲେକ୍ଟ୍ରିକାଲ ଡିଭିଜନ, ବରଗଡ଼, (viii) ଦେଓଗଡ଼ ଇଲେକ୍ଟ୍ରିକାଲ ଡିଭିଜନ, ଦେଓଗଡ଼, (ix) ବରଗଡ଼ ୱେଷ୍ଟ ଇଲେକ୍ଟ୍ରିକାଲ ଡିଭିଜନ, ବରଗଡ଼, (x) ସମ୍ବଲପୁର ଇଷ୍ଟ ଇଲେକ୍ଟ୍ରିକାଲ ଡିଭିଜନ, ସମ୍ବଲପୁର, (xi) ବଲାଙ୍ଗୀର ଇଲେକ୍ଟ୍ରିକାଲ ଡିଭିଜନ, ବଲାଙ୍ଗୀର, (xii) ଟିଟିଲାଗଡ଼ ଇଲେକ୍ଟ୍ରିକାଲ ଡିଭିଜନ, ଟିଟିଲାଗଡ଼, (xiii) ସୋନପୁର ଇଲେକ୍ଟ୍ରିକାଲ ଡିଭିଜନ, ସୋନପୁର, (xiv) କଳାହାଣ୍ଡି ଇଷ୍ଟ ଇଲେକ୍ଟ୍ରିକାଲ ଡିଭିଜନ, ଭବାନୀପାଟଣା, (xv) କଳାହାଣ୍ଡି ୱେଷ୍ଟ ଇଲେକ୍ଟ୍ରିକାଲ ଡିଭିଜନ, ଭବାନୀପାଟଣା, (xvi) ନୂଆପଡ଼ା ଇଲେକ୍ଟ୍ରିକାଲ ଡିଭିଜନ, ନୂଆପଡ଼ା, (xvii) ବ୍ରଜରାଜନଗର ଇଲେକ୍ଟ୍ରିକାଲ ଡିଭିଜନ, ବ୍ରଜରାଜନଗର ।
୩. (କ) ଆଗ୍ରହୀ ବ୍ୟକ୍ତିବିଶେଷମାନେ ଅନୁଚ୍ଛେଦ (୧)ରେ ପ୍ରଦତ୍ତ ମାମଲା ସମ୍ପର୍କିତ ରେକର୍ଡଗୁଡ଼ିକୁ ଅନୁଚ୍ଛେଦ (୨)ରେ ପ୍ରଦତ୍ତ କାର୍ଯ୍ୟାଳୟଗୁଡ଼ିକ ମଧ୍ୟରୁ ଉପରୋକ୍ତ ଯେକୌଣସି କର୍ତ୍ତୃପକ୍ଷଙ୍କ ନିକଟରୁ ତା.୧୬।୦୧।୨୦୨୬ରିଖ କିମ୍ବା ଏହା ପୂର୍ବ ସୁଦ୍ଧା କାର୍ଯ୍ୟାଳୟ ସମୟ ମଧ୍ୟରେ ସାଦା କାଗଜରେ ଆବେଦନ କରି ନିରୀକ୍ଷଣ/ପରୀକ୍ଷା କରିପାରିବେ । ବିକଳ୍ପ ଭାବେ ଉପରୋକ୍ତ ସର୍ବସାଧାରଣ ବିଜ୍ଞପ୍ତି ସହିତ ଫାଇଲିଂର ବିବରଣୀ ଓ ଏ ସମ୍ପର୍କିତ ଆବଶ୍ୟକୀୟ କାଗଜପତ୍ର ଟିପିଡବ୍ଲ୍ୟୁଓଡିଏଲ୍‌ର ୱେବ୍‌ସାଇଟ www.tpwesternodisha.com ତଥା ଆୟୋଗଙ୍କ ୱେବ୍‌ସାଇଟ www.orierc.orgରୁ ଡାଉନ୍‌ଲୋଡ୍ କରିପାରିବେ ।
(ଖ) ସାଧାରଣ ସନ୍ଦର୍ଭ ପାଇଁ ପ୍ରସ୍ତାବର ଏକ ସଂକ୍ଷିପ୍ତ ସାରାଂଶ ତା.୧୩।୦୧।୨୦୨୬ରିଖ ପରେ ଆୟୋଗଙ୍କ ୱେବ୍‌ସାଇଟରେ ସ୍ଥାନିତ କରାଯିବ ।
୪. ମୋଟ ରାଜସ୍ୱ ଆବଶ୍ୟକତା ତଥା ଶୁଳ୍କସୂଚୀ ଦରଖାସ୍ତର ଖଣ୍ଡ-I ଆଗ୍ରହୀ ବ୍ୟକ୍ତିବିଶେଷମାନଙ୍କ ପାଇଁ ତା.୧୬।୦୧।୨୦୨୬ରିଖ କିମ୍ବା ଏହା ପୂର୍ବ ସୁଦ୍ଧା ଉପରପ୍ରଦତ୍ତ ଅନୁଚ୍ଛେଦ (୨)ରେ ଦର୍ଶାଯାଇଥିବା କାର୍ଯ୍ୟାଳୟରେ କାର୍ଯ୍ୟ ସମୟ ମଧ୍ୟରେ ଫଟୋକପି ଦେୟ (ଟ.୫୦୦/-)ର ପୈଠ ମାଧ୍ୟମରେ ଉପଲବ୍ଧ ହେବ ।
୫. ଆର୍ଥିକ ବର୍ଷ ୨୦୨୬-୨୭ ନିମନ୍ତେ ରାଜସ୍ୱ ଆବଶ୍ୟକତା ଓ ଖୁଚୁରା ଯୋଗାଣ ଶୁଳ୍କସୂଚୀ ଦରଖାସ୍ତର ଏକ ସମ୍ପୂର୍ଣ୍ଣ ସେଟ୍ ମଧ୍ୟ ତା.୧୬।୦୧।୨୦୨୬ରିଖ କିମ୍ବା ଏହା ପୂର୍ବ ସୁଦ୍ଧା ଅନୁଚ୍ଛେଦ (୨)ରେ ଦର୍ଶାଯାଇଥିବା କାର୍ଯ୍ୟାଳୟଗୁଡ଼ିକରୁ କାର୍ଯ୍ୟାଳୟ ସମୟ ମଧ୍ୟରେ ଫଟୋକପି ଦେୟ (ଟ.୫୦୦/-) ପୈଠ କରି ହାସଲ କରାଯାଇପାରିବ ।
୬. ମତାମତ/ଆପତ୍ତି, ଯଦି ଥାଏ, ତେବେ ତାହା ସପକ୍ଷରେ କାଗଜପତ୍ର ସହିତ ସେକ୍ରେଟାରୀ, ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ, ପ୍ଲଟ୍ ନଂ.୪, ଚୁନକୋଳି, ଶୈଳଶ୍ରୀ ବିହାର, ଭୁବନେଶ୍ୱର-୭୫୧୦୨୧ଙ୍କ ନିକଟରେ ବ୍ୟକ୍ତିଗତ ଭାବେ ଅଥବା ପଞ୍ଜୀକୃତ ଡାକ/କୋରିଅର ସେବା ଯୋଗେ ନିଶ୍ଚିତ ଭାବେ ତା.୧୬।୦୧।୨୦୨୬ରିଖ କିମ୍ବା ତା' ପୂର୍ବରୁ ଦାଖଲ କରାଯିବା ଆବଶ୍ୟକ । କଥିତ ମତାମତ/ଆପତ୍ତିର ଏକ ନକଲ ତଥା ଆବଶ୍ୟକୀୟ କାଗଜପତ୍ର ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟକୁ ମଧ୍ୟ ପଠାଯିବା ଆବଶ୍ୟକ ।
(କ) ମତାମତ/ଆପତ୍ତି ସାତ କିତା ନକଲରେ ଦାଖଲ କରାଯିବା ଆବଶ୍ୟକ ଏବଂ ଏହା ସହିତ ମତାମତ/ଆପତ୍ତି ଉଠାଇଥିବା ବ୍ୟକ୍ତିବିଶେଷ/ସଙ୍ଗଠନ/ଅନୁଷ୍ଠାନର ସମ୍ପୂର୍ଣ୍ଣ ନାମ ଓ ଡାକ ଠିକଣା ସମେତ ପିନ୍ କୋଡ୍, ଇ-ମେଲ୍ ଆଇଡି ଏବଂ ଯୋଗାଯୋଗ ଟେଲିଫୋନ୍ ନମ୍ବର ତଥା ଏହା ସପକ୍ଷରେ ଏକ ସତ୍ୟପାଠ ଦାଖଲ କରାଯିବା ଆବଶ୍ୟକ ।
(ଖ) ମତାମତ/ଆପତ୍ତି ଯଦି କୌଣସି ବର୍ଗର ଉପଭୋକ୍ତାଙ୍କ ପ୍ରତିନିଧିତ୍ୱ କରୁଥିବା ସଙ୍ଗଠନ/ଅନୁଷ୍ଠାନ ତରଫରୁ ଦାଏର କରାଯାଇଥାଏ, ତେବେ ଏହାକୁ ସ୍ପଷ୍ଟ ଭାବେ ଦର୍ଶାଯିବା ଆବଶ୍ୟକ । ଏହାକୁ ବ୍ୟକ୍ତିଗତ ଭାବେ ଆୟୋଗଙ୍କ ଦ୍ୱାରା ଶୁଣାଣି କରାଯିବ କି ନାହିଁ ଏହା ମଧ୍ୟ ବିଶେଷ ରୂପେ ଦର୍ଶାଯିବା ଆବଶ୍ୟକ ।
(ଗ) ଉପରେ ଦର୍ଶାଯାଇଥିବା ତାରିଖ ପରେ ପ୍ରାପ୍ତ ହୋଇଥିବା ଅଥବା ଉପରୋକ୍ତ ଯେ କୌଣସି ମାନଦଣ୍ଡ ପୂରଣ କରିପାରୁ ନ ଥିବା ମତାମତ/ଆପତ୍ତିକୁ ଶୁଣାଣି ଲାଗି ଅନୁମୋଦନ କରାଯିବ ନାହିଁ । କେବଳ ସତ୍ୟପାଠ ମାଧ୍ୟମରେ ଦାଖଲ କରାଯାଇଥିବା ମତାମତ/ଆପତ୍ତିଗୁଡ଼ିକୁ ଶୁଣାଣି ପାଇଁ ଅନୁମୋଦନ କରାଯିବ ।
୭. ଜନଶୁଣାଣିର ତାରିଖ ଓ ସ୍ଥାନ ବିଧିବଦ୍ଧ ଭାବେ ଖବରକାଗଜଗୁଡ଼ିକରେ ପ୍ରକାଶିତ ହେବ ଏବଂ ଯେଉଁମାନଙ୍କର ଆପତ୍ତି ଗ୍ରହଣ କରାଯାଇଥିବ, ସେମାନଙ୍କୁ ମଧ୍ୟ ଏ ସମ୍ପର୍କରେ ସୂଚିତ କରାଯିବ ।
ତାରିଖ: ୧୭।୧୨।୨୦୨୫
ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଟିପିଡବ୍ଲ୍ୟୁଓଡିଏଲ୍, ବୁର୍ଲା
ଦ୍ରଷ୍ଟବ୍ୟ: i) ଉପରୋକ୍ତ ସର୍ବସାଧାରଣ ବିଜ୍ଞପ୍ତି ଟିପିଡବ୍ଲ୍ୟୁଓଡିଏଲ୍‌ର ୱେବ୍‌ସାଇଟ www.tpwesternodisha.com ତଥା ଆୟୋଗଙ୍କ ୱେବ୍‌ସାଇଟ www.orierc.orgରେ ମଧ୍ୟ ଉପଲବ୍ଧ ।
ii) ଓଡ଼ିଆ ଭାଷାରେ ପ୍ରକାଶିତ ବିଜ୍ଞପ୍ତିରେ କୌଣସି ସନ୍ଦେହ ଉପୁଜିବା କ୍ଷେତ୍ରରେ, ସତ୍ୟତା ପାଇଁ ଇଂରାଜୀ ଭାଷାରେ ପ୍ରକାଶିତ ବିଜ୍ଞପ୍ତି ଦେଖାଯିବା ଆବଶ୍ୟକ ।

Your classified advertisement published in Dharitri will be listed free in Dharitri online edition :
www.dharitri.com

**ଋଣି ଲାଗାଇ ଯୁବକଙ୍କ ଆତ୍ମହତ୍ୟା**

ବ୍ରଜରାଜନଗର,(ବିଜୟ ବରାଡ଼): ଗାନ୍ଧୀଛକ ଫାଣ୍ଡି ଅନ୍ତର୍ଗତ ବାନ୍ଦିନୀ ମାଳ ପଞ୍ଚାୟତ କେତ ବାହାଲ ଗ୍ରାମରେ ଶୁକ୍ରବାର ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଲଲିନଦ୍ଦ (୩୫)। ସ୍ଥାନୀୟ ସୂତ୍ରରୁ ଓ ପରିବାର ସଦସ୍ୟଙ୍କ କହିବା ଅନୁସାରେ, ମୃତକ ଜଣକ ଅପରାହ୍ନ ୩ଟା ବେଳେ ନିଜ ଶୋଇବା ଘରେ କେରେଣରେ ଶିକରା ଲଗାଇ ଦେଇଥିଲେ। ମୃତ୍ୟୁର କାରଣ ଜଣାପଡ଼ିନଥିବା ବେଳେ ଘଟଣାସ୍ଥଳରେ ଅଧିକାରୀ ମାନେ ମୋହନ ନାୟକ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ରିପୋର୍ଟ ଆସିବା ପରେ ଆତ୍ମହତ୍ୟାର ପ୍ରକୃତ କାରଣ ଜଣାପଡ଼ିବ।

# ରାଜ୍ୟରେ ଶିକ୍ଷାର ମାନରେ ଉନ୍ନତି ସରକାରଙ୍କ ଲକ୍ଷ୍ୟ

ଝାରସୁଗୁଡ଼ା,୧୯।୧୨(ଆଶିଷ ରଞ୍ଜନ ଦାଶ)

ରାଜ୍ୟରେ ଶିକ୍ଷାର ଉନ୍ନତି ଭାଜପା ସରକାରଙ୍କ ପ୍ରଥମ ଲକ୍ଷ୍ୟ ବୋଲି ଶୁକ୍ରବାର ସହରର ପୁରୁଣାବସ୍ତିପାଡ଼ାରେ ଥିବା ପିଏମଶ୍ରୀ ହାଇସ୍କୁଲର ୭୫ତିତମ ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଛନ୍ତି। ରାଜ୍ୟରେ ଭାଜପା ସରକାର ଆସିବା ପରେ ବର୍ତ୍ତମାନ ସୁଦ୍ଧା ୨୨ ହଜାର ଶିକ୍ଷକଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିବା ବେଳେ ଆଗାମୀ ୩ ବର୍ଷରେ ଆହୁରି ୪୫ ହଜାର ଶିକ୍ଷକଙ୍କୁ ନିଯୁକ୍ତି ପ୍ରଦାନ କରାଯିବ ବୋଲି ସୂଚନା ଦେଇଛନ୍ତି। ଏହାସହ ଆଗାମୀ ଦିନରେ ଠିକା ଶିକ୍ଷକ ନିଯୁକ୍ତି ସମ୍ପୂର୍ଣ୍ଣ ବନ୍ଦ କରାଯିବ ବୋଲି ସୂଚନା ଦେଇଥିଲେ। ଅନୁଷ୍ଠିତ ସମାରୋହରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଜ୍ୟରେ ଶିକ୍ଷା କ୍ଷେତ୍ରରେ ଝାରସୁଗୁଡ଼ା ଜିଲା ପ୍ରଥମ ସ୍ଥାନରେ ରହିଛି। ପ୍ରାଥମିକ ସ୍ତରରେ ଶିଶୁମାନଙ୍କୁ ସ୍କୁଲ ପ୍ରତି ଆକର୍ଷିତ କରିବା ପାଇଁ ସରକାର ବହୁତ ଯୋଜନା ପ୍ରସ୍ତୁତ କରିଥିବା କହିଥିଲେ। ଏରପି କି ଜିଲାରେ ପ୍ରଥମ ଥର ପାଇଁ ସମ୍ବଲପୁରୀ ଭାଷାରେ ଶିକ୍ଷା ପାଇବା ସହ ଶିଶୁମାନଙ୍କୁ ଆକୃଷ୍ଟ କରିବା ଲାଗି ବ୍ୟବସ୍ଥା କରାଯାଇଥିବା ବିଧାୟକ ତ୍ରିପାଠୀ ସୂଚନା ଦେଇଛନ୍ତି। ଏହାସହ ଜିଲାରେ ଉଡିଆ ତରା ଓ ଆନନ୍ଦ ନଗରୀ ଭଳି କାର୍ଯ୍ୟକ୍ରମ କରି ଛାତ୍ରାଛାତ୍ରୀମାନଙ୍କ ପ୍ରତିଭାକୁ ଗ୍ରାମରୁ ଜିଲା ଏବଂ ଜିଲାରୁ ରାଜ୍ୟସ୍ତରକୁ ପହଞ୍ଚାଇବା ପାଇଁ ଏହା ଏକ ବଳିଷ୍ଠ ଉଦ୍ୟମ ବୋଲି ବିଧାୟକ କହିଥିଲେ। ଏହି ଉପଲକ୍ଷେ ପୂର୍ବାହ୍ନରେ ଝା ମନ୍ଦିରରୁ ଏକ କଳସ ଶୋଭାଯାତ୍ରା ବାହାରି ସ୍କୁଲ ପର୍ଯ୍ୟନ୍ତ ଅଣାଯାଇଥିଲା। ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟଅତିଥି ଭାବେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ଡିଇଓ ରାଧାକାନ୍ତ ଗଡତିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ବେଳେ ଅଧ୍ୟାପକ ତପନ ବାରିକ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସୁବର୍ଣ୍ଣ ଜୟନ୍ତୀ କମିଟିର ସଭାପତି ଅଶୋକ ମହାପାତ୍ର, ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ତ୍ରିପ୍ତିୟା ଦେବେଶ୍ରୀ ପିଙ୍ଗ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିଗଣ ସର୍ବପ୍ରଥମେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆରମ୍ଭ କରିବା ସହ ସ୍ମରଣିକା ଉନ୍ମୋଚନ କରିଥିଲେ। ପରେ ଅତିଥିଗଣ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ଶେଷ ପର୍ଯ୍ୟାୟରେ ସ୍କୁଲ ଛାତ୍ରାଛାତ୍ରୀମାନଙ୍କ ପକ୍ଷରୁ ନୃତ୍ୟ ପରିବେଷଣ କରାଯାଇଥିଲା। ଏହାସହ ବେଲପାହାଡ ମୀରର ଥିଏଟର ପକ୍ଷରୁ ହୀରାକୁଦ ବିସ୍ଥାପିତଙ୍କୁ ନେଇ ନାଟକ ଲାଲ ପାଦନ ପରିବେଷଣ କରାଯାଇଥିଲା।



ମନ୍ତ୍ରୀ, ବିଧାୟକ ଓ ଅନ୍ୟ ଅତିଥିମାନେ ସ୍ମାରଣିକ ଉନ୍ମୋଚନ କରୁଛନ୍ତି।

**ସୁବର୍ଣ୍ଣ ଜୟନ୍ତୀ ସମାରୋହ**

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

ଦେବଗଡ଼,୧୯।୧୨(ଶଶାଙ୍କ ଶେଖର ଖାଙ୍କର)

ଦେବଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ୩୫ତମ ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ସଭାପତି ପରମାନନ୍ଦ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିଥି ଭାବେ ଦେବଗଡ଼ ପୌରପରିଷଦର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ୍ କୁମାର ଭୋଜ, ମୁଖ୍ୟବକ୍ତା ଶିକ୍ଷାବିକାଶ ସମିତି ସମ୍ପାଦକ ଡ. ସରୋଜ କୁମାର ହାତୀ ଯୋଗଦେଇଥିଲେ। ବିଦ୍ୟାଳୟ ସମ୍ପାଦକ ହୃଦାନନ୍ଦ ଖୁଣ୍ଟିଆ ସ୍ୱାଗତ ଭାଷଣ ଓ ପ୍ରଧାନ ଆଚାର୍ଯ୍ୟ ଉମାକାନ୍ତ ରଣା ବାର୍ଷିକ ବିବରଣୀ ପାଠ କରିଥିଲେ। ଗୁରୁଜୀ ବାଞ୍ଛାନିଧି ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଶ୍ଚିମ ସମ୍ବାଦ ସମ୍ପାଦକ ତ୍ରିବିକ୍ରମ ଶତପଥୀ, କାର୍ଯ୍ୟାଳୟ ପ୍ରମୁଖ ବିଦ୍ୟାଶଙ୍କର ଠାକୁର, ସହ ସଂଯୋଜକ ଗୁପ୍ତେଶ୍ୱର ସେନାପତି, ଜିଲା ପ୍ରମୁଖ ବିଜୟ କୁମାର ପ୍ରଧାନ, ସଙ୍କୁଳ ପ୍ରମୁଖ ସଦାନନ୍ଦ ସାହୁ, ପୂର୍ବ ପରିଚାଳନା ସମିତି ସଭାପତି ସୁକାନ୍ତ କୁମାର ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ମିଲିରାଣୀ ଧର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୨୦୨୪-୨୫ ଶିକ୍ଷା ବର୍ଷରେ ମାଟ୍ରିକ୍ ପରୀକ୍ଷାରେ ଜିଲାରେ ସର୍ବୋଚ୍ଚ ନମ୍ବର ରଖିଥିବା ବିଦ୍ୟାଳୟର ଛାତ୍ର ଧନେଶ୍ୱର ବିଶିଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ଗତବର୍ଷ ବିଭିନ୍ନ ପରୀକ୍ଷା ଓ ପ୍ରତିଯୋଗିତାରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ଛାତ୍ରାଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏଥିରେ ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରାଛାତ୍ରୀ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟ ଉପସଭାପତି ମନୋରଞ୍ଜନ ସାହୁ, ସହସମ୍ପାଦକ ପ୍ରଦୀପ ଭୋଇ, ସଦସ୍ୟା ସ୍ମିତାରାଣୀ ନନ୍ଦ ଓ ପଲ୍ଲିଶ୍ରୀ ନାୟକଙ୍କ ସମେତ ମାତୃ ଭାରତୀ ସଦସ୍ୟା ଓ ଅଭିଭାବକ ଯୋଗଦେଇଥିଲେ।

# ଜିଲାସ୍ତରୀୟ ବିଜ୍ଞାନମେଳାରେ ୫୫ ପ୍ରକଳ୍ପ ପ୍ରଦର୍ଶିତ

ଦେବଗଡ଼,୧୯।୧୨(ଶଶାଙ୍କ ଶେଖର ଖାଙ୍କର)

ଜିଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ସ୍ଥାନୀୟ ଟାଉନ୍ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ, ବିଜ୍ଞାନ ମେଳା, ଓ ଜିଲାସ୍ତରୀୟ ପି.ଏମ୍‌ଶ୍ରୀ ବିଦ୍ୟାଳୟ କୁଇଜ୍ ପ୍ରତିଯୋଗିତା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଲ୍ଲୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଏସ୍‌ପି ଅନିଲ କୁମାର ମିଶ୍ର ଯୋଗଦେଇ କୁନି ବୈଜ୍ଞାନିକଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ଜିଲା ବିଜ୍ଞାନ ନିରୀକ୍ଷକ ଉପସିତା ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପଦ୍ମିନୀ ଲାକ୍ରା ଧନ୍ୟବାଦ ଦେଇଥିଲେ। ତିନୋଟି ବ୍ଲକର ଉଭୟ ବର୍ଗରୁ ଚୟନ ହୋଇ ଆସିଥିବା ୧୯ଟି ପ୍ରକଳ୍ପ, ସେଷ୍ଟର ଫୋର ଏନ୍‌ଭାଏରମେଣ୍ଟାଲ ଷ୍ଟଡିଜ ପକ୍ଷରୁ ୧୭ଟି ପ୍ରକଳ୍ପ ଶିଶୁ ବୈଜ୍ଞାନିକଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ସେହିପରି ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ପକ୍ଷରୁ କୁଇଜ୍ ପ୍ରତିଯୋଗିତାରେ ୧୮ ଜଣ ଓ ଜିଲାସ୍ତରୀୟ ପିଏମ୍‌ଶ୍ରୀ ବିଦ୍ୟାଳୟର ୧୬ ଜଣ ଛାତ୍ରାଛାତ୍ରୀ ଭାଗନେଇଥିଲେ। ବିଚାରକ ଭାବେ ଆଦର୍ଶ ମହାବିଦ୍ୟାଳୟ ପ୍ରଧାପକ ଡ. ସୁମିତ୍ କୈଶାଳ, ଡ. ପି. କେ. ମିଶ୍ର, ରତିକାନ୍ତ ରଥ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଡ. ରାମଚନ୍ଦ୍ର ମହାପାତ୍ର, ଉଦୟ ପ୍ରଧାନ, ଭାନୁଶଙ୍କର ନନ୍ଦ, ଅବସରପ୍ରାପ୍ତ ବିଜ୍ଞାନଶିକ୍ଷକ ସତ୍ୟନାରାୟଣ ସାହୁ ଦାୟିତ୍ୱ ବହନ କରିଥିଲେ। ଏହି ଅବସରରେ ଉଭୟ ବର୍ଗରୁ ୧୩ଟି ପ୍ରକଳ୍ପ, କୁଇଜ୍‌ରେ ଉଭୟ ବର୍ଗରେ ୧୨ ଜଣଙ୍କୁ ଚୟନ କରାଯାଇଥିଲା। ଅପରାହ୍ନରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଡ. ଶକୁନ୍ତଳା ଟେଟେ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ କୌଶିକ୍ କୁମାର ପ୍ରଧାନ, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ପୌରପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ୍ କୁମାର ଭୋଜ, ଜିଲା ବିଜ୍ଞାନ ନିରୀକ୍ଷକ ଉପସିତା ପଟ୍ଟନାୟକ ଯୋଗଦେଇ କୃତୀ ପ୍ରତିଯୋଗୀ ପୁରସ୍କୃତ କରିଥିଲେ। ଉଭୟ କାର୍ଯ୍ୟକ୍ରମକୁ ସୁଗୁଡ଼ା ପିଆରସିପି ପ୍ରାଣବନ୍ଧୁ ଘଡେଇ ସଂଯୋଜନା କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଗୋହିରା ନୋଡାଲ ଉଚ୍ଚ ବିଦ୍ୟାଳୟ କୁମୁଦବନ୍ଧୁ ପୃଷ୍ଟି ଧନ୍ୟବାଦ ଦେଇଥିଲେ। ଚଳିତବର୍ଷ ବିଜ୍ଞାନଭିତ୍ତିକ ନାଟକ ପ୍ରତିଯୋଗିତାରେ ରାଜ୍ୟସ୍ତରରେ ପ୍ରଥମ ସ୍ଥାନ ଅଧିକାର କରି ଜାତୀୟ ସ୍ତର ପାଇଁ ମନୋନୀତ ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟ ଛାତ୍ରାମାନଙ୍କ ସହ ନିର୍ଦ୍ଦେଶକ ଗୌର ଚରଣ ସାହୁଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। କ୍ରାଡ଼ୀ ଶିକ୍ଷୟିତ୍ରୀ ରଞ୍ଜିତା ମିଶ୍ରଙ୍କ ତତ୍ତ୍ୱାବଧାନ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଜିଲାସ୍ତରୁ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ପ୍ରଥମ ସ୍ଥାନ ଅଧିକାର କରିଥିବା ୭ଟି ପ୍ରକଳ୍ପ ଓ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ପକ୍ଷରୁ ୬ଟି ପ୍ରକଳ୍ପ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ସାମିଲ ହେବ।



ଅତିଥିମାନେ ପ୍ରକଳ୍ପ ଦେଖୁଛନ୍ତି।

# ଜିଲାସ୍ତରୀୟ ଖରିଫ ଧାନମଣ୍ଡି ଉଦ୍‌ଘାଟିତ

ଦେବଗଡ଼,୧୯।୧୨ (ଶଶାଙ୍କ ଶେଖର ଖାଙ୍କର)

ଦେବଗଡ଼ ଜିଲାରେ ଚଳିତ ବର୍ଷର ଖରିଫ ବିପଣନ ଋତୁ ୨୦୨୫-୨୬ ଜିଲାସ୍ତରୀୟ ଖରିଫ ଧାନ ସଂଗ୍ରହ ମଣ୍ଡି ଶୁକ୍ରବାର ରିଆମାଳ ବ୍ଲକର ବୁଢ଼ାପାଲଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ବରେଣ୍ୟ ଅତିଥି ଭାବେ ଉପଜିଲାପାଳ ପରଶିତ ସାହୁ, ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ଯୋଗେଶ ପ୍ରଧାନ, ଭାଜପା ଜିଲା ସଭାପତି ଅରୁଣ କୁମାର ସାହୁ, ରିଆମାଳ ପଞ୍ଚାୟତ ସମିତି ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ, ବୁଢ଼ାପାଲ ସରପଞ୍ଚ ଦିଲ୍ଲୀପ କୁମାର ଆଚାର୍ଯ୍ୟ, ବୁଢ଼ାପାଲ ସୋସାଇଟି ଉପସଭାପତି ରିତାରାଣୀ ମିଶ୍ର, ଦେବଗଡ଼ ଜିଲା କୃଷକ ମଞ୍ଚ ସଭାପତି ପ୍ରମୋଦ ଖାଙ୍କର, ଉପନିବନ୍ଧକ ଭୀମସେନ ସାହୁ, ଜିଲା ଯୋଗାଣ ଅଧିକାରୀ କିଶୋର ଚନ୍ଦ୍ର ମହାରଣା ପ୍ରମୁଖ ଯୋଗଦେଇ ଚାଷୀଙ୍କ ଧାନ କ୍ରୟ ସମ୍ପର୍କରେ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ପରେ ମୁଖ୍ୟ ଅତିଥି ଓ ବରେଣ୍ୟ ଅତିଥି ଧାନ ସଂଗ୍ରହ ସ୍ଥାନକୁ ଯାଇ ଉଦ୍‌ଘାଟନ କରିଥିଲେ। ଚଳିତବର୍ଷ ପ୍ରଥମ ପର୍ଯ୍ୟାୟରେ ୫ ଲକ୍ଷ କୁଇଣ୍ଟାଲ ଧାନ କ୍ରୟ ପାଇଁ ଲକ୍ଷ ଧାର୍ଯ୍ୟ କରାଯାଇ ୫୧ଟି ମଣ୍ଡି ଖୋଲିବା ନିମନ୍ତେ ସ୍ଥିର ହୋଇଛି। ଜିଲାରେ ୨୧,୪୧୪ ଚାଷୀ ପଞ୍ଜିକରଣ କରିଛନ୍ତି ଓ ବୁଢ଼ାପାଲ ସମବାୟ ସମିତିରେ ୯୧୩ ଜଣ ଚାଷୀ ପଞ୍ଜିକୃତ କରିଛନ୍ତି। ଏଥିମଧ୍ୟରୁ ଶୁକ୍ରବାର ପ୍ରଥମ ଦିନରେ ଚାଷୀ ଡନ୍ ପ୍ରଧାନ ୨୧ କୁଇଣ୍ଟାଲ ୯୭ କେଜି ଧାନ ବିକ୍ରି କରିଛନ୍ତି। କାର୍ଯ୍ୟକ୍ରମରେ ଜିଲାର ୪୨ଟି ସୋସାଇଟିର ସଭାପତି, ସମ୍ପାଦକ ଓ ଚାଷୀ ଉପସ୍ଥିତ ଥିଲେ।

# ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ଦେବଗଡ଼,୧୯।୧୨ (ଶଶାଙ୍କ ଶେଖର ଖାଙ୍କର)

ତିଲେଇବଣି ବ୍ଲକ କଳାମାଟିଆ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ତିଲେଇବଣି ବ୍ଲକ ଉପାଧ୍ୟକ୍ଷା ଆରତୀ ପ୍ରଧାନ, ମୁଖ୍ୟବକ୍ତା ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ଯୋଗେଶ ଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଟଙ୍କଧର ସ୍ୱାଇଁ ଓ ସୁନାମୁଣ୍ଡା ସିଆରସିସି ଉଦୟନାଥ ପ୍ରଧାନ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ଛାତ୍ରାଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ବିଦ୍ୟୁତ୍ ଠିକାଦାର ସଂଘର ନୂତନ କର୍ମକର୍ତ୍ତା ଚୟନ

ଝାରସୁଗୁଡ଼ା,୧୯।୧୨ (ଆଶିଷ ରଞ୍ଜନ ଦାଶ)

ପଶ୍ଚିମ ଓଡ଼ିଶା ବିଦ୍ୟୁତ୍ ଠିକାଦାର ସଂଘର ନୂତନ କର୍ମକର୍ତ୍ତା ଚୟନ ପାଇଁ ଝାରସୁଗୁଡ଼ାରେ ଶୁକ୍ରବାର ପୂର୍ବାହ୍ନରେ ନିର୍ବାଚନ ସମ୍ପନ୍ନ ହୋଇଯାଇଛି। ଏକ ଘରୋଇ ହୋଟେଲଠାରେ ସଂଘ ପକ୍ଷରୁ ନିର୍ବାଚନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସଂଘର ପୂର୍ବତନ ସଭାପତି ବିଜୟ କୁମାର ପଣ୍ଡିଙ୍କ ସଭାପତିତ୍ୱରେ ଶିକ୍ଷକଙ୍କ ପ୍ରସ୍ତାବ ଓ ବ୍ରଜକିଶୋର ବିରଥିଆଙ୍କ ନିର୍ବାଚନ ପରିଚାଳନାରେ ସମଗ୍ର ପଶ୍ଚିମ ଓଡ଼ିଶା ଠିକାଦାର ସଂଘର ପ୍ରାୟ ସମସ୍ତ ସଭ୍ୟ ନିର୍ବାଚନରେ ଭାଗ ନେଇଥିଲେ। ନିର୍ବାଚନ ପ୍ରକ୍ରିୟା ପରେ ସଭାପତି ଭାବରେ ରାଜକୁମାର ରାଉ, କାର୍ଯ୍ୟକାରୀ ସଭାପତି ଭାବରେ ପ୍ରଦୋଷ କୁମାର ପଣ୍ଡା, ଉପସଭାପତି ଭାବରେ ଜ୍ୟୋତି ରଞ୍ଜନ ମହାରଣା, ସମୀର ପଟେଲ, ରଞ୍ଜନ ପଣ୍ଡା, ଦୀପକ ରଞ୍ଜନ ନାୟକ, ସଞ୍ଜୀବ କୁମାର ପାଢ଼ୀ, ପାଣିଗ୍ରାହୀ, ସାଧାରଣ ସମ୍ପାଦକ ଭାବରେ ଶିଶିର କୁମାର ରଥ, ସଂଗଠନ ସମ୍ପାଦକ ଭାବରେ ଦେବାଶିଷ ରାୟଗୁରୁ ଏବଂ ଯୁଗ୍ମ ସମ୍ପାଦକ ଭାବରେ ଗଣ୍ଡୁଧର ବେହେରା, ଅମ୍ବିକା ପ୍ରସାଦ ସାମଲ, ବ୍ରଜକିଶୋର ବିରଥିଆ ନିର୍ବାଚିତ ହୋଇଛନ୍ତି। ନୂତନ ନିର୍ବାଚିତ କର୍ମକର୍ତ୍ତାମାନେ ସଂଘକୁ ମଜଭୁତ କରିବା ପାଇଁ ଶପଥ ନେଇଥିଲେ।

**ପୂର୍ବ ତଟ ରେଳପଥ**

ଫାଇଲ ନଂ. DRM/Engg/KUR/25-26/E-Tender/97, ତା.୧୦.୧୨.୨୦୨୫ରିଖ

(୧) ଟେଣ୍ଡର ନଂ. e-tender-CENTKUR-323-2025, ତା.11.12.2025ରିଖ

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 39.37 ଲକ୍ଷ, EMD : ₹78,800/-

(୨) ଟେଣ୍ଡର ନଂ. e-tender-CENTKUR-324-2025, ତା.11.12.2025ରିଖ

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 2310.45 ଲକ୍ଷ, EMD : ₹13,05,200/-

(୩) ଟେଣ୍ଡର ନଂ. e-tender-NORTHKUR-325-2025, ତା.11.12.2025ରିଖ

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 261.27 ଲକ୍ଷ, EMD : ₹2,80,600/-

ଟେଣ୍ଡର ଦାଖଲର ଶେଷ ତାରିଖ ଓ ସମୟ : ତା.02.01.2026ରିଖ 1500 ଘଣ୍ଟାରେ

www.ireps.gov.in

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ୍

PR-920/Q/25-26

**ଇଣ୍ଡିଆନ ପୋର୍ଟ ରେଲ୍ ଆଣ୍ଡ ରୋପୱେ କର୍ପୋରେସନ ଲିଃ**

SAGARMALA

ଭାରତୀୟ ରେଳପଥ - ଇଞ୍ଜିନିୟରସ୍ ସମସ୍ତ ସାର୍ବଜନୀନ ବିଜ୍ଞପ୍ତି

**TPWODL**

**ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିଡବ୍ଲ୍ୟୁଓଡିଏଲ)**

କର୍ପୋରେଟ୍ କାର୍ଯ୍ୟାଳୟ - ବୁର୍ଲା, ସମ୍ବଲପୁର - ୭୬୮୦୧୭ (ଓଡ଼ିଶା)

**ସର୍ବସାଧାରଣ ବିଜ୍ଞପ୍ତି**

ମାମଲା ନଂ. ୧୪୮/୨୦୨୫

www.tpwesternodisha.com

www.orierc.org

**ଫର୍ମ ନଂ. ୧୩**

ଋଣ ଅସୁଲି ପ୍ରାଧିକରଣ, କଟକ, ଓଡ଼ିଶାଙ୍କ ଇଜିଲାସ୍ ସି-୭୧, ସେକ୍ଟର-୭, ସିଡିଏ, କଟକ, ଓଡ଼ିଶା

ମୂଳ ଦରଖାସ୍ତ ନଂ.: ୨୦୨୫ ର ୫୩୪

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚପରଭୁଦ ସମ୍ପତ୍ତି ଆଦାୟ ଶାଖା (SARB), ଭୁବନେଶ୍ୱର ...ଆବେଦନକାରୀ

ବନାମ

ଶ୍ରୀ କୃଷ୍ଣ ଚନ୍ଦ୍ର ବିଶ୍ୱାଳ ...ପ୍ରତିବାଦୀ(ମାନେ)

ସ୍ୱା/- (ନିର୍ମଳ ରଞ୍ଜନ ପତି) ରେଜିଷ୍ଟ୍ରାର

**ବ୍ୟାଙ୍କ ଅଫ୍ ବରୋଦା**

Bank of Baroda

କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ, ଦ୍ୱିତୀୟ ମହଲା ଚଳଚ୍ଚିତ୍ର ଭବନ, ବକ୍ସି ବଜାର, କଟକ-୭୫୩୦୦୧

**ଦଖଲ ବିଜ୍ଞପ୍ତି (ସ୍ଥାବର ସମ୍ପତ୍ତି ନିମନ୍ତେ)**

[ପରିଶିଷ୍ଟ-୪ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ନିୟମ ୮(୧) ଅନୁସାରେ]

| ଶାଖା / ଋଣଗ୍ରହୀତା / ଜାମିନଦାରମାନଙ୍କ ନାମ ଏବଂ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ଡିମାଣ୍ଡ / ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|
| କେନ୍ଦ୍ରାପଡ଼ା ଶାଖା / ଋଣଗ୍ରହୀତା: ଶ୍ରୀ ପ୍ରଶାନ୍ତ କୁମାର ବିଶ୍ୱାଳ | ଶ୍ରୀ ପ୍ରଶାନ୍ତ କୁମାର ବିଶ୍ୱାଳ, ପିତା: ଶିବ ଚରଣ ବିଶ୍ୱାଳଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି | ୧୯.୦୭.୨୦୨୫ / ୧୭.୧୨.୨୦୨୫ | [illegible] |
| ଚାନ୍ଦିବାଡ଼ିଗ୍ରାମୀଣ ଶାଖା / ଋଣଗ୍ରହୀତା: ମେସର୍ସ ସ୍ମୃତି ଏଣ୍ଟରପ୍ରାଇଜେସ୍ | ଶ୍ରୀ ଜଗନ୍ନାଥ ସ୍ୱାଇଁ, ପିତା: ଶ୍ରୀ ଭାଗବତ ସ୍ୱାଇଁଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି | ୩୦.୦୨.୨୦୨୫ / ୧୭.୧୨.୨୦୨୫ | [illegible] |
| ମଶିଆପୁର ଛକ ଶାଖା / ଋଣଗ୍ରହୀତାମାନେ: ୧) ଶ୍ରୀ ଶରତ ବେହେରା, ୨) ଶ୍ରୀମତୀ ଶାନ୍ତିଲତା ବେହେରା | ଶାନ୍ତିଲତା ବେହେରାଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି | ୦୪.୦୮.୨୦୨୫ / ୧୭.୧୨.୨୦୨୫ | [illegible] |
| ବକ୍ତ ଛକ ଶାଖା / ଋଣଗ୍ରହୀତାମାନେ: ୧) ଶ୍ରୀ ରତ୍ନାକର ପରିଡ଼ା, ୨) ଶ୍ରୀମତୀ ପୁଷ୍ପାଞ୍ଜଳି ପରିଡ଼ା | ଶ୍ରୀ ରତ୍ନାକର ପରିଡ଼ା, ପିତା: ପୁରୁଷୋତ୍ତମ ପରିଡ଼ାଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି | ୧୩.୦୫.୨୦୨୫ / ୧୭.୧୨.୨୦୨୫ | [illegible] |

ସ୍ଥାନ: କଟକ, ତାରିଖ: ୧୯.୧୨.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା

Your classified advertisement published in Dharitri will be listed free in Dharitri online edition :
www.dharitri.com

## ଦିଲ୍ଲୀରେ ଆଜି



ଜାତୀୟ ରାଜଧାନୀରେ ବାୟୁ ଗୁଣବତ୍ତା ସ୍ଥିତି ବିପଜ୍ଜନକ ଥିବାବେଳେ ଶୁକ୍ରବାର ପାଣିପାଗ ବିଭାଗ ଦିଲ୍ଲୀ ପାଇଁ ରେଡ୍ ଆଲର୍ଟ ଜାରି କରିଛି। ଦିଲ୍ଲୀ-ଏନ୍‌ସିଆର୍‌ରେ ଜିଆର୍‌ଏପି ଚତୁର୍ଥ ପର୍ଯ୍ୟାୟ କଟକଣା ଲଗୁ ହୋଇଛି। ଘନ କୁହୁଡ଼ି ଏବଂ ବିଷାକ୍ତ ଧୂଳିଧୂଆଁ ମଧ୍ୟରେ ଲୋକେ କର୍ତ୍ତବ୍ୟପଥରେ ବୁଲୁଥିବା ଦେଖାଯାଉଛି।(ଫଟୋ- ଚମନ ଗୌତମ)

# ଦିଲ୍ଲୀରେ ୧୫୦ ବିମାନ ଉଡ଼ାଣ ବାତିଲ

## ଉତ୍ତର ଭାରତରେ ଘନକୁହୁଡ଼ି

ନୂଆଦିଲ୍ଲୀ,୧୯।୧୨(ପି.ଟି.)

ଦିଲ୍ଲୀ ସମେତ ଉତ୍ତର ଭାରତକୁ ଶୁକ୍ରବାର ସକାଳେ ଘନ କୁହୁଡ଼ିର ଆସ୍ତରଣ ଘୋଡ଼ାଇ ରଖିଥିବାବେଳେ ଭାରତୀୟ ପାଣିପାଗ ବିଭାଗ ଦିଲ୍ଲୀ ପାଇଁ ରେଡ୍ ଆଲର୍ଟ ଜାରି କରିଥିଲା। କମ୍ ଦୃଶ୍ୟମାନତା ପାଇଁ ବିମାନ ଚଳାଚଳ ପ୍ରଭାବିତ ହୋଇଥିଲା। ଫଳରେ ଦିଲ୍ଲୀ ଏୟାରପୋର୍ଟ ଛାଡ଼ିବାକୁ ଥିବା ୭୯ଟି ବିମାନ ଏବଂ ପହଞ୍ଚିବାକୁ ଥିବା ୭୩ଟି ବିମାନ ସମେତ ୨ଟି ଅନ୍ତର୍ଜାତୀୟ ବିମାନ ଉଡ଼ାଣ ବାତିଲ ହୋଇଥିଲା। କେତେକ ବିଳମ୍ବ ସତ୍ତ୍ୱେ ବିମାନ ଉଡ଼ାଣ ଓ ଅବତରଣ ଜାରି ରହିବ ବୋଲି ବିମାନବନ୍ଦର ପକ୍ଷରୁ ଆଡଭାଇଜରି ଜାରି କରାଯାଇଥିଲା। ଦିଲ୍ଲୀ-ଏନ୍‌ସିଆର୍, ଅମୃତସର, ଜବଲପୁର ଏବଂ ଜଳନ୍ଧରରେ କୁହୁଡ଼ି ଯୋଗୁ ଅଧିକ ଦୂର ପର୍ଯ୍ୟନ୍ତ ଦୃଶ୍ୟ ହେଉ ନ ଥିବାରୁ ବିମାନ ଉଡ଼ାଣ ସମୟରେ ପରିବର୍ତ୍ତନ ହୋଇଥିବା ଇଣ୍ଡିଗୋ ଏୟାରଲାଇନ୍ସ ପକ୍ଷରୁ କୁହାଯାଇଥିଲା।

ସାଟେଲାଇଟ୍ ଚିତ୍ର ଅନୁଯାୟୀ, ପଞ୍ଜାବ, ହରିୟାଣା, ଦିଲ୍ଲୀ, ଉତ୍ତରପ୍ରଦେଶ ଏବଂ ଉତ୍ତରପୂର୍ବ ମଧ୍ୟପ୍ରଦେଶ ଓ ବିହାରକୁ ଘନ କୁହୁଡ଼ି ଢାଙ୍କି ରଖିଥିଲା। ୟୁପିର ଆଗ୍ରା, ବରେଲି, ସାହାରନପୁର ଏବଂ ଗୋରଖପୁର, ପଞ୍ଜାବର ଅମୃତସର, ବଠିଣ୍ଡା, ଲୁଧିଆନା ଏବଂ ଆଦମପୁର, ଦିଲ୍ଲୀର ସଫଦରଜଙ୍ଗ ଏବଂ ହରିୟାଣାର ଅମ୍ବାଲା, ମଧ୍ୟପ୍ରଦେଶର ଗୋଆଲିୟର, ବିହାରର ଭାଗଲପୁର ଏବଂ ଝାଡ଼ଖଣ୍ଡର ଡାଲ୍‌ଟନଗଞ୍ଜରେ ଦୃଶ୍ୟମାନତା ଶୂନ୍ୟ ମିଟରରେ ପହଞ୍ଚିଥିଲା।

ବାୟୁ ପ୍ରଦୂଷଣ ଅଧିକ ଖରାପ ହେଉଥିବାରୁ ପିଲାମାନଙ୍କ ସୁରକ୍ଷା ପାଇଁ ଦିଲ୍ଲୀ ସରକାର ଏକ ଉଲ୍ଲେଖନୀୟ ପଦକ୍ଷେପ ନେବାକୁ ଯାଉଛନ୍ତି। ଦିଲ୍ଲୀରେ ପ୍ରଥମ ପର୍ଯ୍ୟାୟରେ ୧,୦୦୦ ସରକାରୀ ସ୍କୁଲ୍‌ରେ ଏୟାର ପ୍ୟୁରିଫାୟର (ବାୟୁ ବିଶୋଧକ) ଲଗାଇବା ପାଇଁ ସରକାର ଘୋଷଣା କରିଛନ୍ତି। ଏନେଇ ଟେଣ୍ଡର ଡକାଯାଇଥିବା ଦିଲ୍ଲୀ ଶିକ୍ଷାମନ୍ତ୍ରୀ ଆଶିଷ ସୁଦ୍ କହିଛନ୍ତି। ଜାତୀୟ ରାଜଧାନୀର ସରକାରୀ ସ୍କୁଲ୍‌ଗୁଡ଼ିକରେ ପଢୁଥିବା ପିଲାମାନଙ୍କୁ ଶ୍ରେଣୀଗୃହରେ ସ୍ୱଚ୍ଛ ବାୟୁ ଉପଲବ୍ଧ ସୁନିଶ୍ଚିତ କରାଇବା ଏହାର ଲକ୍ଷ୍ୟ। ପରବର୍ତ୍ତୀ ସମୟରେ ଦିଲ୍ଲୀର ସମସ୍ତ ସରକାରୀ ସ୍କୁଲ୍ ଶ୍ରେଣୀଗୃହରେ ଏୟାର ପ୍ୟୁରିଫାୟର ଲଗାଯିବ।

## ନର୍ଥ କାରୋଲିନାରେ ବିମାନ ଦୁର୍ଘଟଣା: ୭ ମୃତ

ଷ୍ଟାଟେସ୍‌ଭିଲେ,୧୯।୧୨

ଆମେରିକାର ନର୍ଥ କାରୋଲିନାକୁ ଫେରୁଥିବା ଏକ ବିଜନେସ୍ ଜେଟ୍ ଗୁରୁବାର ରାତିରେ ଦୁର୍ଘଟଣାଗ୍ରସ୍ତ ହେବାରୁ ସମସ୍ତ ୭ ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଏନ୍‌ଏଏସ୍‌ସିଏଆର୍‌ର ପୂର୍ବତନ ଡ୍ରାଇଭର ଗ୍ରେଗ୍ ବିଫଲ୍ ଓ ତାଙ୍କ ପରିବାର ସଦସ୍ୟ ରହିଛନ୍ତି। ସେସ୍‌ନା ସି୫୫୦ ବିମାନ ଷ୍ଟାଟେସ୍‌ଭିଲେ ଆଞ୍ଚଳିକ ଏୟାରପୋର୍ଟରୁ ଉଡ଼ାଣ ଆରମ୍ଭ କରିବାର କିଛି ସମୟ ପରେ ଦୁର୍ଘଟଣାଗ୍ରସ୍ତ ହୋଇ ଜଳିଯାଇଥିଲା। ଦୁର୍ଘଟଣାର କାରଣ ଜଣାପଡ଼ିନାହିଁ।

## ଫେବୃଆରୀର ଏକ ରବିବାରରେ ବଜେଟ ଉପସ୍ଥାପନ ହୋଇପାରେ

ନୂଆଦିଲ୍ଲୀ,୧୯।୧୨(ପି.ଟି.)

ଆଗାମୀ ବଜେଟ ଅଧିବେଶନ କାଳରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଫେବୃଆରୀ ମାସର ଏକ ରବିବାର ୨୦୨୬-୨୭ ବର୍ଷର ସାଧାରଣ ବଜେଟ ଉପସ୍ଥାପନ କରିପାରନ୍ତି ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି। ୨୦୧୭ରୁ ବଜେଟ ଫେବୃଆରୀ ମାସର ପ୍ରଥମ ଦିନରେ ଉପସ୍ଥାପନ ହୋଇଆସୁଥିବାବେଳେ ଏଥର ରବିବାର ଉପସ୍ଥାପନ କରାଯିବ। ତେବେ ଏନେଇ ପ୍ରଶ୍ନ କରାଯିବାରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ କହିଛନ୍ତି, ସଂସଦୀୟ ବ୍ୟାପାର ସମ୍ପର୍କିତ କ୍ୟାବିନେଟ୍ କମିଟି ଉପଯୁକ୍ତ ସମୟରେ ନିଷ୍ପତ୍ତି ନେବ। ଜଣେ ଅଧିକାରୀଙ୍କ କହିବା ଅନୁଯାୟୀ ସାଧାରଣ ବଜେଟ ଉପସ୍ଥାପନ ପାଇଁ ଏକ ନିର୍ଦ୍ଦିଷ୍ଟ ଦିନ ରହିବ। ରବିବାର ବଜେଟ ଉପସ୍ଥାପନ ଧାରଣା ବ୍ରିଟିଶମାନେ ଆଣିଥିଲେ। ସୂଚନାଯୋଗ୍ୟ, ୨୦୧୭ ପୂର୍ବରୁ ବଜେଟ ଫେବୃଆରୀ ମାସ ଶେଷ ଦିନରେ ଉପସ୍ଥାପନ କରାଯାଉଥିଲା।

# ୮ ବିଲ୍ ଗୃହୀତ, ଲୋକ ସଭା ୧୧୧% ଫଳପ୍ରଦ

## ଶେଷ ହେଲା ସଂସଦର ଶୀତ ଅଧିବେଶନ

ନୂଆଦିଲ୍ଲୀ,୧୯।୧୨

ଡିସେମ୍ବର ୧ରେ ଆରମ୍ଭ ହୋଇଥିବା ଅଷ୍ଟାଦଶ ଲୋକ ସଭାର ଶୀତ ଅଧିବେଶନକୁ ଶୁକ୍ରବାର ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରାଯାଇଛି। ଫଳରେ ପାର୍ଲାମେଣ୍ଟର ୧୯ ଦିନିଆ ଶୀତ ଅଧିବେଶନର ପରିସମାପ୍ତି ଘଟିଛି। ଏହି ଅଧିବେଶନ କାଳରେ ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ମଧ୍ୟରେ ପାର୍ଲାମେଣ୍ଟରେ ଭିବି- ଜି ରାମ ଜି ବିଲ୍, ବେସାମରିକ ଆଣବିକ ପ୍ରକଳ୍ପରେ ଘରୋଇ କମ୍ପାନୀଙ୍କୁ ପ୍ରବେଶ ଅନୁମତି ପାଇଁ ଏସ୍‌ଏଚ୍‌ଏଏନ୍‌ଟିଆଇ ବିଲ୍ ସମେତ ୮ ବିଲ୍ ଗୃହୀତ ହୋଇଛି। ଅଧିବେଶନ ମୋଟ ୯୨ ଘଣ୍ଟା ୨୫ ମିନିଟ୍ ପାଇଁ ଚାଲିଥିଲା।

ଶୁକ୍ରବାର ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବାଚସ୍ପତି ଓମ୍ ବିର୍ଲା ତାଙ୍କର ସଂକ୍ଷିପ୍ତ ସମାପନ ଭାଷଣ ପଢ଼ିଥିଲେ। ଏହି ଅଧିବେଶନରେ ଲୋକ ସଭା ୧୧୧ ପ୍ରତିଶତ ଫଳପ୍ରଦ ହୋଇଛି। ଗୁରୁତ୍ୱପୂର୍ଣ୍ଣ ବିଲ୍‌ଗୁଡ଼ିକ ଉପରେ ଆଲୋଚନା ପାଇଁ ସଦସ୍ୟମାନେ ବିଳମ୍ବିତ ସମୟ ପର୍ଯ୍ୟନ୍ତ ବସିରହିଥିଲେ ବୋଲି ବିର୍ଲା କହିବା ସହ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରିଥିଲେ। ବାଚସ୍ପତି ତାଙ୍କ ଭାଷଣ ପଢୁଥିବାବେଳେ ଗୃହରେ କେତେଜଣ ସଦସ୍ୟ ମହାତ୍ମା ଗାନ୍ଧୀ କୀ ଜୟ ସ୍ଲୋଗାନ ଦେଉଥିଲେ। ଶୀତ ଅଧିବେଶନରେ ପାର୍ଲାମେଣ୍ଟର ଉଭୟ ଗୃହରେ ୨ଟି ରାଜନୈତିକ ବିତର୍କ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଏବଂ ନିର୍ବାଚନ ସଂସ୍କାରକୁ ନେଇ ହୋଇଥିଲା। ଜାତୀୟ ଗୀତର ୧୫୦ବର୍ଷ ପୂରଣ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଲୋଚନା ଆରମ୍ଭ କରିବା ପରେ ୧୧ ଘଣ୍ଟା ୩୨ ମିନିଟ୍ ବିତର୍କ ଚାଲିଥିଲା, ଯେଉଁଥିରେ ୬୫ ଜଣ ସଦସ୍ୟ ଅଂଶଗ୍ରହଣ କରିଥିଲେ। ତେବେ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ବାୟୁ ପ୍ରଦୂଷଣ ଉପରେ ଆଲୋଚନା କରିବାକୁ ଥିବାବେଳେ ତାହା ହୋଇପାରି ନ ଥିଲା। ଦେଶର ୧୨ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଉପରେ ଆଲୋଚନା ପାଇଁ ବିରୋଧୀ ଅଡ଼ି ବସିବା ପରେ ଶେଷରେ ସରକାର ନିର୍ବାଚନ ସଂସ୍କାର ଉପରେ ବିତର୍କ ପାଇଁ ରାଜି ହୋଇଥିଲେ। ଏହା ଉପରେ ୧୩ ଘଣ୍ଟା ଆଲୋଚନା ହୋଇଥିଲା ଓ ୬୩ ଜଣ ଏମ୍‌ପି ଭାଗ ନେଇଥିଲେ। ତେବେ ଏସ୍‌ଆଇଆର୍, ଭୋଟ ଚୋରି ଏବଂ ମୁଖ୍ୟ ନିର୍ବାଚନ କମିଶନର ଓ ନିର୍ବାଚନ କମିଶନର ନିଯୁକ୍ତି ନିମନ୍ତେ ନୂଆ ଆଇନକୁ ନେଇ ବିରୋଧୀ ସଦସ୍ୟମାନେ ସରକାରଙ୍କ ଉପରେ ବର୍ଷିଥିଲେ।

ଗ୍ରାମାଞ୍ଚଳ ଲୋକଙ୍କୁ କାମଧନ୍ଦା ଯୋଗାଇବା ପାଇ ୨୦ ବର୍ଷ ହେଲା କାର୍ଯ୍ୟକାରୀ ହୋଇଆସୁଥିବା ଏମ୍‌ଜିଏନ୍‌ଆର୍‌ଇଜିଏ ବଦଳରେ ସରକାର ଆଣିଥିବା ବିକଶିତ ଭାରତ ଗ୍ୟାରେଣ୍ଟି ଫର୍ ରୋଜଗାର ଆଣ୍ଡ ଆଜୀବିକା ମିଶନ (ଗ୍ରାମୀଣ) ବା ଭିବି-ଜି ରାମ ଜି ବିଲ୍ ପ୍ରବଳ ବିରୋଧ ମଧ୍ୟରେ ଗୁରୁବାର ବିଳମ୍ବିତ ରାତିରେ ପାର୍ଲାମେଣ୍ଟର ଅନୁମୋଦନ ଲାଭ କରିଥିଲା। ବିରୋଧୀ ସଦସ୍ୟ ବିଲ୍‌ର ନକଲକୁ ଚିରିଦେଇଥିଲେ। ସେହିପରି ଆଣବିକ ସେକ୍ଟରରେ ଘରୋଇ ସଂସ୍ଥା ଅଂଶଗ୍ରହଣ ପାଇଁ ସରକର ଆଣିଥିବା ସଷ୍ଟେନେବଲ୍ ହାର୍ନେସିଂ ଆଣ୍ଡ ଆଡଭାନ୍ସମେଣ୍ଟ ଅଫ୍ ନ୍ୟୁକ୍ଲିୟର ଏନର୍ଜି ଫର୍ ଟ୍ରାନ୍ସଫର୍ମିଂ ଇଣ୍ଡିଆ (ଏସ୍‌ଏଚ୍‌ଏଏନ୍‌ଟିଆଇ) ବିଲ୍ ମଧ୍ୟ ଗୃହୀତ ହୋଇଥିଲା। ଏହା ବ୍ୟତୀତ ବୀମା କ୍ଷେତ୍ରରେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ (ଏଫ୍‌ଡିଆଇ) ୭୪%ରୁ ୧୦୦%କୁ ବଢ଼ାଇବା ପାଇଁ ବିଲ୍ ଲୋକ ସଭାରେ ଗୃହୀତ ହୋଇଥିଲା। ସେହିପରି ସବ୍‌କା ବୀମା ସବ୍‌କି ରକ୍ଷା (ବୀମା ଆଇନ ସଂଶୋଧନ) ବିଲ୍, ୨୦୨୫ ପାର୍ଲାମେଣ୍ଟର ଅନୁମୋଦନ ଲାଭ କରିଥିଲା। ଏଥିସହିତ ପ୍ରାସଙ୍ଗିକତା ନ ଥିବା ୭୫ଟି ପୁରୁଣା ସଂଶୋଧିତ ଆଇନ ଏବଂ ୬ଟି ପ୍ରମୁଖ ଆଇନକୁ ରଦ୍ଦ କରିବା ନିମନ୍ତେ ବିଲ୍ ଲୋକ ସଭାରେ ପାସ୍ ହୋଇଥିଲା। ଉଚ୍ଚଶିକ୍ଷା ନିୟାମକ ସ୍ଥାପନ ପାଇଁ ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ ବିଲ୍‌କୁ ଉଭୟ ଗୃହର ଯୁଗ୍ମ କମିଟିକୁ ପଠାଯାଇଛି। ମଣିପୁର ଦ୍ରବ୍ୟ ଓ ସେବା ଟିକସ(ଦ୍ୱିତୀୟ ସଂଶୋଧନ) ବିଲ୍, ସ୍ୱାସ୍ଥ୍ୟ ସୁରକ୍ଷାରୁ ଜାତୀୟ ସୁରକ୍ଷା ସେସ୍ ବିଲ୍ ଲୋକ ସଭାରେ ଗୃହୀତ ହୋଇଥିବାବେଳେ ୨୦୨୫-୨୬ ବର୍ଷର ପ୍ରଥମ ଭାଗ ଅତିରିକ୍ତ ଅନୁଦାନ ଦାବି ବିଲ୍ ଗୃହୀତ ହୋଇଥିଲା।



ଅଷ୍ଟାଦଶ ଲୋକ ସଭାର ଷଷ୍ଠ ଅଧିବେଶନ ଶୁକ୍ରବାର ଶେଷ ହେବା ପରେ ଅନୁଷ୍ଠିତ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଲୋକ ସଭା ବାଚସ୍ପତି ଓମ୍ ବିର୍ଲା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, କଂଗ୍ରେସ ଏମ୍‌ପି ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଓ ଅନ୍ୟ ଏମ୍‌ପିମାନେ ଯୋଗଦେଇଛନ୍ତି।

## ଆମେରିକା ପ୍ରତିରକ୍ଷା ନୀତି ବିଲ୍‌ରେ ଟ୍ରମ୍ପଙ୍କ ସ୍ୱାକ୍ଷର

### ଭାରତ ସହ ପ୍ରତିରକ୍ଷା ସହଯୋଗ ବଢ଼ିବ

ନ୍ୟୁୟର୍କ/ୱାଶିଂଟନ,୧୯।୧୨(ପି.ଟି.)

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଗୁରୁବାର ଦେଶର ବାର୍ଷିକ ପ୍ରତିରକ୍ଷା ନୀତି ବିଲ୍‌ରେ ସ୍ୱାକ୍ଷର କରିବା ଫଳରେ ତାହା ଆଇନରେ ପରିଣତ ହୋଇଛି। ଏହି ଆଇନ କାର୍ଯ୍ୟକାରୀ ହେଲେ ଭାରତ ସମେତ କ୍ୱାଡ୍ ରାଷ୍ଟ୍ରଗୋଷ୍ଠୀ ସହିତ ଆମେରିକାର ପ୍ରତିରକ୍ଷା ସହଯୋଗ ବଢ଼ିବ। ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳକୁ ମୁକ୍ତ ରଖିବା ଏବଂ ଚାଇନା ଦ୍ୱାରା ସୃଷ୍ଟି ଚ୍ୟାଲେଞ୍ଜର ମୁକାବିଲା ଏହାର ଲକ୍ଷ୍ୟ। ଏହି ଆଇନ ବଳରେ ଦୃଢ଼ କାର୍ଯ୍ୟସୂଚୀ ଜରିଆରେ ଘରୋଇ ଏବଂ ବିଦେଶୀ ବିପଦରୁ ଦେଶକୁ ସୁରକ୍ଷା ଦେବା ପାଇଁ ଯୁଦ୍ଧ ବିଭାଗ ଶାନ୍ତି ଯୋଜନା କାର୍ଯ୍ୟକାରୀ କରିବ। ଏଥିସହିତ ପ୍ରତିରକ୍ଷା ଶିଳ୍ପ ଭିତ୍ତିକୁ ସୁଦୃଢ଼ କରିବା ସହ ଅଦରକାରୀ ଏବଂ କଠୋରପନ୍ଥୀ କାର୍ଯ୍ୟକ୍ରମକୁ ପାଣ୍ଠି ଯୋଗାଣ ବନ୍ଦ କରିବ ବୋଲି ଟ୍ରମ୍ପ୍ ଏକ ବିବୃତିରେ କହିଛନ୍ତି।

## ସମାଧି ବିବାଦକୁ ନେଇ ସଂଘର୍ଷ: ୨ ଚର୍ଚ୍ଚରେ ପୋଡ଼ାଜଳା

ରାୟପୁର,୧୯।୧୨

ଛତିଶଗଡ଼ର କାଙ୍କେର ଜିଲା ଅନ୍ତର୍ଗତ ଆମବେଡ଼ା ଗ୍ରାମରେ ମୃତଦେହ ସମାଧି ଦେବାକୁ ନେଇ ଗୁରୁବାର ହିଂସାକାଣ୍ଡ ଘଟିଛି। ଉତ୍ତ୍ୟକ୍ତ ଲୋକେ ୨ଟି ଚର୍ଚ୍ଚ ପୋଡ଼ିଦେବା ସହ ସମାଧିକୁ ଖୋଳିଦେଇଛନ୍ତି। ସଂଘର୍ଷରେ ଅନେକେ ଆହତ ହୋଇଛନ୍ତି। ବଡେ ତେୱ୍ଡ଼ା ଗ୍ରାମପଞ୍ଚାୟତର ସରପଞ୍ଚ ରାଜମାନ ସଲାମଙ୍କ ପରିବାର ଖ୍ରୀଷ୍ଟିୟାନକୁ ଧର୍ମାନ୍ତର ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରୁଥିବାବେଳେ ତାଙ୍କ ବାପା ଚମ୍ରାରାମଙ୍କ ମୃତଦେହକୁ ପରିବାର ଲୋକେ ଘରୋଇ ଜମିରେ କବର ଦେବାକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ଗ୍ରାମବାସୀଙ୍କ ଅଭିଯୋଗ ଆଧାରରେ ମୃତଦେହ କବରରୁ ଖୋଳି ବାହାର କରିବାକୁ ମାଜିଷ୍ଟ୍ରେଟ୍ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଟେକାମାଡ଼ ହେବାରୁ ୨୦ ଜଣ ଆହତ ହୋଇଥିଲେ। ସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଯାଇ ପୋଲିସ ଲାଠିଚାଳନା କରିଥିଲା।

## ଯୁବରାଜ ସିଂ, ସୋନୁ ସୁଦ୍‌ଙ୍କ ସମ୍ପତ୍ତି ବାଜ୍ୟାପ୍ତ କଲା ଇଡି

### ବେଟିଂ ଆପ୍ ମାମଲା

ନୂଆଦିଲ୍ଲୀ,୧୯।୧୨(ପି.ଟି.)

ବେଆଇନ ବେଟିଂ ଆପ୍ ସହ ଜଡ଼ିତ ୧,୦୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପୂର୍ବତନ କ୍ରିକେଟର ଯୁବରାଜ ସିଂ, ରବିନ ଉଥାପ୍ପା, ପୂର୍ବତନ ଟିଏମ୍‌ସି ଏମ୍‌ପି ମିମି ଚକ୍ରବର୍ତ୍ତୀ ଏବଂ ଅଭିନେତା ସୋନୁ ସୁଦ୍‌ଙ୍କ ସମ୍ପତ୍ତିକୁ ବାଜ୍ୟାପ୍ତ କରିଛି। ଏଥିସହିତ ଅଭିନେତ୍ରୀ ନେହା ଶର୍ମା, ମଡେଲ ଉର୍ବଶୀ ସୌତେଲାଙ୍କ ମାଆ ଏବଂ ବେଙ୍ଗଲୀ ଅଭିନେତା ଅଙ୍କୁଶ ହାଜ୍ରାଙ୍କ ସମ୍ପତ୍ତି ମଧ୍ୟ ବାଜ୍ୟାପ୍ତ ହୋଇଛି। ସୋନୁଙ୍କର ୧ କୋଟି ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତ ହୋଇଥିବାବେଳେ ଚକ୍ରବର୍ତ୍ତୀଙ୍କର ୫୯ ଲକ୍ଷ, ଯୁବରାଜଙ୍କ ୨.୫ କୋଟି, ଶର୍ମାଙ୍କ ୧.୨୬ କୋଟି, ଉଥାପାଙ୍କର ୮.୨୬ ଲକ୍ଷ, ହାଜ୍ରାଙ୍କର ୪୭ ଲକ୍ଷ ଏବଂ ରୌତେଲାଙ୍କ ମାଆଙ୍କର ୨.୦୨ କୋଟି ଟଙ୍କାର ସମ୍ପତ୍ତି ରହିଛି। ଏମାନେ 1xbet ନାମରେ ଏକ ବେଆଇନ ବେଟିଂ ଆପ୍ ଚଳାଉଥିଲେ। ପୂର୍ବରୁ ଇଡି ତଦନ୍ତ କରି ପୂର୍ବତନ କ୍ରିକେଟର ଶିଖର ଧାୱନ ଏବଂ ସୁରେଶ ରାଇନାଙ୍କର ୧୧.୧୪ କୋଟି ଟଙ୍କାର ସମ୍ପତ୍ତିକୁ ବାଜ୍ୟାପ୍ତ କରିଥିଲା।



ଯୁବରାଜ ସିଂ



ସୋନୁ ସୁଦ୍

## ଲିଭ୍-ଇନ୍ ରିଲେଶନ୍‌ଶିପ୍ ବେଆଇନ ନୁହେଁ: ହାଇକୋର୍ଟ

ପ୍ରୟାଗରାଜ,୧୯।୧୨

ଲିଭ୍-ଇନ୍ ରିଲେଶନଶିପ୍ ସମସ୍ତଙ୍କ ଦ୍ୱାରା ଗ୍ରହଣୀୟ ହୋଇ ନ ପାରେ, କିନ୍ତୁ ତାହାକୁ ବେଆଇନ କୁହାଯାଇପାରିବ ନାହିଁ ବୋଲି ଆଲ୍ଲାହାବାଦ ହାଇକୋର୍ଟ କହିଛନ୍ତି। ନାଗରିକ ନାବାଳକ ହୁଅନ୍ତୁ କି ସାବାଳକ, ବିବାହିତ ହୁଅନ୍ତୁ କି ଅବିବାହିତ ମାନବ ଜୀବନର ଅଧିକାର ଏହାର ବହୁ ଊର୍ଦ୍ଧ୍ୱରେ ବୋଲି ଜଷ୍ଟିସ୍ ବିବେକ କୁମାର ସିଂଙ୍କ ଖଣ୍ଡପୀଠ ତାଙ୍କ ରାୟରେ କହିଛନ୍ତି। ଏଥିସହିତ ଲିଭ୍-ଇନ୍ ସମ୍ପର୍କରେ ରହୁଥିବା ୧୨ ଯୋଡ଼ଙ୍କୁ ପୋଲିସ ସୁରକ୍ଷା ଯୋଗାଇଦେବା ନିମନ୍ତେ ଖଣ୍ଡପୀଠ ଅନୁମତି ଦେଇଛନ୍ତି। ସେମାନେ ନିଜ ନିଜ ପରିବାରଠାରୁ ବିପଦ ଆଶଙ୍କା କରି ପର୍ଯ୍ୟାପ୍ତ ସୁରକ୍ଷା ଦାବି କରିଥିଲେ। ଜଷ୍ଟିସ୍ ସିଂ ୧୨ଟି ପିଟିଶନ୍‌ର ଏକତ୍ର ଶୁଣାଣି କରି କହିଛନ୍ତି, ଲିଭ୍-ଇନ୍‌ରେ ରହୁଥିବା ପ୍ରାପ୍ତବୟସ୍କ ରାଷ୍ଟ୍ରଠାରୁ ଜୀବନ ଓ ବ୍ୟକ୍ତିଗତ ସ୍ୱାଧୀନତାର ସୁରକ୍ଷା ପାଇବାକୁ ହକ୍‌ଦାର ବୋଲି ଖଣ୍ଡପୀଠ କହିଛନ୍ତି।

## ଫୁରସତ୍

# ବୁଲେଟ୍‌ପ୍ରୁଫ୍ ପ୍ରାଣୀ



**ସା**ରା ବିଶ୍ୱରେ ଲକ୍ଷଲକ୍ଷ ପ୍ରଜାତିର ପ୍ରାଣୀ ଦେଖିବାକୁ ମିଳିଥାନ୍ତି। କେତେକ ଜୀବ ଶାରୀରିକ ଗଠନ ପାଇଁ ପରିଚିତ ଥିବାବେଳେ ଆଉ କେତେକ ସେମାନଙ୍କର ଆକ୍ରମଣାତ୍ମକ ଶୈଳୀ ଲାଗି ବି ବେଶ୍ ଜଣାଶୁଣା। ତେବେ ଏଭଳି ଏକ ପ୍ରାଣୀ ଏହାର ପ୍ରାକୃତିକ ବୁଲେଟ୍‌ପ୍ରୁଫ୍ ଜ୍ୟାକେଟ ପାଇଁ ସାରା ବିଶ୍ୱରେ ଜଣାଶୁଣା। ଏହି ପ୍ରାଣୀ ହେଉଛି ଏକମାତ୍ର ବୁଲେଟ୍‌ପ୍ରୁଫ୍ ପ୍ରାଣୀ। ଏହାର ଶାରୀରିକ ଗଠନ ଏହାକୁ ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର କରିଥାଏ। ତେବେ ଏହି ପ୍ରାଣୀର ନାମ ଆର୍ମାଡିଲୋ ; ଯାହାର 'ବୁଲେଟ୍‌ପ୍ରୁଫ୍' ଶରୀର ପ୍ରକୃତରେ ଆଶ୍ଚର୍ଯ୍ୟଜନକ। ଏହା ଉକ୍ତ ପ୍ରାଣୀକୁ ବାହ୍ୟ ବିପଦ ବିରୋଧରେ ଏକ ପ୍ରାକୃତିକ ପ୍ରତିରକ୍ଷା ବ୍ୟବସ୍ଥା ପ୍ରଦାନ କରେ। ଆର୍ମାଡିଲୋର ଶରୀର ଚର୍ମ ଏଭଳି ଯେ, ଯାହା ଏକ ବୁଲେଟ୍‌ପ୍ରୁଫ୍ ଜ୍ୟାକେଟ୍‌ଠାରୁ କମ୍ ନୁହେଁ। ପ୍ରକୃତପକ୍ଷେ ଏହି ପ୍ରାଣୀର ଚର୍ମ ବହୁତ କଠିନ, ଯାହା ଏହାକୁ ଶିକାରୀଙ୍କଠାରୁ ରକ୍ଷା କରେ। କିଛି ରିପୋର୍ଟ ଅନୁସାରେ, ଏହି ଚର୍ମ ଏତେ କଠିନ ଯେ ଏକେ-୪୭ ବନ୍ଧୁକର ଗୁଳି ମଧ୍ୟ ଏହା ଉପରେ କୌଣସି ପ୍ରଭାବ ପକାଏ ନାହିଁ।

ଆର୍ମାଡିଲୋର ଚର୍ମ ଅଲ୍‌ଟ୍ରା ଭାଓଲେଟ୍ ଆଲୋକରେ ଉଜ୍ଜ୍ୱଳ ଭାବରେ ଚମକିଥାଏ। ଏହାର ଲାଞ୍ଜ, ଉପର ଅଙ୍ଗ ଏବଂ ମୁକୁଟ ସମସ୍ତ କବଚରେ ଆଚ୍ଛାଦିତ। ଏଥିରୁ ଜଣାପଡୁଛି, ଆର୍ମାଡିଲୋମାନେ ଶିକାରୀଙ୍କ ବିରୋଧରେ ପ୍ରତିରକ୍ଷା ପାଇଁ ସେମାନଙ୍କର ବାହ୍ୟ ଚର୍ମ ଉପରେ ବହୁତ ନିର୍ଭର କରନ୍ତି, ଯାହା ଏକ ଢାଲ ପରି କାର୍ଯ୍ୟ କରିଥାଏ। ଶିକାରୀଙ୍କ ଆକ୍ରମଣ ଅନୁଭବ କରିବା ମାତ୍ରେ ସେମାନେ ଜାକିଜୁକି ହୋଇଯାନ୍ତି। ଆର୍ମାଡିଲୋମାନେ ମୁଖ୍ୟତଃ ମଧ୍ୟ ଓ ଦକ୍ଷିଣ ଆମେରିକା ଏବଂ ଯୁକ୍ତରାଷ୍ଟ୍ରରେ ଦେଖାଯାଆନ୍ତି। ଏମାନଙ୍କୁ ଇଲିନୋଇସ ଏବଂ ନେବ୍ରାସ୍କାରେ ମଧ୍ୟ ଦେଖାଯାଇଛି। ଆର୍ମାଡିଲୋମାନେ ଉଇମିଟ ଭଳି କୀଟପତଙ୍ଗ ଖାଇଥାନ୍ତି। କିଛି ରିପୋର୍ଟରୁ ଜଣାପଡ଼ିଛି , ସେମାନେ ଭଲ ପହଁରନ୍ତି ଏବଂ ୪-୬ ମିନିଟ ପାଇଁ ସେମାନଙ୍କର ନିଃଶ୍ୱାସ ବନ୍ଦ କରିପାରନ୍ତି। ରିପୋର୍ଟ ଅନୁସାରେ, ଆର୍ମାଡିଲୋ କଇଁଛ ପରି ଏକ ପ୍ରାଣୀ, ଯାହାର କଠିନ ବାହ୍ୟ ଚର୍ମ ତାକୁ ସୁରକ୍ଷା ଦିଏ। ଏହି ଅନନ୍ୟ ପ୍ରାଣୀ ଏହାର ବୁଲେଟ୍‌ପ୍ରୁଫ୍ ଭଳି ଚର୍ମ ପାଇଁ ସର୍ବଦା ଚର୍ଚ୍ଚାରେ ରହିଥାଏ।

## ପୁଣି ମା' ହେଲେ ଭାରତୀ

ମୁମ୍ବାଇ



କମେଡିଆନ ଭାରତୀ ସିଂ ପୁଣି ମା' ହୋଇଛନ୍ତି। ସେ ଏକ ପୁତ୍ର ସନ୍ତାନ ଶୁକ୍ରବାର ଜନ୍ମ ଦେଇଛନ୍ତି। ଭାରତୀ ତାଙ୍କର ଲୋକପ୍ରିୟ ଟିଭି ଶୋ' ''ଲାଫ୍‌ଟର ସେଫ୍ସ''ର ଶୁଟିଂ ପାଇଁ ସେଟ୍‌ରେ ବାହାରିଥିଲେ। ସକାଳେ ହଠାତ୍ ଯନ୍ତ୍ରଣା ହେବାରୁ ତାଙ୍କୁ ତୁରନ୍ତ ହସ୍ପିଟାଲ ଯିବାକୁ ପଡ଼ିଥିଲା। ସେଠାରେ ସେ ଏକ ପୁତ୍ରସନ୍ତାନ ଜନ୍ମ ଦେଇଥିଲେ। ଏବେ ଉଭୟ ମା' ଏବଂ ନବଜାତକ ସୁରକ୍ଷିତ ଥିବା ଜଣାପଡ଼ିଛି। ଭାରତୀ ଏବଂ ହର୍ଷ ଲିମ୍ବାଚିୟା ପୂର୍ବରୁ ଏକ ପୁତ୍ର ସନ୍ତାନର ମାତାପିତା ଥିଲେ। କିଛିମାସ ପୂର୍ବରୁ ଏହି ଦମ୍ପତି ପ୍ରଶଂସକଙ୍କ ସହିତ ସେମାନଙ୍କର ଦ୍ୱିତୀୟ ଗର୍ଭଧାରଣ ନେଇ ଘୋଷଣା କରିଥିଲେ। ସ୍ୱିଜରଲାଣ୍ଡ ଛୁଟି ବିତାଇବାକୁ ଯାଇଥିବା ସମୟରେ ସେ ଏହି ଖୁସି ଖବର ଶେୟାର କରିଥିଲେ। ଭାରତୀ ଦୀର୍ଘଦିନ ଧରି ଟିଭି ଇଣ୍ଡଷ୍ଟ୍ରିରେ ଏକ ଜଣାଶୁଣା ନାମ। ତାଙ୍କର ହାସ୍ୟରସ ଏବଂ ସ୍ପଷ୍ଟବାଦୀଶୈଳୀ ସହିତ ସେ ଲକ୍ଷ ଲକ୍ଷ ହୃଦୟ ଜିତିଛନ୍ତି। ତେବେ ଗର୍ଭଧାରଣ ସମୟରେ ମଧ୍ୟ ସେ ଶୁଟିଂ କରୁଥିବାର ଦେଖାଯାଇଥିଲା।

# ଶଙ୍କର, ସୁରେଶ, ସାଗରଙ୍କୁ ରିମାଣ୍ଡରେ ନେଲା ସିବିଆଇ

## ପୋଲିସ ଏସ୍ଆଇ ପରୀକ୍ଷା ଜାଲିଆତି ମାମଲା

- ହଜାରେ କୋଟି ଟଙ୍କା ଡିଲ୍ ପଛର ରହସ୍ୟ ଖୋଲିବ
- ୩ ଅଭିଯୁକ୍ତଙ୍କୁ ମିଛ ଧରା ପରୀକ୍ଷା କରିବ ସିବିଆଇ
- ଶଙ୍କରଙ୍କୁ ପେସାଦାର ଅପରାଧୀ ଦର୍ଶାଇଲେ ସିବିଆଇ କୋର୍ଟ

ଭୁବନେଶ୍ୱର,୧୯।୧୨(ତ୍ରିନାଥ ମହାନ୍ତି)


ଶଙ୍କର ପୃଷ୍ଟି


ସୁରେଶ ନାୟକ


ସାଗର ଗୌଡ଼

ପୋଲିସ ଏସ୍ଆଇ ଜାଲିଆତି ଘଟଣାରେ ସିବିଆଇ ୩ଜଣ ଅଭିଯୁକ୍ତଙ୍କୁ ୪ ଦିନିଆ ରିମାଣ୍ଡରେ ଆଣିଛି। ସେମାନେ ହେଲେ ଏହି ବଡ଼ ନିଯୁକ୍ତି ଜାଲିଆତି ର୍ୟାକେଟର ମାଷ୍ଟରମାଇଣ୍ଡ ତଥା ପଞ୍ଚସଫ୍ଟ ସଂସ୍ଥାର ମାଲିକ ଶଙ୍କର ପୃଷ୍ଟି, ସିଲିକନ୍ ଟେକ୍ ଲ୍ୟାବ୍‌ର ମାଲିକ ସୁରେଶ ନାୟକ ଏବଂ ସାଗର ଗୌଡ଼। ସୁରେଶ ଓ ସାଗର ର୍ୟାକେଟ୍‌ର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟିର ପ୍ରମୁଖ ସହଯୋଗୀ ଥିଲେ। ତେଣୁ ସିବିଆଇ ରିମାଣ୍ଡ ସମୟରେ ୩ଜଣ ଅଭିଯୁକ୍ତଙ୍କୁ ମୁହାଁମୁହିଁ ଜେରା କରିଛି। ଆର୍ଥିକ କାରବାର, ର୍ୟାକେଟ ପଛରେ ଥିବା ବ୍ୟକ୍ତିଙ୍କ ସମ୍ପର୍କରେ ଅଧିକ ତଥ୍ୟ ହାସଲ କରିବାକୁ ସିବିଆଇ ଅଧିକାରୀମାନେ ଆଶା ରଖିଛନ୍ତି।

ଶୁକ୍ରବାର ସ୍ୱତନ୍ତ୍ର ସିବିଆଇ କୋର୍ଟ ଅନୁମତି ଦେବା ପରେ ସିବିଆଇର ଅଧିକାରୀମାନେ ଝାରପଡ଼ା ଜେଲ ଯାଇ ୩ ଅଭିଯୁକ୍ତଙ୍କୁ ସିବିଆଇ କାର୍ଯ୍ୟାଳୟ ନେଇ ମାରାଥନ ଜେରା ଆରମ୍ଭ କରିଛନ୍ତି। ବିଶେଷକରି ଶଙ୍କରଙ୍କଠାରୁ ହଜାରେ କୋଟି ଟଙ୍କା ଡିଲ, ପ୍ରଚ୍ଛଦପଟରେ ଥିବା ବ୍ୟକ୍ତିଙ୍କ ସମ୍ପର୍କରେ ଜାଣିବା ପାଇଁ ଉଦ୍ୟମ ଚଳାଇଛନ୍ତି। ସେହିଭଳି ଅନ୍ୟ ଦଲାଲଙ୍କଠାରୁ ସଂଗ୍ରହ କରିଥିବା ତଥ୍ୟକୁ ନେଇ ଶଙ୍କର ଓ ଅନ୍ୟମାନଙ୍କୁ ଜେରା ଚାଲିଛି। ତେବେ ଶଙ୍କର ଜଣେ ପେସାଦାର ଅପରାଧୀ ବୋଲି ସିବିଆଇ ଅଦାଲତରେ ଦର୍ଶାଇଛି। ଏହି ଗୋଟିଏ ପରୀକ୍ଷା ନୁହେଁ, ପୂର୍ବରୁ ହୋଇଥିବା ଏକାଧିକ ପରୀକ୍ଷାରେ ଶଙ୍କରର ଭୂମିକା ରହିଥିବା ଜଣାପଡ଼ିଛି। ଶଙ୍କରକୁ ପଚରାଉଚରା ପରେ ଅନେକ ଚିତ୍ର ଓ ଚରିତ୍ର ସାମ୍ନାକୁ ଆସିବ। ଏଥିରେ ସମ୍ପୃକ୍ତ ବଡ଼ ବଡ଼ିଆଙ୍କୁ ଧରିବାକୁ ସହଜ ହେବ ବୋଲି ଆଶା କରାଯାଉଛି। ଶଙ୍କର ଲିଙ୍କ୍ ଓ ସନ୍ଦେହ ଘେରରେ ଥିବା ବ୍ୟକ୍ତିଙ୍କୁ ହାଜର ଲାଗି ସିବିଆଇ ସମନ କରିଛି। ଏଥିସହ ସୁରେଶଙ୍କଠାରୁ ମଧ୍ୟ ବହୁ ପ୍ରମାଣ ଯୋଗାଡ଼ କରିବ ସିବିଆଇ। ପ୍ରଶ୍ନପତ୍ର ଛାପା ଓ ପରୀକ୍ଷା କେନ୍ଦ୍ରରେ ପ୍ରଶ୍ନପତ୍ର ପହଞ୍ଚିବା, ଟ୍ରାନ୍ସପୋର୍ଟ ଦାୟିତ୍ୱ ନେଇଥିବା ସୁରେଶର ସଂସ୍ଥା ସିଲିକନ ଟେକ୍ ଲାବ୍‌ର କାର୍ଯ୍ୟଧାରାର ପୂରା ଚିତ୍ର ପଦାକୁ ଆସିବ। ଶଙ୍କରର ଦଲାଲ ନେଟ୍‌ୱର୍କ ଥିବାରୁ ସେହି ଆଧାରରେ ମୋଟା ଅଙ୍କର ଟଙ୍କା ହାତେଇବାକୁ ମିଳିତ ଷଡ଼ଯନ୍ତ୍ର ହୋଇଥିଲା। ଚାକିରି ପାଇଁ ପ୍ରତି ପିଲାଙ୍କଠାରୁ ୨୫ଲକ୍ଷ ଟଙ୍କା ଡିଲ୍ ହୋଇଥିବାବେଳେ ୧୨ଲକ୍ଷ ଟଙ୍କା ଓ ସାର୍ଟିଫିକେଟ ଅଗ୍ରିମ ନିଆଯାଇଥିଲା। ଅନ୍ୟପକ୍ଷରେ ଘଟଣା ପଦାକୁ ଆସିବା ପରେ ମୁଖ୍ୟ ଅଭିଯୁକ୍ତ ଶଙ୍କରଙ୍କୁ ନିଜ ଘରେ ଆଶ୍ରୟ ଦେବା ସହ ନେପାଳ ସୀମାନ୍ତ ଉତ୍ତରାଖଣ୍ଡକୁ ଖସାଇବାରେ ବଡ଼ ଭୂମିକା ମଧ୍ୟ ନେଇଥିଲେ ସୁରେଶ। ତେଣୁ ସିବିଆଇ ୩ଜଣଙ୍କୁ ରିମାଣ୍ଡରେ ଆଣି ମୁହାଁମୁହିଁ ଜେରା କରୁଛି। ହେଲେ ଶଙ୍କର ସିବିଆଇ ଅଧିକାରୀଙ୍କୁ ମିଛ କହୁଥିବା ସୂଚନା ମିଳିଛି। ପୂର୍ବରୁ ମଧ୍ୟ କ୍ରାଇମ୍‌ବ୍ରାଞ୍ଚ ଶଙ୍କର ଏବଂ ଅନ୍ୟମାନଙ୍କୁ ରିମାଣ୍ଡରେ ନେଇ ପଚରାଉଚରା କରିଥିଲେ ମଧ୍ୟ ସେମାନେ ପାଟି ଖୋଲି ନ ଥିଲେ। ତେଣୁ ସିବିଆଇ ରିମାଣ୍ଡର ଶେଷଦିନରେ ସେମାନଙ୍କର ମିଛଧରା ପରୀକ୍ଷା (ଲାଏ ଡିଟେକ୍ସନ୍) ପରୀକ୍ଷା କରାଇବ ବୋଲି ଜଣାପଡ଼ିଛି। ଶଙ୍କର ନାମରେ ହତ୍ୟା, ଜାଲିଆତି ଏବଂ ଠକେଇ ମାମଲା ରହିଛି। ପୂର୍ବରୁ ତାଙ୍କ ନାମରେ ପ୍ରଶ୍ନପତ୍ର ଭାଇରାଲ କରିବା ଭଳି ମାମଲା ରହିଛି। ତେଣୁ ଶଙ୍କର ଜଣେ ପେଶାଦାର ଅପରାଧୀ ହୋଇଥିବାରୁ ସିବିଆଇ ତାଙ୍କର ଆପରାଧିକ ହିଷ୍ଟ୍ରି ଘାଣ୍ଟୁଛି। ଅନ୍ୟପକ୍ଷରେ ଗିରଫ ପରୀକ୍ଷାର୍ଥୀ ଏବଂ ଦଲାଲଙ୍କଠାରୁ ଜବତ ହୋଇଥିବା ୧୩୩ଟି ମୋବାଇଲ୍ ଫୋନ୍‌କୁ ସିବିଆଇ ରାଜ୍ୟ ବାହାରର ଏକ ଫୋରେନ୍‌ସିକ୍ ସଂସ୍ଥାକୁ ହସ୍ତାନ୍ତର କରିଛି। ସେଥିରୁ ହ୍ୱାଟ୍ସଆପ୍ ଚାଟ୍, ଫଟୋ, କଲ୍ ଡିଟେଲ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସଂଗ୍ରହ କରାଯିବ। ଅନେକ ପିଲାଙ୍କୁ ହ୍ୱାଟ୍ସଆପ୍‌ରେ ପ୍ରଶ୍ନପତ୍ର ପଠାଯାଇଥିଲା। ତେଣୁ ସିବିଆଇ ତାହାକୁ ବାହାର କରିବା ପାଇଁ ଲାଗିଯାଇଛି। ସମସ୍ତ ମୋବାଇଲ୍‌ର ପରୀକ୍ଷା ରିପୋର୍ଟ ଆସିଲେ ଏହି ରାକେଟ୍‌ରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଗିରଫ କରାଯାଇପାରେ ବୋଲି କୁହାଯାଉଛି।

# ଅଭିଯୁକ୍ତଙ୍କୁ ୧୦ବର୍ଷ ଜେଲଦଣ୍ଡ

## ବୃଦ୍ଧାଙ୍କୁ ଲୁଟ୍ କରି ହତ୍ୟା ମାମଲା

ଭୁବନେଶ୍ୱର,୧୯।୧୨
(ସତ୍ୟଜିତ ରାଉତ)


ଅଭିଯୁକ୍ତ ନାରାୟଣ ମହାନ୍ତି

ନୟାପଲ୍ଲୀ ଥାନା ଅନ୍ତର୍ଗତ ଆଇଆର୍‌ସି ଭିଲେଜ୍‌ରେ ଘରେ ପଶି ଜଣେ ବୃଦ୍ଧାଙ୍କୁ ଆକ୍ରମଣ କରି ଲୁଟ୍‌ପାଟ୍ କରିବା ପରେ ହତ୍ୟା ମାମଲାରେ ଭୁବନେଶ୍ୱରସ୍ଥିତ ତୃତୀୟ ଅତିରିକ୍ତ ଜିଲା ଓ ଦୌରା ଜଜ୍ ହିମାଂଶୁ ଶେଖର ମଲ୍ଲିକ ରାୟ ପ୍ରକାଶ କରିଛନ୍ତି। ଅଭିଯୁକ୍ତ ନାରାୟଣ ମହାନ୍ତିଙ୍କୁ ୧୦ ବର୍ଷ ଜେଲଦଣ୍ଡାଦେଶ ସହ ୨୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଜରିମାନା ଅନାଦେୟ ଅଧିକ ୨ ବର୍ଷ ଜେଲରେ ରହିବାକୁ ହେବ ବୋଲି କୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି। ଏହି ମାମଲାରେ ସହ ଅଭିଯୁକ୍ତ ଥିବା ଜଣେ ନାବାଳକଙ୍କ ବିଚାର ପ୍ରକ୍ରିୟା ବ୍ରହ୍ମପୁରସ୍ଥିତ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡଙ୍କ ନିକଟରେ ଚାଲିଥିବା ଜଣାପଡିଛି।

ସୂଚନା ଅନୁଯାୟୀ, ମୃତ ମହିଳା ଜଣକ ହେଲେ ତୁଳସୀ ଦେବୀ। ସ୍ୱାମୀ ଚକ୍ରପାଣୀଙ୍କ ସହ ସେ ଆଇଆର୍‌ସି ଭିଲେଜସ୍ଥିତ ନିଜ ଘରେ ରହୁଥିଲେ। ପ୍ରଥମ ମହଲାରେ ସେମାନେ ରହୁଥିବା ବେଳେ ତଳ ମହଲା ଓ ଦ୍ୱିତୀୟ ମହଲାକୁ ସେ ଭଡା ଲଗାଇଥିଲେ। ୨୦୨୦ ଜୁଲାଇ ୨୬ ସକାଳ ପ୍ରାୟ ୯ଟା ୧୫ରେ ସେ ମାଛ କିଣିବା ଲାଗି ନିକଟ ବଜାରକୁ ଯାଇଥିଲେ। ଏହି ସମୟରେ ନାରାୟଣ ଓ ସହଯୋଗୀ ଜଣକ ଘରେ ପଶି ତୁଳସୀଙ୍କୁ କଟୁରୀରେ ହାଣି ସୁନା ଚେନ୍ ଛିଣ୍ଡାଇ ଫେରାର ହୋଇଯାଇଥିଲେ। ତୁଳସୀ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ଚିକିତ୍ସାଧୀନ ଅବସ୍ଥାରେ ୪ ଦିନ ପରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏନେଇ ନୟାପଲ୍ଲୀ ଥାନା ପୋଲିସ ଏକ ମାମଲା (ନଂ.୨୭୫/୨୦୨୦) ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ଧରିଥିଲା। କୋର୍ଟ ୧୭ଜଣଙ୍କ ସାକ୍ଷ୍ୟ ଓ ପ୍ରଯୁଜ୍ୟ ଦସ୍ତାବିଜ ଆଧାରରେ ଅଭିଯକ୍ତ ନାରାୟଣଙ୍କୁ ଆଇପିସି ଦଫା ୩୯୪, ୪୫୦ ଓ ୩୦୪ (ଭାଗ-୨) ଆଧାରରେ ଦୋଷୀ ସାବ୍ୟସ୍ତ କରିଥିଲେ। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର ଶୁଭଶ୍ରୀ ଜେନା ମାମଲା ପରିଚାଳନା କରିଥିଲେ।

# ୧୦ମ ଶ୍ରେଣୀ ଛାତ୍ରୀ ଗର୍ଭବତୀ, ଅଭିଯୁକ୍ତ ଗିରଫ

କୁଆଁରମୁଣ୍ଡା,୧୯।୧୨
(ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଅଞ୍ଚଳର ଜଣେ ନାବାଳିକା ୫ ମାସର ଗର୍ଭବତୀ ହେବା ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ବୀରମିତ୍ରପୁର ପୋଲିସ ଗୁରୁବାର ଗିରଫ କରି ଶୁକ୍ରବାର ସୁନ୍ଦରଗଡ଼ ପୋକ୍ସୋ କୋର୍ଟକୁ ଚାଲାଣ କରିଛି। ଅଭିଯୁକ୍ତ ହେଲେ କୁଲଦୀପ ହାସଦା(୨୩)। ଏନେଇ ପୋଲିସ ସେକ୍ସନ-୬ ପୋକ୍ସୋ ଆକ୍ଟରେ ଏକ ମାମଲା ନଂ.୬୧୬/୨୫ ରୁଜୁ କରି ତଦନ୍ତ କରୁଛି। ସୂଚନା ଅନୁଯାୟୀ, ନାବାଳିକା ଜଣଙ୍କ ୧୦ମ ଶ୍ରେଣୀର ଛାତ୍ରୀ। ଗତ ଜୁନରେ ନାବାଳିକାଙ୍କୁ ଏକୁଟିଆର ସୁଯୋଗ ନେଇ କୁଲଦୀପ ବଳାତ୍କାର କରିଥିଲେ। ଏ ବିଷୟରେ କାହାରିକୁ ନ ଜଣାଇବା ପାଇଁ ଧମକ ଚମକ ଦେଇ ତାଙ୍କୁ ଚୁପ କରାଇ ଦେଇଥିଲେ। ହେଲେ ଗତ ୨ ଦିନ ତଳେ ନାବାଳିକାଙ୍କ ପେଟ ଯନ୍ତ୍ରଣା ହେବାରୁ ପରିବାର ଲୋକେ ତାଙ୍କୁ ଡାକ୍ତରଖାନା ନେଇଥିଲେ। ଡାକ୍ତର ପରୀକ୍ଷା କରିବାରୁ ସେ ୫ ମାସର ଗର୍ଭବତୀ ଥିବା ଜଣାପଡ଼ିଥିଲା। ଏନେଇ ପରିବାର ଲୋକେ ଗୁରୁବାର ବୀରମିତ୍ରପୁର ଥାନାରେ ଏତଲା ଦେଇଥିଲେ। ପୋଲିସ କୁଲଦୀପଙ୍କ ଡାକ୍ତରୀ ମାଇନା କରି ଶୁକ୍ରବାର ସୁନ୍ଦରଗଡ଼ ପୋକ୍ସୋ କୋର୍ଟକୁ ଚାଲାଣ କରିଛି। ଏଥିସହ ପୀଡ଼ିତା ନାବାଳିକାଙ୍କୁ ସ୍ଥାନୀୟ ଅଙ୍ଗନୱାଡି କର୍ମୀଙ୍କ ଜରିଆରେ ସଖୀ କେନ୍ଦ୍ରକୁ ପଠାଯାଇଛି।

# ବିଦ୍ୟୁତ୍ ତାର ଚୋରି, ୮ ଗିରଫ


ଗିରଫ ଅଭିଯୁକ୍ତ, ଜବତ ସାମଗ୍ରୀ।

ପାଟଣାଗଡ଼/ଖପ୍ରାଖୋଲ, ୧୯।୧୨
(ସଚ୍ଚିଦାନନ୍ଦ ମହାକୁର/ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ପୋଲିସ ବିଦ୍ୟୁତ୍ ଚୋରି ଗ୍ୟାଙ୍ଗର ୭ ଜଣ ସଦସ୍ୟ ଏବଂ ଚୋରି ସାମଗ୍ରୀ କିଣିଥିବା ଏକ ଆଲୁମିନିୟମ କମ୍ପାନୀର ମାଲିକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନେ ହେଲେ କଣ୍ଟାବାଞ୍ଜି ଥାନା ଅଞ୍ଚଳର ଅଶୋକ ମଲ୍ଲିକ, ନୃପ ବଗର୍ତ୍ତି, ପ୍ରଶାନ୍ତ ବଗର୍ତ୍ତି, ରୋହିତ କୁମ୍ଭାର, ଭରତ କୁମ୍ଭାର, ମୁକେଶ ନାଏକ, ସଞ୍ଜୟ ତାଣ୍ଡି ଓ ଚୋରା ଆଲୁମିନିୟମ ବିଦ୍ୟୁତ୍ ତାର କିଣିଥିବା ଆମପଡ଼ାର ପ୍ରକାଶ ବେହେରା। ସେମାନଙ୍କ ନିକଟରୁ ଚୋରିରେ ବ୍ୟବହୃତ ଏକ ଟାଟା ଏସିଇ, ୩ଟି ବାଇକ୍, ୮ଟି ମୋବାଇଲ ଫୋନ, ୧୫ ହଜାର ୮୫୦ ଟଙ୍କା, ଆଲୁମିନିୟମ ବିଦ୍ୟୁତ୍ ତାର, ବାସନ ସମେତ ବିଭିନ୍ନ ଚୋରି ସାମଗ୍ରୀ ଜବତ ହୋଇଥିବା ନେଇ ପାଟଣାଗଡ଼ ଉପଖଣ୍ଡ ପୋଲିସ ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ଶୁକ୍ରବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଉପଖଣ୍ଡ ପୋଲିସ ଅଧିକାରୀ ସଦାନନ୍ଦ ପୂଝାରୀ କହିଛନ୍ତି।

ସୂଚନାନୁଯାୟୀ, ୧୫ ଦିନ ତଳେ ଖପ୍ରାଖୋଲ ଥାନା ବେଲପଡ଼ା ବ୍ଲକ ମାଟିଖାଇ ଗ୍ରାମ ନିକଟରେ ଆଲୁମିନିୟମ ବିଦ୍ୟୁତ୍ ତାର ଚୋରି ହୋଇଥିଲା। ଏନେଇ ବିଦ୍ୟୁତ୍ ବିଭାଗ ପକ୍ଷରୁ ଖପ୍ରାଖୋଲ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୨୭୭/୨୫) ରୁଜୁ କରିଥିଲା। ପାଟଣାଗଡ଼ ଉପଖଣ୍ଡ ପୋଲିସ ଅଧିକାରୀ ସଦାନନ୍ଦଙ୍କ ନିର୍ଦ୍ଦେଶକ୍ରମେ ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତରଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ ହୋଇ ତଦନ୍ତ ଆରମ୍ଭ ହୋଇଥିଲା। ତଦନ୍ତ ସମୟରେ ବିଭିନ୍ନ ସୂତ୍ରରୁ ତଥ୍ୟ ସଂଗ୍ରହ କରି ଅଭିଯୁକ୍ତମାନଙ୍କୁ ପୋଲିସ କଣ୍ଟାବାଞ୍ଜିରୁ ଗିରଫକରି କୋର୍ଟଚାଲାଣ କରିଥିଲା। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ଲାଞ୍ଚ ମାମଲା: ପୂର୍ବତନ ସିଡିପିଓଙ୍କୁ ୪ ବର୍ଷ ଜେଲ

ଭବାନୀପାଟଣା,୧୯।୧୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକର ପୂର୍ବତନ ସିଡିପିଓ (ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ) ମୀନା ପାତ୍ର ୨୦୨୧ର ଏକ ଲାଞ୍ଚ ମାମଲାରେ ଶୁକ୍ରବାର ଭିଜିଲାନ୍ସ କୋର୍ଟରେ ଦଣ୍ଡିତ ହୋଇଛନ୍ତି। ଭବାନୀପାଟଣାସ୍ଥିତ ଜିଲା ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ବିଚାରପତି ବଦ୍ରି ନାରାୟଣ ନନ୍ଦ ଏହି ମାମଲାର ବିଚାର କରି ଅଭିଯୁକ୍ତ ପୂର୍ବତନ ସିଡିପିଓ ପାତ୍ରଙ୍କୁ ୪ ବର୍ଷ ଜେଲଦଣ୍ଡ ସହ ୧ ଲକ୍ଷ ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ହେଲେ ଆହୁରି ୬ ମାସ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି ନିଜ ରାୟରେ ଉଲ୍ଲେଖ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକରେ କାର୍ଯ୍ୟ କରୁଥିବା ଯୋଗମାୟା ସ୍ୱୟଂ ସହାୟକ ଗୋଷ୍ଠୀର ସଭାନେତ୍ରୀ ସରୋଜିନୀ ପ୍ରଧାନଙ୍କୁ ବକେୟା ଛତୁଆ ବିଲ କରିଦେବା ପାଇଁ ପୂର୍ବତନ ସିଡିପିଓ ପାତ୍ର ୮୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏହାକୁ ନେଇ ସରୋଜିନୀ ଗତ ୩ ଅକ୍ଟୋବର ୨୦୨୧ରେ ଭିଜିଲାନ୍ସ ବିଭାଗରେ ଅଭିଯୋଗ କରିଥିଲେ। ଏହାର ଦିନକ ପରେ ଅର୍ଥାତ୍ ୪ ତାରିଖରେ ସରୋଜିନୀଙ୍କଠାରୁ ପୂର୍ବତନ ସିଡିପିଓ ନିଜ କାର୍ଯ୍ୟାଳୟରେ ୮୦ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ପୂର୍ବରୁ ଜଗି ରହିଥିବା ଭବାନୀପାଟଣା ଭିଜିଲାନ୍ସ ଟିମ୍ ତାଙ୍କୁ ମାଡି ବସିଥିଲା। ପରବର୍ତ୍ତୀ ସମୟରେ ଭିଜିଲାନ୍ସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସୁଧୀର କୁମାର ପଣ୍ଡା ଓ ଇମ୍ରାନ ଖାଁ ପରିଚାଳନା କରୁଥିଲେ।

# ପୂର୍ବତନ ଅମିନଙ୍କୁ ୪ବର୍ଷ କାରାଦଣ୍ଡ

## ଜମି ଚିହ୍ନଟ ପାଇଁ ଲାଞ୍ଚ ମାମଲା

ସୋନପୁର/ବଲାଙ୍ଗୀର,୧୯।୧୨(ମୃତ୍ୟୁଞ୍ଜୟ ଶତପଥୀ/ବୀରେନ୍ଦ୍ର କୁମାର ଝାଙ୍କର)

ଜମି ଚିହ୍ନଟ ପାଇଁ ଜମିମାଲିକଙ୍କଠାରୁ ୨ହଜାର ଟଙ୍କା ଲାଞ୍ଚ ନେବା ମାମଲାର ବିଚାରକରି ବଲାଙ୍ଗୀର ଭିଜିଲାନ୍ସର ସ୍ୱତନ୍ତ୍ର ଜଜ୍ ମଳୟ ରଞ୍ଜନ ଦାଶ ପୂର୍ବତନ ଅମିନ ସାହୁ ମେହେରଙ୍କୁ ଶୁକ୍ରବାର ଦୋଷୀ ସାବ୍ୟସ୍ତ କରିଛନ୍ତି। ମେହେରଙ୍କୁ ୪ ବର୍ଷ ସଶ୍ରମ କାରାଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ରାୟ ପରେ ମେହେରଙ୍କୁ ବଲାଙ୍ଗୀର ଜେଲ ହାଜତକୁ ପଠାଇ ଦିଆଯାଇଛି। ସୁବର୍ଣ୍ଣପୁର ଜିଲା ତରଭା ତହସିଲର ପୂର୍ବତନ ତଥା ଅବସରପ୍ରାପ୍ତ ଅମିନ ମେହେର। ରମ୍ଭାସିଣ୍ଢୋଲ ଗ୍ରାମର ଦିଲୀପ ନାୟକ ନିଜ ଜମିର ଏକ ପ୍ଲଟ ଚିହ୍ନଟ ପାଇଁ ୨୦୧୬ରେ ତରଭା ତହସିଲରେ ଆବେଦନ କରିଥିଲେ। ଅମିନ ମେହେର ଏଥିପାଇଁ ଲାଞ୍ଚ ଦାବି କରିଥିଲେ। ଏସମ୍ପର୍କରେ ଦିଲୀପ ସୁବର୍ଣ୍ଣପୁର ଭିଜିଲାନ୍ସ ଡିଏସ୍‌ପିଙ୍କୁ ଜଣାଇଥିଲେ। ସମ୍ବଲପୁର ଭିଜିଲାନ୍ସ ଥାନାରେ ମାମଲା ରୁଜୁ ହୋଇଥିଲା। ଲାଞ୍ଚ ଟଙ୍କା ଗ୍ରହଣ ସମୟରେ ଅମିନ ମେହେର ଭିଜିଲାନ୍ସ ହାତରେ ଧରାପଡିଥିଲେ। ଏହି ମାମଲା ଭିଜିଲାନ୍ସ କୋର୍ଟରେ ବିଚାରାଧୀନ ଥିଲା। ରାୟ ପ୍ରକାଶ ପରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ମେହେରଙ୍କ ପେନ୍‌ସନ ବନ୍ଦ କରିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରାଯିବ ବୋଲି ସୂଚନା ମିଳିଛି।


**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BARIPADA**

E_Mail ID: serwcbaripada@gmail.com, Ph. No.-06792-261343/261344, Gangraj, Baripada

**Office Order No.5711/Dt.15.12.2025//**

**1st Corrigendum to National Competitive Bidding e_procurement Notice No.5519/Road work Dt.29.11.2025 (NCB No.-403)**

**No.O-1827** : Due to unavoidable circumstances the important dates of tendering process for road works are being changed as follows.

| Sl No. | Item | Time Schedule as per Original NCB | Time Schedule as per Corrigendum Notice |
|---|---|---|---|
| 1 | Availability of tender On-line for bidding | 16.12.2025 at 11.00 A.M. to 30.12.2025 up to 05.00 P.M. | 30.12.2025 at 11.00 A.M. to 16.01.2026 up to 05.00 P.M. |
| 2 | Date & Time of Seeking Tender Clarification if any | 29.12.2025 up to 05.00 P.M. | 15.01.2026 up to 05.00 P.M. |
| 3 | Date & Time of Opening of Technical Bid | 31.12.2025 at 11.00 A.M. | 17.01.2026 at 11.00 A.M. |
| 4 | Date & Time of Opening of Financial Bid | Will be intimated later | Will be intimated later |

All other terms and conditions remain unchanged.

Sd./- Er. A.K. Naik
Chief Construction Engineer
R.W. CIRCLE, BARIPADA

OIPR-25130/11/0075/2526



**Government of Odisha, "e"-Procurement Notice**
**WORKS DEPARTMENT**
**Bid Identification No. CCEKC-18/2025-26**

e-mail : ccekeonjharpwdcircle@gmail.com / sekcpwd_keonjhar@yahoo.com

**No.B-840** **Letter No. 6225 dt. 11.12.2025**

1. Name of the work : 5 number of Building Works and 1 number of Bridge/Road Works
2. Eastimated cost : Rs.136.49 Lakhs to Rs.422.54 Lakhs
3. Class of contractor : "B"& "A" Class
4. Period of completion : 06 (Six) Calendar Months to 10 (Ten) Calendar Months
5. Date and Time of availability of bid document in the portal : From 11.00 Hours of 23.12.2025 to 16.00 Hours of 06.01.2026
6. Last date / Time for receipt of bids in the portal : 16.00 Hours of 06.01.2026
7. Date of opening of bid from portal : 11.30 Hours on 07.01.2026
8. Name and address of the officer inviting bid : Chief Construction Engineer, Keonjhar (R&B) Circle, Keonjhar-758001

Further details can be seen from the e-procurement portal **"http://tendersodisha.gov.in"**

Sd./- Chief Construction Engineer
Keonjhar (R&B) Circle, Keonjhar

OIPR-34033/11/0105/2526



**ODISHA COOPERATIVE TASAR & SILK FEDERATION (SERIFED) LTD.**

Sahid Nagar, Janpath, Bhubaneswar-751 007, Tel: 2545586/2545852,
email- serifedodisha@gmail.com, website - www.serifedodisha.in

**INVITATION FOR BIDS (e-Procurement)**

**Bid identification no:- VI-10(10)/SERIFED/2025-26/ 2176**

**No.CAD-2748** : The MANAGING DIRECTOR (SERIFED), Odisha, Bhubaneswar invites Item Rate Tenders in double cover system in ONLINE MODE only, from the registered contractors for the work 01 (One) no of work at Bargarh. The bid documents such as DTCN/BOQ etc. can be seen/downloaded from the government website : www.tendersodisha.gov.in. during the period dt. 20.12.2025 to 17.00 hours up to dt. 02.01.2026. Online bids shall be received till 17.00 hours dt. 02.01.2026 & shall be opened at 11.30 AM on Dt. 03.01.2026. Any addendum / corrigendum/cancellation of tender can also be seen in the said website.

OIPR-31005/11/0028/2526 Sd./- MANAGING DIRECTOR



**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, BALANGIR (R&B) CIRCLE, BALANGIR**

